# ଧରିତ୍ରୀ
# DHARITRI

ସମ୍ବଲପୁର, ସୋମବାର, ମାର୍ଚ୍ଚ ୨/୨୦୨୦ (୧୬ ପୃଷ୍ଠା) Sambalpur, Monday, March 2 / 2020 ★★

୧୬ଶ ଭାଗ ୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KAMLA PASAND
Anokha Swad
PAN MASALA
Watch at: f | YouTube
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। ୦% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ମାର୍ଚ୍ଚ ୨/୨୦୨୦ | Sambalpur, Monday, March 2 / 2020 | ପୃଷ୍ଠା-୧




## ସଲମାନଙ୍କ ପ୍ରଶଂସକ ସଂଖ୍ୟା ୩ କୋଟି ଟପିଲା

ବଲିଉଡ୍ ଭାଇଜାନ୍ ସଲମାନ ଖାଁଙ୍କର ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଲୋୟର୍ସଙ୍କ ସଂଖ୍ୟା ୩ କୋଟି ପାର ହୋଇଥିବାରୁ ସେ ପ୍ରଶଂସକଙ୍କୁ ଧନ୍ୟବାଦ ଦେଇଛନ୍ତି।

୦୬ ୧୩

## ନାଡାଲଙ୍କୁ ଟାଇଟଲ

ବିଶ୍ୱର ଦୁଇ ନମ୍ବର ର୍ୟାଙ୍କିଙ୍ଗଧାରୀ ରାଫାଲ ନାଡାଲ ଏଟିପି ମେକ୍ସିକୋ ଓପନ ଟେନିସ୍ ଟାଇଟଲ ହାସଲ କରିଛନ୍ତି।






ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାମ୍ପିୟନ ପଞ୍ଜାବ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ, ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରା ଓ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। ଦୀର୍ଘ ୧୦ ଦିନ ଧରି ଚାଲିଥିବା ଏହି ମେଗା ଇଭେଣ୍ଟ ରବିବାର ସଫଳତାର ସହ ଶେଷ ହୋଇଛି। ୧୭ ସ୍ୱର୍ଣ୍ଣ, ୧୯ ରୌପ୍ୟ ଓ ୧୦ ବ୍ରୋଞ୍ଜ୍ ପଦକ ସହ ମୋଟ ୪୬ ପଦକ ହାସଲ କରି ପଞ୍ଜାବ ତାଲିକାର ଶୀର୍ଷରେ ରହିଛି। ଓଡ଼ିଶାର ତାରକା ଧାବିକା ଦୂତୀ ଚାନ୍ଦ ୧୦୦ ଓ ୨୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା କିଟ୍ ୪ ସ୍ୱର୍ଣ୍ଣ, ୧ ରୌପ୍ୟ, ୨ ବ୍ରୋଞ୍ଜ, ବ୍ରହ୍ମପୁର ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ, ସମ୍ବଲପୁର ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି।

# ୬୦ ଦେଶରେ କରୋନା କାୟା

■ ଇରାନରେ ୫୪ ମୃତ

■ ଦକ୍ଷିଣ କୋରିଆରେ ୩,୫୨୬ ସଂକ୍ରମିତ

**ତେହେରାନ/ସିଓଲ,୧।୩**

ଚାଇନାର ଉହାନ ସହରରୁ ସୃଷ୍ଟ କରୋନା ଭୂତାଣୁ ସଂକ୍ରମଣ ଏବେ ପାଖାପାଖି ୬୦ ଦେଶକୁ ବ୍ୟାପିଲାଣି। ଏଥିରେ କେବଳ ଲୋକଙ୍କ ମୃତ୍ୟୁ ଘଟୁଛି ତାହା ନୁହେଁ, ବରଂ ଏହାଦ୍ୱାରା ଅନେକ ଦେଶର ଅର୍ଥନୀତି ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଚାଇନାରେ ସଂକ୍ରମଣ ହାର ପୂର୍ବାପେକ୍ଷା କମିଥିବାବେଳେ ଇରାନ ଓ ଦକ୍ଷିଣ କୋରିଆ ଭଳି ଦେଶରେ ଏହା ଦ୍ରୁତଗତିରେ ମାଡ଼ିଚାଲିଛି, ଯାହା ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଇରାନରେ ରବିବାର ୧୧ ଜଣ କରୋନା ରୋଗୀଙ୍କ ମୃତ୍ୟୁ ହେବା ଫଳରେ ସେଠାରେ ମୋଟ ମୃତ୍ୟୁସଂଖ୍ୟା ୫୪ରେ ପହଞ୍ଚିଛି। ଏଥିସହିତ ଇରାନରେ ୯୭୮ ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୮୫ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଚାଇନା ବାହାରେ ଦକ୍ଷିଣ କୋରିଆରେ ସର୍ବାଧିକ ସଂକ୍ରମଣ ହୋଇଥିବା ଜଣାପଡ଼ିଛି। ସେଠାରେ ରବିବାର ୩୭୬ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହେବା ପରେ ମୋଟ ରୋଗୀସଂଖ୍ୟା ୩,୫୨୬ରେ ପହଞ୍ଚିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ସେଠାରେ ବର୍ତ୍ତମାନ ସୁଦ୍ଧା ୨୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଦକ୍ଷିଣ କୋରିଆ କର୍ତ୍ତୃପକ୍ଷ ଶିନ୍‌ଚେଓଞ୍ଜି ଚର୍ଚ୍ଚର ୨,୬୦,୦୦୦ ସଦସ୍ୟଙ୍କ ଯାଞ୍ଚ କରୁଥିବାରୁ ସଂକ୍ରମିତଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଦକ୍ଷିଣ କୋରିଆର ବୃହତ୍ ସହର ଡାଏଗୁର ରାସ୍ତାଘାଟ ଏକ ପ୍ରକାର ଶୂନ୍‌ଶାନ ହୋଇପଡ଼ିଛି। ସେଠାରେ ଅଳ୍ପ କେତେକ ଦୋକାନରେ



ମାସ୍କ ପିନ୍ଧିଥିବା କିଛି ଲୋକ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ଲୋକମାନଙ୍କୁ ଘରେ ☞ ପୃଷ୍ଠା-୨

### ଚାଇନାରେ ମୃତ୍ୟୁସଂଖ୍ୟା ୨,୮୭୦

ବେଜିଂ,୧।୩: ଚାଇନାରେ ରବିବାର ୩୫ ଜଣଙ୍କ ମୃତ୍ୟୁ ହେବା ପରେ ସେଠାରେ ମୋଟ କରୋନା ମୃତ୍ୟୁସଂଖ୍ୟା ୨,୮୭୦ରେ ପହଞ୍ଚିଛି। ଶନିବାର ୪୭ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ରବିବାର ୫୭୩ ନୂଆ ରୋଗୀ ଚିହ୍ନଟ ହେବା ପରେ ଚାଇନାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୯,୮୨୪ରେ ପହଞ୍ଚିଛି। ଗତ ଦୁଇମାସରେ ଚାଇନାରେ ସଂକ୍ରମଣ ଯେଉଁ ହାରରେ ବଢ଼ି ଚାଲିଥିଲା, ତାହା ହ୍ରାସ ପାଇଛି। ହଂକଂରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୬ରେ ପହଞ୍ଚିଛି।

# କଡ଼ାକଡ଼ି ହେଲା ଯାନବାହନ ଯାଞ୍ଚ

■ ଆଜିଠାରୁ ହେବ ଆହୁରି ଜୋରଦାର

■ ଏକାକୀ ଗାଡ଼ି ଚଳାଇ ପାରିବେ ନାହିଁ ଲର୍ନର ଲାଇସେନ୍ସଧାରୀ

■ ପ୍ରଥମ ଦିନରେ ୭ ଲକ୍ଷ ଆଦାୟ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ସଂଶୋଧିତ ମୋଟର ଯାନ ଆଇନ-୨୦୧୯କୁ ରବିବାରଠାରୁ ରାଜ୍ୟରେ କଡ଼ାକଡ଼ି ଲାଗୁ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଆଇନ ଉଲ୍ଲଂଘନକାରୀଙ୍କୁ ପୋଲିସ ଏବଂ ପରିବହନ ଅଧିକାରୀମାନେ ଧରି ଜରିମାନା କରିଛନ୍ତି। ଏହାକୁ ନେଇ କେତେକ ସ୍ଥାନରେ ଗାଡ଼ି ଚାଳକ ଓ ପୋଲିସ ମଧ୍ୟରେ କଥାକଟା କଟି ହୋଇଛି। ଯାନବାହନର ଆନୁଷଙ୍ଗିକ କାଗଜପତ୍ର ପ୍ରସ୍ତୁତ କରିବାକୁ ରାଜ୍ୟ ସରକାର ଜନସାଧାରଣଙ୍କୁ ଦୁଇଟି ପର୍ଯ୍ୟାୟରେ ୬ ମାସ ସମୟ ଦେଇଥିଲେ। ଏହାର ଅବଧି ଫେବୃଆରୀ ୨୯ ତାରିଖରେ ଶେଷ ହୋଇଥିଲା। ମାର୍ଚ୍ଚ ପହିଲାରୁ ଯାନବାହନ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ଭାବେ କରାଯାଇଛି। କେତେକ ସ୍ଥାନରେ ଗାଡି ଚାଳକମାନେ ବିନା ହେଲମେଟ ଓ ସିଟ୍ ବେଲଟରେ ଗାଡି ଚଳାଉଥିବା ଦେଖିବାକୁ ମିଳିଥିଲା। କଟକ, ଭୁବନେଶ୍ୱର, ପୁରୀ ଏବଂ ରାଜ୍ୟର ଅନ୍ୟାନ୍ୟ ସହରରେ ଧରପଗଡ ଆରମ୍ଭ ହୋଇଛି। ରାୟଗଡାର ଏକ କାଠବୋଝେଇ ଟ୍ରକ ଉପରେ ୧ ଲକ୍ଷ ୧୦ ହଜାର ୮୦୦ ଟଙ୍କା ଫାଇନ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ପ୍ରାୟ ୭ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ରବିବାର ଥିବାରୁ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏପରିକି ଯାନବାହନ ଯାତାୟାତ ସଂଖ୍ୟା ସହରରେ କମ ରହିଥିଲା। ସୋମବାରଠାରୁ ଯାନବାହନ ଧରପଗଡ ଆହୁରି ଜୋରଦାର ହେବ ବୋଲି ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଯେଉଁମାନେ ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି ସେମାନେ ଲର୍ନର ଲାଇସେନ୍ସ ନେଇ ଏକାକୀ ଗାଡି ଚଳାଇପାରିବେ ନାହିଁ। ଯଦି ଚଳାଇବେ ତେବେ ସେମାନଙ୍କ ସହିତ ଜଣେ ଡ୍ରାଇଭିଂ ଲାଇସେନ୍ସଧାରୀଙ୍କୁ ସାଙ୍ଗରେ ନେଇ ଯିବାକୁ ପଡ଼ିବ। ନଚେତ ସଂଶୋଧିତ ମୋଟର ଯାନ ଆଇନ ଅନୁଯାୟୀ ବଡ଼ ଜରିମାନା ଗଣିବାକୁ ପଡ଼ିବ।

ସୂଚନାଯୋଗ୍ୟ ଯେ, ୨୦୧୯ ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଲାଗୁ କରାଯାଇଛି। ଏହି ଆଇନ କାର୍ଯ୍ୟକାରୀ ହେବା ଦିନଠାରୁ ୨୦୨୦ ଜାନୁୟାରୀ ୩୧ ତାରିଖ ମଧ୍ୟରେ ବେପରୁଆ ଗାଡି ଚାଳକ ଓ ବିନା କାଗଜପତ୍ରରେ ଚାଲୁଥିବା ଯାନବାହନଗୁଡିକରୁ ୩୮ କୋଟି ୬୭ ଲକ୍ଷ ୨୫ ହଜାର ଟଙ୍କା ଆଦାୟ ହୋଇଛି। ଏହିସମୟ ମଧ୍ୟରେ ୪ ଲକ୍ଷ ୧୩ ହଜାର ୯୯୪ ଜଣ ଆବେଦନକାରୀଙ୍କ ମଧ୍ୟରୁ ୨,୮୭,୯୩୨ ଜଣଙ୍କୁ ☞ ପୃଷ୍ଠା-୨

## ଟ୍ରକ୍‌କୁ ୧.୧୦ ଲକ୍ଷ ଜରିମାନା

### ରୁଟ୍ ପରମିଟ୍ ନ ଥିବା ସହ ରୋଡ ଟ୍ୟାକ୍ସ ଦେଇ ନ ଥିଲା

**ରାୟଗଡ଼ା ଅଫିସ,୧।୩**

ଗତ ସେପ୍ଟେମ୍ବର ମାସରୁ ଲାଗୁ ହୋଇଥିଲା ନୂତନ ମୋଟର ଯାନ ଆଇନ। ନିୟମାନୁଯାୟୀ ସମସ୍ତ କାଗଜପତ୍ର ଠିକ୍ କରିବାକୁ ସରକାର ରାଜ୍ୟବାସୀଙ୍କୁ ୬ମାସ ଅବଧି ଦେଇଥିଲେ, ଯାହାକି ଫେବୃୟାରୀ ୨୯ରେ ଶେଷ ହୋଇଛି। ମାର୍ଚ୍ଚ ୧ରୁ ସାରା ରାଜ୍ୟରେ ଟ୍ରାଫିକ୍ ନିୟମ କଡାକଡି ଲାଗୁ ସହ ଗାଡିମୋଟର ଯାଞ୍ଚ କରାଯାଉଛି। ଏହି କ୍ରମରେ ରାୟଗଡ଼ାରେ ଟ୍ରାଫିକ୍ ଧରପଗଡ଼ ବେଳେ ରବିବାର ଏକ କାଠ ବୋଝେଇ ଟ୍ରକ୍‌ଠାରୁ ୧ଲକ୍ଷ ୧୦ହଜାର ୮ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ରୋଡ଼ ଟ୍ୟାକ୍ସ ଦେଇ ନ ଥିବା ସହ ପରମିଟ୍ ଲାଇସେନ୍ସ ନ ଥିବାରୁ ଟ୍ରକ୍‌କୁ ଜରିମାନା କରାଯାଇଛି। ରାୟଗଡା ଆରଟିଓ ଦିଲ୍ଲୀପ କୁମାର ଦଳେଇ ସୂଚନା ଦେଇଛନ୍ତି।

ରାୟଗଡ଼ା ସହରସ୍ଥିତ ରିଲାୟନ୍ସ ପେଟ୍ରୋଲ ପମ୍ପ ଛକରେ ରବିବାର ସ୍ଥାନୀୟ ପୋଲିସ ଏବଂ ଆର୍‌ଟିଓ କର୍ମଚାରୀ ଗାଡି ମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଆନ୍ଧ୍ର ପ୍ରଦେଶର ବି.ସୁରୀ ବାବୁଙ୍କ ଟ୍ରକ (ଏପି-୩୧-ଟିଡବ୍ଲ୍ୟୁ-୩୨୪୯) କାଠ ବୋଝେଇ କରି ଆସୁଥିଲା। ପୋଲିସ ଓ ଆର୍‌ଟିଓ କର୍ମଚାରୀ ଏହାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଟ୍ରକଟି ରୋଡ ଟ୍ୟାକ୍ସ ଦେଇ ନ ଥିବା ବେଳେ ଏହାର ପର୍‌ମିଟ୍ ନ ଥିବା ଯାଞ୍ଚବେଳେ ଧରାପଡିଥିଲା। ଫଳରେ ଟ୍ରକ ଉପରେ ୧ଲକ୍ଷ ୧୦ହଜାର ୮ଶହ ଟଙ୍କା ଜରିମାନା କରାଯାଇଛି। ଏଥିସହ ଗାଡ଼ିର କାଗଜପତ୍ର ସିଜ୍ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଗାଡିମୋଟର ଓ କାଗଜପତ୍ର ଯାଞ୍ଚ ଚାଲିଛି। ଚାଳକମାନେ ସିଟ୍‌ବେଲ୍ଟ, ହେଲ୍‌ମେଟ ପିନ୍ଧି ନ ଥିଲେ, ମଦ୍ୟପାନ ଓ ଦ୍ରୁତ ଗତିରେ ଗାଡି ଚଳାଉଥିଲେ, ଗାଡି ଚଳାଇବା ବେଳେ ମୋବାଇଲରେ କଥା ହେଉଥିଲେ, ନୋ ଏଣ୍ଟ୍ରି କିମ୍ବା ରଙ୍ଗ ରୁଟ୍‌ରେ ଯାଉଥିଲେ ଜରିମାନା କରାଯିବ ବୋଲି ଆରଟିଓ ଦଳେଇ କହିଛନ୍ତି।

# ଆଜି କ୍ୟାବିନେଟ୍, ଆସିବ ୫ ପ୍ରସ୍ତାବ

**ଭୁବନେଶ୍ୱର,୧।୩(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସୋମବାର ଲୋକସେବା ଭବନଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୫ଟା ୩୦ମିନିଟ୍‌ରେ ବସିବାକୁ ଥିବା ଏହି ବୈଠକରେ ୫ଟି ପ୍ରସ୍ତାବ ଉପରେ ମୋହର ବାଜିବ। ତେବେ ସ୍କୁଲ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ, ପୂର୍ତ୍ତ, ପଞ୍ଚାୟତିରାଜ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରସ୍ତାବକୁ ଏଥିରେ ମଞ୍ଜୁରୀ ଦିଆଯିବ ବୋଲି ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଞ୍ଚାୟତିରାଜ ବିଭାଗ ହାତରେ ଅନେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବାଣ୍ଟିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ ଅଧିକ ସଶକ୍ତ ତଥା କ୍ରିୟାଶୀଳ କରିବା ସଙ୍ଗେସଙ୍ଗେ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମ୍ବନ୍ଧୀୟ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ☞ ପୃଷ୍ଠା-୨






### ଆଜିର ସମ୍ପାଦକୀୟ

**ପରବର୍ତ୍ତୀ ଆଫଗାନିସ୍ତାନ**

### ଆଜିର ମନ୍ତବ୍ୟ

"ଦିଲ୍ଲୀ ଦଙ୍ଗା ଏକ ସୁନିୟୋଜିତ ଗଣହତ୍ୟା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ନୀରବତା ଭଙ୍ଗକରି ନିଜ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରନ୍ତୁ। **-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ**





Vencobb FRESH CHICKEN

01.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 38 | 77 | 87 |
| CTC | 37 | 76 | 86 |
| DKL | 37 | 76 | 86 |
| BDK | 38 | 77 | 87 |
| BLS | 39 | 79 | 89 |
| ANG | 37 | 76 | 86 |
| BMP | 37 | 76 | 86 |

*Conditions Apply

Issued in the Interest of Consumers


# ଅଯୋଗ୍ୟଙ୍କୁ ଘର, ଯୋଗ୍ୟଙ୍କଠାରୁ ଲାଞ୍ଚ

## ପିଏମ୍‌ଏୱାଇଜିରେ ଅନିୟମିତତା

■ ବିନିକା ବିଡିଓଙ୍କ ନାମରେ ଡ୍ରାଫ୍ଟ ଚାର୍ଜ

■ ୫ ସରକାରୀ କର୍ମଚାରୀ, ୧୨ ହିତାଧିକାରୀଙ୍କ ନାମରେ ମାମଲା




**ସୋନପୁର,୧।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ(ପିଏମ୍‌ଏୱାଇଜି)ରେ ବ୍ୟାପକ ଅନିୟମିତତା ହୋଇଛି। ପକ୍କାଘର ଥିବା ଧନୀକ ଶ୍ରେଣୀର ବ୍ୟକ୍ତିଙ୍କୁ ଏହି ଯୋଜନାରେ କାର୍ଯ୍ୟାଦେଶ ମିଳିଛି। ଅଯୋଗ୍ୟଙ୍କୁ ଯୋଜନାରେ ଜାଣିଶୁଣି ଅନ୍ତର୍ଭୁକ୍ତ କରାଯାଇଛି। ଗୋଟିଏ ପରିବାରର ୩ଜଣଙ୍କୁ ଘର ମିଳିଛି। ସେହିପରି ଯୋଗ୍ୟ ହିତାଧିକାରୀଙ୍କ ବିଲ୍ କରାଇଦେବା ନାଁରେ ଜିଆରଏସ୍ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଲାଞ୍ଚ ନେଇଛନ୍ତି। ରାଜ୍ୟ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ ପରେ ଏଭଳି ଅନିୟମିତତାର ପର୍ଦ୍ଦାଫାସ ହୋଇଛି। ପଞ୍ଚାୟତିରାଜ ବିଭାଗର ଉପସଚିବ କୁଳମଣି ମିଶ୍ରଙ୍କ ଚିଠି ନଂ. ୧୦୧୭/ତା୧୩।୦୧।୨୦୨୦ରିଖ ଅନୁଯାୟୀ ଜିଲାପାଳ ମୋନିଷା ବାନାର୍ଜୀ ଏହି ଘଟଣାରେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନାମରେ ଡ୍ରାଫ୍ଟ ଚାର୍ଜ କରିଛନ୍ତି। ବିଡିଓ ମଲ୍ଲିକଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କ ଅନୁମତି ଲୋଡିଛନ୍ତି। ଅନ୍ୟପକ୍ଷେ ବିଡିଓ ମଲ୍ଲିକ ସୁବର୍ଣ୍ଣପୁର ଜିଲାପାଳ ଓ ପିଡି ଡିଆରଡିଏଙ୍କ ନିର୍ଦ୍ଦେଶକ୍ରମେ ପିଇଓ ରମାକାନ୍ତ ନାଏକ, ଜିଆରଏସ ଅନିଲ କୁମାର ସାହୁ, ନିରୋଜ ନଳିନୀ ନାଏକ, ସୁନୀଲ ପ୍ରସାଦ ସାହୁ ଓ କନିଷ୍ଠ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶିବ ସୁନ୍ଦର ଗୁରିଆଙ୍କ ନାମରେ ବିନିକା ଥାନାରେ ଗତ ୨୦ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ଅଯୋଗ୍ୟ ହିତାଧିକାରୀ ଯୁଲୁଣ୍ଡା ଗ୍ରାମର ଚିତ୍ର ଦନ୍ତା, ବିଲେଇବାହାଲିର ଦୌଲଥ ବାଗ, ରତନ ନାଗ, କଦଲିପାଲିର କାର୍ତ୍ତିକ କୁମ୍ଭାର, ଭଣ୍ଡାରର ଅଜାମିଳ ବାରିକ୍, ବାଉଁଶୁଣିର ପ୍ରଦୀପ୍ତ ମହଲା, କଲସେପାଲିର ସାବିତ୍ରୀ ପାଣ୍ଡେ, ତାଙ୍କ ପୁଅ ଦେବରାଜ, ସିଂଘିଯୁବା ପଞ୍ଚାୟତ କମିରାର ଲୋକନାଥ ପଧାନ, ତାଙ୍କ ବାପା ଗୁଲା ପଧାନ ଓ କଣ୍ଟିଆ ପଧାନଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିନିକା ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି ।

ପ୍ରକାଶ ଯେ, ଅନିୟମିତତା ନେଇ ପଞ୍ଚାୟତିରାଜ ବିଭାଗରେ ଅଭିଯୋଗ ହୋଇଥିଲା। ବିଭାଗ ପକ୍ଷରୁ ଏକ ଟିମ୍ ସ୍ଥାନୀୟ ପ୍ରଶାସନର ଅଗୋଚରରେ ବିନିକା ବ୍ଲକର ସିଂଘିଯୁବା, ବାଉଁଶୁଣି, ଭଣ୍ଡାର ଓ ଯୁଲୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ଅଭିଯୋଗର ତଦନ୍ତ କରିଥିଲେ। ତଦନ୍ତରୁ ୨୦୧୯-୨୦ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପ୍ରଦାନରେ ଅନିୟମିତତା ଥିବାର ପ୍ରମାଣ ମିଳିଥିଲା। ଅଯୋଗ୍ୟଙ୍କୁ କାର୍ଯ୍ୟାଦେଶ ମିଳିଥିଲା ବେଳେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମଜୁରି ପ୍ରଦାନ ସକାଶେ ହିତାଧିକାରୀଙ୍କଠାରୁ ତଳିଆ କର୍ମଚାରୀ ଲାଞ୍ଚ ନେଇଥିଲେ। ତଦନ୍ତକାରୀ ଟିମ୍ ଅଯୋଗ୍ୟ ହିତାଧିକାରୀ ଓ ଅନିୟମିତତାରେ ସମ୍ପୃକ୍ତ କର୍ମଚାରୀଙ୍କ ନାମ ତାଲିକା ସହିତ ସରକାରଙ୍କୁ ସିଧାସଳଖ ରିପୋର୍ଟ କରିଥିଲେ। ଅନ୍ୟପକ୍ଷେ ଏହି କାର୍ଯ୍ୟାନୁଷ୍ଠାନ ପରେ ଜିଲାର ଲାଞ୍ଚୁଆ ସରକାରୀ କର୍ମଚାରୀ ଓ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ବିନିକା ପୋଲିସ ଏହି ଘଟଣାରେ ଗଣମାଧ୍ୟମକୁ ତଥ୍ୟ ପ୍ରଦାନ ନ କରି ତଦନ୍ତକୁ ବାଟବଣା କରୁଥିବା ଅଭିଯୋଗ ହେଉଛି।

**କିଛି ତଥ୍ୟ**
ଚଳିତ ବର୍ଷ ଜାନୁୟାରୀରେ ବ୍ୟାଙ୍କଗୁଡ଼ିକର ଋଣ ଅଭିବୃଦ୍ଧି ୮.୫%କୁ ହ୍ରାସ ଘଟିଛି। ଏହା ଗତବର୍ଷ ସମାନ ସମୟରେ ୧୩.୫% ରହିଥିଲା।
–ରିଜର୍ଭ ବ୍ୟାଙ୍କ


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ମୋନିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କ୍ରମାଗତ କମୁଛି ହସ୍ତତନ୍ତ ସାମଗ୍ରୀ ରପ୍ତାନି

## ୨ ବର୍ଷରେ ୨୩୫ କୋଟିରୁ ୭ଲକ୍ଷ ଟଙ୍କାକୁ ଖସିଲା

ଭୁବନେଶ୍ୱର,୧।୩(ବ୍ୟୁରୋ)

ଅନ୍ତର୍ଜାତୀୟ ବଜାରରେ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପର ଲୋକପ୍ରିୟତା ବଢୁଛି। ତାରକସୀ କାମ ସହ ପଥର ମୂର୍ତ୍ତି, ପିପିଲି ଚାନ୍ଦୁଆ ଓ ବିଭିନ୍ନ ସାଜସଜ୍ଜା ସାମଗ୍ରୀର ଚାହିଦା ରହିଛି। ଏହାସତ୍ତ୍ୱେ ହସ୍ତତନ୍ତ ସାମଗ୍ରୀ ରପ୍ତାନି କରିବାରେ ବିଫଳ ହେଉଛନ୍ତି ସରକାର। ପୂର୍ବରୁ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନିକୁ ନେଇ ନାନା ସମସ୍ୟା ସୃଷ୍ଟି ହେଉଥିବାବେଳେ ଏବେ କ୍ରମାଗତ ଭାବେ ହସ୍ତତନ୍ତ ସାମଗ୍ରୀ ରପ୍ତାନି କମିବାରେ ଲାଗିଛି। ରାଜ୍ୟ ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କେବଳ ଏତିକି ନୁହେଁ, ଟସର୍ ଓ ସିଲ୍କ କପଡ଼ା ଉତ୍ପାଦନରେ ମଧ୍ୟ ଓଡ଼ିଶା ଦିନକୁ ଦିନ ପଛକୁ ଯାଉଛି। ରିପୋର୍ଟ ଅନୁସାରେ, ବିଶ୍ୱର ୧୭ ରାଷ୍ଟ୍ରକୁ ଓଡ଼ିଶା ତା'ର ହସ୍ତତନ୍ତ ସାମଗ୍ରୀ ରପ୍ତାନି କରୁଛି। ୨୦୧୬-୧୭ ଆର୍ଥିକ ବର୍ଷରେ ଓଡ଼ିଶାରୁ ବିଦେଶକୁ ୨୩୫ କୋଟିରୁ ଅଧିକ ଟଙ୍କାର ହସ୍ତତନ୍ତ ସାମଗ୍ରୀ ରପ୍ତାନି ହୋଇଥିଲା। ୨୦୧୭-୧୮ରେ ଏହା ହଠାତ୍ ୫୩ ଲକ୍ଷ ଟଙ୍କାକୁ ଖସିଆସିଥିବାବେଳେ ୨୦୧୮-୧୯ ଆର୍ଥିକ ବର୍ଷରେ ମାତ୍ର ୭ଲକ୍ଷ ଟଙ୍କାର ହସ୍ତତନ୍ତ ସାମଗ୍ରୀ ଓଡ଼ିଶା ରପ୍ତାନି କରିଛି।

**ବୟନଶିଳ୍ପ: ରପ୍ତାନି ବଢ଼ିଛି, ଉତ୍ପାଦନ କମିଛି**

ଅନ୍ୟପକ୍ଷରେ ବୟନଶିଳ୍ପ ବା ଟେକ୍ସଟାଇଲ ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି। ୨୦୧୧-୧୨ ଆର୍ଥିକ ବର୍ଷରେ ଓଡ଼ିଶାରୁ ମାତ୍ର ୧ଲକ୍ଷ ଟଙ୍କାର ବୟନ ସାମଗ୍ରୀ ବିଦେଶକୁ ଯାଉଥିବାବେଳେ ୨୦୧୮-୧୯ରେ ଏହି ପରିମାଣ ୭୪ କୋଟି ୧୪ ଲକ୍ଷରେ ପହଞ୍ଚିଛି। ୨୦୧୯-୨୦ ବର୍ଷରେ ୬୩,୨୨୩ ବୁଣାକାର ପରିବାର ରହିଥିବାବେଳେ ୪୭,୬୨୫ଟି ତନ୍ତ ରହିଛି। ରାଜ୍ୟରେ ୧୧୫୬ ପ୍ରାଥମିକ ବୁଣାକାର ସମବାୟ ସମିତି ଥିବାବେଳେ ଏଥିରୁ ମାତ୍ର ୪୭୯ କାର୍ଯ୍ୟକ୍ଷମ ହେଉଛି। ୨୦୧୭-୧୮ ବର୍ଷରେ ବୁଣାକାର ସମବାୟ ସମିତିଗୁଡ଼ିକ ମାଧ୍ୟମରେ ତନ୍ତ ପିଛା ବାର୍ଷିକ ହାରାହାରି ୪୧୬ ବର୍ଗମିଟର ହସ୍ତତନ୍ତ ସାମଗ୍ରୀ ଉତ୍ପାଦିତ ହେଉଥିବାବେଳେ ୨୦୧୮-୧୯ ବର୍ଷରେ ଏହା ହ୍ରାସ ପାଇ ୩୭୮ ବର୍ଗମିଟରରେ ପହଞ୍ଚିଛି। ସେହିଭଳି ଟସର୍ ଓ ସିଲ୍କ କପଡ଼ା ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ପଛକୁ ଯାଇଛି। ଦେଶରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ କ୍ଷେତ୍ରରେ ୨୮ ଲକ୍ଷ ୬୮ ହଜାରରୁ ଅଧିକ ଲୋକ କାମ କରୁଥିବାବେଳେ ୨୦୧୭-୧୮ ସୁଦ୍ଧା ଓଡ଼ିଶାରେ ଏ କ୍ଷେତ୍ରରେ ମାତ୍ର ୩୮୪୯ଜଣ ନିଯୁକ୍ତି ପାଇଥିବା ରିପୋର୍ଟରୁ ଜଣାପଡ଼ିଛି।

**ବୁଣାକାରଙ୍କୁ ସରକାରୀ ସହଯୋଗ, ପ୍ରଶିକ୍ଷଣ ଆବଶ୍ୟକ**

ହସ୍ତତନ୍ତରେ ମଧ୍ୟ ବୁଣାକାରଙ୍କୁ କଞ୍ଚାମାଲ୍ ଅଭାବ ସମସ୍ୟା ଘାରିଛି। ନ୍ୟାଶନାଲ ହ୍ୟାଣ୍ଡଲୁମ୍ ଡେଭ୍‌ଲପ୍‌ମେଣ୍ଟ କର୍ପୋରେଶନରୁ ସୂତା ନ କିଣିଲେ ରିହାତି ମିଳୁ ନ ଥିବାରୁ ଏହା ବୁଣାକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସେହିଭଳି ଟସର ଖୋସା ବର୍ଷକୁ ମାତ୍ର ଦୁଇଥର ନିଲାମ ହେଉଛି। ଫଳରେ ସେହି ନିର୍ଦ୍ଦିଷ୍ଟ ସମୟରେ ଅଧିକାଂଶ ଗରିବ ବୁଣାକାର ଅର୍ଥାଭାବରୁ ଟସର କିଣିପାରୁନାହାନ୍ତି। ଏହାବ୍ୟତୀତ ଇଣ୍ଟରନ୍ୟାଶନାଲ ଷ୍ଟାଣ୍ଡାର୍ଡ ଅନୁଯାୟୀ ଡିଜାଇନ୍ ବିକାଶ କରିବାକୁ ବୁଣାକାରଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଉ ନ ଥିବାରୁ ଏହା ପ୍ରମୁଖ ସମସ୍ୟା ସୃଷ୍ଟି କରୁଛି। ବର୍ତ୍ତମାନର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଇ-ମାର୍କେଟିଂ ଯୁଗରେ ବୁଣାକାରମାନେ ନିଜ ସାମଗ୍ରୀକୁ କିଭଳି ଦେଶ ବାହାରକୁ ପଠାଇପାରିବେ ସେନେଇ ସଚେତନତା, ସହଯୋଗ ଓ ପ୍ରଶିକ୍ଷଣର ଆବଶ୍ୟକତା ରହିଥିବା ଓଡ଼ିଶା ଶିଳ୍ପୀ ମହାସଂଘ ସମ୍ପାଦକ ପ୍ରିୟରଞ୍ଜନ କର କହିଛନ୍ତି।

# ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

ନୂଆଦିଲ୍ଲୀ,୧।୩(ପି.ଟି.)

ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସୋମବାରଠାରୁ ଆରମ୍ଭ ହେଉଛି। ଏହି ଅଧିବେଶନରେ ଦିଲ୍ଲୀର ସାମ୍ପ୍ରଦାୟିକ ଦଙ୍ଗାକୁ ବିରୋଧୀ ଦଳ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରି ସରକାରଙ୍କୁ ଘେରିବାକୁ ନିଷ୍ପତ୍ତି ନେଇଛି। ଦଙ୍ଗା ନିୟନ୍ତ୍ରଣ କରିବାରେ ଦିଲ୍ଲୀ ପୋଲିସର ବିଫଳତା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିବ କଂଗ୍ରେସ। ଦିଲ୍ଲୀ ହିଂସା ଉପରେ ଆଲୋଚନା ଦାବି କରି ଦଳ ପକ୍ଷରୁ ଉଭୟ ଗୃହରେ ମୁଲତବୀ ପ୍ରସ୍ତାବ ନୋଟିସ ଦିଆଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

କ'ଣ ପାଇଁ ଦିଲ୍ଲୀରେ ଦଙ୍ଗା ସୃଷ୍ଟି ହେଲା ତାହାକୁ ନେଇ କଂଗ୍ରେସ ସରକାରଙ୍କୁ ପ୍ରଶ୍ନ କରିବ ବୋଲି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି। ସରକାର ଆଇନ ଶୃଙ୍ଖଳା ରକ୍ଷା କରିବାରେ ବିଫଳ ହୋଇଛନ୍ତି। ଦଙ୍ଗାକାରୀ ଓ କିଛି ପୋଲିସ ଅଫିସରଙ୍କ ମଧ୍ୟରେ ଭିତିରି ବୁଝାମଣା ପାଇଁ ଏଭଳି ହିଂସାକାଣ୍ଡ ଘଟି ବହୁସଂଖ୍ୟାରେ ଲୋକଙ୍କ ଜୀବନ ଗଲା ବୋଲି ଅଧୀର ଅଭିଯୋଗ କରିବା ସହ ଏହା ଗୁରୁତର ଚିନ୍ତାର ବିଷୟ ବୋଲି କହିଛନ୍ତି। ଏଥିପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯିବ। ଗଣତାନ୍ତ୍ରିକ ମୂଲ୍ୟବୋଧ ଧ୍ୱଂସ ହୋଇଚାଲିଥିବାରୁ ପାର୍ଲାମେଣ୍ଟରେ ଏହାକୁ କଂଗ୍ରେସ ଉଠାଇବ ବୋଲି ଦଳୀୟ ମୁଖପାତ୍ର ତଥା ରାଜ୍ୟ ସଭା ଏମ୍‌ପି ଅଭିଷେକ ମନୁ ସିଂଘ୍‌ଭି କହିଛନ୍ତି। ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ଦିଲ୍ଲୀ ହିଂସା ପାଇଁ ପୋଲିସର ପାତରଅନ୍ତର ନୀତିକୁ ଦାୟୀ କରିଛନ୍ତି। ଗୁରୁବାର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏଥିସହିତ ସେମାନେ କେନ୍ଦ୍ର ସରକାରଙ୍କୁ ରାଜଧର୍ମ କଥା ମନେପକାଇ ଦେଇଥିଲେ। ତୃଣମୂଳ କଂଗ୍ରେସ, ସିପିଆଇ ଏବଂ ସିପିଆଇ(ଏମ୍) ମଧ୍ୟ ଦିଲ୍ଲୀ ଦଙ୍ଗା ପ୍ରସଙ୍ଗରେ ଉଭୟ ଗୃହରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଜବାବ ମାଗିବେ। ଦଙ୍ଗା ପ୍ରସଙ୍ଗ ଆଲୋଚନା ଲାଗି ନିୟମ ୨୬୭ ଅନୁଯାୟୀ ରାଜ୍ୟ ସଭା ଅଧକ୍ଷଙ୍କୁ ନୋଟିସ ଦେବେ ବୋଲି ସିପିଏମ୍ ସଦସ୍ୟ କେ.କେ. ରାଗେଶ କହିଛନ୍ତି। ଦିଲ୍ଲୀ ପୋଲିସର ନିଷ୍କ୍ରିୟତା ନେଇ ସିପିଆଇ ଶାହାଙ୍କ ଠାରୁ ଉତ୍ତର ଦାବି କରିବ ବୋଲି ଏହାର ସାଧାରଣ ସମ୍ପାଦକ ଡି. ରାଜା କହିଛନ୍ତି। ୪୨ ଜଣଙ୍କ ଜୀବନ ନେଇଥିବା ଦିଲ୍ଲୀ ଦଙ୍ଗା ନିୟନ୍ତ୍ରଣରେ ବିଫଳତା ପାଇଁ ଏନ୍‌ସିପି, ଆର୍‌ଜେଡି, ଏଲ୍‌ଜେପି, ଡିଏମ୍‌କେ ଏବଂ ଏଏପି ଭଳି ଦଳର ନେତାମାନେ ଶାହାଙ୍କ ଇସ୍ତଫା ଦାବି କରିପାରନ୍ତି ବୋଲି ଜଣାପଡ଼ିଛି। ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁୟାରୀ ୩୧ରୁ ଆରମ୍ଭ ହୋଇ ଫେବୃୟାରୀ ୧୧ ପର୍ଯ୍ୟନ୍ତ ଚାଲିଥିଲା। କିଛିଦିନର ବିରତି ପରେ ସୋମବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେଉଛି। ଏହା ଏପ୍ରିଲ ୩ ପର୍ଯ୍ୟନ୍ତ ଚାଲିବ।

# ଗୋଟିଏ ଦିନରେ ପ୍ରକାଶ ପାଇପାରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ପରୀକ୍ଷା ଫଳ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ୩ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମେ' ଶେଷ ସପ୍ତାହ କିମ୍ବା ଜୁନ୍ ପ୍ରଥମ ସପ୍ତାହ ବେଳକୁ ପରୀକ୍ଷା ଫଳ ପ୍ରକାଶ ପାଇବ। ତେବେ ଚଳିତବର୍ଷ ସବୁ ବିଭାଗର ପରୀକ୍ଷା ଫଳ ଗୋଟିଏ ଦିନରେ ପ୍ରକାଶ ପାଇପାରେ। ଏନେଇ ପରିଷଦ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ପୂର୍ବରୁ ପ୍ରାୟତଃ ବିଜ୍ଞାନ ପରୀକ୍ଷା ଫଳ ପ୍ରଥମେ ପ୍ରକାଶ ପାଇଥାଏ ଓ ଏହାପରେ ଅନ୍ୟ ବିଭାଗର ଫଳ ବାହାରିଥାଏ। କିନ୍ତୁ ଏଥର ଏକସଙ୍ଗେ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ପରୀକ୍ଷା ଫଳ ପ୍ରକାଶ କରିବାକୁ ଯୋଜନା ହେଉଛି ବୋଲି ପରିଷଦ ଅଧକ୍ଷ ଅମରେନ୍ଦ୍ର ପଟ୍ଟନାୟକ କହିଛନ୍ତି। ସେପଟେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଛନ୍ତି। ଅଲଗା ଦିନରେ ପରୀକ୍ଷା ଫଳ ପ୍ରକାଶ ପାଉଥିବାରୁ ପ୍ରବେଶିକା ପରୀକ୍ଷା ଦେବା ପାଇଁ ପଞ୍ଜୀକରଣବେଳେ ଅସୁବିଧା ହୋଇଥାଏ। ତେଣୁ ତାହା ଆଉ ହେବନି ବୋଲି ଛାତ୍ରୀଛାତ୍ରମାନେ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟରେ ମୋଟ ୩ଲକ୍ଷ ୫୦ ହଜାର ୮ଶହ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। କଳାରେ ୨ଲକ୍ଷ ୨୦ହଜାର ୪୩୭ ପରୀକ୍ଷାର୍ଥୀ ଥିବାବେଳେ ବିଜ୍ଞାନରେ ୯୭ ହଜାର ୫୪୬, ବାଣିଜ୍ୟରେ ୨୫ହଜାର ୭୮୫ ଓ ଧନ୍ଦାମୂଳକରେ ୭ ହଜାର ୩୨ ଜଣ ପରିକ୍ଷାର୍ଥୀ ଅଛନ୍ତି।

# ଲଷ୍କର ସହଯୋଗୀ ଗିରଫ

ଶ୍ରୀନଗର,୧।୩(ପି.ଟି.)-ଗତବର୍ଷ ନଭେମ୍ବରରେ ଜମ୍ମୁ-କଶ୍ମୀରର ଗଣ୍ଡେରବଲ ଜିଲାରେ ଜଣେ ଲଷ୍କର-ଇ-ତୋଇବା ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ। ତାଙ୍କର ଜଣେ ସହଯୋଗୀଙ୍କୁ ରବିବାର ପୋଲିସ ଗିରଫ କରିଛି। ଜେରାବେଳେ ତାଙ୍କଠାରୁ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ହୁରିୟାତ କନ୍‌ଫରେନ୍ସ କର୍ମୀ ଫୟାଜ ଅହମଦ ଭଟ୍ଟ ଦୁଇଜଣ ଆତଙ୍କବାଦୀଙ୍କୁ ଗଣ୍ଡେରବଲ ଆଣିଥିଲେ ବୋଲି ସେ କହିଛନ୍ତି। ପୂର୍ବରୁ ଭଟ୍ଟଙ୍କୁ ଗିରଫ କରାଯାଇଥିଲା ଓ ତାଙ୍କଠାରୁ ଚାଇନା ନିର୍ମିତ ଗ୍ରେନେଡ ଜବତ ହୋଇଥିଲା।

## ଆଜି କ୍ୟାବିନେଟ...

ସକାଶେ ସରକାର ପଦକ୍ଷେପ ନେବା ପାଇଁ ଘୋଷଣା କରିଛନ୍ତି। ଅର୍ଥ ଆୟୋଗଙ୍କ ଅନୁଦାନ ବିନିଯୋଗ ଦିଗରେ ନୂଆ ପ୍ରସ୍ତାବ କ୍ୟାବିନେଟ୍‌ରେ ଆସିବାକୁ ଯାଉଥିବା ସୂଚନା ମିଳିଛି। ସେହି ଅନୁସାରେ ଗ୍ରାମପଞ୍ଚାୟତସ୍ତରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ଏଇ.ଆଇ. ସେଣ୍ଟର ଏ.ଏନ.ଏମ୍. କେନ୍ଦ୍ର ଇତ୍ୟାଦିର ମରାମତି ଏବଂ ରକ୍ଷଣାବେକ୍ଷଣ ଆଦି ରାଜ୍ୟ ତଥା କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ ସହ ଏମ୍‌ଜିଏନଆରଜିଏ ପାଣ୍ଠିରୁ କରାଯିବ। ଏହା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିପାରେ। ସେହିପରି ଶିକ୍ଷା ଭିତ୍ତିଭୂମି ବିକାଶ ଦିଗରେ ସରକାର ଏକ ନୂଆ ପ୍ରସ୍ତାବ ଆଣିବେ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରୁ ଗୋଟିଏ ଲେଖା ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରାଯାଇ ଏହାର ଆଧୁନିକୀକରଣ କରାଯିବ। ଏଥିପାଇଁ ପ୍ରତ୍ୟେକ ସ୍କୁଲ ଲାଗି ପ୍ରାୟ ୫୦ଲକ୍ଷ ଟଙ୍କାର ଅନୁଦାନ ବରାଦ କରାଯିବ। ସେହିପରି ସେହି ବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦବୀକୁ ମଧ୍ୟ ପୂରଣ କରାଯିବ। ଏହି ସ୍କୁଲଗୁଡ଼ିକର ସମ୍ପତ୍ତି ପଞ୍ଚାୟତ ସମିତି ଖାତାରେ ହିସାବ କରାଯିବ। ତେବେ ସୂଚନାଯୋଗ୍ୟ ଯେ, ଏ ସମ୍ପର୍କରେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉତ୍ଥାପିତ କରିଛନ୍ତି। ଅନ୍ୟପଟେ ଏନେଇ ରାଜ୍ୟର ସମସ୍ତ ବିଧାୟକ ଏବଂ ସରପଞ୍ଚଙ୍କୁ ମଧ୍ୟ ସେ ଚିଠି ଲେଖିଥିଲେ। ଅନ୍ୟପଟେ ଗ୍ରାମପଞ୍ଚାୟତ ଅଧୀନରେ ବିକାଶ କାର୍ଯ୍ୟ ହେବାକୁ ଥିବା ଏଏନ୍‌ଏମ ସେଣ୍ଟର ସମ୍ପର୍କିତ ଏକ ପ୍ରସ୍ତାବ ମଧ୍ୟ କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିବ।

**ପ୍ରଥମ ପୃଷ୍ଠାରୁ...**

## କଡ଼ାକଡ଼ି ...

ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯାଇଛି। ସଂଶୋଧିତ ଆଇନରେ ବିନା ଟିକେଟ କିମ୍ବା ପାସରେ ଯାତ୍ରା କଲେ ୫୦୦ ଟଙ୍କା, ବେଆଇନ ଲୋକ ଗାଡ଼ି ଚଳାଇଲେ ୫ ହଜାର, ଆଇନକୁ ନ ମାନିଲେ ୨ ହଜାର, ବିନା ଲାଇସେନ୍ସରେ ଗାଡ଼ି ଚଳାଇଲେ ୫ ହଜାର, ଡ୍ରାଇଭିଂ ଅଯୋଗ୍ୟ ବିବେଚିତ ହୋଇ ଗାଡ଼ି ଚଳାଇଲେ ୧୦ ହଜାର ଟଙ୍କା ଗଣିବାକୁ ପଡ଼ିବ। ସେହିପରି ବିପଜ୍ଜନକ ଭାବେ ଗାଡ଼ି ଚଳାଇଲେ ୫ରୁ ୧୦ ହଜାର,ଦ୍ରୁତ ଗତିରେ ଗାଡ଼ି ଚଳାଇଲେ ୫ରୁ ୧୦ ହଜାର, ବିନା ପଞ୍ଜୀକରଣରେ ଗାଡ଼ି ଚଳାଇଲେ ୧୦ରୁ ୧୫ ହଜାର,ଗାଡ଼ି ପରମିଟ ନ ଥିଲେ ୧୦ ହଜାର, ସୁରକ୍ଷା ବେଲ୍ଟ ନ ବାନ୍ଧିଲେ ୧ ହଜାର, ହେଲମେଟ ନ ପିନ୍ଧିଲେ ୧ ହଜାର, ଜରୁରିକାଳୀନ ଗାଡ଼ିକୁ ରାସ୍ତା ନ ଛାଡ଼ିଲେ ୧୦ ହଜାର , ସାଇଲେଣ୍ଟ ଜୋନରେ ହର୍ନ ବଜାଇଲେ ୧ ହଜାର, ବୀମା ନ ଥିବା ଗାଡ଼ି ଚଳାଇଲେ ୨ରୁ ୪ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ବେପରୁଆ ଗାଡ଼ି ଚାଳନା ଯୋଗୁ ବହୁ ମୂଲ୍ୟ ଜୀବନ ନଷ୍ଟ ହେବା ସହ ଘର ପରିବାର ଉଜୁଡ଼ି ଯାଉଛି। ଓଡ଼ିଶାରେ ଦୁର୍ଘଟଣା ହାର ବଢ଼ି ଚାଲିଛି। ଗତ ୧୦ବର୍ଷ ମଧ୍ୟରେ ଓଡ଼ିଶାରେ ସମୁଦାୟ ୧ ଲକ୍ଷ ୧ ହଜାର ୩୯୫ ସଡକ ଦୁର୍ଘଟଣାରେ ୪୩ ହଜାର ୩୭୧ ଜଣଙ୍କର ଜୀବନ ଯାଇଥିବା ବେଳେ ୧ ଲକ୍ଷ ୧୨ ହଜାର ୫୩୮ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୨୦୧୭ଠାରୁ ୨୦୧୮ରେ ଦୁର୍ଘଟଣା ହାର ୧୦.୯୬ ପ୍ରତିଶତ ଅଧିକ ରହିଥିବା ବେଳେ ୨୦୧୯ରେ ୨୦୧୮ ତୁଳନାରେ ୦.୩୪ ପ୍ରତିଶତ ଅଧିକ ରହିଛି। କେବଳ ଗତ ୩ ବର୍ଷ ୨୦୧୭ ଠାରୁ ୨୦୧୯ ମଧ୍ୟରେ ରାଜ୍ୟରେ ସଡକ ଦୁର୍ଘଟଣାରେ ୧୫,୪୩୮ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୭ରେ ୪,୭୯୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୮ରେ ୫,୩୧୫ ଏବଂ ୨୦୧୯ରେ ୫,୩୩୩ ଜଣଙ୍କର ବହୁମୂଲ୍ୟ ଜୀବନ ଚାଲିଯାଇଛି।

## ୬୦ ଦେଶରେ...

ରହିବା ପାଇଁ ପରାମର୍ଶ ଦିଆଯାଇଛି। ଦେଶରେ ସପ୍ତାହେ ପାଇଁ ସ୍କୁଲ ଛୁଟି କରିଦିଆଯାଇଥିବାବେଳ ଡାଏଗୁ ସହରରେ ୩ ସପ୍ତାହ ଛୁଟି ଘୋଷଣା କରାଯାଇଛି। କରୋନା ସଂକ୍ରମଣରେ ଜାପାନ ତୃତୀୟ ସ୍ଥାନରେ ରହିଛି। ସେଠାରେ ୨୨୦ ଜଣଙ୍କଠାରେ ଏହି ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଏହାର ଉପକୂଳରେ ଅଟକି ଥିବା ଡାଇମଣ୍ଡ ପ୍ରିନ୍ସେସ୍ ଜାହାଜରେ ୭୦୫ ଜଣ କରୋନା ସଂକ୍ରମିତ। ଏହା ବ୍ୟତୀତ ବ୍ରିଟେନ, ମାଲେସିଆ, ଥାଇଲାଣ୍ଡ, ଓମାନ, ଲେବାନନ, ଅଷ୍ଟ୍ରେଲିଆ, ସ୍ୱିଜରଲାଣ୍ଡ, ନ୍ୟୁଜିଲାଣ୍ଡ, ଗ୍ରୀସ୍, ବେଲାରୁଷ, ଲିଥୁଏନିଆ, ଆମେରିକା, ଇଟାଲୀ, ଜର୍ମାନୀ, କୁଏଟ୍, ଫ୍ରାନ୍ସ, ନେଦରଲାଣ୍ଡସ୍, ନାଇଜେରିଆ, ସାନ୍‌ମାରିନୋ, ଇଷ୍ଟୋନିଆ, ଡେନ୍‌ମାର୍କ, ବାହାରିନ, ଅଷ୍ଟ୍ରିଆ, ସ୍ପେନ୍, କାନାଡା, ଇରାକ, ୟୁଏଇ, ସିଙ୍ଗାପୁର, ତାଇୱାନ, ପାକିସ୍ତାନ, ଆଫଗାନିସ୍ତାନ, ଭିଏତ୍‌ନାମ, ଫିଲିପାଇନ୍ସ, ନେପାଳ, ଶ୍ରୀଲଙ୍କା, ନରୱେ, ବ୍ରାଜିଲ, କ୍ରୋଏସିଆ, ଆଲଜେରିଆ ପ୍ରଭୃତି ଦେଶକୁ କରୋନା ବ୍ୟାପିଥିବା ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ରଙ୍କ ପ୍ରଭାବରେ ସୁବିଧାରେ କାମ ହାସଲ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଓ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବ ମାତ୍ର ବାଣିଜ୍ୟ,ବ୍ୟବସାୟ ଓ ରାଜନୀତିରେ ଚେଷ୍ଟା କରି ସଫଳ ହେବେ।

**ବୃଷ**
ରାଶିରେ ଚନ୍ଦ୍ର ରହିଥିବାରୁ ଭାବ ପ୍ରବଣତା ବଶତଃ ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ନିଜର ଅଳସୁଆମି ଯୋଗୁ କିଛି ନ କରି ଅନ୍ୟମାନଙ୍କ ଦ୍ୱାରା କାମ ଉଠାଇ ପାରନ୍ତି। ଶତ୍ରୁମାନେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ସୃଷ୍ଟି କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଅର୍ଥ ସମ୍ପର୍କୀୟ ବୁଝାମଣାରେ ତ୍ରୁଟି ରହିଯାଇପାରେ।

**ମିଥୁନ**
ରବିଙ୍କ ସ୍ୱଗୃହାବଲୋକନ ଆପଣଙ୍କୁ ଆତ୍ମବଳ ସମ୍ପନ୍ନ କରାଇବା ସହ ବୁଧଗ୍ରହ ସମ୍ପର୍କୀୟଙ୍କ ସାହାଯ୍ୟପ୍ରାପ୍ତ କରାଇବ। କିନ୍ତୁ ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। ଆଜିର ବ୍ୟବସାୟ, ପରିବହନ ଓ ଯାତ୍ରା ତଥା ଆଇନ ଅଦାଲତ କ୍ଷେତ୍ରରେ ସଫଳତା ପାଇବେ।

**କର୍କଟ**
ଲାଭସ୍ଥାନରେ ଏକାଦଶାଧିପତି ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ସାହାଯ୍ୟ କରିବେ। ଅନୁକୂଳ ବାତାବରଣ ମଧ୍ୟରେ ଦୀର୍ଘ ଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହେବ। ରହିଯାଇଥିବା ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ସିଂହ**
ଗୁରୁ ସହ ମଙ୍ଗଳଙ୍କ ସମ୍ବନ୍ଧରୁ ବନ୍ଧୁଙ୍କ ସହିତ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପଡ଼ୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ମାନସିକ ବ୍ୟଥା ଅନୁଭବ କରିବେ। ଗୃହ ନିର୍ମାଣାଦି କାର୍ଯ୍ୟ ତ୍ୱରାନ୍ୱିତ ହେବ। ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧୁରିବାକୁ ଚେଷ୍ଟା କରିବାରେ ପରିବାରର ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କନ୍ୟା**
ଦୁଃସ୍ଥାନରେ ବୁଧଙ୍କ ସ୍ଥିତି ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପରିସ୍ଥିତିରେ ପଡ଼ି ଅନନ୍ୟୋପାୟ ହୋଇ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ବାଧ୍ୟହେବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହୋଇଯିବ।

**ତୁଳା**
ସପ୍ତମକେନ୍ଦ୍ରସ୍ଥ ଶୁକ୍ର ପ୍ରଭାବରେ ଆକସ୍ମିକ ଆଶା ପୂରଣ ହେବାରୁ ସୁସ୍ଥ ମନ ନେଇ କାମ କରିବେ। ପରିବାରରେ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦୀୟ ସ୍ଥିତିରେ ପଡ଼ିପାରନ୍ତି। ଆର୍ଥିକ ସ୍ଥିତି, ସହକର୍ମୀଙ୍କ ସହଯୋଗ ନେଇ ସନ୍ତୁଷ୍ଟ ରହିପାରନ୍ତି।

**ବିଛା**
ଘାତଚନ୍ଦ୍ର ଜନିତ ମାନସିକ ଅସ୍ଥିରତା ଲାଗି ରହିବ ଏବଂ କୌଣସି କାମ ଶୃଙ୍ଖଳିତ ଭାବରେ କରିପାରିବେ ନାହିଁ। ବନ୍ଧୁବର୍ଗଙ୍କ ସହାୟତାରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ କିନ୍ତୁ ଆପଣଙ୍କ ଆଶା ପୂରଣ ହୋଇପାରିବ। ଶତ୍ରୁତା କରୁଥିବା ନୀଚମନା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇ ପାରନ୍ତି।

**ଧନୁ**
ଗ୍ରହବୈଗୁଣ୍ୟତାରୁ ମାନସିକ ଓ ଶାରୀରିକ ସୁସ୍ଥତା ରହି ନ ପାରେ। ଦୀର୍ଘସମୟ ଏକାକୀ ନିରୋଳାରେ ରହି ଅତୀତର ବିବାଦୀୟ ବିଷୟରେ ସମୀକ୍ଷା କରିବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**ମକର**
ବଳଶାଳୀ ରାଶ୍ୟାଧିପତିଙ୍କ ସ୍ଥିତିରୁ ସ୍ୱାସ୍ଥ୍ୟ, କର୍ମକ୍ଷେତ୍ର ଭଲ ରହିବା ସହ ଭାଇବନ୍ଧୁ ପଡ଼ୋଶୀଙ୍କ ସହ କଳହ ଲାଗିପାରେ। କିନ୍ତୁ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଆଜିର ଯାତ୍ରା, ବ୍ୟବସାୟ, ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ଭଲ। ଜଣେ ନିଃସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ।

**କୁମ୍ଭ**
ସାମାନ୍ୟ କଥାରେ ଉତ୍ତେଜିତ ହୋଇ ପରିବେଶକୁ ଗରମାଗରମ କରିଦେଇପାରନ୍ତି। କିନ୍ତୁ ଶତଭିଷା ନକ୍ଷତ୍ର ଅସୁବିଧାଜନକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆକସ୍ମିକ ଭାବେ ଯୋଡ଼ି ହୋଇଯିବ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବନ୍ଧୁଦ୍ୱାରକୁ ଗମନ କରିବାକୁ ମନସ୍ଥ କରିପାରନ୍ତି।

**ମୀନ**
ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କ ଆଶା ଓ କାମନାକୁ ଚରିତାର୍ଥ କରିବାରେ ସହାୟକ ହେବ। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ, ପୁରାଣ ପଠନ, ଆଲୋଚନା ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ସାହିତ୍ୟଚର୍ଚ୍ଚା ପ୍ରଶାସନିକ ସ୍ତରରେ ଓ ରାଜନୀତିରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ସୋମବାର, ମାର୍ଚ୍ଚ-୨ ତାରିଖ, ରାଶିନକ୍ଷତ୍ର-ଦିବା ଘ୯।୪୭ମି. ଗତେ, ରୋହିଣୀ/ବୃଷ, ମିଥୁନରାଶିର ଘାତବାର, ବିଛା ରାଶିର ଘାତଚନ୍ଦ୍ର, ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରାତ୍ରୌ ବିବାହ ପାଣିଗ୍ରହଣ, ସକାଳ ଘ୭।୪୨ମି. ମଧ୍ୟେ ଘ୧୦।୪୮ମି. ଗତେ ଘ୧।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୨ମି. ଗତେ ଘ୧୦।୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୩୬ମି. ଗତେ ଘ୯।୦୪ମି. ମଧ୍ୟେ ରାହୁ କାଳ।

# ବଟି ନ ଦେବାରୁ ପରିବା ବ୍ୟବସାୟୀଙ୍କୁ ଛୁରାମାଡ

ସମ୍ବଲପୁର,୧।୩(ବ୍ୟୁରୋ)

ସମ୍ବଲପୁର ଜିଲା ଟାଉନ ଥାନା ସାପ୍ତାହିକ କମଳି ବଜାରରେ ରବିବାର କେତେକ ଦୁର୍ବୃତ୍ତ ପରିବା ବ୍ୟବସାୟୀ ଅନୁଜ ଭୋଇଙ୍କୁ ବଟି ଟଙ୍କା ମାଗିଥିଲେ । ହେଲେ ସେ ଟଙ୍କା ନ ଦେବାରୁ ସେମାନେ ତାଙ୍କୁ ଛୁରା ମାଡ କରିଥିଲେ। ଏହି ଘଟଣାରେ ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁକରି ପୋଲିସକୁ ଜିମା ଦେଇଥିଲେ । ପୋଲିସ ଅନୁଜଙ୍କୁ ଜିଲା ସଦର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଥିଲା। ଜଣେ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ତଦନ୍ତ କରୁଥିବା ପୋଲିସ କହିଛି।

# ଯୁବକଙ୍କୁ ବୋତଲରେ ଆକ୍ରମଣ

ସମ୍ବଲପୁର,୧।୩(ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ଥାନା ଗୁଜାତଲ ଗ୍ରାମରେ ମାଡପିଟ ଘଟିଛି। ଜଣେ ଯୁବକଙ୍କୁ ବୋତଲ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ସଞ୍ଜିତ କୁମାର ନାଥ। ତାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି । ହୀରାକୁଦ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


# classifieds Everyday
0674-2580101, 2549302




**SALE**

Hyundai Elantra, Mitsubishi Lancer, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498




**SALE**

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/- ରେ ମିଳୁଛି। 9937065503, 8249005131, 9337061817. D-68500

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଘରବାରି ବାଉଣ୍ଡାରୀ ପ୍ଲଟ୍ ୩୦ଫୁଟ ରାସ୍ତା ଟଙ୍କପାଣିରୋଡ଼ ସାଇମନ୍ଦିର ଠାରୁ ୪କି.ମି. ୪୫୦/- 7077102741. D-63976

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft. 650/-. 7008045582, 9692003948. D-16940

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Plot for sale near AIIMS Hospital, Bhubaneswar, yellow zone, gharabari & other. Contact: 9348721088, 9938670164. D-69228

15500sqft. plot with boundary wall near Dhauli Square, Bhubaneswar for sale, Contact- 9438153229, 7008791675. D-16960




2BHK flat with parking at Lingipur rent family. Contact: 7894381416. D-59945

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Ayurvedic refreshment massage therapy refresh mind and body. Appointment: 7894855541. D-68598

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742597822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

**LOST**

I, Sri Ghanashyam Behera, FE in Sri Ananta Multisolutions (P) (L). I have lost my ID Card No.- 377132 in BBSR on dated- 25.02.2020. If found please contact- 0674-2598477. D-16987

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ମୋନିକା (ମୋଲି)
ତୁମ ପ୍ରଥମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଲିଙ୍ଗରାଜଙ୍କ କୃପାରୁ ତୁମର ଚଳାପଥ ଦୀର୍ଘାୟୁ ଏବଂ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ବାପା, ମାଆ, ଅଜା, ଆଇ, ମାମୁ, ମାଇଁ ବନ୍ଧୁ ଓ ପରିବାରବର୍ଗ।
ଧ-୧୬୯୮୯

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦିଗ୍‌ଦର୍ଶନ ଦେବେ ୧୦ ଅଭିଜ୍ଞ ଡାକ୍ତର

**କଟକ ଅଫିସ, ୧।୩**

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ଚିକିତ୍ସାଳୟ ଭାବେ ଗଢିତୋଳିବା ଦିଗରେ ପ୍ରୟାସ କରୁଛନ୍ତି ରାଜ୍ୟ ସରକାର। ଏଥିପାଇଁ ପୂର୍ବରୁ ପ୍ରାୟ ୧୦ହଜାର କୋଟି ଟଙ୍କାର ଯୋଜନା ଘୋଷଣା କରାଯାଇଛି। ଟଙ୍କା କେମିତି ଖର୍ଚ୍ଚ କରାଯିବ, କେଉଁ ସବୁ ଚିକିତ୍ସା ସୁବିଧା ପ୍ରଦାନ କରାଯିବ ଏବଂ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ଦିଗରେ କ'ଣ ସବୁ ପଦକ୍ଷେପ ନିଆଯିବ ସେନେଇ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ପାଇଁ ୧୦ଜଣ ଅଭିଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିରେ ୭ଜଣ ପଦ୍ମ ପୁରସ୍କାରପ୍ରାପ୍ତ ଡାକ୍ତର ଅଛନ୍ତି। ଏ ନେଇ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଡାକ୍ତରମାନଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ହୃଦ୍‌ରୋଗ ବିଶେଷଜ୍ଞ ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡା, ହୃଦ୍‌ରୋଗ ବିଶେଷଜ୍ଞ ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ଡା. ଦେବୀ ସେଠି, ହୃଦ୍‌ରୋଗ ବିଶେଷଜ୍ଞ ପଦ୍ମଭୂଷଣ ଡା. ଶ୍ରୀନାଥ ରେଡ୍ଡି, ଗାଷ୍ଟ୍ରୋଏଣ୍ଟ୍ରୋଲୋଜି ପ୍ରଫେସର ପଦ୍ମଶ୍ରୀ ସୁବ୍ରତ ଆଚାର୍ଯ୍ୟ, କିଡ୍‌ନୀ ରୋଗ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର ମୁକୁତ୍ ମିଞ୍ଜ, କର୍କଟରୋଗ ବିଶେଷଜ୍ଞ ପଦ୍ମଶ୍ରୀ ଡା. ଦିଗାମ୍ବର ବେହେରା, କର୍କଟ ରୋଗ ବିଶେଷଜ୍ଞ ପଦ୍ମଶ୍ରୀ ଡା. ରାଜନ୍ ବାଡୱେ, ମେଡିସିନ ବିଶେଷଜ୍ଞ ଡା. ଜଗତ ନାରୁଲା, ଏଲ୍.ଭି. ପ୍ରସାଦ ଚକ୍ଷୁ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଡା. ଜିଏନ୍. ରାଓ ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର। ଏହି ଟିମ୍‌ର ସଂଯୋଜକ ଭାବେ କାମ କରିବେ ମେଡିକାଲ୍ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ(ଡିଏମ୍‌ଇଟି)ର ନିର୍ଦ୍ଦେଶକ। ଏମାନଙ୍କ ମଧ୍ୟରେ ଡା. ରମାକାନ୍ତ ପଣ୍ଡା, ଡା. ସୁବ୍ରତ ଆଚାର୍ଯ୍ୟ, ଡା. ଦିଗାମ୍ବର ବେହେରା ଏବଂ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏସ୍‌ସିବି ମେଡିକାଲର ପୁରାତନ ଛାତ୍ର। ଏହି ଅଭିଜ୍ଞ ଡାକ୍ତରମାନେ ଅନେକ ବିରଳ ଅସ୍ତ୍ରୋପଚାର ଏବଂ ଗବେଷଣା ପାଇଁ ଦେଶ ଓ ଦେଶ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ୫-ଟି ଅଭିଯାନରେ ଗତ ନଭେମ୍ବରରେ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ବା ଏମ୍‌ସ ପ୍ଲସ ହସ୍ପିଟାଲରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏପରି କି ପ୍ରାୟ ଏକ ହଜାର କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏସ୍‌ସିବି ମେଡିକାଲକୁ ସମ୍ପ୍ରସାରଣ କରିବା ପାଇଁ ଆଖପାଖ ଅଞ୍ଚଳରୁ ଉଚ୍ଛେଦ ଚାଲିଛି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉକ୍ତ ମେଡିକାଲ ଅନେକ ଗୌରବ ହାସଲ କରିଛି। ଏପରି କି ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଶାର କିରଣ ସାଜିଛି। ଏଣୁ ଏହାର ବିକାଶ ଦିଗରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

**ବିଶ୍ୱସ୍ତରୀୟ ହେବ ଏସ୍‌ସିବି ମେଡିକାଲ**
- ନିଯୁକ୍ତି ନେଇ ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ସେମାନଙ୍କ ମଧ୍ୟରେ ୭ ପଦ୍ମ ପୁରସ୍କାରପ୍ରାପ୍ତ
- ଡିଏମ୍‌ଇଟି ନିର୍ଦ୍ଦେଶକ ହେବେ ସଂଯୋଜକ

## ଦିଲ୍ଲୀ ଦଙ୍ଗାପୀଡ଼ିତ ବିଏସ୍‌ଏଫ୍ ଯବାନଙ୍କୁ ସହାୟତା
# ୧୦ ଲକ୍ଷ ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ଓଡ଼ିଶାରେ କାର୍ଯ୍ୟରତ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍) ଯବାନ ମହମ୍ମଦ ଅନିଶଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଦେବାପାଇଁ ଘୋଷଣା କରିଛନ୍ତି। ନବମ ବାଟାଲିୟନରେ କାର୍ଯ୍ୟରତ ଅନିଶଙ୍କ ଘର ନୂଆଦିଲ୍ଲୀରେ। ନିକଟରେ ଦିଲ୍ଲୀରେ ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାରେ ତାଙ୍କ ଘର ପୋଡ଼ି ଦିଆଯାଇଥିବାରୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ଅନିଶଙ୍କ ସହ କଥା ହୋଇ ସାନ୍ତ୍ୱନା ଦେଇଛନ୍ତି। ଅନିଶ ମାଓବାଦୀପ୍ରବଣ ମାଲକାନଗିରି ଜିଲାରେ କାର୍ଯ୍ୟରତ ଅଛନ୍ତି। ସେ ମଧ୍ୟ ସ୍ୱାଭିମାନ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ତୁଲାଇଛନ୍ତି। ଏଥିପାଇଁ ଗୁରୁପ୍ରିୟା ସେତୁ ନିର୍ମାଣ ସୁରୁଖୁରୁରେ ହୋଇପାରିଛି। ଫେବୃୟାରୀ ୨୫ରେ ଉତ୍ତର-ପୂର୍ବ ଦିଲ୍ଲୀର ଖଜରୀଖାସ୍ ଅଞ୍ଚଳରେ ଅନିଶଙ୍କ ଦୁଇମହଲା ଘରକୁ ଦଙ୍ଗାକାରୀ ପୋଡ଼ି ଦେଇଛନ୍ତି। ବିଏସ୍‌ଏଫ୍ ତରଫରୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ ସହ ଉକ୍ତ ଘରକୁ ମରାମତି କରିବା ପାଇଁ ବିଏସ୍‌ଏଫ୍ ଇଞ୍ଜିନିୟରଙ୍କୁ ପଠାଇବାକୁ ଘୋଷଣା କରିଛି।

# ଜମି ବିବାଦ: ବଡ଼ପୁଅର ଆଙ୍ଗୁଠି କାଟିଲେ ବାପା

**ସୋନପୁର, ୧।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଦର ଥାନା ଅନ୍ତର୍ଗତ ସାହଜପିଟା ଗ୍ରାମରେ ଜମି ବିବାଦକୁ କେନ୍ଦ୍ର କରି ଦୁଖୁ ପୁଟେଲଙ୍କ ପରିବାରରେ ମହାଭାରତ ଘଟିଯାଇଛି। ଏହି ଘଟଣାରେ ଦୁଖୁଙ୍କ ବଡପୁଅ ମହେନ୍ଦ୍ର(୪୦)ଙ୍କ ଡାହାଣ ହାତର ୪ ଆଙ୍ଗୁଠି କଟିଛି। ସେ ଏବେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗତ ଶୁକ୍ରବାର ମହେନ୍ଦ୍ରଙ୍କୁ ବାପା ଦୁଖୁ(୭୦) ଓ ସାନଭାଇ ରାଜେନ୍ଦ୍ର(୩୫), ଗଜେନ୍ଦ୍ର(୩୨), ଲକ୍ଷୀନ୍ଦ୍ର(୨୩) ମିଳିତଭାବେ ଠେଙ୍ଗାରେ ନିସ୍ତୁକ ମାଡ ମାରିଥିଲେ। ପରେ ଦୁଖୁ ଏକ ଟାଙ୍ଗିଆରେ ମହେନ୍ଦ୍ରଙ୍କ ଆଙ୍ଗୁଠି କାଟି ଦେଇଥିଲେ। ୩ ସାନ ପୁଅ ଏଥିରେ ସହଯୋଗ କରିଥିଲେ। ବଡ ପୁଅକୁ ବାପା ଓ ସାନ ଭାଇମାନେ କ୍ରୋଧରେ ଏଭଳି ଶାସ୍ତି ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲିଟିଛି। ଏ ସମ୍ପର୍କରେ ମହେନ୍ଦ୍ରଙ୍କ ସ୍ତ୍ରୀ ସତ୍ୟବତୀ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ରବିବାର ଦୁଖୁଙ୍କ ସମେତ ରାଜେନ୍ଦ୍ର, ଗଜେନ୍ଦ୍ର ଓ ଲକ୍ଷୀନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ଟାଙ୍ଗିଆ ଓ ବାଉଁଶ ଠେଙ୍ଗା ଜବତ ହୋଇଛି । ସେହିଭଳି ମହେନ୍ଦ୍ରଙ୍କ ୪ଟି କଟା ଆଙ୍ଗଠିକୁ ମଧ୍ୟ ପୋଲିସ ଉଦ୍ଧାର କରିଛି। ସୋନପୁର ଆଇଆଇସି ଲୋକେଶ୍ୱର ସାହୁ ମାମଲାର ତଦନ୍ତ କରୁଛନ୍ତି ।


ଗିରଫ ଅଭିଯୁକ୍ତ ବାପା ଓ ୩ ଭାଇ। ଉଦ୍ଧାର ଆଙ୍ଗୁଠି।



## ଜିଲା ଚିଠି
## ବାଲେଶ୍ୱର

# ମହିଳା ଓ ଶିଶୁ ସହାୟତା କେନ୍ଦ୍ର

ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ରାଜ୍ୟର ପ୍ରମୁଖ ରେଳ ଷ୍ଟେଶନରେ କାର୍ଯ୍ୟକାରୀ ହେଉଛି ମହିଳା ଓ ଶିଶୁ ସହାୟତା କେନ୍ଦ୍ର। ମାତ୍ର ବାଲେଶ୍ୱର ରେଳ ଷ୍ଟେଶନରେ ଦୀର୍ଘ ୯ମାସ ଧରି ଭିତ୍ତିଭୂମି ଥିଲେ ମଧ୍ୟ ଏହା ନାମକୁମାତ୍ର କାର୍ଯ୍ୟକାରୀ ହୋଇଛି। ସମ୍ପୃକ୍ତ ଅଧିକାରୀମାନେ ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇ କେବଳ ମାଳମାଳ ଯୋଜନା ମାଧ୍ୟମରେ ସରକାରୀ ଅର୍ଥର ଅପବ୍ୟୟ କରାଯାଉଛି। ଗଭର୍ନମେଣ୍ଟ ରେଲୱେ ପୋଲିସ(ଜିଆର୍‌ପି) ପକ୍ଷରୁ ରାଜ୍ୟର ପ୍ରତ୍ୟେକ ପ୍ରମୁଖ ରେଳ ଷ୍ଟେଶନରେ ମହିଳା ଓ ଶିଶୁ ୟୁନିଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭାଗ ପକ୍ଷରୁ ୨୦୧୯ ମେ'ରୁ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ଯୋଗାଇ ଦିଆଯାଇଥିଲା। ବାଲେଶ୍ୱର ରେଳ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଏହି ୟୁନିଟ୍‌କୁ ସ୍ଥାନିତ କରାଯାଇଛି। ଏହି ୟୁନିଟ୍ ୨୪ ଘଣ୍ଟିଆ ଅହରହ ସେବା ଯୋଗାଇବା ବ୍ୟବସ୍ଥା ରହିଥିଲା। ବାଲେଶ୍ୱର ଷ୍ଟେଶନର ଏହି ୟୁନିଟ୍‌ରେ ଜଣେ ଅଫିସର ଓ ୨ଜଣ କନଷ୍ଟେବଲ କାର୍ଯ୍ୟ କରିବା କଥା। ବିଶେଷକରି ସେମାନେ ଶିଶୁ ଓ ମହିଳାମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରିବେ। ଶିଶୁ ଶ୍ରମିକ ଚାଲାଣ ରୋକିବା ସହ ପରିଚୟବିହୀନ, ହଜିଯାଇଥିବା ତଥା ଅସହାୟ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରିବା ଏବଂ ସେମାନଙ୍କୁ ଠିକଣା ସ୍ଥାନରେ ପହଞ୍ଚାଇବା ଏମାନଙ୍କର ମୁଖ୍ୟ କାର୍ଯ୍ୟ। ପରିଚୟ ନ ମିଳିଲେ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରି ସେମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଆଶ୍ରମରେ ଛାଡ଼ିବାର ବ୍ୟବସ୍ଥା ରହିଥିଲା। ହେଲେ ସେସବୁ କାର୍ଯ୍ୟକାରୀ ହେବା ଦୂରର କଥା, ଏହି ୟୁନିଟ୍ ବର୍ତ୍ତମାନ ଜିଆର୍‌ପି ଅଧୀନରେ ନାମକୁ ମାତ୍ର ଚାଲିଛି। ଅନ୍ୟପକ୍ଷରେ ଥାନାରେ କର୍ମଚାରୀଙ୍କ ଅଭାବ ରହିଥିବାରୁ ଏହି ୟୁନିଟ୍ କାର୍ଯ୍ୟ କରିପାରୁ ନ ଥିବା ରେଲୱେ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ସେହିପରି ସମ୍ପୃକ୍ତ ୟୁନିଟ୍‌କୁ ବିଦ୍ୟୁତ୍ ସଂଯୋଗ ପାଇଁ ରେଳ ବିଭାଗକୁ ଚିଠି ଲେଖାଯାଇଥିଲେ ମଧ୍ୟ ସେଥିପାଇଁ ଅନୁମତି ମିଳିପାରିନାହିଁ। ଏହାଛଡ଼ା ଏହି ୟୁନିଟ୍ ଦୀର୍ଘଦିନ ଧରି ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ବେଳେ ସମ୍ପୃକ୍ତ ବିଭାଗ ଚୁପ୍ ବସିବା ଦୁଃଖର ବିଷୟ।

– ମାନସ ବିଶ୍ୱାଳ

# ସଞ୍ଜୟ ଦାସବର୍ମା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ

**ଭୁବନେଶ୍ୱର, ୧।୩(ବ୍ୟୁରୋ)**



ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ରବିବାର ନିଯୁକ୍ତି ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ଦାସବର୍ମା ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରୁ ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ସେ ପରାଜିତ ହୋଇଥିଲେ। ଏହା ପୂର୍ବରୁ ସେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ନିଯୁକ୍ତି, ବୈଷୟିକ ଶିକ୍ଷା ଓ ତାଲିମ ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ଏହାଛଡା ସେ ଯୁବ ବିଜେଡି ସଭାପତି, ବିଜେଡିର ସମ୍ପାଦକ, କନଭେନର ଓ ଉପସଭାପତି ଦାୟିତ୍ୱ ତୁଲାଇଛନ୍ତି। ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ତାଙ୍କୁ କ୍ୟାବିନେଟ ପାହ୍ୟ ପଦବୀ ଦିଆଯାଇଛି। ଏହି ଦାୟିତ୍ୱ ମିଳିବା ପରେ ସଞ୍ଜୟ ଗଣମାଧ୍ୟମକୁ କହିଛନ୍ତି ଯେ ଯୋଜନା ବୋର୍ଡକୁ କିଭଳି ନୂଆରୂପ ଦେଇ ହେବ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବି। ସନ୍ଧ୍ୟାରେ ସେ ପୁରୀ ଶ୍ରୀମନ୍ଦିର ଯାଇ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ।

# ଛାତ୍ରୀ, ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର


ଘଟଣାସ୍ଥଳରେ ଜିଲାସ୍ତରୀୟ ଅଧିକାରୀମାନେ ଅନୁଧ୍ୟାନ କରୁଛନ୍ତି ।

**ନୂଆପଡା ଅଫିସ, ୧।୩**

- ସେବାଶ୍ରମ ହଷ୍ଟେଲରେ ରହୁଥିଲେ ଛାତ୍ରୀ
- ସେବାଶ୍ରମ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ୨ ନିଲମ୍ବିତ
- ମେଟ୍ରନ ଚାକିରିରୁ ବହିଷ୍କୃତ

ନୂଆପଡା ଜିଲାରେ ସେବାଶ୍ରମ ବିଦ୍ୟାଳୟଗୁଡିକର ବିବାଦ ପିଛା ଛାଡୁନାହିଁ । ଗୋଟିକ ପରେ ଗୋଟିଏ ଘଟଣା ଶିକ୍ଷା ଓ ମଙ୍ଗଳ ବିଭାଗ ଆଖିରୁ ନିଦ ହଜାଇଦେଇଛି। ଜଣେ ଆଶ୍ରମ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା, ଦର୍ଲିପଡା ସେବାଶ୍ରମ ପଛପଟୁ ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯିବାର ୭ ଦିନ ପରେ ରବିବାର ଧରମବନ୍ଧା ଥାନା ଅନ୍ତର୍ଗତ ଏକ ସେବାଶ୍ରମଠାରୁ ୩ଶହ ମିଟର ଦୂରରେ ଥିବା ଏକ ଗଛରୁ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀ ଓ ଅନ୍ୟ ଜଣେ ଯୁବକଙ୍କ ମୃତଦେହ ମଧ୍ୟ ଉଦ୍ଧାର କରାଯାଇଛି। ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ପୋଲିସ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି। ହଷ୍ଟେଲରେ ରହୁଥିବା ଛାତ୍ରୀ ବାହାରକୁ ଯାଇ ଆତ୍ମହତ୍ୟା କରିବା ଘଟଣାରେ ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷୟିତ୍ରୀ, ମେଟ୍ରନଙ୍କୁ ଦାୟୀ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମ୍ପୃକ୍ତ ସେବାଶ୍ରମ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା ତ୍ରିପାଠୀ, ସହକାରୀ ଶିକ୍ଷୟିତ୍ରୀ ଅସମତ ମାଝିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ହଷ୍ଟେଲ ଦାୟିତ୍ୱରେ ଥିବା ମେଟ୍ରନ ସତ୍ୟବତୀ ଉଜିର ଚାକିରୀରୁ ବହିଷ୍କୃତ ହୋଇଛନ୍ତି।

ଖବରରୁ ପ୍ରକାଶ ଯେ, ରବିବାର ପୂର୍ବାହ୍ନ ୯ଟାରେ ଧରମବନ୍ଧା ଥାନା ଅଞ୍ଚଳର ଏକ ସେବାଶ୍ରମଠାରୁ ୩ଶହ ମିଟର ଦୂରରେ ଏକ ମହୁଲ ଗଛରେ ଦୁଇଟି ମୃତଦେହ ଝୁଲୁଥିବା ଲୋକେ ଦେଖିଥିଲେ। ଖବର ପାଇ ଧରମବନ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲା। ତଦନ୍ତରୁ ସମ୍ପୃକ୍ତ ଛାତ୍ରୀ ଉକ୍ତ ସେବାଶ୍ରମରେ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ଯୁବକ ଜଣକ ସେହି ଗାଁର ଜୀବନଲାଲ ମାଝି (୧୮) ବୋଲି ଜଣାପଡିଥିଲା। ଘଟଣା ପ୍ରଚାରିତ ହେବା ପରେ ଶତାଧିକ ଲୋକ ସେଠାରେ ଏକତ୍ରିତ ହୋଇ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଓ କାର୍ଯ୍ୟରେ ଅବହେଳା କରିଥିବା ହଷ୍ଟେଲ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଖବର ପାଇ ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ସେଠାରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ଜଗଦୀଶ ସାହୁ, ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି, ଗରିବ ସେନା ମୁଖ୍ୟ ରବୀନ୍ଦ୍ର ମଙ୍ଗରାଜ, ମାନବାଧିକାର କର୍ମୀ ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା ପ୍ରମୁଖ ଘଟଣାକୁ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଦୁଇ ପରିବାରକୁ ରେଡକ୍ରସ ପକ୍ଷରୁ ୨୦ ହଜାର ଟଙ୍କା ଲେଖାଏଁ ଦେବା ସହ ୩ଜଣ କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଯାଇଥିବା କୁହାଯାଇଥିଲା। ଅପରାହ୍ନ ୪ଟାରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ପୋଲିସ ପକ୍ଷରୁ ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଥାନାଧିକାରୀ ଦିଲୀପ କୁମାର ଲାକ୍ରା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରେମ ସମ୍ପର୍କକୁ ନେଇ ଉଭୟଙ୍କ ମୃତ୍ୟୁ ଘଟିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ସମ୍ପୃକ୍ତ ଯୁବକ ହଷ୍ଟେଲ ଗୃହ ଭେଣ୍ଟିଲେଟର ଭାଙ୍ଗି ଛାତ୍ରୀଙ୍କୁ ନେଇଯାଇଥିବା କୁହାଯାଉଛି। ପୋଲିସ ଛାନଭିନ ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।



କୌଣସି ସମାଜରେ ଇତର ଭାବେ ବଞ୍ଚିରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ। କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀପ୍ସା ଓ ଆଦର୍ଶରେ ଊର୍ଦ୍ଧ୍ୱଗାମୀ ନ ହୁଏ, ତା'ହେଲେ ଆମେ କହିବା–ସେ ସମାଜ ପ୍ରକୃତରେ ବଞ୍ଚିନାହିଁ। ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ। –ଶ୍ରୀଅରବିନ୍ଦ

# ପରବର୍ତ୍ତୀ ଆଫଗାନିସ୍ତାନ

ଆମେରିକା ଓ ତାଲିବାନ ମଧ୍ୟରେ ୨୯ ଫେବୃୟାରୀ ୨୦୨୦ରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁଯାୟୀ ଆସନ୍ତା ୧୪ ମାସ ମଧ୍ୟରେ ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସେନା ପ୍ରତ୍ୟାହୃତ ହେବେ। ସବୁ ଠିକ୍‌ଠାକ୍ ରହିଲେ ଦୀର୍ଘ ୧୮ ବର୍ଷ ଧରି ଲାଗିରହିଥିବା ବିବାଦର ସମାପ୍ତି ଘଟିପାରେ। ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଜଲମେ ଖାଲିଜାଦ୍ ଓ ତାଲିବାନ ସହପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର ଏହି ଶାନ୍ତି ଚୁକ୍ତି କାତାର ରାଜଧାନୀ ଦୋହାରେ କରିଥିବା ଖବର ପ୍ରସାରିତ ହେବା ପରେ ବିଶ୍ୱରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ତାଲିବାନ ସହ ଆମେରିକା ଶାନ୍ତି ଚୁକ୍ତି କରିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି, ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଆର୍ଥିକ ଦିଗ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରୁ ଜଣାପଡିଛି। ଆଫଗାନିସ୍ତାନରେ ଏବେ ୧୩ ହଜାର ଆମେରିକୀୟ ସୈନ୍ୟ ନିୟୋଜିତ ଅଛନ୍ତି। ଚୁକ୍ତି ଅନୁଯାୟୀ ୪ ମାସ ମଧ୍ୟରେ ଏହି ସଂଖ୍ୟା ୮,୬୦୦କୁ ହ୍ରାସ କରାଯିବ। ୧୪ ମାସ ମଧ୍ୟରେ ସେଠାରୁ ଆମେରିକୀୟ ସେନା ସମ୍ପୂର୍ଣ୍ଣ ପ୍ରତ୍ୟାହୃତ ହୋଇଗଲେ ଆମେରିକା ଉପରେ ଯେଉଁ ଆର୍ଥିକ ବୋଝ ପଡୁଥିଲା ତାହା ଯଥେଷ୍ଟ ପରିମାଣରେ ହ୍ରାସ ଘଟିବ। ଉଲ୍ଲେଖ କରାଯାଇପାରେ ଯେ, ୨୦୦୧ ସେପ୍ଟେମ୍ବର ୧୧ରେ ନ୍ୟୁୟର୍କସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି) ଉପରେ ଆତଙ୍କବାଦୀ ସଂଗଠନ ଅଲ୍‌କାଏଦା ଆକ୍ରମଣ କରିଥିଲା। ଏଥିରେ ୨,୯୯୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫,୦୦୦ରୁ ଅଧିକ ଆହତ ହୋଇଥିଲେ। ସେତେବେଳେ ଅଲ୍‌କାଏଦାକୁ ଆଶ୍ରୟ ଦେବା ସହ ସହଯୋଗ କରୁଥିବା ତାଲିବାନକୁ ଆଫଗାନିସ୍ତାନରେ କ୍ଷମତାରୁ ହଟାଇବା ଲାଗି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ (ଜୁନିୟର) ପଣ କରିଥିଲେ। ଫଳରେ ଆଫଗାନିସ୍ତାନକୁ ସେନା ପଠାଇ ତାଲିବାନକୁ ଦମନ କରିଚାଲିଥିଲେ। ୨୦୦୧ ନଭେମ୍ବରରେ ୧୩୦୦ ଆମେରିକା ସେନା ପ୍ରେରଣ କରାଯାଇଥିବା ବେଳେ ତାହା ୨୦୧୦ ଅଗଷ୍ଟ ବେଳକୁ ଲକ୍ଷେରେ ପହଞ୍ଚିଥିଲା। ଏତେସଂଖ୍ୟକ ସୈନ୍ୟଙ୍କୁ ଆଫଗାନିସ୍ତାନରେ ନିୟୋଜିତ କରିଥିବାରୁ ସେମାନଙ୍କ ଲାଗି ବ୍ୟୟ ହେଉଥିବା ଅର୍ଥ ଆମେରିକା ରାଜକୋଷ ଉପରେ ବୋଝ ଭାବେ ପଡିଥିଲା। ଏହା ଫଳରେ ଆମେରିକା ଲୋକ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଆଜିର ଏହି ଚୁକ୍ତି ସେହି ଅସନ୍ତୋଷର ପ୍ରତିକ୍ରିୟାରୁ ଜନ୍ମ ବୋଲି କୁହାଯାଉଛି।

ଏବର ପରିସ୍ଥିତି ଦେଖିଲେ ଆର୍ଥିକ ମାନ୍ଦାବସ୍ଥା ବିଶ୍ୱକୁ କବଳିତ କରି ରଖିଛି। ତେଣୁ ଅନ୍ୟ ଦେଶରେ ସୃଷ୍ଟି ହେଉଥିବା ଅସ୍ଥିରତା ଓ ସମସ୍ୟାକୁ ସମାଧାନ କରିବା ଲାଗି ଆମେରିକା ପୂର୍ବ ଭଳି ମନ ବଳାଇବାକୁ ଚେଷ୍ଟା କରୁ ନ ଥିବା ଏହି ଶାନ୍ତି ଚୁକ୍ତିରୁ ବୁଝାପଡିଯାଉଛି। ପୂର୍ବରୁ ବିଶ୍ୱ ପୋଲିସର ଆଖ୍ୟା ପାଇଥିବା ଆମେରିକା ବର୍ତ୍ତମାନ ନିଜ ଓଜନରେ ଦବି ଗଲା ଭଳି ମନେହେଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କ୍ଷମତାକୁ ଆସିବା ପରେ 'ଆଗ ଆମେରିକା' ବା 'ଆମେରିକା ଫାଷ୍ଟ' ନୀତି ଆପଣାଉଛନ୍ତି। ସେଥିଲାଗି ଆମେରିକା ଅର୍ଥନୀତିର ବିକାଶ ତାଙ୍କ ଲାଗି ଅଗ୍ରପ୍ରାଧାନ୍ୟ ଲାଭ କରିଛି। ସମ୍ଭବତଃ ଆଫଗାନିସ୍ତାନରେ ପର୍ଯ୍ୟାପ୍ତ ସୈନ୍ୟ ରଖି ଆମେରିକା କୌଣସି ସାମରିକ ବିଜୟ ହାସଲ କରିପାରିନାହିଁ ବୋଲି ଅନୁଭବ କରିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଅନୁରୂପ ଭାବେ ୨୦୦୧ରେ ତାଲିବାନକୁ କ୍ଷମତାରୁ ହଟାଇବା ପାଇଁ ଆମେରିକା ଓ ଏହାର ମିତ୍ରଶକ୍ତି ଏକଜୁଟ ହୋଇ ଯୁଦ୍ଧ ରଚାଇଥିଲେ। ଫଳରେ ଆଫଗାନିସ୍ତାନରେ ତାଲିବାନର ଶକ୍ତି ହ୍ରାସ ପାଇଥିଲା। କେତେକ ଅଞ୍ଚଳରେ ତାଲିବାନ ସକ୍ରିୟ ଥିବାରୁ ସେମାନଙ୍କୁ ଦମନ କରିବା ଲକ୍ଷ୍ୟରେ ଆମେରିକାର କେତେକ ସୈନ୍ୟ ସଜାଗ ରହିଛନ୍ତି। ତାଲିବାନ ନେତାମାନେ ପୂର୍ବଭଳି ଆର୍ଥିକ ସମର୍ଥନ ପାଉ ନ ଥିବାରୁ ସେମାନେ ମଧ୍ୟ ଶାନ୍ତି ଆଲୋଚନାକୁ ଆସିବାକୁ ଉଚିତ ମଣିଛନ୍ତି ବୋଲି କୁହାଯାଉଛି।

ଆଜିର ଆଫଗାନିସ୍ତାନ ପରିସ୍ଥିତିକୁ ଦେଖିଲେ ସହଜରେ ସେଠାରେ ଶାନ୍ତି ଫେରିବା ଭଳି ମନେହୁଏନାହିଁ। ଆଫଗାନିସ୍ତାନର ବିଭିନ୍ନ ପ୍ରାନ୍ତରେ ଥିବା ୱାର୍ ଲର୍ଡ ବା ଯୁଦ୍ଧପ୍ରିୟ ନେତା ନିଜ ନିଜର ସେନା ଧରି ବସିଛନ୍ତି। ଶକ୍ତିଶାଳୀ ଆମେରିକାର ଉପସ୍ଥିତି ଯୋଗୁ ଏହି ଯୁଦ୍ଧଖୋର ଆଞ୍ଚଳିକ ନେତାମାନେ ନୀରବ ରହିଥିଲେ। କିନ୍ତୁ ପୂର୍ବରୁ ଆମେରିକା ସମର୍ଥିତ କାବୁଲ ସରକାରକୁ ଯେଉଁଭଳି ଭାବେ ସେମାନଙ୍କ ଦ୍ୱାରା ବିରୋଧ କରାଯାଉଥିଲା, ସମ୍ଭବତଃ ତାଲିବାନ ମଧ୍ୟ ସେଭଳି ବିରୋଧର ସମ୍ମୁଖୀନ ହେବାର ସବୁ ଆଶଙ୍କା ରହିଛି। ଏହାବ୍ୟତୀତ ତାଲିବାନ ଦ୍ୱାରା ପରିଚାଳିତ ପ୍ରଶାସନରେ ମହିଳାମାନଙ୍କର ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇଯିବ। ପୂର୍ବରୁ ତାଲିବାନର ଏହି ମହିଳା ବିରୋଧୀ ଆଭିମୁଖ୍ୟର ଅନେକ ଉଦାହରଣ ଦେଖିବାକୁ ମିଳିଥିଲା। ସମ୍ପୂର୍ଣ୍ଣ ଭାବେ ଇସ୍‌ଲାମୀୟ ବ୍ୟବସ୍ଥାରେ ସରକାର ଚଳାଇବାକୁ ଚେଷ୍ଟା କରାଗଲେ ପ୍ରଥମ ଶିକାର ମହିଳା ହେବେ। ଆଫଗାନ୍ ମାଟିରୁ ଆମେରିକା ନିଜ ସେନା ପ୍ରତ୍ୟାହାର କରିଦେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଅନ୍ୟପଟେ ଆଫଗାନିସ୍ତାନର ଆଭ୍ୟନ୍ତରୀଣ ସାମାଜିକ ପରିସ୍ଥିତି ଯେଉଁଭଳି କ୍ଷତିଗ୍ରସ୍ତ ହେବ ସେଥିପ୍ରତି କେହି ଧ୍ୟାନ ଦେବେ ବୋଲି ଚିନ୍ତା କରାଯାଇପାରୁନାହିଁ।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 1 | | 7 | | D | 3 | C | E | | | 2 |
| | | 0 | | 3 | 6 | 4 | | | | | | | | 1 |
| | 9 | 6 | | | E | | A | | | | | | | |
| | D | | | | 7 | | 2 | 0 | | 6 | | | 5 | A |
| | | | D | | 2 | | 3 | | | 4 | | | | |
| B | | | | | 0 | | | 5 | | 7 | | | | |
| 8 | | 2 | | 6 | | D | 9 | | | 5 | | | | |
| E | | | 8 | | | | | | | 9 | D | 6 | A | |
| | | 9 | 4 | | 5 | | B | 7 | | | 1 | | | E |
| 7 | | 5 | | | | | C | | 8 | 2 | | 9 | | |
| 2 | 5 | D | | 0 | 4 | A | | | 1 | | | | 8 | |
| | 3 | | | E | | | | B | | | 4 | | | 6 |
| | C | | | | | | | | | | | 1 | B | |
| | | 4 | 2 | | | 0 | 5 | 8 | | A | | | 7 | 3 |
| | | 1 | | 5 | | 6 | | | | E | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 2 | 1 | 5 | 6 | 9 | 4 | 3 | 7 | 0 | E | 8 | C | D | A |
| C | 3 | 5 | 7 | 1 | 0 | 8 | 2 | 9 | D | A | 6 | E | B | 4 |
| A | 7 | 0 | D | 4 | C | B | 6 | E | 3 | 9 | 5 | 1 | 2 | 8 |
| 9 | 8 | E | A | B | 3 | C | D | 1 | 4 | 7 | 2 | 0 | 5 | 6 |
| 6 | D | 4 | E | 2 | 8 | A | 0 | 5 | 1 | B | C | 7 | 9 | 3 |
| E | B | 6 | 4 | A | 7 | 9 | 1 | C | 8 | 5 | 0 | D | 3 | 2 |
| 3 | 5 | 2 | C | 8 | B | D | E | 0 | 9 | 4 | 7 | A | 6 | 1 |
| 7 | 9 | 8 | 2 | E | 1 | 3 | 5 | A | B | 6 | D | 4 | 0 | C |
| 1 | 4 | C | 0 | 5 | D | 6 | 7 | B | A | 2 | 3 | 8 | E | 9 |
| 0 | A | D | 9 | 3 | 6 | 2 | 8 | 4 | E | C | 1 | B | 7 | 5 |
| 8 | C | 9 | 6 | D | E | 5 | B | 2 | 7 | 1 | 4 | 3 | A | 0 |
| D | 1 | A | 8 | 7 | 5 | 0 | 4 | 6 | 2 | 3 | E | 9 | C | B |
| 4 | 6 | B | 1 | 0 | 2 | E | A | 3 | C | D | 9 | 5 | 8 | 7 |
| 5 | 0 | 3 | B | C | 4 | 7 | 9 | D | 6 | 8 | A | 2 | 1 | E |
| 2 | E | 7 | 3 | 9 | A | 1 | C | 8 | 5 | 0 | B | 6 | 4 | D |

ଗତକାଲିର ଉତ୍ତର

# ବିଭାଜନର ପାଚେରି



ନାରାୟଣ ପଣ୍ଡା

ସ୍ୱାଧୀନତା ପୂର୍ବରୁ ଦେଶର ଦୁର୍ବଳବର୍ଗଙ୍କ ଉପରେ ଐତିହାସିକ ଶୋଷଣ, ଅସମାନତା ଓ ପାତରଅନ୍ତର ନୀତି ଯୋଗୁ ସେମାନେ ସାମାଜିକ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିଲେ। ସେମାନଙ୍କୁ ବଞ୍ଚିତ କରି ରଖିବାର ଏକ ବିଳାସ ଥିଲା ସବର୍ଣ୍ଣ ଓ ସ୍ୱଚ୍ଛଳବର୍ଗମାନଙ୍କର। ସ୍ୱାଧୀନତା ପ୍ରାପ୍ତି ପରେ ଆଇନସିଦ୍ଧ ଭାବରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ନିମନ୍ତେ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ସୃଷ୍ଟି ହେଲା। ୧୯୮୦ଠାରୁ ପଛୁଆ ଜାତି ଏହାର ଅନ୍ତର୍ଭୁକ୍ତ ହେଲେ। ଦେଶ ସ୍ୱାଧୀନ ହେବାର ଦୀର୍ଘ ୭୦ ବର୍ଷ ପରେ ଆର୍ଥିକ ଦୁର୍ବଳ ଶ୍ରେଣୀର ସାଧାରଣବର୍ଗର ଲୋକଙ୍କ ନିମନ୍ତେ ୧୦ ପ୍ରତିଶତ ସୁବିଧା ସୁଯୋଗ ଉପଲବ୍ଧ ହୋଇଛି। ଉନ୍ମୁକ୍ତ ହୋଇଛି ସମସ୍ତଙ୍କ ପାଇଁ ବିକାଶର ଦରଜା। ସମ୍ବିଧାନ ଦ୍ୱାରା ସ୍ୱୀକୃତ ଏହି ସମସ୍ତ ସଂରକ୍ଷଣ ସୁବିଧା ସମ୍ପୃକ୍ତ ବର୍ଗର ଶୈକ୍ଷିକ, ସାମାଜିକ ଓ ଆର୍ଥିକ କ୍ଷେତ୍ରର ବିକାଶ ସାଧନ ନିମନ୍ତେ ଅଭିପ୍ରେତ। ଏହାଦ୍ୱାରା ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରୁଛି। ବର୍ତ୍ତମାନ କେନ୍ଦ୍ର ସରକାର ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ସାଧାରଣ ବର୍ଗଙ୍କ ପାଇଁ ଯଥାକ୍ରମେ ୪୧, ୨୨, ୨୭ ଓ ୧୦ ପ୍ରତିଶତ ସଂରକ୍ଷଣ ଜାରି ରଖିଛନ୍ତି।

ବିଡମ୍ବନାର ବିଷୟ, ଦେଶରେ ଭିନ୍ନ ଏକ ପ୍ରକାର ସଂରକ୍ଷଣ ସମ୍ପ୍ରତି ଅଞ୍ଚଳ ଅଞ୍ଚଳ ଓ ରାଜ୍ୟ ରାଜ୍ୟ ମଧ୍ୟରେ ବିଭାଜନର ପାଚେରି ସୃଷ୍ଟି କରୁଛି। 'ଗୋଟିଏ ଦେଶ, ଗୋଟିଏ ସମ୍ବିଧାନ, ଗୋଟିଏ ଧ୍ୱଜା ଓ ଗୋଟିଏ ଜାତୀୟ ସଙ୍ଗୀତ'ର ଆହ୍ୱାନ ଦିଆଯାଇ ଜମ୍ମୁ–କଶ୍ମୀର ଓ ଅବଶିଷ୍ଟ ଦେଶ ମଧ୍ୟରେ ଥିବା ଦୀର୍ଘଦିନର ବିଭାଜନର ପାଚେରି ଭାଙ୍ଗି ଦିଆଗଲା। ଗୋଟିଏ ପାଚେରି ଭାଙ୍ଗିଯାଇଛି ସତ, କିନ୍ତୁ ଦେଶଯାକ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସବୁଠି ଗଢିଉଠୁଛି ଭିନ୍ନ ଭିନ୍ନ ପାଚେରି। ଏ ପାଚେରି ଆଞ୍ଚଳିକତାର। ଭୋଟବ୍ୟାଙ୍କ ରାଜନୀତି ପାଇଁ ଜାତି ଓ ଧର୍ମ ଭିତ୍ତିରେ ସୃଷ୍ଟି ହେଉଥିବା ପାଚେରି। ଏବେ ସମଗ୍ର ଭାରତର ଭୂମିପଟରେ ଆଞ୍ଚଳିକତାବାଦ ଏତେ ଭୟଙ୍କର ଓ ଉନ୍ମତ୍ତ ଭାବରେ କାୟାବିସ୍ତାର କରୁଛି ଯାହାର ସୁଦୂରପ୍ରସାରୀ ଫଳାଫଳ ଦିନେ ଭାରତୀୟ ଜନଜୀବନକୁ ଭୟାନକ ଭାବେ ପ୍ରଭାବିତ କରିବ।

ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ କମଳନାଥ ଘରୋଇ କ୍ଷେତ୍ରରେ ୭୦ ପ୍ରତିଶତ ଚାକିରି ରାଜ୍ୟର ଅଧିବାସୀମାନଙ୍କ ପାଇଁ ସଂରକ୍ଷିତ ରଖିଥିବାବେଳେ କ୍ଷମତାସୀନ ହେବାପରେ ଆନ୍ଧ୍ରବାସୀଙ୍କ ପାଇଁ ୭୫ ପ୍ରତିଶତ ଚାକିରି ସଂରକ୍ଷିତ କରିବା ପାଇଁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ। ମହାରାଷ୍ଟ୍ରର ମୂଳ ମରାଠୀ ଅଧିବାସୀମାନଙ୍କ ଅଧିକାର ପାଇଁ ଶିବସେନା ଓ ମହାରାଷ୍ଟ୍ର ନବନିର୍ମାଣ ସେନା ସର୍ବଦା ଦୃଢ ଦାବି ରଖି ଆସୁଛନ୍ତି। ଗୁଜରାଟ ସରକାର ଅନୁରୂପ ଭାବେ ରାଜ୍ୟ ଶିଳ୍ପକ୍ଷେତ୍ରର ୮୦ଭାଗ ଚାକିରି ଗୁଜରାଟୀଙ୍କ ପାଇଁ ସଂରକ୍ଷିତ ରଖିବା ଲାଗି ଆଇନ ଆଣୁଛନ୍ତି। ସବୁ ରାଜ୍ୟର ସରକାର ଓ ଜନସାଧାରଣ ଚାହାନ୍ତି ଆପଣା ଆପଣା ସ୍ୱାର୍ଥ। ବର୍ତ୍ତମାନ ଦେଶର ନାଗରିକତାକୁ ମାଟିର ସନ୍ତାନ ଓ ବାହାର ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଉଛି। ଆମର ଜାତୀୟତାବାଦୀମାନେ ପୂର୍ବରୁ ଜମ୍ମୁ–କଶ୍ମୀରର ୩୭୦ ଧାରାକୁ ବିରୋଧ କରି ଆସୁଥିଲେ ମଧ୍ୟ ବର୍ତ୍ତମାନ ଅନ୍ୟ ରାଜ୍ୟଗୁଡିକ ନିଜ ରାଜ୍ୟ ପାଇଁ ଚାକିରି ସଂରକ୍ଷଣ କରି ଅନ୍ୟ ରାଜ୍ୟରୁ ଆଗତ ନାଗରିକଙ୍କ ନିଯୁକ୍ତି ଓ ସୁବିଧା ରୁଦ୍ଧ କରୁଥିବାବେଳେ ସେମାନେ ନୀରବ ରହୁଛନ୍ତି। ଭାରତରେ ଅନେକ ରାଜ୍ୟ ନିଜର ଭୋଟ ବ୍ୟାଙ୍କ ତଥା ସଂକୀର୍ଣ୍ଣ ସ୍ୱାର୍ଥ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଦାବି କରିଆସୁଛନ୍ତି। ଭବିଷ୍ୟତରେ ଏହି ଭୋଟବ୍ୟାଙ୍କ ରାଜନୀତି ଜାତି ଓ ଧର୍ମ ପରିଚୟରେ ଭୟାନକ ଅସନ୍ତୁଳନ ସୃଷ୍ଟି କରିବ, ଏହାର ବିଷକ୍ରିୟା ଆରମ୍ଭ ହୋଇଗଲାଣି।

ଦେଶବିଦେଶର ବହୁରାଷ୍ଟ୍ରୀୟ କମ୍ପାନୀମାନେ ଯୋଗ୍ୟତାଭିତ୍ତିରେ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରଯୁକ୍ତିବିଦ୍ୟାର ସମର୍ଥ ଯନ୍ତ୍ରୀମାନଙ୍କୁ ବ୍ୟବସାୟିକ ସଫଳତା ପାଇଁ ନିଯୁକ୍ତି ଦେଇଥାନ୍ତି। ଏହି ଯନ୍ତ୍ରୀମାନେ କ'ଣ ସମ୍ପୃକ୍ତ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରୁଛନ୍ତି? କର୍ଣ୍ଣାଟକର 'କନ୍ନଡ ରକ୍ଷଣ ବେଦିକା' ଏହାକୁ ବିରୋଧ କରେ। ଦେଶର ରାଷ୍ଟ୍ରାୟତ୍ତ ଶିଳ୍ପପ୍ରତିଷ୍ଠାନମାନଙ୍କରେ ଭେଦାଭେଦ ଓ ବିରୋଧର ଏକାନ୍ତ ପରିହାର ଆବଶ୍ୟକ। ଆମ ଦେଶ ବହୁଜାତି, ବହୁଧର୍ମ ସମ୍ବଳିତ ଏକ ପ୍ରାଚୀନ ମହାନ୍ ପରମ୍ପରା ଓ ସଂସ୍କୃତିର ଦେଶ। ବିଭିନ୍ନତା ମଧ୍ୟରେ ଏକତା ଏ ଦେଶର ବୈଶିଷ୍ଟ୍ୟ। ଜିଲା ଓ ରାଜ୍ୟଭିତ୍ତିକ ଚାକିରି ଛଡା କେନ୍ଦ୍ରୀୟ ଓ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକରେ ସ୍ଥାନ ନିର୍ବିଶେଷରେ ପ୍ରାର୍ଥୀମାନେ ନିଯୁକ୍ତି ପାଇବା ଅସାମ୍ବିଧାନିକ ନୁହେଁ। କୋଲକାତାର ମାରୱାଡିମାନେ ସମ୍ପୃକ୍ତ ଅଞ୍ଚଳର ଆର୍ଥିକ ବିକାଶ ପାଇଁ ଅବଦାନ ରଖିଥାନ୍ତି, ଯେପରି ପାର୍ସୀମାନେ ବମ୍ବେରେ।

ଅନ୍ୟ ଏକ ବିଭେଦର ପାଚେରି ଆମ ରାଜନେତାମାନେ ଗଢିଚାଲିଛନ୍ତି। ତାହା ହେଲା ଦେଶରେ ବାସ କରୁଥିବା ଲକ୍ଷ ଲକ୍ଷ ବିଦେଶୀ ଅଣନାଗରିକଙ୍କୁ ଯେନତେନ ପ୍ରକାରେଣ ଭୋଟ ଅଧିକାର ପ୍ରଦାନ କରି ନିଜର ସଂକୀର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ସିଦ୍ଧ କରିବା। ଦେଶରେ ଏବେ ଲକ୍ଷ ଲକ୍ଷ ଅବାଞ୍ଛିତ ଶରଣାର୍ଥୀ ବାସକରୁଥିବା ସ୍ପଷ୍ଟ ହୋଇଗଲାଣି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଉକ୍ତ ରାଜନେତାମାନଙ୍କ ସାହାଯ୍ୟରେ ଫଟୋ ପରିଚୟ ପତ୍ର, ଆଧାରକାର୍ଡ ଆଦି ହାସଲକରି ଅସଲ ନାଗରିକର ଭ୍ରମ ସୃଷ୍ଟି କରୁଛନ୍ତି। ବିଭିନ୍ନ ଦେଶରୁ ଆସୁଥିବା ଶରଣାର୍ଥୀଙ୍କ ପାଇଁ ଭାରତକୁ ଧର୍ମଶାଳାରେ ପରିଣତ କରାଯାଉଛି। କେବଳ ଭୋଟବ୍ୟାଙ୍କ ପାଇଁ ଉକ୍ତ ଅନୈତିକ ବ୍ୟାପାରର ସର୍ଜନା। ସେମାନଙ୍କ ଥଇଥାନ ଦ୍ୱାରା ଦେଶର ଲୋକଙ୍କ ଭାତ ଉପରେ ଭାଗ ବସୁଛି। ପ୍ରେମ ଓ ସହିଷ୍ଣୁତା ଏବେ ନିର୍ବାସିତ। ଭୋଟବ୍ୟାଙ୍କର ମାୟାଜାଲରେ ଆମଦେଶର ନେତାମାନେ ପଡି ଏହି ନୀତିଆଦର୍ଶରୁ ବିଚ୍ୟୁତ ହେବା ଆତ୍ମଘାତୀ ହେବ। ଭାରତର ସଂସ୍କୃତି ଉଦାର ହେଲେ ମଧ୍ୟ ନିର୍ଦ୍ଦିଷ୍ଟ ସୀମା ଅତିରିକ୍ତ ଦେଶାନ୍ତରୀମାନଙ୍କୁ ଶରଣ ଦେବା ଭବିଷ୍ୟତରେ ସମସ୍ୟା ସୃଷ୍ଟି କରିପାରେ।

ସ୍ୱାଧୀନ ଭାରତର ପ୍ରତିଷ୍ଠାତାମାନେ ନାଗରିକତାର ଉଦାର ବ୍ୟାଖ୍ୟା କରିଥିଲେ– ପ୍ରତ୍ୟେକ ମଣିଷ ମାନବିକତାର ନାଗରିକ, ଯେପରି ବେଦରେ କୁହାଯାଇଛି 'ତେ ହି ପୁତ୍ରାସୋ ଅଦିତେଃ ପ୍ରଜୀବସେ ମର୍ତ୍ତ୍ୟାୟ, ଜ୍ୟୋତିର୍ଯଚ୍ଛନ୍ତ୍ୟଜସ୍ରମ୍। (ଯଜୁର୍ବେଦ ୩/୧୩)। ଅଦିତି ବା ଭୂମି ଉପରେ ଜନ୍ମ ନେଇଥିବା ସମସ୍ତ ମନୁଷ୍ୟ ଭୂମିପୁତ୍ର ନୁହନ୍ତି। ଯେଉଁମାନେ ମାନବଜାତିର ମଙ୍ଗଳ ପାଇଁ କାର୍ଯ୍ୟକରନ୍ତି, ସେହିମାନେ ହିଁ ପ୍ରକୃତ ଭୂମିପୁତ୍ର। ଭୂମି ବା ଅଦିତି ଅଖଣ୍ଡନୀୟା। ଏହାକୁ ଶାସନଗତ ଓ ବ୍ୟାବହାରିକ ସୁବିଧା ପାଇଁ ଦେଶ ଓ ପ୍ରଦେଶରେ ବିଭକ୍ତ କରାଯାଇଥାଏ ସତ, ଏ ବିଭାଜନ କିନ୍ତୁ କୃତ୍ରିମ। ଦେଶର ଏକତା, ଅଖଣ୍ଡତା ଓ ଭାଇଚାରାର ଦ୍ୱାହିଦେଇ ସମ୍ବିଧାନର ଲକ୍ଷ୍ମଣରେଖା ଅତିକ୍ରମ କରା ନ ଯାଉ।

ନୂଆବନ୍ଧସାହି, ନବରଙ୍ଗପୁର,
ମୋ– ୯୪୩୭୧୧୮୯୬୨

# ଓଜନ–ମାପ: ସେକାଳ ଓ ଏକାଳ



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ମୋର ପୂର୍ବ ନିବନ୍ଧ (ଧରିତ୍ରୀ ୧୫।୨) ପଢ଼ି କିଛି ପାଠକଙ୍କ ଅନୁରୋଧକ୍ରମେ ଆଉ କିଛି ବାକି ରହିଯାଇଥିବା କଥା ଲେଖିବାକୁ ବାଧ୍ୟ ହେଲି। ପୂର୍ବେ ଗାଁଗଣ୍ଡାରେ କାନ୍ଥଘଣ୍ଟା, ଟେବୁଲ ଘଣ୍ଟା ବା ହାତବନ୍ଧା ଘଡ଼ିର ବ୍ୟବହାର କ୍ୱଚିତ୍ ଦେଖିବାକୁ ମିଳୁଥିଲା। ଆକାଶରେ ସୂର୍ଯ୍ୟଙ୍କ ସ୍ଥିତି ଦେଖି ସମୟ ବା ବେଳ କୁହାଯାଉଥିଲା। ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସମୟକୁ ଦିନର ୪ ପ୍ରହର ଓ ସୂର୍ଯ୍ୟାସ୍ତରୁ ପରଦିନ ସୂର୍ଯ୍ୟୋଦୟ ସମୟକୁ ରାତ୍ରିର ୪ ପ୍ରହର କୁହାଯାଏ। ୩ ଘଣ୍ଟାକୁ ଏକ ପ୍ରହର ଧରାଯାଉଥିଲା। ସକାଳ ୪ଟାରୁ ୫ଟା ସମୟକୁ କୁହାଯାଉଥିଲା ଭୋର ବା ଝିଟିଝିଟିଆ। ୫ଟାରୁ ୭ଟା ସମୟକୁ କୁହାଯାଉଥିଲା ସକାଳ। ସୂର୍ଯ୍ୟ ମୁଣ୍ଡ ଉପରେ ଦେଖାଯିବା ସମୟକୁ କୁହାଯାଉଥିଲା ଦିନ ଦିପ୍ରହର, କେହି କେହି ସେ ସମୟକୁ କହୁଥିଲେ, ଗାଧୁଆ ବେଳ, କାରଣ ସେ ସମୟରେ ଲୋକେ କୃଷି କ୍ଷେତ୍ରରୁ ବାହୁଡି ଗାଧୁଆପାଧୁଆ କରନ୍ତି। ଘର ଚାଳର ଛାଇ ଚିହ୍ନ ଦେଖି ପିଲାମାନେ ୧୦ଟା ବେଳେ ବିଦ୍ୟାଳୟ ଯାଆନ୍ତି। ଦିନ ୧୨ଟାରୁ ଅପରାହ୍ଣ ୩ଟା ସମୟକୁ କୁହାଯାଉଥିଲା ଖରାବେଳ। ୩ଟାରୁ ଅପରାହ୍ଣ ୫ଟା ସମୟକୁ କୁହାଯାଏ ଉପରବେଳା ବା ଛାଇଲେଉଟା। ସନ୍ଧ୍ୟାବେଳେ ଯେତେବେଳେ ଗୋରୁଗୋଠ ଘର ବାହୁଡି ଆସିବା ସମୟରେ ଦାଣ୍ଡରେ ଧୂଳି ଉଡେ, ତାକୁ କୁହନ୍ତି ଗୋଧୂଳି ସମୟ। ଯେତେବେଳେ ମୁହଁ ଅନ୍ଧାର ଦିଶେ, ତାକୁ କହନ୍ତି ସଞ୍ଜବେଳ ଅର୍ଥାତ୍ ସେତେବେଳେ ସଞ୍ଜବତି ଜଳାଯାଏ। ଗାଁଗହଳରେ ପ୍ରାୟ ରାତି ୯ଟାରେ ବିଲୁଆମାନେ ଭୁକନ୍ତି। ସେ ଶବ୍ଦ ଶୁଣି ଲୋକେ କହନ୍ତି ରାତି ପ୍ରହରେ ହେଲା। ରାତ୍ରିରେ ପରିସ୍ରା ପାଇଁ ଉଠି, ଆକାଶକୁ ଚାହିଁ କୁଆଁତାରା ଦେଖିଲେ କୁହନ୍ତି ପାହାନ୍ତିଆ ସମୟ ହେଲା।

ବର୍ତ୍ତମାନ ପ୍ରଚଳିତ ମିଟର–କିଲୋଗ୍ରାମ୍–ସେକେଣ୍ଡ (ଏମ୍‌କେଏସ୍) ବା ମେଟ୍ରିକ ମାପ ପ୍ରଣାଳୀ। ଏବେ ଦୈର୍ଘ୍ୟର ଏକକ ମିଟର, ଓଜନର ଏକକ କିଲୋଗ୍ରାମ୍ ଓ ସମୟର ଏକକ ସେକେଣ୍ଡ। ପୂର୍ବେ ଓଜନର ଏକକ ପାଉଣ୍ଡ ଥିଲେ ମଧ୍ୟ ହାଟବଜାରରେ ଓଜନ ପ୍ରକାଶ କରାଯାଉଥିଲା ମହଣ, ସେର, ଛଟାଙ୍କି, ତୋଳା ଇତ୍ୟାଦିରେ। ଏପରିକି ଦୁଇ ପ୍ରକାର ସେର ମଧ୍ୟ ବ୍ୟବହାର କରାଯାଉଥିଲା। ଯେଉଁ ସେରର ଓଜନ ୧୦୫ ତୋଳା ତାକୁ କୁହାଯାଉଥିଲା କଟକୀ ସେର। ୧୦୦ ତୋଳା ପାଖାପାଖି ଆଉ ଏକ ସେର ବଜାରରେ ଦେଖିବାକୁ ମିଳୁଥିଲା, ଯାହାକୁ କୁହାଯାଉଥିଲା ବାଲେଶ୍ୱରୀ ସେର। ପାଉଣ୍ଡ ଓ ସେର ମଧ୍ୟରେ ସମ୍ବନ୍ଧ ବଡ଼ ଜଟିଳ ଥିଲା, ଯେପରି ଏକ ସେର = ୨.୦୫ ପାଉଣ୍ଡ। ଏବେ ଓଜନ ମାପ ପ୍ରଣାଳୀରେ ସର୍ବତ୍ର ଓଜନ ହେଉଛି କେବଳ ଗ୍ରାମ୍‌ରେ (କିଲୋଗ୍ରାମ୍‌ରୁ ମିଲିଗ୍ରାମ୍ ପର୍ଯ୍ୟନ୍ତ)। ଜଳର ଆୟତନକୁ ଓଜନରେ ପ୍ରକାଶ କରିବା ପୂର୍ବେ ଜଟିଳ ଥିଲା। ଯେପରି ଏକ ଘନଫୁଟ ଜଳର ଓଜନ ୬୨.୪ ପାଉଣ୍ଡ। ଏବେ ତାହା ସରଳ କରାଗଲା। ଯେପରି ଏକ ଘନମିଟର ଜଳର ଓଜନ ୧୦୦୦ କିଲୋଗ୍ରାମ୍। ପୂର୍ବେ ଏକ ଗ୍ୟାଲେନ ଜଳର ଓଜନ ଥିଲା ପାଖାପାଖି ୫ ସେରରୁ କମ୍, ତାହା ସହଜ ହୋଇ ଏବେ ହେଲା ଏକ ଲିଟର ଜଳର ଓଜନ ଏକ କିଲୋଗ୍ରାମ୍ ଓ ଏକ ମିଲିଲିଟର ଜଳର ଓଜନ ଏକ ଗ୍ରାମ୍। ଏକ ଏକର ଜମିର କ୍ଷେତ୍ରଫଳ ଥିଲା ୪୩,୫୬୦ ବର୍ଗଫୁଟ (୪୮୪୦ ବର୍ଗ ଗଜ), ଏବେ ଏକ ହେକ୍ଟର ଜମିର କ୍ଷେତ୍ରଫଳ (୧୦୦ମି x ୧୦୦ ମି) ହେଲା ୧୦,୦୦୦ ବର୍ଗମିଟର। ପୂର୍ବେ ଏକ ସେର ସୁନା ଓଜନ ଥିଲା ୧୦୫ ତୋଳା (ଭରି) ବା ୮୪୦ ରତି କିନ୍ତୁ ଏବେ ଏକ କିଲୋଗ୍ରାମ୍ ସୁନାର ଓଜନ ହେଲା ୧୦୦୦ ଗ୍ରାମ୍। ପୂର୍ବେ ଯେଉଁ ବାୟୁମଣ୍ଡଳୀୟ ଚାପ ବର୍ଗଇଞ୍ଚକୁ ୧୪.୭ ପାଉଣ୍ଡ ବୋଲି ପ୍ରକାଶ କରାଯାଉଥିଲା, ଏବେ ତାକୁ ସହଜରେ ପ୍ରକାଶ କରାଗଲା– ବର୍ଗ ସେଣ୍ଟିମିଟରକୁ ଏକ କିଲୋଗ୍ରାମ୍। ବାୟୁମଣ୍ଡଳୀୟ ଚାପ ସର୍ବତ୍ର ଓ ସବୁବେଳେ ସମାନ ନ ଥାଏ। ବର୍ତ୍ତମାନ ଦୈର୍ଘ୍ୟ ମପାଯାଉଛି କେବଳ ମିଟରରେ (ଏକ ମିଟର = ୩.୨୮ ଫୁଟ୍)। ୧୦୦୦ ମିଟରକୁ କୁହାଯାଉଛି ଏକ କିଲୋମିଟର (ଏକ କିଲୋମିଟର = ୦.୬୨୫ ମାଇଲ) ଓ ଏକ ମିଟରର ୧୦୦୦ ଭାଗରୁ ଏକ ଭାଗକୁ କୁହାଯାଉଛି ଏକ ମିଲିମିଟର। କୁହାଯାଉଛି ଭୁବନେଶ୍ୱରରୁ ପୁରୀ ୬୦ କିଲୋମିଟର। ଝଡ଼ର ବେଗ ଘଣ୍ଟାକୁ ୨୦୦ କିଲୋମିଟର। ୧୦୦ ମିଲିମିଟର ବର୍ଷାରେ ସହର ରାସ୍ତା ବୁଡ଼ିଗଲା ଇତ୍ୟାଦି। ଜମିବାଡ଼ି ମପାଯାଉଛି ୩୦ ମିଟର ଦୈର୍ଘ୍ୟ ଫିତାରେ ଓ କ୍ଷେତ୍ରଫଳ ପ୍ରକାଶ କରାଯାଉଛି ହେକ୍ଟର (ଏକ ହେକ୍ଟର = ୨.୪୭ ଏକର)ରେ। ଗୋଡି, ବାଲି, ମାଟିର ପରିମାଣ ପ୍ରକାଶ କରାଯାଉଛି ଘନମିଟର (ଏକ ଘନମିଟର = ୩୫.୨୮ ଘନଫୁଟ)ରେ। ଯେପରି ଟ୍ରକ ଡାଲାରେ ବାଲି ବୋଝେଇ ହୁଏ ୬ ସିଏମ୍ ବା ୬ ଘନମିଟର। ତରଳ ପଦାର୍ଥ ମପାଯାଉଛି କେବଳ ଲିଟର (୧ ଲିଟର = ୦.୨୬୪ ଗ୍ୟାଲେନ)ରେ। କୁହାଯାଉଛି ବ୍ୟାରେଲରେ ଡିଜେଲ ଅଛି ଏକ କିଲୋଲିଟର (୧ କିଲୋଲିଟର = ୧୦୦୦ ଲିଟର), କ୍ଷୀର ଲିଟର ୪୦ ଟଙ୍କା ଇତ୍ୟାଦି। ଲିଟରର ୧୦୦୦ ଭାଗରୁ ଏକ ଭାଗକୁ କୁହାଯାଉଛି ଏକ ମିଲିଲିଟର ବା ୧ଏମ୍‌ଏଲ୍, ଯେପରି ୫୦୦ ମିଲିଲିଟର କ୍ଷୀରର ଦାମ୍ ୨୦ ଟଙ୍କା।

ଏବେ ଯେ କୌଣସି ପଦାର୍ଥର ଓଜନ ପ୍ରକାଶ କରାଯାଉଛି କେବଳ ଗ୍ରାମ୍‌ରେ। ଓଜନିଆ ପଦାର୍ଥକୁ ମପାଯାଉଛି କିଲୋଗ୍ରାମ୍ (୧ କିଲୋଗ୍ରାମ୍ = ୧୦୦୦ ଗ୍ରାମ୍)ରେ ଓ ଛୋଟ ପଦାର୍ଥ ଓଜନ ହେଉଛି ମିଲିଗ୍ରାମ୍ (୧ ମିଲିଗ୍ରାମ୍= ଗ୍ରାମ୍‌ର ୧୦୦୦ ଭାଗରୁ ଏକ ଭାଗ)ରେ। ଯେପରି ଏକ କିଲୋଗ୍ରାମ୍ ଚାଉଳର ଦାମ୍ ୨୦ ଟଙ୍କା, ୫୦୦ ମିଲିଗ୍ରାମ୍ ସୁନାର ଦାମ୍ ୨୦୦୦ ଟଙ୍କା ଇତ୍ୟାଦି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ପୂର୍ବେ ପ୍ରଚଳିତ ୧ ଭରି ବା ୧ ତୋଳାର ଓଜନ ହେଉଛି ୧୨.୬୬ ଗ୍ରାମ୍। ଜଳରେ ଦ୍ରବୀଭୂତ ପଦାର୍ଥକୁ ପୂର୍ବେ ପ୍ରକାଶ କରାଯାଉଥିଲା ପିପିଏମ୍ (ନିୟୁତାଂଶ)ରେ କିନ୍ତୁ ଏବେ ତାହା ପ୍ରକାଶ କରାଯାଉଛି ଲିଟର ପିଛା କେତେ ମିଲିଗ୍ରାମ୍ ପଦାର୍ଥ। ଯେପରି ଟ୍ୟାପ୍‌ରେ ଆସୁଥିବା ଜଳରେ ଗୋଳିଆ ଭାଗ ଲିଟର ପିଛା ୩୦ ମିଲିଗ୍ରାମ୍, ପୂର୍ବେ ଜଳସ୍ରୋତ ମପାଯାଉଥିଲା କ୍ୟୁସେକ୍ ବା ସେକେଣ୍ଡକୁ କେତେ ଘନଫୁଟ। କିନ୍ତୁ ଏବେ ପ୍ରକାଶ କରାଯାଉଛି କ୍ୟୁମେକ୍ ବା ସେକେଣ୍ଡକୁ କେତେ ଘନମିଟର। ଯେପରି କୁହାଯାଏ ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ ହେଉଛି ୫୦ କ୍ୟୁମେକ୍।

ପୂର୍ବେ ପ୍ରଚଳିତ ମୁଦ୍ରା ସବୁ ଥିଲା ଟଙ୍କା, ଅଧୁଲି, ସିଉକି, ଅଣି ଇତ୍ୟାଦି କିନ୍ତୁ ଏବେ ପ୍ରଚଳିତ ମୁଦ୍ରା ଟଙ୍କିକିଆ, ଦୁଇଟଙ୍କିଆ, ପାଞ୍ଚଟଙ୍କିଆ, ଦଶଟଙ୍କିଆ ଓ ଖୁଚୁରା ୫୦ ପଇସି। ଯେହେତୁ ଆଉ ଟଙ୍କା ଅଣାର ପ୍ରଚଳନ ନାହିଁ। ଏବେ ପଣିକିଆରେ ଆଉ କାହାଣ, ପଣ ଶିଖାଯାଉ ନାହିଁ। ପୂର୍ବେ ଅମଳ ଧାନ ପ୍ରକାଶ କରାଯାଉଥିଲା ଭରଣ, ଗୌଣୀ ବା ବସ୍ତାରେ। ୬୪ ସେର ଓଜନ ଚାଉଳ ଥିବା ଅଖାକୁ ବସ୍ତାଏ କୁହାଯାଉଥିଲା। ଏବେ ବସ୍ତାଏ କହିଲେ ଏକ କୁଇଣ୍ଟାଲ ଓଜନ ଧାନ ଧରୁଥିବା ଅଖା। ଏବେ ଜମିରୁ ଉତ୍ପନ୍ନ ଧାନକୁ ପ୍ରକାଶ କରାଯାଉଛି କୁଇଣ୍ଟାଲ ବା ବସ୍ତାରେ।

କୋଟିତୀର୍ଥ, ଭୁବନେଶ୍ୱର,
ମୋ–୭୦୦୮୮୪୬୨୭୨

## ଏଇ ଭାରତରେ

ଭୟରେ ଥାନା ଦୁଆରମୁହଁ ମାଡୁ ନ ଥିବା ଆଦିବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛି ରାଜସ୍ଥାନ ପୋଲିସ। ଉଦୟପୁର ରେଞ୍ଜର ମହାନିରୀକ୍ଷକ ବିନୀତା ଠାକୁର୍ ଓ ଡୁଙ୍ଗରପୁର ଜିଲା ପୋଲିସ ଅଧୀକ୍ଷକ ଜୟ ଯାଦବ ସପ୍ତାହରେ ଗୋଟିଏ ଦିନ ଆଦିବାସୀ ଗାଁକୁ ଯାଇ ସେଠାରେ ପିଲାମାନଙ୍କୁ ପଢାଉଛନ୍ତି। ପୋଲିସ ଅଧିକାରୀମାନେ ଛୋଟ ପିଲାମାନଙ୍କୁ ପ୍ରାରମ୍ଭିକ ସ୍ତରର ଶିକ୍ଷା ପ୍ରଦାନ କରୁଛନ୍ତି। ଏହା ବ୍ୟତୀତ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କୁ ବିଭିନ୍ନ ବିଷୟ ପଢାଇବା ସହ ସେମାନଙ୍କୁ ସରକାରୀ ଚାକିରି ସମ୍ପର୍କରେ ଅବଗତ ମଧ୍ୟ କରୁଛନ୍ତି। କେବଳ ଏତିକିନୁହେଁ, ଆଦିବାସୀଙ୍କ ଉନ୍ନତିପାଇଁ କରାଯାଇଥିବା ଯୋଜନା ବିଷୟରେ ଏମାନେ ସଚେତନ କରୁଛନ୍ତି। ସମୟ ସମୟରେ ପୋଲିସ ଅଧିକାରୀମାନେ ପିଲାମାନଙ୍କୁ ବାହାରକୁ ବୁଲାଇବା ଲାଗି ମଧ୍ୟ ନେଉଛନ୍ତି ଓ ପିଲାମାନେ ଏମାନଙ୍କୁ 'ପୋଲିସ ଗୁରୁ' ବା 'ପୋଲିସ ଚାଚା' ବୋଲି ସମ୍ବୋଧନ କରୁଛନ୍ତି। ଉକ୍ତ ଅଧିକାରୀମାନେ ପିଲାମାନଙ୍କ ସହ ମଧ୍ୟାହ୍ନଭୋଜନ କରୁଛନ୍ତି। ଏମିତି କି ଜୟ ଯାଦବ ଗୋଟିଏ ଦିନ ରାତିରେ ଆଦିବାସୀଙ୍କ ସାଥିରେ ରହୁଛନ୍ତି। ଏହି ସମୟରେ ସେ ଆଦିବାସୀ ସଂସ୍କୃତି ସମ୍ପର୍କରେ ଜାଣିବା ସହ ସେମାନଙ୍କୁ ଅନ୍ଧବିଶ୍ୱାସ ଯୋଗୁ ହେଉଥିବା କ୍ଷତି ସମ୍ପର୍କରେ ଅବଗତ କରୁଛନ୍ତି। ସେହିପରି ବାଂଶବାଡା ପୋଲିସ ଅଧୀକ୍ଷକ କେଶର ଶେଖାୱତ ତାଙ୍କ ଅଞ୍ଚଳରେ ସରକାରୀ ସ୍କୁଲକୁ ଯାଇ ପିଲାମାନଙ୍କୁ ଗଣିତ ପଢାଉଛନ୍ତି। ଏହି ବରିଷ୍ଠ ଅଧିକାରୀମାନେ ଥାନା ଅଧିକାରୀମାନଙ୍କ ଦ୍ୱାରା ଗରିବ ପିଲାମାନଙ୍କୁ ବହି, ଖାତା ଓ ୟୁନିଫର୍ମ ମଧ୍ୟ ଯୋଗାଇଦେଉଛନ୍ତି।

## ଚିରନ୍ତନୀ

ସୂକ୍ଷ୍ମ ତବ ପରଶ ଲାଗୁ
ରୁକ୍ଷ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ। (ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨ ମାର୍ଚ୍ଚ ୧୯୯୫

- ଯୁଗୋସ୍ଲୋଭିଆଠାରୁ ଅଲଗା ହେବାର ୩ ବର୍ଷ ପରେ ବୋସନିଆ ପ୍ରଥମ ଥର ପାଇଁ ତା'ର ସ୍ୱାଧୀନତା ଦିବସ ପାଳନ କରିଛି।
- ସୋମାଲିଆରେ ମୁତୟନ ହୋଇଥିବା ଜାତିସଂଘ ସୈନ୍ୟ ମଧ୍ୟରେ ଆମେରିକାର ୧୮୦୦ ଓ ଇଟାଲୀର ୪୦୦ ସୈନ୍ୟ ପ୍ରତ୍ୟାହାର କରିନିଆଯାଇଛି।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୨୩– ପୁରୀ ଜିଲା ପିପିଲି ଓ ବଳଙ୍ଗା ଅଞ୍ଚଳରେ ଏକ ଦନ୍ତାହାତୀ ଉପଦ୍ରବରେ ୪ଜଣଙ୍କ ମୃତ୍ୟୁ ଘଟିଛି।

୨୪– ଦୁଇଦେଶ ମିଳିତଭାବେ ଇସ୍‌ଲାମିକ୍ ଆତଙ୍କବାଦର ମୁକାବିଲା କରିବେ ବୋଲି ଅହମଦାବାଦର ମୋଟେରା ଷ୍ଟାଡିୟମ୍‌ରେ ଅନୁଷ୍ଠିତ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି।

୨୫– ସ୍ତ୍ରୀ ଉଷାଶ୍ରୀଙ୍କୁ ହତ୍ୟା ପରେ ୩ଶହ ଖଣ୍ଡ କରି କାଟିଥିବା ଅବସରପ୍ରାପ୍ତ ସେନା ଡାକ୍ତର ସୋମନାଥ ପରିଡ଼ାଙ୍କୁ ଖୋର୍ଦ୍ଧା ଜିଲା ଦୌରାଜଜ୍ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

* ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ଭାରତ ଗସ୍ତ ଅବସରରେ ଭାରତ ଓ ଆମେରିକା ମଧ୍ୟରେ ୩ ବିଲିୟନ ଡଲାରର ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ।

୨୬– ରାଜସ୍ଥାନର ବୁଣ୍ଡି ଜିଲା ଅନ୍ତର୍ଗତ କୋଟା–ଦୌସା ମେଗା ହାଇୱେ ନିକଟ ମୈଜ୍ ନଦୀରେ ଏକ ବରଯାତ୍ରୀ ବସ୍ ଖସିପଡ଼ିବାରୁ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୫ ଜଣଙ୍କ ମୃତ୍ୟୁ ଘଟିଛି।

## ଆମ ସମସ୍ୟା

### ପୋଲ ଉପରୁ ଆବର୍ଜନା ସଫାହେଉନି

ମହାଶୟ,

ମଧୁପାଟଣା ନିକଟ ସମ୍ରାଟ ହଲଠାରୁ ଓଏମ୍‌ପି ପର୍ଯ୍ୟନ୍ତ ଲମ୍ବିଥିବା ଫ୍ଲାଇଓଭର ଉପରୁ ଆବର୍ଜନା ସଫା କରାଯାଉନାହିଁ। ଅନ୍ୟ ମହାନଗର ନିଗମ ନିୟମିତ ଶୃଙ୍ଖଳିତ କାର୍ଯ୍ୟ ତୁଲାଉଥିବା ସ୍ଥଳେ କଟକ ମହାନଗର ନିଗମ ବ୍ୟତିକ୍ରମ କରୁଛି। ଉଚ୍ଚ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ଦାୟିତ୍ୱ ଦେଇ ତୁରନ୍ତ ସଫାକରାଇବା ଆବଶ୍ୟକ। ମହାନଦୀ ଓ କାଠଯୋଡି ପୋଲ ସଫା ହେଉଛି। କିନ୍ତୁ ସବୁ ପୋଲ ପ୍ରତି ଦୃଷ୍ଟି ଦିଆଯିବା ଉଚିତ। ବିଭିନ୍ନ ଡ୍ରେନ ଅଳିଆ ଆବର୍ଜନାରେ ପୂରି ଯାଉଛି। ନିୟମିତ ସଫା ହେଉ ନ ଥିବାରୁ ପରିବେଶ ଅସନ୍ତୁଳିତ ହେଉଛି। ରାସ୍ତାରେ ମଧ୍ୟ ବହୁଦିନ ମାଟି ଓ ନର୍ଦ୍ଦମା ପଙ୍କ ପକାଇ ରଖାଯାଉଛି।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ଅପାରଗତା

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ୧୯ ନଂ. ୱାର୍ଡର ଚୂନଢିହଠାରୁ ଏସଡିପିଓ ଅଫିସ ପର୍ଯ୍ୟନ୍ତ ସର୍ବଦା ଅବହେଳିତ । ଦୀର୍ଘ ୬ ମାସ ହେଲା ରାସ୍ତାର ଦୁଇ ପାର୍ଶ୍ୱ ଖୁଣ୍ଟରେ ଲାଇଟ୍ ଲାଗିଛି ସତ, ହେଲେ କୌଣସି ଗୋଟିଏ ହେଲେ ଜଳୁନାହିଁ। ଏବେ ନିକଟରେ ସରକାରଙ୍କ ସ୍ୱଚ୍ଛ ଅଭିଯାନରେ ଘରପିଛା ଦୁଇଟି ଲେଖାଏଁ ଡଷ୍ଟବିନ୍ ବକେଟ ଦେଇ ୧୦/୧୫ ଦିନ ଅଳିଆ ସଂଗ୍ରହ ଗାଡି ଆଣି ସେଗୁଡିକୁ ନେଲେ। ଏବେ ସେ ଗାଡି ଆସୁନି କି ଅଳିଆ ନେଉନି। ଏପଟେ ମ୍ୟୁନିସିପାଲିଟିର ଟ୍ୟାକ୍ସ ନେବାରେ ଆଦୌ ହେଳା ନାହିଁ। କିନ୍ତୁ ଶୂନ ସେବା ମିଳୁଛି।

ଡା. ମନୋରଞ୍ଜନ ଦାଶ, ପ୍ରଭାବତୀ ନିଳୟମ୍,
ବେଲତଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଧାର ଛଡାଇ ନେଇଛି ଆହାର

■୩୩ ହଜାରରୁ ଅଧିକ ହିତାଧିକାରୀ ପ୍ରଭାବିତ
■ହାତ ଟେକି ଦେଉଛନ୍ତି ସରକାରୀ ଅଧିକାରୀ

ସମ୍ବଲପୁର, ୧।୩ (ବ୍ୟୁରୋ)

ଆଧାର କାର୍ଡ ଲୋକଙ୍କ ଆହାର ଛଡାଇ ନେଇଛି। ଦୁର୍ନୀତି ରୋକିବା ଓ ସ୍ୱଚ୍ଛତା ଆଣିବା ପାଇଁ ସରକାରୀ ଯୋଜନାଗୁଡିକରେ ଆଧାର ଲିଙ୍କ୍ କରିବାକୁ ବାଧ୍ୟତାମୂଳକ କରାଯାଇଛି। ବାହାରୁ ଦେଖାଗଲେ ଏହା ଉଚିତ ପଦକ୍ଷେପ ବୋଲି କୁହାଯାଇପାରେ। ହେଲେ ଏହାର କୁପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି। ବିଭିନ୍ନ କାରଣରୁ ଆଧାର କାର୍ଡ ତିଆରି କରି ନ ପାରିବା ଓ ଆଧାର କାର୍ଡରେ ତ୍ରୁଟି ଥିବା ପରିବାର ସଦସ୍ୟ ପ୍ରଭାବିତ ହେଉଛନ୍ତି। ତେଣୁ ଉକ୍ତ ପରିବାର ସଦସ୍ୟ ସମସ୍ତ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଆଧାର କାର୍ଡ ନ ଦେଇପାରିବାରୁ ଚାଉଳ, ଗହମ, କିରୋସିନ ଆଦି ପିଡିଏସ ସାମଗ୍ରୀ ମିଳୁନି। ସରକାରୀ ଘର ମଧ୍ୟ ମିଳିବାରେ ସମସ୍ୟା ହେଉଛି। ଏହାସହ ଅନ୍ୟାନ୍ୟ ସମସ୍ୟାରେ ଲୋକେ ଛନ୍ଦି ହୋଇ ପଡୁଛନ୍ତି। ଜିଲାର ପ୍ରାୟ ୩୩ ହଜାରରୁ ଅଧିକ ହିତାଧିକାରୀ ଏଭଳି ପ୍ରଭାବିତ ହୋଇଛନ୍ତି। ସେମାନେ କୌଣସି ସରକାରୀ ଯୋଜନାର ଲାଭ ପାଇ ପାରୁନାହାନ୍ତି। ଝୁଝୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତ ମୁଣ୍ଡେର ଗ୍ରାମ ଏହାର ଉଦାହରଣ।

ଏହି ଗାଁର ସାଧୁପଡାରେ ରହୁଥିବା ପୀତାମ୍ବର ଓରାମଙ୍କ ପରିବାର ଆଧାରକାର୍ଡ ପାଇଁ କଲବଲ ହେଉଛନ୍ତି। ପୀତାମ୍ବରଙ୍କ ସ୍ତ୍ରୀ ସୁଦ୍ରା ଅଭିଯୋଗ କରିଛନ୍ତି ଯେ, ଆଧାର କାର୍ଡ ତାଙ୍କ ଆହର ଛଡାଇ ନେଇଛି । ତାଙ୍କ ଅଭିଯୋଗ ଅନୁସାରେ ପୀତାମ୍ବର ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ। ହେଲେ



ମୁଣ୍ଡେର ଗ୍ରାମ ସାଧୁପଡାର ପୀତାମ୍ବର ଓରାମଙ୍କ ପରିବାର ।

ଦୁର୍ଭାଗ୍ୟକୁ ସେ ଦୁର୍ଘଟଣାରେ ଆହତ ହୋଇ ୫ ବର୍ଷ ହେଲା ଖଟରେ ପଡି ରହିଛନ୍ତି । ତାଙ୍କର ଆଧାର କାର୍ଡ ତିଆରି କରିବା ସମ୍ଭବପର ନୁହେଁ। ସ୍ୱାମୀ ଶାଯ୍ୟାଶାୟୀ ହୋଇ ପଡିବା ପରେ ୨ ପୁଅ ରାଜିନ୍ଦ୍ର (୮) ଓ ବାବୁ (୫)ଙ୍କ ମୁହଁରେ ଆହାର ଦେବାକୁ ସୁଦ୍ରାଙ୍କ ଲାଗି କାଠିକର ପାଠ ହୋଇ ପଡୁଛି। ଅନ୍ୟପକ୍ଷେ ନିଜର ଆଧାକାର୍ଡ ସେ ପଞ୍ଚାୟତରେ ଦେଇଛନ୍ତି। ହେଲେ ତାହାକୁ ଲିଙ୍କ୍ କରା ଯାଉ ନ ଥିବାରୁ ଚାଉଳ ମିଳି ପାରୁନାହିଁ । ସାନ ପୁଅ ବାବୁ ଓ ସ୍ୱାମୀ ପୀତାମ୍ବରଙ୍କ ଆଧାରକାର୍ଡ ନ ଥିବାରୁ କୌଣସି ସୁବିଧା ପାଇ ପାରୁନାହାନ୍ତି । ଚିକିତ୍ସା ଖର୍ଚ୍ଚ ସାଙ୍ଗକୁ ପରିବାର ପୋଷଣ ସୁଦ୍ରା ଉପରେ ବୋଝ ହୋଇ ପଡିଛି।

ସେହିଭଳି ଏହି ଗ୍ରାମର ଶୁକ୍ରୁ ଓରାମ ରାଶନ ସାମଗ୍ରୀ ଆଣିବାକୁ ତାଙ୍କ ଝିଅର ନାମ ଯୋଡିବା ପାଇଁ ଚାହୁଁଛନ୍ତି। ଏଥିପାଇଁ ସେ ବାରମ୍ବାର ଆଧାର କାର୍ଡ ସହ ଆବେଦନ କଲେ ମଧ୍ୟ ଚାଉଳ ମିଳି ପାରୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଏହି ଗାଁର ଅନ୍ୟ ଏକ ଦମ୍ପତି ହେଲେ ଫଗନୁ ଓରାମ ଓ ଜେମା ଓରାମ। ଏମାନଙ୍କ ଆଧାର କାର୍ଡ ରହିଛି। ହେଲେ ବାରମ୍ବାର ପଞ୍ଚାୟତ ଅଫିସକୁ ଯାଇ ନୟାନ୍ତ ହେଉଛନ୍ତି ସିନା କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଝୁଝୁମୁରା ବିଡିଓ ସୁରଜ ବିଶ୍ୱାଳ କହିଛନ୍ତି ଯେ, ଆଧାର କାର୍ଡ ଲିଙ୍କ କରିବାକୁ ସରକାରଙ୍କ ନିୟମ ରହିଛି। ଏ ସବୁ ବ୍ୟତିକ୍ରମ ଉପରେ ଯାଞ୍ଚ କରାଯାଇ ସମାଧାନ କରାଯିବ ବୋଲି କହିଛନ୍ତି।

ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଜିଲାରେ ମୋଟ ୧ ଲକ୍ଷ ୮୩ ହଜାର ୧୭ ପରିବାର ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହୋଇଛନ୍ତି। ଏଥିରେ ମୋଟ ୬ ଲକ୍ଷ ୫୨ ହଜାର ୪୮୫ ସଦସ୍ୟ ପିଡିଏସ୍‌ର ଲାଭ ନେଉଛନ୍ତି। ପ୍ରାୟ ୫ ପ୍ରତିଶତ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇପାରିନାହିଁ ବୋଲି କହୁଛନ୍ତି। ଅର୍ଥାତ ମୋଟ ହିତାଧିକାରୀଙ୍କୁ ଆକଳନ କଲେ ୩୩ ହଜାରରୁ ଅଧିକ ହିତାଧିକାରୀ ପ୍ରଭାବିତ ହେଉଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସମସ୍ୟା ରହିଛି । ଆଧାର କାର୍ଡ ତିଆରି କରିବାକୁ ସମୟ ଦିଆଯାଉଛି। ଯୋଗାଣ ବିଭାଗ ପକ୍ଷରୁ ମଧ୍ୟ ପ୍ରୟାସ କରାଯାଉଛି। ଅତି ଜରୁରୀ ଘଟଣାରରେ ବିଚାରକୁ ନିଆଯାଇ ପାରେ ବୋଲି ସେ କହିଛନ୍ତି।

## ତ୍ରିବିକ୍ରମ ତ୍ରିପାଠୀ ଖବରକାଗଜ ପ୍ରକାଶନରେ ଜଣେ ପୁରୋଧା ଥିଲେ

ସମ୍ବଲପୁର, ୧।୩ (ବ୍ୟୁରୋ)
ବର୍ଷିୟାନ ଖବରଦାତା ସ୍ୱର୍ଗତ ତ୍ରିବିକ୍ରମ ତ୍ରିପାଠୀଙ୍କ ସ୍ମୃତିରେ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ (ଆଇଏଫଡ଼ବ୍ଲୁଜେ) ଓ ସମ୍ବଲଭୂମି ମିଳିତ ଆୟୋଜନରେ ଶ୍ରଦ୍ଧାଞ୍ଜଳି ସଭା ରବିବାର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ତ୍ରିବିକ୍ରମ ତ୍ରିପାଠୀ ଗଣମାଧ୍ୟମ ଓ ଖବରକାଗଜ ପ୍ରକାଶନ କ୍ଷେତ୍ରରେ ଜଣେ ପୁରୋଧା ଥିଲେ। ପଶ୍ଚିମ ଓଡ଼ିଶାରୁ ପ୍ରଥମ କରି ସେ ଦୈନିକ ଖବର କାଗଜ ବାହାର କରିଥିଲେ । ଏହା ତାଙ୍କୁ ପ୍ରଶଂସିତ ଓ ଲୋକଙ୍କ ପାଖରେ ପହଞ୍ଚାଇବାରେ ଆହୁରି ସହାୟକ ହୋଇଥିଲା ବୋଲି ଅଗ୍ନିଶିଖା ସମ୍ପାଦକ ଅର୍ଜୁନ ରଞ୍ଜନ ପଣ୍ଡା କହିଛନ୍ତି । ସଂଘର ସଭାପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ସମ୍ବଲଭୂମିର ସମ୍ପାଦକ ପ୍ରହ୍ଲାଦ ଦାଶ, ବୀରେନ୍ଦ୍ର କୁମାର ପାଣିଗ୍ରାହୀ, ଆଇନଜୀବୀ ହେଡ଼ମ୍ବ ଚନ୍ଦ୍ର ଦାନୀ, କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ଲକ୍ଷ୍ମଣ ମାହାନା, ରାଜାରାମ ପାଢ଼ୀ, ପ୍ରିୟରଞ୍ଜନ ବାବୁ, ନବୀନ ଦାଶ, ସରୋଜ କୁମାର ସାହୁ ପ୍ରମୁଖ ବିଭିନ୍ନ ବର୍ଗର ନାଗରିକ ଯୋଗଦେଇ ସ୍ୱର୍ଗତ ତ୍ରିବିକ୍ରମଙ୍କ ସ୍ମୃତିଚାରଣ କରିଥିଲେ ।

## ସଂକ୍ଷେପରେ

### ଏସ୍‌ୟୁରେ ସେମିନାର

ସମ୍ବଲପୁର, ୧।୩(ବ୍ୟୁରୋ)
ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ଏମ୍‌ବିଏ ବିଭାଗରେ ରବିବାର ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ବିଶ୍ୱଜିତ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସମ୍ବଲପୁର ରେଳମଣ୍ଡ ପ୍ରବନ୍ଧକ (ଡିଆର୍‌ଏମ୍) ପ୍ରଦୀପ କୁମାର, ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ମହାଦେବ ପ୍ରସାଦ ଜୟସ୍ୱାଲ, ସମ୍ବଲପୁର ଭାରପ୍ରାପ୍ତ କୁଳପତି ଅର୍କ କେଶରୀ ଦାସ ମହାପାତ୍ର ଉପସ୍ଥିତ ଥିଲେ। ରେଳ ଯାତ୍ରାରେ ପ୍ରାଦ୍ୟୋଗିକ ଜ୍ଞାନର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭାରପ୍ରାପ୍ତ କୁଳପତି ଦାଦନ ସମସ୍ୟା ଉପରେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନୁରାଧା ସାମଲ, ଦେବେନ୍ଦ୍ର ମହାଲିକଙ୍କ ସମେତ ୨୫ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ଦୁର୍ଘଟଣାରେ ଯୁବକ ଗୁରୁତର

କୁଚିଣ୍ଡା, ୧।୩(ଡି.ଏନ.ଏ.)
ମହୁଲପାଲି ଥାନା ଅନ୍ତର୍ଗତ ବିଛୁଟାଙ୍ଗର ଗ୍ରାମର ଜଣେ ଯୁବକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ସେ ହେଲେ ଅନୀଲ ସୋରିନ (୩୦)। ବାଇକ୍ ଯୋଗେ ସେ ଝାରସୁଗୁଡାସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିଥିଲେ । ଲୋକଙ୍କଠାରୁ ଖବର ପାଇ କୁଚିଣ୍ଡା ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। କୁଚିଣ୍ଡା ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି।

### ଅନୁକୂଳଚନ୍ଦ୍ରଙ୍କ ଜନ୍ମ ବାର୍ଷିକ

ରେଙ୍ଗାଲି, ୧।୩ (ଡି.ଏନ.ଏ.)
ସ୍ଥାନୀୟ ହରିହର ଧର୍ମଶାଳାରେ ରେଙ୍ଗାଲି ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ପାଟଯୋଶୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରବିବାର ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ପ୍ରାର୍ଥନା ଓ ଗ୍ରନ୍ଥ ପାଠ କରାଯାଇଥିଲା । ଦିଲୀପ ଶତପଥୀ ଗ୍ରନ୍ଥ ପାଠ କରିଥିଲେ । ଏହି ଉତ୍ସବରେ ରେଙ୍ଗାଲି ବିଡିଓ ଶଙ୍କର ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ପ୍ରିୟବ୍ରତ ସାହୁ ଏବଂ ପ୍ରମୋଦ କୁମାର ସାମଲଙ୍କ ତତ୍ତ୍ୱାବଧାନରେ କୀର୍ତ୍ତନ ପରିବେଷିତ ହୋଇଥିବା ବେଳେ ମହେଶ୍ୱର ଚକ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ୧୧ ଜଣ ସତ୍ ମନ୍ତ୍ର ଗ୍ରହଣ କରିଥିଲେ । ପରିଶେଷରେ ମାତୃସମ୍ମିଳନୀ ଆୟୋଜନ କରାଯାଇଥିଲା।

### ୧୮୫ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ

ରେଙ୍ଗାଲି, ୧।୩ (ଡି.ଏନ.ଏ.)
ରେଙ୍ଗାଲି ସମଲେଶ୍ୱରୀ ହସ୍ପିଟାଲରେ ସ୍ୱାଧୀନ ଏକତା ସଂଗଠନ ସହଯୋଗରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଆଖପାଖ ଅଞ୍ଚଳର ୧୮୫ଜଣ ବ୍ୟକ୍ତି ଯୋଗ ଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ପୂର୍ବତନ ଡିଆଇ ବସନ୍ତ କୁମାର ନାଏକ ଫିତା କାଟି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡାକ୍ତର ଜୟନାରାୟଣ ନନ୍ଦ, ଡା. ଅଶ୍ୱିନୀ ସା, ଡା. ରବୀନ୍ଦ୍ର ପ୍ରଧାନ, ଡା. ଅଭିଜିତ ଶର୍ମା, ଡା. ଜି. ଦାସ, ଡା. ସ୍ମୃତି ଅଗ୍ରୱାଲ, ଡା. ରାଜରମ ଦାସ ପ୍ରମୁଖ ଚିକିତ୍ସା କରିଥିଲେ । ଡା. ସନ୍ତୋଷ ସିଂହଙ୍କ ତତ୍ତ୍ୱାବଧାନରେ ରାମସହାୟ ପଣ୍ଡା, ବିଶ୍ୱକେଶନ ବିଶ୍ୱାଳ, ସଲିମ ଖାନ, ପ୍ରଫୁଲ୍ଲ ଗହିର, ଗାନ୍ଧୀ ବେହେରା, ପ୍ରଶାନ୍ତ ପଣ୍ଡା, ଅନ୍ତଯ୍ୟାମୀ ପାଣି, ହରିହର ନାଥ, ଡା. ସନ୍ତୋଷ ପ୍ରଧାନ, ରଶ୍ମିତା ବେହେରା, ଅଲିଭା ସାହୁ, ଫିରୋଜ ବାଗ, ରାଜୀବ ମିଶ୍ର, ଲଳିତ ସାହୁ, ପଦ୍ମନାଭ ଭୋଇ, ଦିବ୍ୟକିଶୋର ସରାଫ ପ୍ରମୁଖ ସହଯୋଗ କରିଥିଲେ।

### ଜିଏମ୍‌ୟୁ ରାଜନୀତି ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର, ୧।୩ (ବ୍ୟୁରୋ)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ରବିବାର ଅଧାପନା ପ୍ରକୋଷ୍ଠ-୧ ଠାରେ ଅନୁଷ୍ଠିତ ହୋଇଯାଇଛି । ଡ. ଭବାନୀ ଦୀକ୍ଷିତ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରର ଶୁଭାରମ୍ଭ କରିଥିଲେ । ଜିଏମୟୁର ପ୍ରାକ୍ତନ କୁଳପତି ପ୍ରଫେସର ସୁଧାଂଶୁଶେଖର ରଥଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିବେକ ପଟ୍ଟନାୟକ ମୁଖ୍ୟଅତିଥି, ମଳୟ ମିଶ୍ର ସମ୍ମାନିତ ଅତିଥି ଥିଲେ । ଉପକୁଳସଚିବ ଉମାଚରଣ ପତି ସ୍ୱାଗତ ଭାଷଣ ଦେଇଥିବାବେଳେ ଆଲୋଚନାଚକ୍ର ଆବାହକ ଡ. ଶିକତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫୦ଟି ନିବନ୍ଧ ଉପସ୍ଥାପନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ମୁଖ୍ୟଅତିଥି, ଡ. ଆଦିତ୍ୟ ପାଢ଼ୀ ସମ୍ମାନିତ ଅତିଥି ଥିଲେ । ଡ. ତ୍ରିପୁରାରୀ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଗାଙ୍ଗପୁର ଚାମ୍ପିୟନ



ରବିବାର ସମ୍ବଲପୁର ହକି ଚାମ୍ପିୟନଶିପ୍‌ରେ ଚାମ୍ପିୟନ ରାଜଗାଙ୍ଗପୁର କହୁପାନି ଦଳ। ରନର୍ସଅପ୍ ଦେବଗଡ କର୍ଡାପାଲି ନେହେରୁ କ୍ଲବ ଦଳ ।

**ସମ୍ବଲପୁର ହକି ଚାମ୍ପିୟନଶିପ୍-୨୦୨୦**

ସମ୍ବଲପୁର, ୧।୩ (ବ୍ୟୁରୋ)

ସମ୍ବଲପୁର ହକି ଚାମ୍ପିୟନଶିପ୍- ୨୦୨୦ ରବିବାର ବାଗଡିହାପଡା ଖେଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି । ରାଜଗାଙ୍ଗପୁର କହୁପାନି ୟୁପି ସ୍କୁଲ ଦଳ ଚାମ୍ପିୟନ ଏବଂ ଦେବଗଡ କର୍ଡାପାଲି ନେହେରୁ କ୍ଲବ ରନର୍ସ ଅପ୍ ଟ୍ରଫି ହାସଲ କରିଛି । ସମ୍ବଲପୁର ହକି ସଂଘ ପକ୍ଷରୁ ଆୟୋଜିତ ଫାଇନାଲ ମ୍ୟାଚରେ କହୁପାନି ଦଳ ୫-୩ ଗୋଲରେ ବିଜୟୀ ହୋଇଥିଲା। ଅମ୍ପାୟାର ଦୀପକ ଏକ୍କା ଓ ଲିବୁନ ଏକ୍କା ମ୍ୟାଚ ପରିଚାଳନା କରିଥିଲେ । ବାବୁଲାଲ ତିର୍କୀ ଓ ଅଜୟ ଏକ୍କା ଟେକନିକାଲ ଟେବୁଲ ଦାୟିତ୍ୱ ସମ୍ପାଦନା କରିଥିଲେ। ଫାଦର ରାଜେନ୍ଦ୍ର କୁଜୁରଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ଫାଦର ଅନିଲ କୁଜୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଅଶ୍ୱିନୀ ମାଝି, ରବିବାର ଏକ୍କା, ଅନୁପ ଏକ୍କା, ସୁବାସ ମିଞ୍ଜ, ରୂପାରଞ୍ଜନ ଏକ୍କା, ସୁଦୀପ ପରିଡା, ବିନୋଦ ଟପ୍ପୋ, ପିଣ୍ଟୁ ଲାକ୍ରା ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଫେବୃୟାରୀ ୨୭ ତାରିଖରୁ ଏହି ମ୍ୟାଚ ହୋଇଥିଲା । ଏଥିରେ ବିଭିନ୍ନ ଜିଲାରୁ ହକି ଦଳ ଅଂଶ ଗ୍ରହଣ କରିଥିଲେ । ସର୍ବମୋଟ ୪୮ଟି ମ୍ୟାଚ ହୋଇଥିଲା । ପ୍ରଥମ ସେମିଫାଇନାଲରେ କହୁପାନି ୬-୪ ଗୋଲରେ ଚିନିମହୁଲକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଦେବଗଡ ଗର୍ଡାପାଲ ନେହେରୁ କ୍ଲବ ୬-୫ ଗୋଲରେ ଡେଙ୍ଗପୋଷ ଗୋଉଳି କ୍ଲବକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ସେମିଫାଇନାଲ ମ୍ୟାଚରେ ଭାଜପା ରାଜ୍ୟ ଯୁବ ସଭାପତି ଟଙ୍କଧର ତ୍ରିପାଠୀ, ବରଗଡ ଭାଜପା ଯୁବନେତା ଇରାଶିଷ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

# ଝାରସୁଗୁଡା ଚାମ୍ପିୟନ, ରେଙ୍ଗାଲି ରନର୍ସ ଅପ

**୧୮ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ସମ୍ବଲପୁର, ୧।୩(ବ୍ୟୁରୋ)

ସମ୍ବଲପୁର ହାୱା ମଇଦାନରେ ରବିବାର ୧୮ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝାରସୁଗୁଡା ଝାଡେଶ୍ୱରୀ କ୍ଲବ ଚାମ୍ପିୟନ ଓ ରେଙ୍ଗାଲି ଇଲେଭେନ ଷ୍ଟାର ରନର୍ସଅପ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚ ଦୁଇ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୧-୧ ଗୋଲରେ ମ୍ୟାଚ ଅମିମାଂସିତ ରହିଥିଲା। ତେଣୁ ରେଫରି ଟାଏବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ। ଏଥିରେ ଝାରସୁଗୁଡା ୫-୪ ଗୋଲରେ ବିଜୟୀ ହୋଇଥିଲା। ମଝି ପଡିଆରେ ରେଫରି ଶାନ୍ତା ରଣବିଡା ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନରେ କିଶୋର ପଣ୍ଡା ଓ ନନ୍ଦ କିଶୋର ନାୟକ ସହଯୋଗ କରିଥିଲେ । ଲକ୍ଷ୍ମଣ ବେହେରା ଚତୁର୍ଥ ରେଫରି ଥିଲେ। ରାଜେଶ ପୁରୋହିତଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟନ ନାଉରୀ ନାୟକ, ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ଖେଳ ଶିକ୍ଷକ ରମଣୀରଞ୍ଜନ ସାହୁ, ସମୀରରଞ୍ଜନ ବାବୁ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଶିବଲାଲ ଓରାମ ଶ୍ରେଷ୍ଠ ଗୋଲକିପର, ବିଷ୍ଣୁ ଓରାମ ଶ୍ରେଷ୍ଠ ସ୍କୋରର, ରବିନ ଓରାମ ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଆୟୋଜକ ଚାରଭାଟି ନେହେରୁ ଯୁବକ ସଂଘର ହେମନ୍ତ ଓରାମ, ବନ ଓରାମଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।



ରବିବାର ସମ୍ବଲପୁର ହାୱା ମଇଦାନରେ ଝାରସୁଗୁଡା ଖେଳାଳିମାନେ ଅତିଥିଙ୍କଠାରୁ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି ।

## ଆକାଶବାଣୀରୁ ଆରମ୍ଭ ହେଲା ସକାଳୁଆ ସମ୍ବଲପୁରୀ ନ୍ୟୁଜ

ସମ୍ବଲପୁର, ୧।୩ (ବ୍ୟୁରୋ)
ଆକାଶବାଣୀ ସମ୍ବଲପୁର କେନ୍ଦ୍ର ଆଞ୍ଚଳିକ ନ୍ୟୁଜ ବିଭାଗ ପକ୍ଷରୁ ସକାଳୁଆ ସମ୍ବଲପୁରୀ ଖବର ରବିବାର ପ୍ରସାରଣ ଆରମ୍ଭ ହୋଇଛି। ଆକାଶବାଣୀ କେନ୍ଦ୍ର ମୁଖ୍ୟ ରମେଶ ଚନ୍ଦ୍ର ଭୋଇ, କେନ୍ଦ୍ର କାର୍ଯ୍ୟକ୍ରମ ମୁଖ୍ୟ ପ୍ରଫୁଲ୍ଲ କୁମାର ମାଝି, ସହକାରୀ ଯନ୍ତ୍ରୀ ଏମ୍‌ଆର୍‌କେ ରାଓ, କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ ଯୋଗ ଦେଇଥିଲେ। ଅତୀଶ କୁମାର ଶତପଥୀ ପ୍ରଥମ ସମ୍ବଲପୁରୀ ଖବର ପଢିଥିଲେ। ଅବସରପ୍ରାପ୍ତ ଉପ ନିର୍ଦ୍ଦେଶକ ବସନ୍ତ କୁମାର ମାଝି, ହେମନ୍ତ କୁମାର ମହାପାତ୍ରଙ୍କ ସମେତ ସମାଚାର ବିଭାଗର ଅନ୍ୟ ସହଯୋଗୀମାନେ ଯୋଗ ଦେଇଥିଲେ। ଏହି ୫ ମିନିଟିଆ ସକାଳୁଆ ଖବର ପ୍ରସାରଣ ପ୍ରତିଦିନ ସକାଳ ୬ଟା ୪୭ରୁ ୬ଟା ୫୨ ପର୍ଯ୍ୟନ୍ତ ପ୍ରସାରିତ ହେବ। ଏହାକୁ ଆକାଶବାଣୀ ସମ୍ବଲପୁର, ଭବାନୀପାଟଣା, ବଲାଙ୍ଗୀର ଓ ରାଉରକେଲା କେନ୍ଦ୍ରର ମିଡ଼ିୟମ ୱେଭ୍ ଓ ଏଫଏମ୍ ଚ୍ୟାନେଲରେ ମଧ୍ୟ ଶ୍ରୋତା ଶୁଣି ପାରିବ। ସେହିଭଳି ଶ୍ରୋତାମାନେ ଆକାଶବାଣୀ ସମ୍ବଲପୁର ଆରଏନୟୁର ଟ୍ୱିଟର ଓ ଫେସ୍‌ବୁକ୍ ଜରିଆରେ ମଧ୍ୟ ଏହି ଖବର ଶୁଣିପାରିବେ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୧୬ ଜାନୁୟାରୀ ୨୩ ତାରିଖଠାରୁ ସମ୍ବଲପୁର ଆକାଶବାଣୀ କେନ୍ଦ୍ରରେ ଆରଏନ୍‌ୟୁ ପ୍ରତିଷ୍ଠା ସହ ପ୍ରତ୍ୟହ ସମ୍ବଲପୁରୀ ଭାଷାରେ ଖବର ପ୍ରସାରଣ ଆରମ୍ଭ ହୋଇଛି। କିନ୍ତୁ ଏହା ପ୍ରତ୍ୟହ ରାତି ୮ଟା ୧୭ରୁ ୮ଟା ୨୭ ମିନିଟ ପର୍ଯ୍ୟନ୍ତ ପ୍ରସାରିତ ହେଉଛି।

## ଆଜିଠୁ ସମବାୟ ସମିତିରେ ତାଲା ପକାଇବେ ଚାଷୀ

ସମ୍ବଲପୁର, ୧।୩(ବ୍ୟୁରୋ)
ରବି ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଟୋକନ ବ୍ୟବସ୍ଥାକୁ ବିରୋଧ କରାଯିବ। ସରକାର ପଞ୍ଜୀକରଣ ପାଇଁ ମାର୍ଚ୍ଚ ୧ ତାରିଖ ଦିନ ଧାର୍ଯ୍ୟ କରିଛନ୍ତି । ତେଣୁ ଚାଷୀସଂଗଠନ ସୋମବାରଠାରୁ ଜିଲାର ସମସ୍ତ ସମବାୟ ସମିତିରେ ତାଲା ପଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସମବାୟ ଅଫିସ ମୁଖ୍ୟ କାର୍ଯ୍ୟାଳୟ ସହିତ ସ୍ଥାନୀୟ ସମବାୟ ସମିତିରେ ଏ ନେଇ ସୂଚନା ଦେଇଛନ୍ତି।

# ଆଦର୍ଶ ସ୍କୁଲ ପ୍ରବେଶିକା ପରୀକ୍ଷା ଦେଲେ ୭୧୪ ଛାତ୍ରୀଛାତ୍ର

ନାକଟିଦେଉଳ/ଜମନକିରା, ୧।୩(ଡ଼ି.ଏନ.ଏ.)

ନାକଟିଦେଉଳ ଆଦର୍ଶ ବିଦ୍ୟାଳୟରେ ୨୦-୨୧ଶିକ୍ଷା ବର୍ଷରେ ପ୍ରଥମ କରି ଛାତ୍ରଛାତ୍ରୀ ନାମ ଲେଖାଇବେ। ମୋଟ ୮୦ଟି ସିଟ୍ ପାଇଁ ସମୁଦାୟ ୪୫୫ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ । ଏଥି ପାଇଁ ରବିବାର ଜଗନ୍ନାଥ ପ୍ରସାଦ ପବିତ୍ରମୋହନ ଉଚ୍ଚବିଦ୍ୟାଳୟ ଏବଂ ସରାପାଲି ନୋଡ଼ାଲ ହାଇସ୍କୁଲଠାରେ ୨ଟି କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ହୋଇଛି। ଜଗନ୍ନାଥ ପ୍ରସାଦ ପିଏମ ହାଇସ୍କୁଲ କେନ୍ଦ୍ରରେ ୨୨୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ଥିବା ବେଳେ ୨୨୬ଜଣ ପରୀକ୍ଷା ଦେଇଥିଲେ। ସେହିପରି ସରାପାଲି ନୋଡ଼ାଲ ହାଇସ୍କୁଲ କେନ୍ଦ୍ରରେ ୨୨୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ଜଣ ଅନୁପସ୍ଥିତ ଥିବା ବେଳେ ୨୨୧ଜଣ ପରୀକ୍ଷା ଦେଇଥିଲେ। ଜଗନ୍ନାଥପ୍ରସାଦ କେନ୍ଦ୍ରରେ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱାନାଥ ସାହୁ ଏବଂ ସରାପାଲି କେନ୍ଦ୍ରରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ ପରୀକ୍ଷା ପରିଚାଳନା କରିଥିଲେ। ସେହିଭଳି ୮୦ ସିଟ୍ ବିଶିଷ୍ଟ ଜମନକିରା ବ୍ଲକ୍ ଆଦର୍ଶ ସ୍କୁଲରେ ମଧ୍ୟ ନାମ ଲେଖାଇବାକୁ ରବିବାର ୨୬୭ ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷାରେ ଅଂଶ ଗ୍ରହଣ କରିଛନ୍ତି। ଜମନକିରା ପଞ୍ଚାୟତ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ୨୮୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିଲେ। ହେଲେ ୧୦ ଜଣ ଜାଞ୍ଚ ପ୍ରକ୍ରିୟାରେ କଟିଥିଲେ। ଏଣୁ ୨୭୨ଜଣଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ପଟେଲ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ରହିଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଷମା ନାୟକ ଉପସ୍ଥିତ ଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ନାୟକ, ଅରୁଣ କୁମାର ପଧାନ, ରଞ୍ଜିତା ମାଝି, ମାନସ ପଟେଲ, ହରେକୃଷ୍ଣ ନାୟକ, ସୁଶୀଲ ସାହୁ, ମୋତିଲାଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିଳମ୍ବରେ ପହଞ୍ଚି ପରୀକ୍ଷା ଦେଇପାରିଲେନି ୨ ଛାତ୍ରୀଛାତ୍ର

ନାକଟି ଦେଉଳ ବ୍ଲକରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ଦୁଇ ଛାତ୍ରୀଛାତ୍ର କିନ୍ତୁ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ପରୀକ୍ଷା କେନ୍ଦ୍ରରେ ବିଳମ୍ବରେ ପହଞ୍ଚିବା କାରଣରୁ ଏହି ଦୁଇ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ପାରି ନାହାନ୍ତି। ଶେଷରେ ନିରାଶ ହୋଇ ସେମାନେ ଘରକୁ ଫେରି ଯାଇଛନ୍ତି। ପରୀକ୍ଷା ଦେଇ ପାରି ନ ଥିବା ଏହି ୨ ଛାତ୍ରୀଛାତ୍ର ହେଲେ ନାକଟିଦେଉଳ ବ୍ଲକ୍ ଘୋଷରାମାଳ ପଞ୍ଚାୟତ ବ୍ରାହ୍ମଣୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସଙ୍ଗୀତା ଦେହୁରୀ ଏବଂ ଛାତ୍ର ପ୍ରେମାନନ୍ଦ ଷଣ୍ଢ। ସକାଳ ୯ଟା ପୂର୍ବରୁ ନିଜର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ପରାମର୍ଶ ଦିଆଯାଇଥିଲା । ହେଲେ ଏ ଦୁହେଁ ୯ଟା ୪୦ରେ ସରାପାଲି ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଥିଲେ। ଏଣୁ କେନ୍ଦ୍ରର ଅଧୀକ୍ଷକ ପରୀକ୍ଷା ଦେବାକୁ ସେମାନଙ୍କୁ ଅନୁମତି ଦେଇ ନ ଥିଲେ। ତେବେ ରବିବାର ସକାଳ ସାଢେ ୮ଟାରେ ଆଡ଼ମିଟ କାର୍ଡ଼ ମିଳିଲା। ଗାଁରୁ ପରୀକ୍ଷା କେନ୍ଦ୍ର ଦୀର୍ଘ ୩୦ କି.ମି.ରୁ ଅଧିକ ଦୂର। ଏଣୁ ଏତେ ଦୂରରୁ ଆସିବା କାରଣରୁ ପହଞ୍ଚିବାରେ ବିଳମ୍ବ ଘଟିଲା ବୋଲି ଏହି ଦୁଇ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ହେଲେ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଦୁଇ ଦିନ ଆଗରୁ ସମସ୍ତ ସ୍କୁଲକୁ ଆଡ଼ମିଟ କାର୍ଡ଼ ପଠାଇ ଦିଆଯାଇଥିଲା। ଏହି ଦୁଇ ଛାତ୍ରୀଛାତ୍ରଙ୍କ ଅଭିଭାବକ ଶନିବାର ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଜନୀ ଖାଲକୋଙ୍କ ନିକଟରୁ ଆଡ଼ମିଟ କାର୍ଡ଼ ନେଇଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ରେଢାଖୋଲ, ୧।୩(ଡି.ଏନ.ଏ.)
ରେଢାଖୋଲ-ନାକ୍ଟିଦେଉଳ ରାସ୍ତାର ସିମିଳିପାଳ ଛକ ନିକଟରେ ଥିବା ହମ୍ପରେ ଶନିବାର ରାତିରେ ଜଣେ ବାଇକ୍ ଆରୋହୀଙ୍କୁ ଏକ କାର୍ ପଛପଟୁ ଧକ୍କା ଦେଇଛି। ସେ ଗୁରୁତର ହୋଇ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ ରେଢାଖୋଲ ଥାନା ସିହିଳିଆ ଗ୍ରାମର ସତ୍ୟଜିତ କିଷାନ। ସତ୍ୟଜିତ ଏକ ବାଇକ୍ (ନଂ.ଓଆର୧୫ କ୍ୟୁ ୫୦୯୭) ଯୋଗେ ତାଙ୍କ ଗ୍ରାମ ସିହିଳିଆରୁ ସିମିଳିପାଳ ଛକକୁ ଆସୁଥିଲେ। ରାସ୍ତାରେ ଥିବା ହମ୍ପ ଯୋଗୁ ବାଇକ୍‌କୁ ମନ୍ଥର କରିଥିଲେ। ଏହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ (ନଂ ଓଆର ୧୫ଇ-୫୦୪୮) ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ସହ ସତ୍ୟଜିତ ପଡିଯାଇଥିଲେ। ପୋଲିସ କାରକୁ ଜବତ କରି ଚାଳକଙ୍କୁ ଅଟକ ରଖିଛି। ଏ ନେଇ ରେଢାଖୋଲ ଥାନାରେ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା (ନଂ. ୪୬/୨୦) ରୁଜୁ କରିଛି।



ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଭାବେ ପରିଚିତ ଆମିର ଖାଁ ନିକଟରେ ସେନା ପୋଷାକରେ ନଜର ଆସିଛନ୍ତି। ସବୁବେଳେ ନିଜ କାମକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରୁଥିବା ଆମିର ଏବେ ତାଙ୍କ ଅପ୍ କମିଙ୍ଗ ଫିଲ୍ମ 'ଲାଲ ସିଂ ଚଡ୍ଢା'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଆମିର ଭିନ୍ନ ଭିନ୍ନ ଲୁକ୍‌ରେ ନଜର ଆସିଛନ୍ତି। ଏଥର ଆମିର ସେନା ପୋଷାକରେ ନଜର ଆସିବା ପରେ ତାଙ୍କର ହିଁ ଫଟୋ ସାସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ ସେ ଜଣେ ଫ୍ୟାନଙ୍କ ସହ ସେଲ୍‌ଫିରେ ନଜର ଆସିଛନ୍ତି। ପୂର୍ବ ଅପେକ୍ଷା ତାଙ୍କର ଲୁକ୍ ସମ୍ପୂର୍ଣ୍ଣ ଭିନ୍ନ ରହିଛି।



# ମାଇଁ ନେମ୍ ଇଜ୍ '୦୦୩'



**ମେକ୍ସିକୋ ସିଟି:** '୦୦୩'। ସାଧାରଣ ଲୋକଙ୍କ ପାଇଁ ଏହା ଏକ ସଂଖ୍ୟା ହୋଇଥାଇପାରେ। ହେଲେ ଯଦି କୁହାଯାଏ ଏହା ହେଉଛି ଜଣେ ଯୁବକଙ୍କ ନାମ, ତେବେ ହୁଏତ ଏହା ଅନେକଙ୍କୁ ଯୋଗାଇବ ହସର ଖୋରାକ। ୟୁକାର୍ଟନ ପ୍ରଦେଶ ମେରିଦା ସହରର ପ୍ରସିଦ୍ଧ ପିଜା ଚେନ୍ 'କେସେରା ପିଜା' ପକ୍ଷରୁ ନିକଟରେ ନିଆରା ନାମଧାରୀଙ୍କୁ ନେଇ ଆୟୋଜିତ ହୋଇଥିଲା ପ୍ରତିଯୋଗିତା, ଯେଉଁଥିରେ ବିଜୟୀ ହୋଇଛନ୍ତି '୦୦୩'। 'କେସେରା ପିଜା' ପକ୍ଷରୁ ନିକଟରେ ଅନୁଷ୍ଠିତ ହୋଇଥିଲା ମନୋରଞ୍ଜନ ଭିତ୍ତିକ ଭିନ୍ନ ଧରଣର ପ୍ରତିଯୋଗିତା। ଏଥିରେ ଭିନ୍ନ ନାମଧାରୀ ବିଜେତାଙ୍କୁ ବିନା ଦେୟରେ ପିଜା ଦିଆଯିବାକୁ ଘୋଷଣା କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଶତାଧିକ ଯୁବତୀଯୁବକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଭିତରୁ କେତେଜଣଙ୍କ ନାମ ଥିଲା ଭେର୍ସିଂଗ୍‌ଏଷ୍ଟୋରିକ୍ସ, ବେସିଗେଟରୋଜ, ଦଇମାରୁ, ବାନିନୁ, ୟେସାଙ୍ଗ, ଜୁଲିପର, ନିବିଆ, ଇଟାଣ୍ଡେଗୁଇ, ବାହଜିବାଦୀ, ଓଣ୍ଡିହାମନ, ଓବଦୁଲିଆ, ବ୍ଲୁଏସେଟ୍, ମାହୋନ୍ରି। ସେମାନଙ୍କ ମଧ୍ୟରୁ ବେସିଗେଟରୋଜ, ନିବିଆ, ବାହଜିବାଦୀ ଫାଇନାଲ ପର୍ଯ୍ୟାୟକୁ ଚୟନ ହୋଇଥିଲେ। ଏମାନଙ୍କ ଭିତରକୁ ହିଁ କେହିଜଣେ ବିଜେତା ହେବେ ବୋଲି ଦର୍ଶକମାନେ ନିଶ୍ଚିତ ହୋଇଯାଇଥିଲେ। ଏହି ସମୟରେ ଜଣେ ଯୁବକ ଆସିଲେ। ଏବଂ ସେ ନିଜର ନାମ 'ସେରୋ ସେରୋ ଥେସ୍' ବୋଲି କହିଥିଲେ। ଏହି ସ୍ପାନିଶ୍ ଶବ୍ଦର ଇଂଲିଶ ଭାଷାନ୍ତର 'ଜୀରୋ ଜୀରୋ ଥ୍ରୀ' (୦୦୩)। ଶେଷରେ ସମସ୍ତଙ୍କୁ ପଛରେ ପକାଇ ବାଜିମାତ୍ କରିଥିଲେ '୦୦୩'। ମେକ୍ସିକୋବାସୀ ନିଜର ସନ୍ତାନଙ୍କ ଅଭୂତପୂର୍ବ ନାମ ରଖିବା ବଡ଼କଥା ନୁହେଁ। ହେଲେ '୦୦୩' ମଧ୍ୟ ଏକ ନାମ ବୋଲି ଭାବିଲା ବେଳକୁ ପ୍ରତିଯୋଗିତାରେ ସୃଷ୍ଟି ହୋଇଥିଲା ହାସ୍ୟରୋଳର ମାହୋଲ। ଏ ନେଇ ପ୍ରତିଯୋଗିତାର ଜଣେ ଆୟୋଜକ କୁହନ୍ତି, ପ୍ରଥମେ ଲାଗୁଥିଲା ଯୁବକ ଜଣକ ମଜା କରୁଛନ୍ତି। ଅଥବା ବଡ଼ ହେଲା ପରେ ସେ ନିଜର ନାମ ପରିବର୍ତ୍ତନ କରିଥାଇପାରନ୍ତି। ହେଲେ ଏପରି ଅଜବ ନାମକରଣ ପଛରେ ଥିବା ସତ୍ୟତା ଉପରୁ ପରଦା ଖୋଲିଛନ୍ତି '୦୦୩'। ସେ କହିଛନ୍ତି, ଏପରି ନାମ ତାଙ୍କ ଅଭିଭାବକ ହିଁ ଦେଇଛନ୍ତି। ସେ ହେଉଛନ୍ତି ପରିବାରର ୩ୟ ସନ୍ତାନ। ତେଣୁ ତାଙ୍କ ନାମ '୦୦୩' ରଖାଯାଇଥିଲା। ସାର୍ଟିଫିକେଟରେ ମଧ୍ୟ ତାଙ୍କର ଏହି ନାମ ଉଲ୍ଲେଖ ରହିଛି। '୦୦୩ ' ଆମେରିକାରେ ବଢ଼ିଛନ୍ତି। ଘର ଲୋକେ ତାଙ୍କୁ ସ୍ନେହରେ ବେବିନୋ ଡାକୁଥିଲେ। ୧୫ବର୍ଷ ଯାଏ ତାଙ୍କର ପ୍ରକୃତ ନାମ ସେ ଜାଣି ନ ଥିଲେ। ମେକ୍ସିକୋ ଆସିବା ପରେ ହିଁ ନିଜର ନାମ '୦୦୩' ବୋଲି ଜଣାପଡ଼ିଥିଲା। ଜନ୍ମ ପ୍ରମାଣପତ୍ର ରେଜିଷ୍ଟରରେ ସଂଖ୍ୟା ଲେଖିବାକୁ ଅନୁମତି ନାହିଁ। ତେଣୁ '୦୦୩'ର ଆକ୍ଷରିକ ଅର୍ଥ ସେରୋ ସେରୋ ଟ୍ରେସ୍ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। '୦୦୩' ଆହୁରି ମଧ୍ୟ କହିଛନ୍ତି, ଏପରି କୌତୂହଳପୂର୍ଣ୍ଣ ନାମକରଣ ପାଇଁ ସ୍କୁଲରେ ସାଙ୍ଗସାଥୀ ଚିଡ଼ାଉଥିଲେ। ହେଲେ ଏବେ ସେଲିବ୍ରିଟି ଭଳି ଅନୁଭବ ହେଉଛି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ୩ କୋଟି ଟପିଲା ସଲମାନଙ୍କ ଫଲୋୟର୍ସଙ୍କ ସଂଖ୍ୟା



ସଲମାନ ଖାନ୍

**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ ଖାଁଙ୍କର ପ୍ରଶଂସକଙ୍କ ସଂଖ୍ୟା କମ୍ ନାହିଁ। ତାଙ୍କ ଫିଲ୍ମ ହେଉ ଅବା ସୋସିଆଲ ମିଡିଆ ଆକାଉଣ୍ଟ ସବୁଠି ଦେଖିବାକୁ ମିଳେ ସଲମାନଙ୍କ ବହୁ ପ୍ରଶଂସକଙ୍କୁ। ଏବେ ତାଙ୍କର ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଲୋୟର୍ସଙ୍କ ସଂଖ୍ୟା ୩ କୋଟି ପାର ହୋଇଛି। ଏହାକୁ ଦେଖିବା ପରେ ସେ ଭିନ୍ନ ଢଙ୍ଗରେ ତାଙ୍କ ଫଲୋୟର୍ସଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରଥମେ ସେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ସେ ପ୍ରଥମେ ତାଙ୍କ ପ୍ରଶଂସକଙ୍କୁ ସାଲ୍ୟୁଟ କରୁଛନ୍ତି ପରେ ହାତଯୋଡି ଧନ୍ୟବାଦ ଜଣାଉଛନ୍ତି। ଆଉ ଶେଷରେ ତାଙ୍କ ଷ୍ଟାଇଲରେ କହୁଛନ୍ତି, 'ଉଇ ମା... ୩୦ ମିଲିୟନ, ଆପ ସଭିକୋ ଥ୍ୟାଙ୍କ ୟୁ'। ଫଟୋ ଶେୟାରିଂ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଅଧିକ ଫଲୋୟର୍ସ ତାଲିକାରେ ସବୁଠୁ ଆଗରେ ରହିଛନ୍ତି ଭାରତୀୟ କ୍ରିକେଟ ଦଳର କ୍ୟାପଟେନ ବିରାଟ କୋହଲି। ତାଙ୍କର ୫୦.୮ ମିଲିୟନ ଫଲୋୟର୍ସ ରହିଥିବା ବେଳେ ତାଙ୍କ ପଛକୁ ଅଛନ୍ତି ବଲିଉଡ୍ ନାୟିକା ପ୍ରିୟଙ୍କା ଚୋପ୍ରା। ପ୍ରିୟଙ୍କାଙ୍କ ଫଲୋୟର୍ସଙ୍କ ସଂଖ୍ୟା ରହିଛନ୍ତି ୫୦ ମିଲିୟନରୁ ସାମାନ୍ୟ ଅଧିକ। ସେମିତି ଦୀପିକା ପାଦୁକୋନଙ୍କର ୪୪.୬ ମିଲିୟନ ଫଲୋୟର୍ସ ଥିବା ବେଳେ ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ରହିଛନ୍ତି ପ୍ରାୟ ୩୫.୧ ମିଲିୟନ ଫଲୋୟର୍ସ।

# ଜନବସତିରେ ରହିବା ପାଇଁ କରିବାକୁ ପଡ଼େ ଆପେଣ୍ଡିକ୍ସ ଅପରେଶନ୍

**ୱାଶିଂଟନ:** ଭାରତରେ ରହିବା ପାଇଁ ଭାରତୀୟ ନାଗରିକତ୍ୱ ପ୍ରମାଣ ଜରୁରୀ। ସେହିପରି ପୃଥିବୀର ବିଭିନ୍ନ ସ୍ଥାନରେ ରହିବା ଲାଗି ଭିନ୍ନ ଭିନ୍ନ ପ୍ରାମାଣିକ ତଥ୍ୟର ଆବଶ୍ୟକତା ରହିଥାଏ। ତେବେ ଅଣ୍ଟାର୍କଟିକାରେ ଏକ ଛୋଟ ଜନବସତି ବିଲାସ ଲାସ୍ ଏଷ୍ଟ୍ରେଲାସ୍‌ରେ ରହିବା ଲାଗି ଏକ ଅଜବ ସର୍ତ୍ତ ରହିଛି। ଏଠାରେ ବାସ କରୁଥିବା ଲୋକଙ୍କ ହେବାର ଅଧିକ ଆଶଙ୍କା ରହିଥାଏ। ତେଣୁ ଏଠାରେ ବାସ କରୁଥିବା ଲୋକେ ଆପେଣ୍ଡିକ୍ସ ଅପରେଶନ୍ କରିବାକୁ ବାଧ୍ୟ ହୋଇଥାନ୍ତି। ଏଠାରେ ପ୍ରାୟ ୧୦୦ ଜଣ ଲୋକ ବାସ କରନ୍ତି। ସେମାନଙ୍କ ଆବଶ୍ୟକତାର ସମସ୍ତ ଜିନିଷ ଏଠାରେ ମହଜୁଦ୍ ରହିଥାଏ। ଅଷ୍ଟ୍ରେଲିଆ ଏବଂ ରୁଷିଆର କେତେକ ଲୋକ ଏଠାରେ ବାସ କରନ୍ତି। ଆପେଣ୍ଡିକ୍ସ ଅପରେଶନ କରିବାକୁ ପଡ଼ିଥାଏ। ଏଠାରେ ଶୀତଦିନେ ତାପମାତ୍ରା ପ୍ରାୟ ମାଇନସ୍ ୫୦ ଡିଗ୍ରୀ ରହିଥାଏ। ତେବେ ବର୍ଷର ଅନ୍ୟ ସମୟ ତଥା ଖରା ଦିନେ ତାପମାତ୍ରା ୨.୫ ଡିଗ୍ରୀ ସେଲସିୟସ୍ ରହିଥାଏ। ଏତେ କମ୍ ତାପମାତ୍ରାରେ ମନୁଷ୍ୟ ଶରୀର ଆପେଣ୍ଡିକ୍ସ ସ୍ୱାଭାବିକ ଭାବେ କାମ କରିବାକୁ ସକ୍ଷମ ହୋଇ ପାରେ ନାହିଁ। ଫଳରେ ଖାଦ୍ୟ ହଜମ ହେବା ଅସମ୍ଭବ ହେବା ସହିତ ଆପେଣ୍ଡିକ୍ସରେ ବ୍ୟାକ୍ଟେରିଆ ସଂକ୍ରମଣ



# ପ୍ରଦୂଷଣ କମାଇଛି କରୋନା




## ସାଟେଲାଇଟ୍ ଫଟୋ ଜାରି କଲା ନାସା

**ବେଜିଂ:** କରୋନା ଭାଇରସ୍ ଯୋଗୁ ଏବେ ସୁଦ୍ଧା ଚାଇନାରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ଏବେ ଏହା ବିଶ୍ୱର ପ୍ରାୟ ୬୦ ଦେଶକୁ ବ୍ୟାପି ଗଲାଣି। ଏହାର ନିରାକରଣ ପାଇଁ ବୈଜ୍ଞାନିକମାନେ ଉଦ୍ୟମ ଚଳାଇଥିବା ବେଳେ ନାସା ପକ୍ଷରୁ ରିଲିଜ୍ କରାଯାଇଥିବା ଏକ ସାଟେଲାଇଟ୍ ଫଟୋରୁ ଏକ ଆଶ୍ଚର୍ଯ୍ୟକର ତଥ୍ୟ ପଦାକୁ ଆସିଛି। ୟୁରୋପୀୟ ଅନ୍ତରୀକ୍ଷ ଏଜେନ୍ସିର ପ୍ରଦୂଷଣ ଯାଞ୍ଚ କରୁଥିବା ଉପଗ୍ରହ ସହ ମିଶି ନାସା ପକ୍ଷରୁ ଜାରି କରାଯାଇଥିବା ଏହି ଫଟୋରେ ଦେଖାଯାଇଛି ଯେ, ଚାଇନା ବାୟୁରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ($NO_2$) ଗ୍ୟାସ୍ ବହୁଳ ଭାବେ କମ୍ ହୋଇଛି। ନାସାର ଗଡ୍ଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରର ବାୟୁ ଗୁଣବତ୍ତା ବିଶେଷଜ୍ଞ ଫେଇ ଲିଉଙ୍କ କହିବା ଅନୁସାରେ କରୋନା ଭାଇରସ୍ ବ୍ୟାପିବା ପରଠାରୁ ହିଁ ଚାଇନା ବାୟୁମଣ୍ଡଳରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଗ୍ୟାସ୍ କମିଛି। ପେଟ୍ରୋଲ ବା ଡିଜେଲ ଚାଳିତ ଗାଡ଼ି, ପାୱାର ପ୍ଲାଣ୍ଟ ଓ ବିଭିନ୍ନ ଶିଳ୍ପୋଦ୍ୟୋଗରୁ ନାଇଟ୍ରୋଜେନ ଡାଇଅକ୍ସାଇଡ୍ ଭଳି ହାନିକାରକ ଗ୍ୟାସ୍ ବାହାରିଥାଏ। କରୋନା ଭାଇରସ୍ ବ୍ୟାପିବା ଭୟରେ ଚାଇନାରେ ପ୍ରାୟତଃ ସବୁ ଶିଳ୍ପ ବନ୍ଦ ରହିବା ସହ, ଯାନବାହନ ଚଳାଚଳ ବହୁ ପରିମାଣରେ କମିଯାଇଥିବାରୁ ଏହି ଗ୍ୟାସ୍‌ର ମାତ୍ରା ବାୟୁମଣ୍ଡଳରେ କମିଥିବା ଦେଖାଯାଉଛି। ଏଜେନ୍ସି ପକ୍ଷରୁ ଜାରି କରାଯାଇଥିବା ମ୍ୟାପ୍‌ରେ ଜାନୁୟାରୀ ୧ରୁ ୨୦ ତାରିଖ ଓ ଫେବୃୟାରୀ ୧୦ରୁ ୨୫ ତାରିଖ ମଧ୍ୟରେ ବାୟୁରେ ନାଇଟ୍ରୋଜେନ ଡାଇଅକ୍ସାଇଡ୍‌ର ମାତ୍ରା ଚିତ୍ର ଆକାରରେ ଦର୍ଶାଯାଇଛି। ଅନ୍ୟପଟେ ଲୁନାର ନବବର୍ଷ ପାଳନ ପାଇଁ ଚାଇନାରେ ବହୁ ଶିଳ୍ପ ସଂସ୍ଥାନ ଓ କାରଖାନା ଆଦି ବନ୍ଦ ରହିବା ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍‌ର ମାତ୍ରା କମିବାର ଅନ୍ୟ ଏକ କାରଣ ମଧ୍ୟ ହୋଇପାରେ ବୋଲି ନାସାର ବାୟୁ ଗୁଣବତ୍ତା ବିଶେଷଜ୍ଞ ବେରୀ ଲେଫର୍‌ଙ୍କ କହିଛନ୍ତି।

# ଶହେ ବର୍ଷୀୟା ବୃଦ୍ଧା ପାଳିଲେ ୨୫ତମ ଜନ୍ମଦିନ



**ୱାଶିଂଟନ:** ଆମେରିକାର ଜଣେ ବୃଦ୍ଧା ଡୋରିସ୍ କ୍ଲିଫ୍ ଶହେ ବର୍ଷ ବୟସରେ ୨୫ ତମ ଜନ୍ମଦିନ ପାଳନ କରିଛନ୍ତି। କଥାଟା ଅଦ୍ଭୁଆ ଲାଗୁଥିଲେ ବି ସତ। ଆମେରିକାର ପୋର୍ଟସ ମାଉଥ୍‌ରେ ଜନ୍ମ ନେଇଥିବା ଏହି ମହିଳାଙ୍କ ଜନ୍ମଦିନ ହେଉଛି ଫେବୃୟାରୀ ୨୯। ଏହା ଅଧିବର୍ଷ ହୋଇଥିବାରୁ ପ୍ରତି ୪ ବର୍ଷରେ ଥରେ ପଡିଥାଏ ଫେବୃୟାରୀ ୨୯। ତେଣୁ ମହିଳା ଜଣଙ୍କ ୧୦୦ ବର୍ଷରେ ପାଦ ଦେଇଥିବା ବେଳେ ଏବେ ସେ ତାଙ୍କର ୨୫ ତମ ଜନ୍ମଦିନ ପାଳନ କରିଛନ୍ତି ବୋଲି କହିଛନ୍ତି। ଏଥିପାଇଁ ତାଙ୍କ ପରିବାର ପକ୍ଷରୁ ଏକ ସର୍‌ପ୍ରାଇଜ ପାର୍ଟିର ଆୟୋଜନ ମଧ୍ୟ କରାଯାଇଥିଲା। ଏକ ସାକ୍ଷାତ୍‌କାରରେ ଡୋରିସ କହିଛନ୍ତି ୨୫ ତମ ଜନ୍ମଦିନ ପାଳନ କରି ତାଙ୍କୁ ଖୁସି ଲାଗୁଛି। ଜୀବନରେ ସେମିତି କିଛି ବଦଳି ନାହିଁ ବରଂ ସେ ତାଙ୍କ ପରିବାର ସହ ଖୁସିରେ ଅଛନ୍ତି ବୋଲି କହିଛନ୍ତି।

# ଜଳ ସଂରକ୍ଷଣ ପାଇଁ ଅଣ୍ଟା ଭିଡ଼ିଲେ ୨୦ ହଜାର ଲୋକ

**ଝାବୁଆ:** ଜଳ ସଂରକ୍ଷଣ ପାଇଁ ମଧ୍ୟପ୍ରଦେଶ ଝାବୁଆ ଜିଲାରେ ରବିବାର ୨୦ ହଜାର ଲୋକ ମିଳିତ ଭାବେ କାମ କରିଛନ୍ତି। ସେମାନେ ସକାଳ ୬ଟା ପୂର୍ବାହ୍ନ ୯ଟା ମଧ୍ୟରେ ୪୦ ହଜାର ଜଳସଂରକ୍ଷଣ କୁଣ୍ଡ ନିର୍ମାଣ କରିଛନ୍ତି। ସାମାଜିକ ସଂସ୍ଥା ଶିବଗଙ୍ଗା ପକ୍ଷରୁ ହୋଇଥିବା ସଚେତନତା ଦ୍ୱାରା ଲୋକେ ହାତରେ କୋଡ଼ି କୋଦାଳ ଧରି ସ୍ଥାନୀୟ ହାଥିପାୱା ପାହାଡ଼ ଅଞ୍ଚଳରେ ମିଳିତ ଭାବେ ଏଭଳି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୧୫୦ରୁ ଅଧିକ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ମିଳିତ ଶ୍ରମଦାନ କାର୍ଯ୍ୟକ୍ରମର ୨ ମିନିଟ୍ ୪୬ ସେକେଣ୍ଡର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଶେୟାର କରାଯାଇଛି। ଏହାକୁ ବହୁ ୟୁଜର ବେଶ୍ ପସନ୍ଦ କରିଛନ୍ତି।



# ୬ କି.ମି. ବହି ସଜାଇ ଗିନିଜ୍ ରେକର୍ଡ



**ନ୍ୟୁୟର୍କ:** କେତେକଙ୍କ ମଧ୍ୟରେ ରେକର୍ଡ କରିବା ନିଶା ରହିଥାଏ। ସେମାନେ ନିଜ କାମ ଦ୍ୱାରା ରେକର୍ଡ କରିବାକୁ ଉଦ୍ୟମ କରିଥାନ୍ତି। ନ୍ୟୁୟର୍କରେ କିଛି ସ୍ୱେଚ୍ଛାସେବୀ ୬.୧୩ କିମିର ବହି ସଜାଇ ଏକ ନିଆରା ରେକର୍ଡ କରିଛନ୍ତି। ରେକର୍ଡ ପାଇଁ 'ଦି ବୁକ୍ ଫ୍ୟାରିଜ୍' ସଂଗଠନର ୧୫୦ ଜଣ ସ୍ୱେଚ୍ଛାସେବୀ ମିଳିତ ଭାବେ ୩୧,୦୦୦ ବହି ଲାଇନରେ ସଜାଇ ରଖିଥିଲେ। ସ୍ଥାନୀୟ ୱାଣ୍ଡାଚ୍ ସ୍ଥିତ ଏକ ପ୍ରାଥମିକ ସ୍କୁଲରେ ବହି ଗୁଡ଼ିକୁ ସଜାଇ ରଖାଯାଇଥିଲା। ପୂର୍ବରୁ ୪.୧୮ କିମି ବହି ସଜାଇ ଏକ ରେକର୍ଡ କରାଯାଇଥିଲା। ତେବେ ସ୍ୱେଚ୍ଛାସେବୀମାନେ ପୂର୍ବ ରେକର୍ଡକୁ ଭାଙ୍ଗିଛନ୍ତି। ଏଥିପାଇଁ ବ୍ୟବହୃତ ହୋଇଥିବା ବହିଗୁଡ଼ିକୁ ସ୍ଥାନୀୟ ବାସିନ୍ଦାଙ୍କଠାରୁ ସଂଗ୍ରହ କରାଯାଇ ଥିଲା।

# ୧୧୦ ମିନିଟରେ ୧୩୬ କୋଟି ସଂଗ୍ରହ

**ଅହମଦାବାଦ:** ମନ୍ଦିର ନିର୍ମାଣ ପାଇଁ ଗୁଜରାଟରେ ଏକ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ଧନବର୍ଷା କରିଛନ୍ତି। ମାତ୍ର ୧୧୦ ମିନିଟରେ ୧୩୬ କୋଟି ଟଙ୍କାର ଚାନ୍ଦା ସଂଗ୍ରହ ହୋଇଛି। ତେବେ

## ମନ୍ଦିର ପାଇଁ ଧନବର୍ଷା

୪୦ କୋଟି ଟଙ୍କା କମ ପଡ଼ିବାରୁ ଆବଶ୍ୟକ ଟଙ୍କା ମାତ୍ର ୧୭ ମିନିଟରେ ଲୋକେ ଚାନ୍ଦା ଭାବେ ଦେଇଛନ୍ତି। ସ୍ଥାନୀୟ ଜାସପୁରରେ ଅମିୟା ମାତାଙ୍କ ମନ୍ଦିର ନିର୍ମାଣ କରାଯିବ। ଏହା ପୃଥିବୀର ସବୁଠାରୁ ଉଚ୍ଚା ମନ୍ଦିର ହେବ ବୋଲି କୁହାଯାଉଛି। ଏହାର ଉଚ୍ଚତା ୪୩୧ ଫୁଟ ହେବ। ମନ୍ଦିରଟି ୧୦୦ ବିଘା ଜମି ଉପରେ ନିର୍ମିତ ହେବ। ମନ୍ଦିର ମଧ୍ୟରେ ୫୨ ଫୁଟ ଉଚ୍ଚାର ପ୍ରତିମା ପୂଜା ପାଇବେ। ଏଥି ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୨ ଦିନିଆ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଶ୍ୱ ଅମିୟା ଫାଉଣ୍ଡେଶନ ପକ୍ଷରୁ ୧୨୫ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ରଖାଯାଇଥିଲା।





କିନ୍ନରମାନଙ୍କୁ ଘର ଯୋଗାଇଦେବା ଲାଗି ବଲିଉଡ୍ ସୁପରଷ୍ଟାର ଅକ୍ଷୟ୍ କୁମାର ଦେଢ଼କୋଟି ଟଙ୍କା ଦାନ କରିଛନ୍ତି। ତାଙ୍କ ଅଭିନୀତ ଫିଲ୍ମ 'ଲକ୍ଷ୍ମୀ ବମ୍ବ'ର ନିର୍ଦ୍ଦେଶକ ରାଘବ ଲରେନ୍ସ ଏହି ଦାତବ୍ୟ ଟ୍ରଷ୍ଟ ଆରମ୍ଭ କରିଛନ୍ତି। ସେ ଅକ୍ଷୟ୍ କୁମାରଙ୍କୁ ଫେସ୍‌ବୁକ୍‌ରେ ଧନ୍ୟବାଦ ଜଣାଇଛନ୍ତି। ଲରେନ୍ସଙ୍କ ଟ୍ରଷ୍ଟ ୧୫ ବର୍ଷରେ ପହଞ୍ଚିଥିବାରୁ ଏହି ଅବସରରେ କିନ୍ନରମାନଙ୍କୁ ଆଶ୍ରୟସ୍ଥଳ ଯୋଗାଇଦେବା ଲାଗି ଚଳିତ ବର୍ଷ ନୂଆ ପ୍ରକଳ୍ପ ଆରମ୍ଭ କରାଯାଇଛି। ଟ୍ରଷ୍ଟ ଜମି ଯୋଗାଇଦେବ ଏବଂ ଘର ତିଆରି ଲାଗି ପାଣ୍ଠି ସଂଗ୍ରହ କରିବ ବୋଲି ଲରେନ୍ସ କହିଛନ୍ତି।



ଦଙ୍ଗା ପ୍ରଭାବିତ ଅଞ୍ଚଳରେ ପୋଡ଼ିଯାଇଥିବା ଗାଡ଼ି।



ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳରେ ଜଳିଯାଇଥିବା ଗାଡ଼ିଗୁଡ଼ିକୁ କ୍ରେନ୍ ସାହାଯ୍ୟରେ ଉଠାଯାଉଛି।

# ଶୁଖୁନି ସିଏଏ କ୍ଷତ

ନୂଆଦିଲ୍ଲୀ,୧।୩

ଠିକ୍ ସପ୍ତାହେ ତଳେ ଜାତୀୟ ରାଜଧାନୀର ଉତ୍ତର-ପୂର୍ବ ଅଞ୍ଚଳରେ ସୃଷ୍ଟି ହୋଇଥିଲା ହିଂସା। କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଘଟିଥିଲା ସଂଘର୍ଷ। ରବିବାର ଆରମ୍ଭ ହୋଇଥିବା ଏହି ହିଂସା କ୍ରମଶଃ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଇଥିଲା। ସୋମବାର ୪ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ସାତ ଦିନ ପରେ ଏହି ମୃତ୍ୟୁସଂଖ୍ୟା ୪୭କୁ ଛୁଇଁଛି। ଏହାସହ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଓ ଅନେକ ନିଖୋଜ ଅଛନ୍ତି। ଶବଗୃହ ବାହାରେ ଏବେ ମଧ୍ୟ ବହୁ ଲୋକ ନିଜ ଆତ୍ମୀୟସ୍ୱଜନଙ୍କୁ ଅପେକ୍ଷା କରିଛନ୍ତି। ଦଙ୍ଗାକାରୀ ଭିଆଇଥିବା ଲୁଟ୍, ରାହାଜାନି, ଭଙ୍ଗାରୁଜା ଓ ଜଳାପୋଡ଼ାର କ୍ଷତ ସବୁଠି ବାରି ହୋଇଯାଉଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତ ବେଳେ ଦିଲ୍ଲୀରେ ଦଙ୍ଗା ହୋଇଥିଲା। ଏଥିରେ ସବୁଠୁ ବେଶି ପ୍ରଭାବିତ ହୋଇଛି ଜାଫରାବାଦ, ମୌଜପୁର, ବାବରପୁର, ଚାନ୍ଦବାଗ, ଶିବବିହାର, ଭଜନପୁରା, ଯମୁନା ବିହାର ଓ ମୁସ୍ତାଫାବାଦ ଅଞ୍ଚଳ। ଶନିବାର ସୁଦ୍ଧା ମୃତ୍ୟୁସଂଖ୍ୟା ୪୩ରେ ପହଞ୍ଚିଥିବାବେଳେ ରବିବାର ଏହି ଅଞ୍ଚଳରେ ଆଉ ୪ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଅପରାହ୍ନରେ ଗୋକଲପୁରୀର ଏକ କେନାଲରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଆଉ ଦୁଇଟି ମିଳିଛି ଭାଗୀରଥି ବିହାର କେନାଲରୁ। ସେହିପରି ଶିବବିହାରସ୍ଥିତ ଭଗିରଥ ଡ୍ରେନ୍‌ରୁ ରାତି ୮ଟା ୨୦ରେ ଆଉ ଜଣଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ତେବେ ସେଗୁଡ଼ିକୁ ଚିହ୍ନଟ କରାଯାଇ ପାରିନାହିଁ। ଏହା ପୂର୍ବରୁ ଗୁରୁ ତେଗ୍ ବାହାଦୁର ହସ୍ପିଟାଲରେ ୩୮ ଓ ଲୋକନାୟକ ଜୟପ୍ରକାଶ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୩ ଜଣ ଆଖିବୁଜିଦେଇଥିଲେ। ଦିଲ୍ଲୀ ଦଙ୍ଗାକୁ ନେଇ ପୋଲିସ ୨୫୪ ଏଫ୍‌ଆଇଆର୍ କରିଥିବାବେଳେ ୯୦୩ ଜଣଙ୍କୁ ଗିରଫ କରିଛି କିମ୍ବା ଅଟକ ରଖିଛି। ଏହି ମାମଲାଗୁଡ଼ିକ ମଧ୍ୟରୁ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ୪୧ଟି ଏଫ୍‌ଆଇଆର୍ ହୋଇଛି। ସ୍ଥିତି ସ୍ୱାଭାବିକ ହେବାରେ ଲାଗିଥିବାରୁ ପୋଲିସକୁ ଆଉ ଦଙ୍ଗା ସମ୍ପର୍କିତ ଅଭିଯୋଗ ନେଇ ଫୋନ୍ କଲ ଆସୁ ନ ଥିବା ଜଣାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ପୋଲିସର ଦୁଇଟି ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ବିଭିନ୍ନ ଅଞ୍ଚଳ ବୁଲି ତନାଘନା ଜାରି ରଖିଛନ୍ତି। ଦିଲ୍ଲୀରେ ଏବେ ଜୀବନଯାତ୍ରା ସ୍ୱାଭାବିକ ହେବାରେ ଲାଗିଛି। ଏହାସହ ଷଡ଼ଯନ୍ତ୍ରକୁ ନେଇ ଅନେକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ବିଶ୍ୱାସଘାତକଙ୍କୁ ଗୁଳି ମାର ବୋଲି ସିଏଏ ବିପକ୍ଷବାଦୀଙ୍କ ବିରୋଧରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଦୃଢ଼ ଭାବେ ଓକିଲାତି କରିଥିଲେ। କୋଲକାତାରେ ସିଏଏ ସପକ୍ଷରେ ଆୟୋଜିତ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭାଷଣ ଦେଉଥିବାବେଳେ 'ଗୋଲି ମାରୋ' ସ୍ଲୋଗାନ ଶୁଣିବାକୁ ମିଳିଛି। ସୋମବାର ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନରେ ଶାହାଙ୍କ ଇସ୍ତଫା ଦାବି ଜୋର୍ ଧରିବା ସାଙ୍ଗକୁ ଦିଲ୍ଲୀ ଦଙ୍ଗା ପ୍ରମୁଖ ପ୍ରସଙ୍ଗ ହେବ ବୋଲି ବିରୋଧୀ ସୂତ୍ରରୁ ଜଣାପଡ଼ିଛି। ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଙ୍ଗ ପ୍ରତଷ୍ଠାତା ଶ୍ରୀଶ୍ରୀ ରବିଶଙ୍କର ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ପୀଡ଼ିତମାନଙ୍କୁ ଭେଟିଛନ୍ତି। ହିଂସା ଭିଆଉଥିବା ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସେ କହିଛନ୍ତି।



ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗା ପ୍ରଭାବିତ ଭଜନପୁରା ଏରିଆରେ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର।

**ଦିଲ୍ଲୀ ଦଙ୍ଗା**

- ୪୭ ଛୁଇଁଲା ମୃତ୍ୟୁସଂଖ୍ୟା
- ଡ୍ରେନ୍‌ରୁ ମିଳିଲା ଆଉ ୪ ମୃତଦେହ
- ୨୫୪ ଏଫ୍‌ଆଇଆର୍, ଧରାପଡ଼ିଲେଣି ୯୦୩ ଜଣ
- ଶ୍ରୀ ଶ୍ରୀ ରବିଶଙ୍କର ବୁଲିଲେ ପ୍ରଭାବିତ ଅଞ୍ଚଳ
- ଶାହାଙ୍କ କୋଲକାତା ରାଲିରେ ଗୋଲି ମାରୋ ସ୍ଲୋଗାନ

## ସେନା ହେଲିକପ୍ଟର ନିର୍ମାଣ କରିବ ହାଲ୍

ନୂଆଦିଲ୍ଲୀ,୧।୩(ପି.ଟି.)



ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ହାଲ୍) ସୈନ୍ୟବାହିନୀ ପାଇଁ ୧୦ରୁ ୧୨ ଟନ୍ ଓଜନ ବିଶିଷ୍ଟ ଲଢୁଆ ହେଲିକପ୍ଟର ନିର୍ମାଣ କରିବ। ଏହା ବିଶ୍ୱ ସ୍ତରରେ ବୋଇଂ କମ୍ପାନୀର ଆପାଚେ ଭଳି ମଧ୍ୟମ ଓଜନଦାର ସାମରିକ ହେଲିକପ୍ଟର ହେବ। ଏଥିପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି ଓ ୨୦୨୭ ସୁଦ୍ଧା ହେଲିକପ୍ଟର ନିର୍ମାଣ ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୩ ବାହିନୀ ପାଇଁ ଆଗାମୀ ବର୍ଷରେ ୪ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାମରିକ ହେଲିକପ୍ଟର ଆମଦାନୀ କରିବାକୁ ଥିବାବେଳେ ଏହାକୁ ରୋକିବା ଏହି ମେଗା ପ୍ରକଳ୍ପର ଉଦ୍ଦେଶ୍ୟ ବୋଲି ହାଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଆର୍. ମାଧବନ କହିଛନ୍ତି। ହେଲିକପ୍ଟରର ପ୍ରାରମ୍ଭିକ ଡିଜାଇନ ଚୂଡ଼ାନ୍ତ ହୋଇଛି। ସରକାରଙ୍କଠାରୁ ସବୁଜ ସଙ୍କେତ ମିଳିଲେ ୨୦୨୩ ସୁଦ୍ଧା ପ୍ରଥମ ପ୍ରୋଟୋଟାଇପ୍‌ର ଅନ୍ୟୁନ ୫୦୦ ୟୁନିଟ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

## ଦୁଇ ମାଲ୍‌ବାହୀ ଟ୍ରେନ୍ ଧକ୍କାରେ ୩ ମୃତ



ସିଙ୍ଗ୍ରାଉଲି,୧।୩(ପି.ଟି.)

ମଧ୍ୟପ୍ରଦେଶର ସିଙ୍ଗ୍ରାଉଲି ଜିଲାରେ ରବିବାର ଭୋର ସମୟରେ ଦୁଇଟି ମାଲ୍‌ବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଆମ୍‌ଲୋରି ଖଣିରୁ କୋଇଲା ନେଇ ଉତ୍ତରପ୍ରଦେଶ ଯାଉଥିବା ଟ୍ରେନ୍‌ଟି ଘନହରି ଗ୍ରାମ ନିକଟରେ ଏକ ଖାଲି ଟ୍ରେନ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୋଟିଏ ଟ୍ରେନ୍‌ର ୧୩ଟି ୱାଗନ ଓ ଗୋଟିଏ ଇଞ୍ଜିନ ଲାଇନଚ୍ୟୁତ ହୋଇଛି। ମୃତ ୩ ଜଣଙ୍କୁ ଚିହ୍ନଟ କରାଯାଇପାରିନାହିଁ। ସେମାନେ ଟ୍ରେନ୍‌ର ଦୁଇ ଡ୍ରାଇଭର ଓ ଜଣେ ପଏଣ୍ଟସ୍ ମ୍ୟାନ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ଯେଉଁ ରେଳଲାଇନରେ ଦୁର୍ଘଟଣା ଘଟିଛି, ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏନ୍‌ଟିପିସି ନେଇଥିଲା। ଡ୍ରାଇଭରଙ୍କ ତ୍ରୁଟି କିମ୍ବା ସିଗ୍‌ନାଲରେ ଭୁଲ୍ ଯୋଗୁ ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି।

## ସାଉଥ୍ କରୋଲିନା ପ୍ରାଇମେରି ଜିତିଲେ ଜୋ ବିଡେନ

କଲମ୍ବିଆ,୧।୩



ଆଫ୍ରିକୀୟ ଆମେରିକୀୟମାନଙ୍କ ସମର୍ଥନ ବଳରେ ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ ଶନିବାର ଅନୁଷ୍ଠିତ ସାଉଥ କରୋଲିନା ଡେମୋକ୍ରାଟିକ୍ ପ୍ରାଇମେରିକୁ ସହଜରେ ଜିତିଯାଇଛନ୍ତି। ଫଳରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଦଳର ଅନ୍ୟତମ ଆଶାୟୀ ବେର୍ନି ସାଣ୍ଡର୍ସଙ୍କ ବିଜୟ ଧାରାରେ ରୋକ୍ ଲାଗିଛି। ଏହି ବିଜୟ ବିଡେନଙ୍କ ପାଇଁ ଅତି ଜରୁରୀ ଥିଲା। ଏବେ ସୁପର ଟିଉଜ୍‌ଡେ ଉପରେ ସମସ୍ତଙ୍କ ନଜର ରହିଛି। ସାଉଥ କରୋଲିନା ବିଜୟ ତାଙ୍କୁ ସାଣ୍ଡର୍ସଙ୍କ ବିକଳ୍ପ ଭାବେ ପ୍ରତିଷ୍ଠିତ କରିବାକୁ ଯଥେଷ୍ଟ ହେବ ବୋଲି ବିଡେନ ଆଶା କରୁଛନ୍ତି। ବିଡେନଙ୍କର ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଲେ ନ୍ୟୁୟର୍କ ସହରର ପୂର୍ବତନ ମେୟର ମାଇକ ବ୍ଲୁମବର୍ଗ। ବିଶ୍ୱର ଅନ୍ୟତମ ଧନୀ ବ୍ଲୁମ୍‌ବର୍ଗ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ୫୦ କୋଟି ଡଲାରରୁ ଅଧିକ ଖର୍ଚ୍ଚ କରିସାରିଲେଣି।

## ମେଘାଳୟ ହିଂସା ମୃତ୍ୟୁସଂଖ୍ୟା ୩

**ଶିଲଂ,୧।୩(ପି.ଟି.):** ମେଘାଳୟର ପୂର୍ବ ଖାସି ପାର୍ବତ୍ୟାଞ୍ଚଳ ଜିଲାରେ ଆଦିବାସୀ-ଅଣଆଦିବାସୀ ସଂଘର୍ଷଜନିତ ମୃତ୍ୟୁସଂଖ୍ୟା ରବିବାର ୩ରେ ପହଞ୍ଚିଛି। ଶନିବାର ଦୁଇଜଣଙ୍କ ମୃତ୍ୟୁ ଘଟିଥିବାବେଳେ ରବିବାର ସକାଳେ ୩ ଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ହିଂସା ପରେ ଲାଗୁ ହୋଇଥିବା ରାତ୍ରିକାଳୀନ କର୍ଫ୍ୟୁକୁ ରବିବାର ସକାଳେ ଉଠାଇ ଦିଆଯାଇଥିବାବେଳେ ଲୁମ୍‌ଡିଏଙ୍ଗ୍ରୀ, ସଦର ଥାନା ଓ କ୍ୟାଣ୍ଟନମେଣ୍ଟ ବିଟ୍ ହାଉସ୍ ଅଞ୍ଚଳରେ କର୍ଫ୍ୟୁ ବଳବତ୍ତର ରହିଛି। ତିନିଜଣଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗି ରହିଛି।

# ମୁହଁ ଖୋଲନ୍ତୁ ମୋଦି

ହାଇଦ୍ରାବାଦ,୧।୩(ଆଇଏଏନ୍‌ଏସ୍)

ଦିଲ୍ଲୀରେ ଘଟିଥିବା ହିଂସା ଏକ ସୁନିୟୋଜିତ ଗଣହତ୍ୟା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବତା ଭଙ୍ଗ କରନ୍ତୁ। ସେ ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇ ଦୋଷୀଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାନ୍ତୁ ବୋଲି ରବିବାର ଅଲ୍ ଇଣ୍ଡିଆ ମଜ୍‌ଲିସ-ଇ-ଇତ୍ତେହାଦୁଲ ମୁସଲିମିନ୍ (ଏଆଇଏମ୍‌ଆଇଏମ୍) ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ଆହ୍ୱାନ ଦେଇଛନ୍ତି। ହଇଦ୍ରାବାଦରେ ଏଆଇଏମ୍‌ଆଇଏମ୍‌ର ୬୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି ସ୍ଥାନୀୟ ଏମ୍‌ପି ଓୱାଇସି କହିଛନ୍ତି, ମୁସଲମାନମାନଙ୍କ ବିରୋଧରେ ଏକ 'ଘୃଣାର ଝଡ଼' ସୃଷ୍ଟି କରାଯାଇଛି। ଏହା ଦେଶ ପାଇଁ ଶୁଭଙ୍କର ନୁହେଁ। ଦିଲ୍ଲୀରେ ଘଟିଥିବା ହିଂସା ଏକ ନିୟୋଜିତ ଆକ୍ରମଣ। ଏହାର ଉତ୍ତରଦାୟିତ୍ୱ କେନ୍ଦ୍ରର ଭାଜପା ସରକାରଙ୍କର। ତେବେ ଅନ୍ୟ ସମୁଦାୟର ଲୋକଙ୍କୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବିପଦ ଭିତରକୁ ଠେଲି ଦେଇଥିବା ଲୋକେ ଅନ୍ଧକାରରେ ଆଶାର କିରଣ ବୋଲି ସେ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୨୦୦୨ ଗୁଜରାଟ ଗଣହତ୍ୟାରୁ ଶିକ୍ଷାଲାଭ କରିବେ ବୋଲି ସେ ମନେକରୁଥିଲେ। ହେଲେ ସେପରି କିଛି ଦେଖିବାକୁ ମିଳିଲାନାହିଁ। ବିଗତ ସାଢ଼େ ୫ ବର୍ଷରେ ମୁସଲିମ୍ ସମ୍ପ୍ରଦାୟ ବିରୋଧରେ ଦେଶରେ ଘୃଣା ବିସ୍ତାର ଲାଭ କରିଛି। ହିଂସାରେ ପ୍ରାଣ ହରାଇଥିବା ଉଭୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ମୁହଁ ଖୋଲିବା ଉଚିତ ବୋଲି ଓୱାଇସି କହିଛନ୍ତି।



**ଦିଲ୍ଲୀ ଦଙ୍ଗା ପ୍ରାୟୋଜିତ ଗଣହତ୍ୟା: ଓୱାଇସି**

## ୬ ମାସର ଶିଶୁକନ୍ୟାକୁ ପିଟି ମାରିଦେଲେ ମାଆ

**ଆଗ୍ରା,୧।୩:** ଉତ୍ତରପ୍ରଦେଶ ଆଲିଗଡ଼ ଜିଲା ଅଧୀନ ରାମପୁସ୍ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ହୋଲି ପାଇଁ ନୂଆ ପୋଷାକ ଆଣିବାକୁ ସ୍ୱାମୀ ମନା କରିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ପିଙ୍କି ଶର୍ମା ନାମ୍ନୀ ମହିଳା ତାଙ୍କ ୬ ମାସର ଶିଶୁକନ୍ୟାକୁ ପିଟି ହତ୍ୟା କରିଛନ୍ତି। ପୋଲିସ ପିଙ୍କିଙ୍କୁ ଗିରଫ କରିଛି। ଶନିବାର ସନ୍ଧ୍ୟାରେ ପିଙ୍କି ତାଙ୍କ ପାଇଁ ଓ ଝିଅ ପାଇଁ ନୂଆ ପୋଷାକ ଆଣିବା ଲାଗି ସ୍ୱାମୀ ରାହୁଲଙ୍କୁ କହିଥିଲେ। ସେ ମନା କରିବାରୁ ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ପିଙ୍କି ରାଗିଯାଇ ଝିଅକୁ ବାରମ୍ବାର ପିଟିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଝିଅକୁ ମାରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ପିଙ୍କି ପୋଲିସକୁ କହିଛନ୍ତି। ତାଙ୍କ ବିରୋଧରେ ଆଇପିସିର ଧାରା ୩୦୨ରେ ମାମଲା ରୁଜୁ ହୋଇଛି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଗୋଟିଏ ଦୁଇଟି ସ୍ଥାନରେ କାଁଭାଁ ବର୍ଷା ସତ୍ତ୍ୱେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୧୭.୫ |
| ଚାନ୍ଦବାଲି | ୩୧.୭ | ୧୮.୯ |
| କଟକ | ୩୨.୦ | ୧୭.୦ |
| ପାରାଦ୍ୱୀପ | ୨୯.୦ | ୧୯.୬ |
| ଭୁବନେଶ୍ୱର | ୩୨.୫ | ୧୮.୩ |
| ଗୋପାଳପୁର | ୩୦.୫ | ୧୯.୩ |
| ପୁରୀ | ୩୦.୬ | ୨୦.୪ |
| ଅନୁଗୋଳ | ୩୨.୧ | ୧୨.୬ |
| ବାରିପଦା | ୩୨.୫ | ୧୮.୦ |
| ଝାରସୁଗୁଡ଼ା | ୩୨.୬ | ୧୫.୮ |
| କେନ୍ଦୁଝର | ୩୦.୦ | ୧୫.୪ |
| ସମ୍ବଲପୁର | ୩୧.୯ | ୧୫.୬ |
| ସୁନ୍ଦରଗଡ଼ | ୩୦.୦ | ୧୩.୦ |
| ହୀରାକୁଦ | ୩୧.୧ | ୧୬.୪ |
| ତାଳଚେର | ୩୩.୧ | ୧୫.୫ |
| ଭବାନୀପାଟଣା | ୩୧.୫ | ୧୭.୨ |
| ବଲାଙ୍ଗୀର | ୩୨.୨ | ୧୬.୬ |
| କୋରାପୁଟ | ୨୯.୮ | ୧୫.୦ |
| ଫୁଲବାଣୀ | ୨୯.୪ | ୧୩.୦ |
| ଟିଟିଲାଗଡ଼ | ୩୨.୪ | ୧୪.୬ |
| ମାଲକାନଗିରି | ୩୫.୨ | ୧୫.୬ |
| ସୋନପୁର | ୩୧.୨ | ୧୨.୬ |
| ଦାରିଙ୍ଗିବାଡ଼ି | ୨୮.୫ | ୧୧.୫ |

ଡିଗ୍ରୀ ସେଲ୍‌ସିୟସ୍

**ଇତିହାସର ଆଇନାରେ**

## ମାର୍ଚ୍ଚ ୨ର ପ୍ରମୁଖ ଘଟଣା

୧୮୦୭ ମାର୍ଚ୍ଚ ୨ରେ ଆମେରିକା କଂଗ୍ରେସରେ କ୍ରୀତଦାସ ଆମଦାନି ରୋକିବା ଲାଗି ଏକ ଆଇନ ଗୃହୀତ ହୋଇଥିଲା। ଦାସତ୍ୱ ପ୍ରଥା ବନ୍ଦ କରିବା ଦିଗରେ ଏହା ଥିଲା ପ୍ରଥମ ବଡ଼ ପଦକ୍ଷେପ।

୧୯୯୧ ମାର୍ଚ୍ଚ ୨ରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଏଲ୍‌ଟିଟିଇର କାର ବୋମା ବିସ୍ଫୋରଣରେ ଦେଶର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ରଞ୍ଜନ ବିଜୟରତ୍ନେ ନିହତ ହୋଇଥିଲେ। ଏହି ବିସ୍ଫୋରଣରେ ତାଙ୍କର ୫ ଅଙ୍ଗରକ୍ଷୀଙ୍କ ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଜେନେରାଲ ବିଜୟରତ୍ନେ ୧୯୮୯ରୁ ୧୯୯୧ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରେମଦାସାଙ୍କ କ୍ୟାବିନେଟରେ ବହିର୍ବ୍ୟାପାର ମନ୍ତ୍ରୀ ଓ ପରେ ବନୀକରଣ ଶିଳ୍ପମନ୍ତ୍ରୀ ଥିଲେ। ଏଥିସହିତ ସେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଭାବେ କାମ କରୁଥିଲେ। ଏଲ୍‌ଟିଟିଇ ପ୍ରତି କଠୋର ଆଭିମୁଖ୍ୟ ରଖୁଥିବାରୁ ତାଙ୍କୁ ଟାର୍ଗେଟ କରାଯାଇଥିଲା।

## ସିଏଏକୁ ରୋକିପାରିବେନି ଦିଦି

କୋଲକାତା,୧।୩(ପି.ଟି.)



**ମମତାଙ୍କ ଗଡ଼ରେ ଶାହାଙ୍କ ଗର୍ଜନ**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ରୋକି ପାରିବେନି। ଶରଣାର୍ଥୀମାନଙ୍କୁ ଭାରତର ନାଗରିକତ୍ୱ ଦେବାରେ ସେ କେନ୍ଦ୍ର ସରକାରଙ୍କୁ ଅଟକାଇ ପାରିବେ ନାହିଁ ବୋଲି ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ହୁଙ୍କାର ଦେଇଛନ୍ତି। ସିଏଏର ଦୃଢ଼ ବିରୋଧୀ ଭାବେ ଜଣାଶୁଣା ମମତା ପଶ୍ଚିମବଙ୍ଗରେ ଏହାକୁ ଆଦୌ ଲାଗୁ କରିବାକୁ ଦିଆଯିବ ନାହିଁ ବୋଲି ବାରମ୍ବାର ଗର୍ଜନ କରୁଥିବାବେଳେ ତାଙ୍କୁ ଏଭଳି ଜବାବ ଦେଇଛନ୍ତି ଶାହା।

କୋଲକାତାରେ ସିଏଏ ସପକ୍ଷରେ ଆୟୋଜିତ ଏକ ସଭାକୁ ସମ୍ବୋଧନ କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ଶରଣାର୍ଥୀମାନଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ଉଦ୍ଦିଷ୍ଟ ନବପ୍ରଣୀତ ଆଇନକୁ ନେଇ ମିଥ୍ୟା ଧାରଣା ସୃଷ୍ଟି କରି ଭୟଭୀତ କରାଉଛନ୍ତି। ଏହି ଆଇନକୁ ନେଇ ମମତା ନିଜ ରାଜ୍ୟରେ ଦଙ୍ଗାକୁ ଅନୁମତି ଦେଉଛନ୍ତି। ଏଠାରେ ଟ୍ରେନ୍ ଓ ରେଳ ଷ୍ଟେଶନଗୁଡ଼ିକୁ ଜାଳି ଦିଆଯାଇଛି। ମମତା ଦିଦି ବିରୋଧୀ ଦଳରେ ଥିବାବେଳେ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ ପ୍ରସଙ୍ଗ ଉଠାଇଥିଲେ। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ଲକ୍ଷ ଲକ୍ଷ ଶରଣାର୍ଥୀଙ୍କୁ ନାଗରିକତ୍ୱ ଦେବା ଲାଗି ଆଇନ ଆଣିଥିବାବେଳେ ମମତା ଏହାକୁ ବିରୋଧ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏବେ ସେ କଂଗ୍ରେସ ଓ କମ୍ୟୁନିଷ୍ଟମାନଙ୍କ ସହ ପୁଣି ଛିଡ଼ା ହୋଇଛନ୍ତି ବୋଲି ଶାହା ସମାଲୋଚନା କରିଛନ୍ତି।

# ଫଟୋରେ ଖବର





ରବିବାର ସମ୍ବଲପୁର ପର୍ଶୁରାମ ଭବନଠାରେ ଆୟୋଜିତ ଶ୍ରୀରାମ ଭଗବତ କଥାଜ୍ଞାନ ଯଜ୍ଞ ଉପଲକ୍ଷେ କଳସ ଯାତ୍ରା (ବାମ)। ରବିବାର ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଜିଲା ବହୁଜନ ସମାଜ ପାର୍ଟି ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ନିହାଲ ସିଂ ସୂଚନା ଦେଉଛନ୍ତି (ମଝି)। ରବିବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବାଗଡିହା ପଡା ଖେଳ ପଡିଆଠାରେ ବିଧାୟକ ଜୟନାରାୟଣ ମିଶ୍ର ହକି ଷ୍ଟିକ ଦେଖାଇ ଫାଇନାଲ ମ୍ୟାଚ ଶୁଭାରମ୍ଭ କରୁଛନ୍ତି ।

## ୨୭ରେ ବିଶ୍ୱନାଟ୍ୟ ଦିବସ ସମସ୍ତ ନାଟ୍ୟ ଅନୁଷ୍ଠାନ ଏକାଠି ପାଳନ କରିବେ

ସମ୍ବଲପୁର,୧।୩ (ବ୍ୟୁରୋ)

ଚଳିତ ମାସ ୨୭ ତାରିଖ ବିଶ୍ୱନାଟ୍ୟ ଦିବସକୁ ସମ୍ବଲପୁରର ସମସ୍ତ ନାଟ୍ୟ ଅନୁଷ୍ଠାନ ମିଳିତ ଭାବେ ପାଳନ କରିବେ । ସମସ୍ତ ମଞ୍ଚ କଳାକାର ଏକାଠି କାର୍ଯ୍ୟ କଲେ ସଦ୍‌ଭାବ ରଖିବା ସହ ନାଟ୍ୟ ଧାରାକୁ ଆହୁରି ସମୃଦ୍ଧ କରିବ । ରବିବାର ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପଠାରେ ସମ୍ବଲପୁର ନାଟ୍ୟକଳା ପରିଷଦ ଆହ୍ୱାନରେ ଆୟୋଜିତ ସଭାରେ ଏହି ମତପ୍ରକାଶ ପାଇଛି। ବରିଷ୍ଠ କଳାକାର ଶିବନାରାୟଣ ଶତପଥୀ, ବାପୁଜୀ ପଟ୍ଟନାୟକ, ନାଟ୍ୟକଳା ପରିଷଦ ସମ୍ପାଦକ ପ୍ରଶାନ୍ତ ମହାରଣା ଓ କୋଷାଧ୍ୟକ୍ଷ ଦିଲୀପ ପୃଷ୍ଟିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀକଲଚରାଲ ଆସୋସିଏସନ୍‌ର ସତ୍ୟରଞ୍ଜନ ବେହେରା, ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫୁଲ୍ଲ କୁମାର ହୋତା, ମଞ୍ଚ ନାୟକର ପ୍ରଦୀପ ପଣ୍ଡା, ଆର୍ଟ୍ସ ଆସୋସିଏସନ୍‌ର ସୂର୍ଯ୍ୟ ପାଣିଗ୍ରାହୀ, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ସାଂସ୍କୃତିକ ସଂସଦର ସନ୍ତୋଷ କୁମାର ମିଶ୍ର, ଅଦୃଶ୍ୟ ନାଟ୍ୟଆଶ୍ରମ ନିର୍ଦ୍ଦେଶକ ଅତିଶ ଶତପଥୀ, ଶବ୍ଦ ସାଂସ୍କୃତିକ ଅନୁଷ୍ଠାନର ବିରୂପାକ୍ଷ ପ୍ରଧାନ, ଚେତନା ସାଂସ୍କୃତିକ ଅନୁଷ୍ଠାନର ସଞ୍ଜୀବ ପାଢ଼ୀ, ଯୁବ ଉଦୟନ ସଭାପତି ସଞ୍ଜୟ ମିଶ୍ର, ମିଳିତ କଳାକାର ସଂଘର ବାବୁଲୁ ବାଗ, ଡ. ସୁରୁବାବୁ ମେହେର, ଅଶୋକ ମିଶ୍ର ଆଲୋଚନାରେ ଭାଗ ନେଇଥିଲେ । ସନ୍ତୋଷ ବହିଦାର, ଅଭିଷେକ ମିଶ୍ର, ପ୍ଲାବନ ମିଶ୍ର, ସୁବାଷ ନନ୍ଦ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

# ତଥାପି ଲୋକେ ସୁଧୁରିଲେନି

ସମ୍ବଲପୁର/କୁଚିଣ୍ଡା, ୧।୩ (ବ୍ୟୁରୋ/ ଡି.ଏନ.ଏ.)

**୬ ମାସ ପରେ ପୁଣି ଆରମ୍ଭ ହେଲା ନିୟମ ପାଳନ**

- ୬ ସ୍ଥାନରେ ଚଢ଼ାଉ, ଅଢ଼େଇ ଲକ୍ଷ ଟଙ୍କା ଜରିମାନା ଆଦାୟ
- ପାତର ଅନ୍ତର ନେଇ ଅଭିଯୋଗ
- ମୁଣ୍ଡିଆ ମାରିଲା ପରେ ମଧ ଛାଡିଲା ନାହିଁ ପୋଲିସ

ଦୀର୍ଘ ୬ ମାସ କୋହଳ ହେବା ପରେ ରବିବାରଠାରୁ ସମଗ୍ର ରାଜ୍ୟରେ ପୁଣି ଟ୍ରାଫିକ ନିୟମ କଡାକଡି କରାଯାଇଛି। ସମ୍ବଲପୁର ଜିଲାରେ ମଧ ପୋଲିସ ଓ ଆରଟିଓ ବିଭାଗ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଯାଞ୍ଚ କରିଛି। ପୋଲିସ ପକ୍ଷରୁ ୨ ଲକ୍ଷ ୬୬ ହଜାର ଟଙ୍କା ଜରିମାନା ଅଦାୟ କରାଯାଇଛି। ସେହିପରି ଆରଟିଓ ପକ୍ଷରୁ ୫୯ ଜଣଙ୍କ ନାମରେ ପ୍ରାୟ ୩ ଲକ୍ଷ ଟଙ୍କାର ଚାଲାଣ କଟା ଯାଇଛି । ପୂର୍ବାହ୍ନ ୧୦ଟାରୁ ଜେଲଛକ, କଚେରି ଛକ, ଅଇଁଠାପାଲି ଛକ, ଫାର୍ମରୋଡ, କ୍ଷେତରାଜପୁର ଥାନା ମହାତ୍ମା ଗାନ୍ଧୀ ମାର୍ଗ (ରିଙ୍ଗରୋଡ) ପ୍ରମୁଖ ସ୍ଥାନରେ ଯାଞ୍ଚ କରାଯାଥିଲା। ସନ୍ଧ୍ୟାରେ ବୁଥାପଡା ଓ ଲକ୍ଷ୍ମୀଟକିଜ ଛକରେ ଯାଞ୍ଚ କରାଯାଇଥିଲା। ନିୟମ ମାନି ନ ଥିବା ଗାଡି ଚାଳକ ଫାଇନ ଗଣି ଥିଲେ। ଲକ୍ଷ୍ମୀଟକିଜ ଛକରେ ୩ ଜଣ ଯୁବକ ଧରାପଡିଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଛାଡିବାକୁ ପୋଲିସ ମନା କରିଦେବାରୁ ଗୋଡ ତଳେ ପଡି ମୁଣ୍ଡିଆ ମାରି କାକୁତି ମୀନତି ହୋଇଥିଲେ। ହେଲେ ପୋଲିସ ଛାଡି ନ ଥିଲା। ସେମାନଙ୍କ ଘର ଲୋକେ ଆସି ଜରିମାନା ଦେଇଥିଲେ। ଜେଲ ଛକରେ କିନ୍ତୁ ଯାଞ୍ଚ ସମୟରେ ଜଣେ ଯୁବକଙ୍କୁ ପୋଲିସ ଛାଡି ଦେବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି । ଏହାକୁ ନେଇ ଅଭିଯୋଗ ମଧ କରାଯାଇଛି। ଏ ସମ୍ପର୍କରେ ଟ୍ରାଫିକ ଡିଏସ୍‌ପି ହିମାଂଶୁ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନିୟମ କଡା କଡି କରାଯିବ । ନିୟମିତ ଯାଞ୍ଚ ପକ୍ରିୟା ଜାରି ରହିବ। ଯୁବକଙ୍କୁ ଛାଡିବା ଘଟଣାରେ ମଧ ସିସିଟିଭିକୁ ନେଇ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯିବ। ତେବେ ଲୋକମାନଙ୍କ ଆନ୍ଦୋଳନ ଓ ବିରୋଧକୁ ନେଇ ସରକାର ୬ ମାସ ପାଇଁ ନିୟମକୁ କୋହଳ କରିଥିଲେ । ୬ ମାସ ପରେ ମଧ ସାଧାରଣ ଲୋକ ସୁଧୁରି ନାହାନ୍ତି। ବିନା ହେଲମେଟରେ ବାଇକ୍ ଚଳାଇବା, ଗାଡି ଗୁଡିକ କାଗଜପତ୍ର ଠିକ ନ ରଖି ପୋଲିସ ହାତରେ ଧରା ପଡୁଛନ୍ତି। ଏପରିକି ଯାଞ୍ଚ ହେଉଥିବା ଦେଖି ଦ୍ରୁତ ଗତିରେ ଗାଡି ନେଇ ଏପଟେ ସେପଟେ ଚାଲି ଯାଉଛନ୍ତି। ଅନ୍ୟପକ୍ଷେ ଆମ କୁଚିଣ୍ଡା ପ୍ରତିନିଧି ଜଣାଇଛନ୍ତି ଯେ, କୁଚିଣ୍ଡା ପୋଲିସ ମଧ ରବିବାର ଗାଡିମୋଟର ଯାଞ୍ଚ କରିଛି। ପାଖାପାଖି ୧୬ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି।

## ଅଭିଭାବକଙ୍କ କଥାରେ ରାଜି ହେଲା ସ୍କୁଲ

ସମ୍ବଲପୁର,୧।୩(ବ୍ୟୁରୋ)

ସମ୍ବଲପୁର ସହରର ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ଛାତ୍ରୀଛାତ୍ରଙ୍କଠାରୁ ଏସି ଚାଲିବା ବାଦକୁ ଫି ଆଦାୟ କରିବାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିଛି। ରବିବାର ସ୍କୁଲରେ ଏକ ବୈଠକ ବସିଥିଲା । ଫେବୃୟାରୀ ଓ ମାର୍ଚ୍ଚ ମାସର ଏସି ଫି ଛାଡ କରିବାକୁ ସ୍ଥିର ହୋଇଛି। ମୋଟ ୨୪ ଶହ ଟଙ୍କାରୁ ୨୫ ପ୍ରତିଶତ କମ୍ କରାଯିବ। ଅର୍ଥାତ୍ ୧୮ ଶହ ଟଙ୍କା ନିଆଯିବ । ଯେଉଁ ଛାତ୍ରୀଛାତ୍ରଙ୍କ ନିକଟରୁ ଏହି ୨ ମାସର ଫି ନିଆଯାଇଛି ତାହା ମଧ ଫେରସ୍ତ କରାଯିବ। ଯେଉଁମାନେ ସ୍କୁଲରୁ ଟିସି ନେବେ ସେମାନଙ୍କ ଟଙ୍କା ଫେରସ୍ତ ମଧ କରାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଏହି ଏସି ଫି ଦେବାକୁ କେନ୍ଦ୍ର କରି ଶନିବାର ସ୍କୁଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଭାବକଙ୍କୁ ଦୁର୍ବ୍ୟବହାର କରାଯାଇଥିଲେ। ଏଭଳି ପରିସ୍ଥିତି ଉପୁଜିଥିଲା ଯେ, ହର୍ଷ ମେହେତା ନାମକ ଜଣେ ଅଭିଭାବକ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହେଲେ ଏହି ଘଟଣା ପାଇଁ ସେ ଅନୁତପ୍ତ। ତାଙ୍କ ପାଇଁ ପୂରା ଜିଲା ପ୍ରଶାସନ, ଜିଲା ଶିକ୍ଷା ବିଭାଗ ହଇରାଣ ହୋଇଥିଲା। ତେଣୁ ଏଥିପାଇଁ ସେ ପ୍ରଶାସନ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ପ୍ରକାଶ ଯୋଗ୍ୟ, ଏସି ଫି ନ ଦେବାରୁ କେତେକ ଛାତ୍ରୀଛାତ୍ରଙ୍କ ରିପୋର୍ଟ କାର୍ଡ ପ୍ରକାଶ ପାଉ ନ ଥିଲା । ଏହାକୁ ନେଇ ଶନିବାର ଅଭିଭାବକମାନେ ସ୍କୁଲ ସମ୍ମୁଖରେ ଜମା ହୋଇଥିଲେ। ହର୍ଷ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ୪୮ ୟୁନିଟ ରକ୍ତ ସଂଗ୍ରହ



ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଅତିଥି ଓ ଅନ୍ୟମାନେ।

ଦେବଗଡ଼,୧।୩(ଡି.ଏନ.ଏ.)

ବାରକୋଟ ବ୍ଲକ ଅଧୀନ କଣ୍ଢେଇସ୍ଥିତ ଆନନ୍ଦ ସେବା ସଦନଠାରେ ଆନନ୍ଦ ମାର୍ଗ ସେବା ୟୁନିଟ, କଣ୍ଢେଇ ସ୍ପୋର୍ଟ୍ସ କ୍ଲବ ଓ ଦେବଗଡ ଜିଲା ପୋଲିସର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. କେଦାର ଧଳଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ଭାବେ ରକ୍ତ ଭଣ୍ଡାର ଅଧିକାରୀ ଡ. ଅମିତ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଢେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ବିରଞ୍ଚି ବେହେରା, ଆଇନଜୀବୀ ସିଦ୍ଧେଶ୍ୱର ଗୁରୁ, ଦୟାନିଧି ବେହେରା, ବିରେନ କୁମାର ପ୍ରଧାନ, ସାରଙ୍ଗଧର ଦେହୁରୀ ଓ ସୁଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ମୋଟ ୪୮ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଶିବିରକୁ ରକ୍ତଭଣ୍ଡାର କର୍ମଚାରୀ ଅମ୍ବିକା ଦାଶ, ମଦନ ମୋହନ ସାହୁ, ଆଲୋକ କୁମାର ମହାପାତ୍ର, ମନୋରଞ୍ଜନ ଧଳ, ମଳୟ ବେହେରା ଓ କୁନା ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଏହି ଶିବିରରେ ଜିଲା ପୋଲିସ ପକ୍ଷରୁ ଡିଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ, ଦେବଗଡର ହିମାଂଶୁ ବିଶ୍ୱାଳ, ଆନନ୍ଦ ସେବା ସଦନ ନିର୍ଦ୍ଦେଶିକା ସବିତା ସାମଲ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ କଣ୍ଢେଇ ସ୍ପୋର୍ଟ୍ସ କ୍ଲବ ସଭାପତି ନିରଞ୍ଜନ ବେହେରା, ରାଜ କିଶୋର ପ୍ରଧାନ, ବିଶ୍ୱନାଥ ସାହୁ, ମୁନା ରାଉତ, ଆନନ୍ଦ ସେବା ସଦନ କର୍ମଚାରୀ ଗାୟତ୍ରୀ ବିଶ୍ୱାଳ, ଝସକେତନ ସାହୁ, ଦୁଷ୍ମନ୍ତ ବେହେରା, ମନୋଜ ନାୟକ, ନୂତନ ସାମଲ, ଶାନ୍ତିଲତା ଜାମୁଡା, ହରିପ୍ରିୟା ମହାକୁଳ ଓ ବିନୋଦିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବାମଣ୍ଡା କ୍ରାନ୍ତି ଏକତା ମଞ୍ଚ ଗଠିତ



ଦେବଗଡ଼,୧।୩(ଡି.ଏନ.ଏ.)

ବୈଠକରେ ଉପସ୍ଥିତ ବାମଣ୍ଡା କ୍ରାନ୍ତି ଏକତା ମଞ୍ଚ କର୍ମକର୍ତ୍ତା।

ସ୍ଥାନୀୟ ବସନ୍ତ ନିବାସ ଡ଼ାକ ବଙ୍ଗଳାଠାରେ ପ୍ରଦୀପ କୁମାର ଦେବତା ଓ ହିମାଂଶୁ ଶେଖର ବଡ଼ପଣ୍ଡାଙ୍କ ଆହ୍ୱାନରେ ଦେବଗଡ଼ ଜିଲାର ସାମୁହିକ ବିକାଶ ନିମନ୍ତେ ବିଭୁତି ଗଙ୍ଗଦେବଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ବ୍ୟକ୍ତି ଉପସ୍ଥିତ ରହି ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଯୁବସେବା, ମହିଳା ସଶକ୍ତିକରଣ, ଗମନାଗମନ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରି ବିକାଶ ଧାରାକୁ ଜନସାଧାରଙ୍କ ପାଖରେ ସଫଳ ରୂପାୟନ ନିମନ୍ତେ 'ବାମଣ୍ଡା କ୍ରାନ୍ତି ଏକତା ମଞ୍ଚ' ନାମରେ ଏକ ଅନୁଷ୍ଠାନ ଗଠନ କରାଯାଇଛି। ଏହି ମଞ୍ଚ ଦୁର୍ନୀତି ଓ ସାମୁହିକ ବିକାଶ ଧାରାରେ ବାଧା ଉପୁଜୁଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରତିରୋଧ କରି ଜନସଚେତନତାର ବାର୍ତ୍ତାବହ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃଷି ଓ କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ପ୍ରମୋଦ କୁମାର ଝାଙ୍କର ଏବଂ ସରୋଜ କୁମାର ଭୁୟାଁଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ବୈଠକରେ ନିବେଦିତା ନାୟକ, ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଆଇନଜୀବୀ ବିକାଶ କୁମାର ପ୍ରଧାନ, ଦେବେନ୍ଦ୍ର ନାଥ ବେହେରା, ପ୍ରମୋଦ କୁମାର ଝାଙ୍କର, ଭୁପେନ୍ଦ୍ର କୁମାର ନାୟକ, ମନୋଜ କୁମାର ପ୍ରଧାନ, ଚନ୍ଦ୍ରଶେଖର ଭୁକ୍ତା, ବସନ୍ତ କୁମାର ସାହୁ, ସମୀର ରଞ୍ଜନ ପ୍ରଧାନ, ଶଙ୍କର୍ଷଣ ମହାପାତ୍ର, ସୀମାଞ୍ଚଳ ଦ୍ୱିବେଦୀ, ଇସ୍‌ମାଇଲ ହେଣେଜ, ପ୍ରତିଶ୍ କୁମାର ମହାପାତ୍ର, ରାକେଶ କୁମାର ପାଣିଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଆଲୋକ କୁମାର ଅମାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଉଦ୍‌ଯାପିତ

ଦେବଗଡ,୧।୩(ଡି.ଏନ.ଏ.)

ଦେବଗଡ ମହାବିଦ୍ୟାଳୟଠାରେ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ସନ୍ତୋଷିନୀ ଶତପଥିଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲା ମାନବ ଅଧିକାର ସମିତି ସଭାନେତ୍ରୀ ସୁମତ୍ରା ପୁରୋହିତ ଯୋଗଦେଇ ସାମ୍ପ୍ରତିକ ସମାଜରେ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ଆବଶ୍ୟକତା ଏବଂ ଏହି ତାଲିମର ଉପଦୟତା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣ ପ୍ରଦାନ କରାଯାଇଥିଲା। ଆତ୍ମ ସୁରକ୍ଷା ତାଲିମ ଶିବିରରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଦିପ୍ତୀ ପ୍ରଭା ସାମଲ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

## ସମାବେଶରେ କଳା ପରିବେଷଣ କଲେ କଳାକାର

ରେଢାଖୋଲ,୧।୩(ଡି.ଏନ.ଏ.)

ରେଢାଖୋଲ ବ୍ଲକ୍ ଚାରମାଳ ପଞ୍ଚାୟତର ଖୁବେଲ ମନ୍ଦିର ପ୍ରାଙ୍ଗଣରେ ରବିବାର କଳାକାରଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲାର ୯ଟି ବ୍ଲକର କଳାକାରଙ୍କ ସମେତ ବୌଦ୍ଧ ଓ ସୋନପୁର ଜିଲାର କଳାକାରମାନେ ଏଥିରେ ଯୋଗ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାୟ ୭୦ ଦଳ କଳାକାର ଏହି ସମାବେଶରେ ସଂକୀର୍ତ୍ତନ, ଦଣ୍ଡନୃତ୍ୟ, ଆଦିବାସୀ ନୃତ୍ୟ, କୃଷ୍ଣଗୁରୁ, ପାଲା, ଦାଶକାଠିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ବିଜେଡି ସଭାପତି ଉଦିତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଳାକାର ସଂଘର ସଭାପତି କରୁଣାକର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସାଲେଗ୍ରାମ ନାଏକ କଳାକାରମାନଙ୍କ ବିଭିନ୍ନ ସମସ୍ୟା ଉତ୍‌ଥାପନ କରିବା ସହିତ କଳାକାର ଭତ୍ତା ପ୍ରଦାନ କରାଯିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧରେ ଗୋବିନ୍ଦ ସାହୁ, ଗୋବିନ୍ଦ ଭୋଇ, ନାରାୟଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବାବା କପିଳେଶ୍ୱର କଳା ସାଂସ୍କୃତିକ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# 'ବାଟେଘାଟେ' କାର୍ଯ୍ୟକ୍ରମ ବିଭିନ୍ନ ଖେଳରେ ଅଂଶଗ୍ରହଣ କଲେ ଛାତ୍ରୀଛାତ୍ର




ବାଟେଘାଟେ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ କଳା ପ୍ରଦର୍ଶନ କରୁଛନ୍ତି।

ଦେବଗଡ଼,୧।୩(ଡି.ଏନ.ଏ.)

ପ୍ରଶାସନକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମାସର ପ୍ରଥମ ରବିବାରରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଉଥିବା ଅଭିନବ କାର୍ଯ୍ୟକ୍ରମ 'ବାଟେଘାଟେ'ରେ ଜନସାଧାରଣଙ୍କ ଭିଡଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ସୁନ୍ଦର ରଙ୍ଗୋଲି କାର୍ଯ୍ୟକ୍ରମସ୍ଥଳକୁ ଆସିଥିବା ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ନୃତ୍ୟ ଉପସ୍ଥିତ ଜନସାଧାରଣଙ୍କୁ ଭାବବିହ୍ୱଳ କରୁଥିବା ଦେଖାଯାଇଥିଲା । ବାଟେଘାଟେ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରଙ୍କ ସମେତ ଚିକିତ୍ସକ ଦଳଙ୍କୁ ନିୟୋଜିତ କରାଯାଇଥିବା ବେଳେ ଯୋଗ, ପ୍ରାଣାୟାମ ଓ କବିତା ପାଠ ଉତ୍ସବରେ ବରିଷ୍ଠ ନାଗରିକମାନଙ୍କ ଅଂଶଗ୍ରହଣ ଜିଲା ପ୍ରଶାସନକୁ ଉତ୍ସାହିତ କରିଥିଲା। ସେହିପରି ଭଲିବଲ, ବ୍ୟାଡମିଣ୍ଟନ, କ୍ରିକେଟ, ଫୁଟବଲ ସମେତ ବିଭିନ୍ନ କ୍ରୀଡାରେ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ । ପ୍ରଶାସନିକ ଅଧିକାରୀମାନେ ଛୋଟପିଲାମାନଙ୍କ ସହ ଖେଳୁଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ବିଜୁ ଜୟନ୍ତୀରେ ହେବ ମିନି ମାରାଥନ

ଭୁବନେଶ୍ୱର,୧।୩(ବ୍ୟୁରୋ) ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆସନ୍ତା ୫ ତାରିଖରେ 'ବିଜୁ ପଟ୍ଟନାୟକ ମିନି ମାରାଥନ' ଆୟୋଜିତ ହେବ। ମୋଟ ୬ଟି ବର୍ଗରେ ହେବାକୁ ଥିବା ଏହି ମାରାଥନରେ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ। ୩୫ଶହରୁ ଅଧିକ ପ୍ରତିଯୋଗୀଙ୍କୁ ନେଇ ଆୟୋଜିତ ହେବାକୁ ଥିବା ମାରାଥନ୍‌ରେ କନିଷ୍ଠ ବର୍ଗରେ ୧୫ରୁ ୧୮ ବର୍ଷ ବୟସର ବାଳିକା,ବାଳକମାନେ ଅଂଶଗ୍ରହଣ କରିପାରିବେ। ସେହିପରି ବରିଷ୍ଠ ବର୍ଗରେ ୧୮ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ଭେଟେରାନ୍ ବର୍ଗରେ ୫୦ରୁ ଉର୍ଦ୍ଧ୍ୱ ବୟସର ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ଏହି ମିନି ମାରାଥନ ସକାଳ ୭ଟାରେ ବିଜୁ ପଟ୍ଟନାୟକ ପାର୍କ(ଫରେଷ୍ଟ ପାର୍କ)ଠାରେ ଶୁଭାରମ୍ଭ ହେବ। ପ୍ରତିଯୋଗୀମାନେ ଏଠାରୁ ବାହାରି ଶିଶୁଭବନ ଛକ, ରାଜମହଲ, ଏଜି, ପାୱାର ହାଉସ୍, କଳିଙ୍ଗ ଷ୍ଟାଡିୟମ୍ ଗେଟ୍ ନଂ-୩ ଦେଇ ମୁଖ୍ୟ ପଡ଼ିଆକୁ ଆସିବେ। କୃତୀ ପ୍ରତିଯୋଗୀଙ୍କ ଲାଗି ମୋଟ ୧ଲକ୍ଷ ୫୮ହଜାର ଟଙ୍କାର ପୁରସ୍କାର ରାଶି ମିଳିବ। ପ୍ରଥମରୁ ପଞ୍ଚମ ସ୍ଥାନ ଭିତରେ ରହିବା ପ୍ରତିଯୋଗୀଙ୍କ ଲାଗି ପୁରସ୍କାର ରାଶି ରଖାଯାଇଛି। ଯେଉଁମାନେ ଭାଗ ନେବା ପାଇଁ ଇଚ୍ଛୁକ ସେମାନେ ୨ରୁ ୪ ତାରିଖ ମଧ୍ୟରେ ନିଜ ନାମ ପଞ୍ଜୀକରଣ କରାଇବେ। ବାହାରୁ ଯେଉଁମାନେ ଆସିବେ ତାଙ୍କ ଲାଗି ୪ତାରିଖ ରାତିରେ କଳିଙ୍ଗ ଷ୍ଟାଡିୟମ୍‌ରେ ବିଭାଗ ପକ୍ଷରୁ ରାତ୍ରି ରହଣି ସୁବିଧା ଯୋଗାଇ ଦିଆଯିବ ବୋଲି ଜୟନ୍ତୀ କମିଟି ପକ୍ଷରୁ ସୂଚନା ମିଳିଛି।

# ମୟୂରଭଞ୍ଜ: ୪ ନେତାଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୧।୩(ବ୍ୟୁରୋ)


ବ୍ୟୋମକେଶ ରାୟ


ମୁକ୍ତିକାନ୍ତ ମଣ୍ଡଳ


ସଞ୍ଜୀବ ମଲ୍ଲିକ


ସୁଶାନ୍ତ ରାଉତ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୪ ନେତାଙ୍କୁ ମୟୂରଭଞ୍ଜ ଜିଲାର ୮ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ଜଣେ ନେତାଙ୍କ ହାତରେ ମୟୂରଭଞ୍ଜ ଜିଲାର ଦୁଇଟି ଲେଖାଏ ବିଧାନସଭା କ୍ଷେତ୍ର ପ୍ରଦାନ କରାଯାଇଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ ଜିଲାରେ ବିଜେଡି ଫଳାଫଳ ସେତେଟା ଆଖିଦୃଶିଆ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳ ମଧ୍ୟ ଶାସକ ଦଳ ସପକ୍ଷରେ ଗଲାନାହିଁ। ତେଣୁ ଏହାପରଠାରୁ ବିଜେଡି ସଭାପତି ମୟୂରଭଞ୍ଜ ଜିଲା ସାଙ୍ଗଠନିକ ସ୍ଥିତି ସଜାଡିବାକୁ ଏକ ପ୍ରକାର ଜୋରଦାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ମୟୂରଭଞ୍ଜ ନିର୍ବାଚନମଣ୍ଡଳୀର କରଞ୍ଜିଆ ଏବଂ ଯଶିପୁର ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦାୟିତ୍ୱ ପାଇଛନ୍ତି। ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ବିଧାୟକ ସୁଶାନ୍ତ ରାଉତଙ୍କ ହାତରେ ବାରିପଦା ଏବଂ ମୋରଡା ବିଧାନସଭା କ୍ଷେତ୍ର ଦାୟିତ୍ୱ ଦିଆଯାଇଛି। ସେହିପରି ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ରାଇରଙ୍ଗପୁର ଏବଂ ସାରଶକଣା ଦାୟିତ୍ୱ ଦିଆଯାଇଛି। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ହାତରେ ଉଦଳା ଓ ବଡସାହି ଦାୟିତ୍ୱ ପ୍ରଦାନ କରାଯାଇଛି। ଗତ ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ମୟୂରଭଞ୍ଜ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ତେଣୁ ୮ ନିର୍ବାଚନମଣ୍ଡଳୀ ଦାୟିତ୍ୱ ପାଇଥିବା ୪ ନେତା ବର୍ତ୍ତମାନ ପ୍ରଣବ ପ୍ରକାଶଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିବେ। ଆଗକୁ ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ନିର୍ବାଚନ ଆସୁଥିବାରୁ ଏବେଠାରୁ ଉକ୍ତ ଜିଲାକୁ ବିଜେଡି ସଭାପତି ଅଧିକ ଗୁରୁତ୍ୱ ଦେଉଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଲୋକ ସଭା ନିର୍ବାଚନମଣ୍ଡଳୀର ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ୨ଟି ବିଜେଡି ହାତରେ ଥିବାବେଳେ ୫ଟି ଆସନ ଭାଜପା ଅକ୍ତିଆର କରିନେଇଛି। ମୟୂରଭଞ୍ଜ ଜିଲାର ଉଦଳା, ବାରିପଦା, ଜଶିପୁର, ସାରସକଣା, ରାଇରଙ୍ଗପୁର ବିଧାନସଭା ଆସନରେ ଭାଜପା ବିଜୟୀ ହୋଇଛି। ସେହିପରି ମୋରଡା ଏବଂ ବାଙ୍ଗିରିପୋଷି ଆସନରେ ବିଜେଡି ବିଜୟୀ ହୋଇଛି। ସେହିପରି ମୟୂରଭଞ୍ଜ ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ବିଶେଶ୍ୱର ଟୁଡୁ ଏମ୍‌ପି ଭାବେ ବିଜୟୀ ହୋଇଛନ୍ତି। ସେହିପରି ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିବା ୮ ବିଧାନସଭା କ୍ଷେତ୍ର ମଧ୍ୟରୁ କରଞ୍ଜିଆ ନିର୍ବାଚନମଣ୍ଡଳୀ ମୟୂରଭଞ୍ଜ ଜିଲା ଭିତରେ ଥିଲେ ମଧ୍ୟ ଏହା କେନ୍ଦୁଝର ଲୋକ ସଭା କ୍ଷେତ୍ର ମଧ୍ୟରେ ଆସୁଛି। ଏହି ଆସନରେ ବିଜେଡି ହାତରେ ଅଛି। ଅନ୍ୟପଟେ ଉଦଳା ମଧ୍ୟ ସମାନଭାବେ ଏହି ଜିଲା ମଧ୍ୟରେ ରହିଥିଲେ ସୁଦ୍ଧା ବାଲେଶ୍ୱର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଆସୁଛି। ତେବେ ମୟୂରଭଞ୍ଜ ଜିଲାର ୮ଟି ବିଧାନସଭା କ୍ଷେତ୍ର ଦାୟିତ୍ୱ ଅନ୍ୟ ଜିଲା ନେତାଙ୍କ ହାତରେ ଦିଆଯାଇଥିଲେ ମଧ୍ୟ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ଏହି ଜିଲା ଭିତରେ ଥାଇ ସୁଦ୍ଧା କାହାକୁ ବଣ୍ଟାଯାଇନାହିଁ। ବରିଷ୍ଠ ବିଜେଡି ନେତା ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି ଆସନରୁ ଜିତିଥିବାରୁ ଏହାର ଦାୟିତ୍ୱ କାହାକୁ ମିଳି ନ ଥିବା କୁହାଯାଉଛି।

## ଠଗଠମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ତେଲ ସାଥିରେ ନଣ୍ଡା ହେଉଛି**
**ପୁଅ ବୁଲେଇ ବେଣ୍ଟି ରଖୁଛି ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାବା ମାରିଥାନ୍ତି। ଘରେ କିଛି ନ ଥାଉ ପଛେ ବାହାରେ ଫୁଟାଣି କାହିଁରେ କେତେ। ବାପା ଅପେକ୍ଷା ପିଲାଙ୍କର ଫୁଟାଣି କରିବା ଓ ବଡ଼ପଣିଆ ଦେଖେଇ ହେବା ବେଶି ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୁଝୁ ନ ବୁଝୁ ପଢ଼ ଗୀତା**
**ରୁଚୁ ନ ରୁଚୁ ଖାଅ ପିତା ।**

ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ। ସେହିପରି ପାଟିକୁ ଭଲ ଲାଗୁ କି ନ ଲାଗୁ ପିତା ଖାଇବା ଉଚିତ। କାରଣ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ହୋଇଥାଏ। ଗୀତା ଏବଂ ପିତା ଦୁହେଁ ମନ ଓ ଶରୀର ପାଇଁ ଜରୁରୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଆଜି କ'ଣ କେଉଁଠି

**ସୁବର୍ଣ୍ଣପୁର**

■ଜିଲାସ୍ତରୀୟ ଆଶାକର୍ମୀ ସମ୍ମିଳନୀ, ସଂସ୍କୃତି ଭବନ, ସକାଳ ସାଢେ ୯ଟା ।

**ସମ୍ବଲପୁର**

■ବାବା ବୈଦ୍ୟନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ କଳସ ଯାତ୍ରା, ମହାନଦୀ ବାଲିବନ୍ଧା ଘାଟ, ସକାଳ ୮ଟା ।

■ମହିଳା ଆରୋଗ୍ୟ ସମିତି ସମ୍ମିଳନୀ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।

■ଶ୍ରୀମଦ୍ ଭାଗବତ କଥା ଜ୍ଞାନ, ପର୍ଶୁରାମ ଭବନ, ଅପରାହ୍ନ ୪ଟା।

**ବରଗଡ଼**

■ଜିଲାସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ, ବିକ୍ରୟ ମେଳାର ଉଦଘାଟନୀ, ଲୋକ ମଣ୍ଡପ ପଡ଼ିଆ, ସନ୍ଧ୍ୟା ୭ଟା ।

# ୪୦ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

**ମୁଖ୍ୟ କାର୍ପଟଦାରଙ୍କ ସମେତ ୩ ଗିରଫ**

ଜଳେଶ୍ୱର,୧।୩(ସ୍ୱ.ପ୍ର.)

ବାଲେଶ୍ୱର ଜିଲାର ଜଳେଶ୍ୱର ସହର ବ୍ରାଉନସୁଗାର କାରବାର ପେଣ୍ଠସ୍ଥଳୀ ପାଲଟିଛି। ବାଂଲାଦେଶ ସମେତ ବିଭିନ୍ନ ରାଜ୍ୟରୁ ବ୍ରାଉନସୁଗାର ଜଳେଶ୍ୱର ଅଣାଯାଇ ସେଠାରୁ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ରବିବାର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଶେଖବାର୍ଡ଼ ଅଞ୍ଚଳରେ ଚଢାଉ କରି ୪୦୦ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଛି। ଯାହାର ମୂଲ୍ୟ ୪୦ଲକ୍ଷ ଟଙ୍କା ହେବ। ଏହାସହ ଗୋଟିଏ ସ୍କୁଟି, ୪ଟି ମୋବାଇଲ୍ ଓ ନଗଦ ୧୭ ହଜାର ଟଙ୍କା ଜବତ ହୋଇଛି। ଏହି କାରବାରରେ ସମ୍ପୃକ୍ତ ମୁଖ୍ୟ କାର୍ପଟଦାରଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟଜଣେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି।

ଜଳେଶ୍ୱର ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର ଓ ଅଇଆଇସି ଧନେଶ୍ୱର ସାହୁଙ୍କ ସତନ୍ତ୍ର ଟିମ୍ ନାମ୍ପ ହାଇସ୍କୁଲଠାରେ ଚୋରା ବ୍ୟବସାୟୀଙ୍କ ଉପରେ ଚଢାଉ କରିଥିଲେ। ପଶ୍ଚିମବଙ୍ଗର ପୂର୍ବ ମେଦିନୀପୋର ଜିଲା ଏଗ୍ରା ଥାନା ଅଞ୍ଚଳର ଜୋନି ସିଂ (୨୬) ଓ ଅଭିକ ମାଇତି (୨୨) ବ୍ରାଉନ୍‌ସୁଗାର ଧରି ଫେରୁଥିବା ବେଳେ ପୋଲିସ୍ ସେମାନଙ୍କୁ ଗିରଫ କରିଥିଲା। ଏହାର ମୁଖ୍ୟ କାର୍ପଟଦାର ଶେଖବାର୍ଡ଼ ଗାଁର ସାଦ୍ଦିକ ମହମ୍ମଦଙ୍କୁ ପୋଲିସ୍ କୌଶଳକ୍ରମେ ଗିରଫ କରିବାରେ ସଫଳ ହୋଇଛି। ସେମାନେ ବ୍ୟବହାର କରିଥିବା ଏକ ସ୍କୁଟି (ନଂ. ଓଡ଼ି୦୧ଏସି-୪୮୯୭)କୁ ମଧ୍ୟ ଜବତ କରାଯାଇଛି। ଏନେଇ ଜଳେଶ୍ୱର ଥାନା ମାମଲା (ନଂ. ୮୯/୨୦) ରୁଜୁ କରାଯାଇ ତଦନ୍ତ ଚାଲିଥିବାର ଆଇଆଇସି ଧନେଶ୍ୱର ସାହୁ ପ୍ରକାଶ କରିଛନ୍ତି।

# ୧୦ ଲକ୍ଷ ଟଙ୍କା ମୂଲ୍ୟର ଗହଣା ଚୋରି

ଝାରସୁଗୁଡା ଅଫିସ/ବ୍ରଜରାଜନଗର, ୧।୩ (ଡି.ଏନ.ଏ.)

ଝାରସୁଗୁଡା ଜିଲା ବ୍ରଜରାଜନଗର ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ଦେବ ପ୍ରସାଦ ଦାଶଙ୍କ ଘରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ନେଇ ଓରିଏଣ୍ଟ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦେବଙ୍କ ସ୍ତ୍ରୀ ଶନିବାର ଆଲମାରି ଖୋଲି ଦେଖିବା ବେଳେ ସୁନା ଥିବା ବ୍ୟାଗ୍ ସେଠାରେ ନ ଥିଲା। ଏହି ସୁନା ବ୍ୟାଗରେ ୨ଟି ହାର, ୬ଟି ଚେନ୍, ୨୪ଟି ମୁଦି ଓ ୪ଟି କାନଫୁଲ ଥିଲା। ସେମାନେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଦେବଙ୍କ ଘରେ କାମ କରୁଥିବା ଜଣେ ମହିଳାଙ୍କୁ ଥାନାକୁ ଆଣି ପଚରା ଉଚୁରା କରୁଛି।


**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Khandagiri, Bhubaneswar-30, Ph. : 0674-2975390

**Notice**

Odisha State Co-operative Handicrafts Corporation Ltd. (Utkalika), Bhubaneswar had published a tender notice on dt.18.06.2019 for construction and installation of the statues of Mahatma Gandhi Pada Yatra at Tankapani Bridge and Historical gate at Sisu Ananta Pitha area and the details of the proposed statue (as per the picture) terms and condition are being uploaded in the website : www.utkalika.odisha.in. On administrative ground tender applications of Historical Gate at Sisu Ananta Pitha area has been cancelled. It is for all concerned for information.

Sd/-
Managing Director



**DISTRICT PROJECT OFFICE**
**SAMAGRA SIKSHYA, MAYURBHANJ**

**NO. 646/ST&SC/20 Dated: 29.02.2020**

**TENDER NOTICE**

Sealed Quotations are invited from Id Card Suppliers for printing & supply of Elementary Teachers ID Card. The detailed specification, terms & conditions can be available at DPO, SSA, Mayurbhanj on payment of Rs. 1000.00 as tender application cost & detailed tender paper with terms & conditions can be downloaded at **www.osepa.odisha.gov.in** or **www.mayurbhanj.nic.in**. The applicant can apply in our prescribed format only, latest by **19.03.2020**, up to 12.00 noon & the tender paper is to be opened at 4.00 PM of the same day. The authority reserves the right to cancel any or all quotations without assigning any reason thereof.

**Sd./- Collector & Chairman**
**Samagra Sikshya, Mayurbhanj**


# ୨ ଗୋଡ଼ ହରାଇ ହାରିନାହାନ୍ତି ଗଦାଧର

## ସରକାରୀ ସହାୟତା ପାଇଲେ ଜାତୀୟସ୍ତରରେ ଖେଳିବାକୁ ଇଚ୍ଛା




କେ. ରବି କୁମାରଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଦିବ୍ୟାଙ୍ଗ ଗଦାଧର ସାହୁ।

**ଶେରଗଡ,୧।୩(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଶେରଗଡ ବ୍ଲକ ନରେନ୍ଦ୍ରପୁର ଗ୍ରାମର ଦିବ୍ୟାଙ୍ଗ ଯୁବକ ଗଦାଧର ସାହୁ (୨୬)। ଦିବ୍ୟାଙ୍ଗ ହୋଇ ମଧ୍ୟ ସେ ଚଳିତ ବର୍ଷ ଗଞ୍ଜାମ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା (ଦିବ୍ୟାଙ୍ଗ)ରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। ଗତ ୧୪ ତାରିଖରେ ବିଜୁ ପଟ୍ଟନାୟକ ସାଂସ୍କୃତିକ ମଣ୍ଡପରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଠାରେ ସଫଳ କ୍ରୀଡ଼ାବିତ୍ ତଥା ଭାରୋତ୍ତଳକ କେ. ରବି କୁମାରଙ୍କ ଠାରୁ ଗଦାଧର ପୁରସ୍କାର ଗ୍ରହଣ କରିଥିଲେ। ଦୁଇଗୋଡ଼ ନ ଥିଲେ ମଧ୍ୟ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ସଫଳତା ଆଣି ଦେଇଛି। ସରକାରୀ ସହାୟତା ଓ ପ୍ରୋତ୍ସାହନ ମିଳିଲେ ସେ ଜାତୀୟସ୍ତରରେ ଖେଳିବାକୁ ଆଶା ରଖିଥିବା କହିଛନ୍ତି।

ପ୍ରକାଶ ଯେ, ଗଦାଧର ଗ୍ରାମ ବିଦ୍ୟାଳୟରୁ ସପ୍ତମ ପାସ୍ ପରେ ସୁରଟରେ ରହୁଥିବା ଭାଇଙ୍କ ପାଖକୁ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଟ୍ରେନ୍‌ରୁ ଖସିପଡ଼ି ତାଙ୍କର ୨ ଗୋଡ଼ କଟିଯାଇଥିଲା। ଗୁରୁତର ଅବସ୍ଥାରେ ସୁରଟ ରେଲବାଇ ପୋଲିସ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗଦାଧର ଗୋଡ଼ ଦୁଇଟି ହରାଇଥିଲେ ମଧ୍ୟ ଜୀବନ ବଞ୍ଚିଯାଇଥିଲା। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ମେଡିକେଲକୁ ଆଣି ଚିକିତ୍ସା କରିଥିଲେ। ପରେ ସେ ପିତ୍ତଳ ହାଇସ୍କୁଲରୁ ମାଟ୍ରିକ୍ ପାସ୍ ଓ ହିଞ୍ଜିଳି ମହାବିଦ୍ୟାଳୟରୁ ଯୁକ୍ତ ୩ ମଧ୍ୟ ପାସ୍ କରିଥିଲେ। ଗୋଡ଼ ଦୁଇଟି ହରାଇଥିଲେ ମଧ୍ୟ ସେ ସର୍ବଦା ଶାରୀରିକ ବ୍ୟାୟାମ ଜାରି ରଖିଥିଲେ। ଏହାପରେ ତାଙ୍କ ବାପା, ମା'ଙ୍କ ମୃତ୍ୟୁ ଘଟିଥିଲା। ଭାଇମାନଙ୍କ ପ୍ରଚେଷ୍ଟାରେ ୨୦୧୫ରେ ନିଜକୁ ପ୍ରସ୍ତୁତ କରିବାକୁ ଲାଗିଲେ ଏବଂ ୨୦୧୬ରେ ଏକ ପ୍ରତିଯୋଗିତାରେ ଭାଗ ନେଇ ଦିବ୍ୟାଙ୍ଗ ବିଭାଗରେ ମିଷ୍ଟର ଓଡ଼ିଶା ଟାଇଟଲ ହାତେଇଥିଲେ। ଆର୍ଥିକ ଅନଟନ ଯୋଗୁ ପିତ୍ତଳ ଛକରେ ଭାଇଙ୍କ ଫାଷ୍ଟଫୁଡ୍ ଦୋକାନରେ କାମ କରିବାକୁ ଲାଗିଲେ। ସେଠାରେ ଦିନେ ହିଞ୍ଜିଳିକାଟୁସ୍ଥିତ ଏକ ଜିମ୍‌ର ମାଲିକ ଦିଲୀପ କୁମାର ମିଶ୍ରଙ୍କ ସହ ତାଙ୍କର ଦେଖା ହୋଇଥିଲା। ସେ ତାଙ୍କୁ ଜିମ୍‌କୁ ଆସିବାକୁ କହିଥିଲେ। ସେବେଠାରୁ ପ୍ରତିଦିନ ସକାଳେ ଗଦାଧର ଜିମ୍‌କୁ ଯାଇ ଅଭ୍ୟାସ କରନ୍ତି। ସାକ୍ଷାତବେଳେ ଗଦାଧର କହିଥିଲେ ମୋର ଜାତୀୟସ୍ତରରେ ଖେଳିବାକୁ ଇଚ୍ଛା ଅଛି। ମାତ୍ର ଅର୍ଥ ବାଧକ ସାଜିଛି। ଯଦି ସରକାରୀ ସହାୟତା ମିଳିପାରନ୍ତା ତେବେ ମୋର ସ୍ୱପ୍ନ ସାକାର ହୋଇପାରନ୍ତା। ସରକାରଙ୍କ ତରଫରୁ ଗଦାଧରଙ୍କୁ କେବଳ ଭିନ୍ନକ୍ଷମ ଭତ୍ତା ଓ ମାସକୁ ୫ କେଜି ଚାଉଳ ମିଳୁଛି। ସରକାରୀ ସହାୟତା ମିଳିଲେ ସେ ଜାତୀୟସ୍ତରରେ ଖେଳିବାର ସୁଯୋଗ ପାଆନ୍ତେ ବୋଲି କହିଛନ୍ତି ସ୍ଥାନୀୟ ସରପଞ୍ଚ ବିନୋଦ ବେହେରା।


**ପୌରପରିଷଦ କାର୍ଯ୍ୟାଳୟ : ତାଳଚେର**
No. C-537
**ପତ୍ର ସଂଖ୍ୟା : ୪୯୧/ ତା. ୨୯.୦୨.୨୦୨୦**

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ତାଳଚେର ପୌରପରିଷଦ ଅନ୍ତର୍ଗତ ନିମ୍ନ ତଫସିଲ ବର୍ଣ୍ଣିତ ସଇରାତଗୁଡିକ ସ୍ୱ ୨୦୨୦-୨୧ ବର୍ଷ ପାଇଁ ତା. ୦୧.୦୪.୨୦୨୦ ରିଖ ଠାରୁ ତା. ୩୧.୦୩.୨୦୨୧ ରିଖ ପର୍ଯ୍ୟନ୍ତ ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା. ୦୨.୦୩.୨୦୨୦ ରିଖ ଠାରୁ ତା. ୧୧.୦୩.୨୦୨୦ ରିଖ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ. ୫୦୦/- ଙ୍କା (ପାଞ୍ଚଶତ ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ତା. ୧୨.୦୩.୨୦୨୦ ରିଖ ପୂର୍ବାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ତା. ୧୨.୦୩.୨୦୨୦ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ପକାଇବା ସମୟରେ ନିମ୍ନବର୍ଣ୍ଣିତ ସର୍ତ୍ତାବଳୀ ପାଳନ କରିବେ ଏବଂ ପରିଷଦର ନିୟମାନୁଯାୟୀ ସଂପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ।

**ସର୍ତ୍ତାବଳୀ**

୧. ଯଉଭୁଦ ଟେଣ୍ଡରରେ ଭାଗନେବା ବ୍ୟକ୍ତି ଯେଉଁ ସଇରାତ ସଂପତ୍ତିକୁ ଟେଣ୍ଡରରେ ନେବାକୁ ଚାହାନ୍ତି ସେହି ସଂପତ୍ତିର ନିର୍ଦ୍ଧାରିତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ତାଳଚେର ମ୍ୟୁନିସିପାଲିଟିଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଟେଣ୍ଡର ପେପର ସହିତ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ଜଉମୁଦ ଲଫାପାରେ ପକାଇବେ, ଯାହାଙ୍କର ଟେଣ୍ଡର ସିଦ୍ଧାନ୍ତ ହେବନାହିଁ ତାଙ୍କ ଟଙ୍କା ଫେରସ୍ତ ଦିଆଯିବ।
୨. ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦର ବକେୟାପାଉଣା ଥିବ ସେମାନେ ଟେଣ୍ଡରରେ ଭାଗନେଇ ପାରିବେ ନାହିଁ, ଯଦି କରିଥାନ୍ତି ତାହା ଗ୍ରହଣୀୟ ହେବନାହିଁ।
୩. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମୋଦନ ହେବାପରେ ଟେଣ୍ଡରଧାରୀ ଉକ୍ତଦିନ ସଙ୍ଗେ ସଙ୍ଗେ ସମସ୍ତ ଟଙ୍କା ଏକକାଳୀନ ଦାଖଲ କରିବେ ଓ ୩ (ତିନି) ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତିନାମା ସଂପାଦନା କରିବେ। ଏହାପରେ ତାଙ୍କୁ ସଂପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ।
୪. ଯେଉଁ ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଧାର୍ଯ୍ୟ ହେବ, ଯଦି ସେହି ବ୍ୟକ୍ତି ସମସ୍ତ ଟଙ୍କା ପଇଠ ନ କରନ୍ତି, ତାଙ୍କ ଟେଣ୍ଡରଟି ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦେଇଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ।
୫. ଟେଣ୍ଡରଧାରୀ ନିମ୍ନ ସଂପତ୍ତି ପାଇଁ ପରିଷଦର ନିର୍ଦ୍ଧାରିତ ଧାର୍ଯ୍ୟ ସ୍ଥାନରୁ ମହାସୁଲ ଆଦାୟ କରିବେ।
୬. ଦୈବିଦୁର୍ବିପାକ କିମ୍ବା କୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି, ତେବେ ପରିଷଦ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ। ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।
୭. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସଂପତ୍ତି ପରିଚାଳନା କରିବେ, କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସେହି ସଂପତ୍ତି ପରିଚାଳନା ନ କରିଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଅମାନତ ଟଙ୍କାକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡରକାରୀ (ନିର୍ବାହୀ ଅଧିକାରୀ) ଯେ କୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ ନୁହଁନ୍ତି। ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ।
୯. ଟେଣ୍ଡର ଖୋଲାଯିବ ସମୟରେ ଟେଣ୍ଡରଧାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିମାନେ ଯଦି ଉପସ୍ଥିତ ନ ରୁହନ୍ତି ତେବେ ବି ନିୟମାନୁଯାୟୀ ଟେଣ୍ଡର ଠିକ୍ ସମୟରେ ଖୋଲାଯିବ। ଏ ବାବଦରେ କୌଣସି ପ୍ରକାର ଅଭିଯୋଗ ଟେଣ୍ଡର ଖୋଲାଯିବା ପରେ ଗ୍ରହଣୀୟ ହେବନାହିଁ।
୧୦. ତା. ୦୨.୦୩.୨୦୨୦ରିଖଠାରୁ ତା. ୧୧.୦୩.୨୦୨୦ ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ. ୫୦୦.୦୦ (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ କରି ପାଇ ପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝିପାରିବେ।

| | ସଇରାତ ସଂପତ୍ତିଗୁଡିକର ନାମ | ସରକାରୀ ଡାକ | ଅମାନତ ଟଙ୍କା |
|---|---|---|---|
| ୧ | ଦୈନିକ ଗୁଜୁରୀ ହାଟ | ଟ. ୧,୩୦,୦୦୦/- | ଟ. ୨୬,୦୦୦/- |
| ୨ | ହାଟଡୋଟା ଶୌଚାଳୟ | ଟ. ୨୧,୧୦୦/- | ଟ. ୫,୦୦୦/- |
| ୩ | ଅଙ୍ଗାରୁଆ ଶୌଚାଳୟ | ଟ. ୨୨,୦୦୦/- | ଟ. ୫,୦୦୦/- |
| ୪ | ରାଣୀପାର୍କ ଶୌଚାଳୟ | ଟ. ୧,୦୯,୦୦୦/- | ଟ. ୨୨,୦୦୦/- |
| ୫ | ଆଡଭର୍ଟାଇଜ୍ ବୋର୍ଡ | ଟ. ୧,୬୦,୦୦୦/- | ଟ. ୩୨,୦୦୦/- |
| ୬ | ଦୀନଦୟାଲ ଭବନ | ଟ. ୧୯,୦୦୦/- | ଟ. ୪,୦୦୦/- |
| ୭ | ହାଟଡୋଟା ରୋଡ୍ ମାଂସ ଦୋକାନ ନଂ-୧ | ଟ. ୩୫,୦୦୦/- | ଟ. ୭,୦୦୦/- |
| ୮ | ଚିତ୍ରକୂଟ ପୋଖରୀ ମାଂସ ଦୋକାନ | ଟ. ୨୫,୦୦୦/- | ଟ. ୪,୦୦୦/- |
| ୯ | ବିରାଦରପଡା ମାଂସ ଦୋକାନ-୨ ଗୋଟି | ଟ. ୨୭,୦୦୦/- | ଟ. ୫,୫୦୦/- |
| ୧୦ | ଶର୍ମାଛକ ମାଂସ ଦୋକାନ-୨ | ଟ. ୩୧,୦୦୦/- | ଟ. ୬,୦୦୦/- |
| ୧୧ | ଜେଲ ରୋଡ ମାଛ ମାର୍କେଟ ମାଂସ ଦୋକାନ | ଟ. ୪,୦୦୦/- | ଟ. ୧,୦୦୦/- |
| ୧୨ | ହାଣ୍ଡିଧୁଆଁଛକ ମାଂସ ଦୋକାନ - ୫ ଗୋଟି | ଟ. ୯,୭୦୦/- | ଟ. ୨,୦୦୦/- |
| ୧୩ | ବଜାର ପୋଖରୀ (ମଦନମୋହନ ପଛପାଖ) | ଟ. ୫୦,୦୦୦/- | ଟ. ୧୦,୦୦୦/- |
| ୧୪ | ଚିତ୍ରକୂଟ ପୋଖରୀ | ଟ. ୩୦,୦୦୦/- | ଟ. ୬,୦୦୦/- |
| ୧୫ | ରାଣୀପାର୍କ ବସ୍ ପାର୍କିଂ ଫି | ଟ. ୩,୨୦,୦୦୦/- | ଟ. ୬୪,୦୦୦/- |
| ୧୬ | ରାଣୀ ପାର୍କ ଅଟୋ (ଟାଟାମେଜିକ୍) ଷ୍ଟାଣ୍ଡ | ଟ. ୧୬,୦୦୦/- | ଟ. ୩,୨୦୦/- |
| ୧୭ | ଦେଉଳବେଡ଼ା କୋଲିୟରି ମାଂସ ଦୋକାନ | ଟ. ୧୪,୦୦୦/.- | ଟ. ୩,୦୦୦/- |
| ୧୮ | ବାଘୁଆବୋଲ ରୋଡ୍ ମାଂସ ଦୋକାନ | ଟ. ୪,୦୦୦.- | ଟ. ୧,୦୦୦/- |

**ସ୍ୱା./- ନିର୍ବାହୀ ଅଧିକାରୀ, ତାଳଚେର ପୌର ପରିଷଦ**
OIPR-13077/11/0015/1920



Government of Odisha
No.: B-785

**OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK**

E-mail.ID-sectcrb_2006@yahoo.co.in, Tel/Fax – 0671-2301751/2302751

**('e' – PROCUREMENT NOTICE)**

**Bid Identification No.S.E.Ctc.(R&B) 15/2019-20.**

1. The Superintending Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road work as mentioned below.
2. No. of work : 6 Nos.
3. Nature of work : Road work.
4. Class of contractor : 'B', 'A' & Special Class
5. Tender paper cost : Rs.10000/- (online)
6. Available of bid documents in the web site. : From 16.03.2020 to 16.00 Hours of 30.03.2020
7. Date of opening of bid : Dt. 31.03.2020 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- T.P.Mishra**
**Superintending Engineer**
**Cuttack(R&B)Circle**
OIPR-34012/11/0022/1920



**Government of Odisha**

**e- Procurement Notice**

**INVITATION FOR BIDS (IFB)**

**Bid Identification No. S.E.Dkl.(R&B) 12/2019-20**
**Email Id-sedklpwd@gmail.com**

No.: B-784: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road works as detailed in the table below:

1. Name of the work : Road works
2. No of works : 02 (Two) Nos
3. Estimated Cost : Rs.1,10,63,188/- to Rs. 8,51,12,535/
4. Cost of tender paper : Rs 10,000.00
5. Class of contractor : "A", "B", "Special" & "Super" Class
6. Period of Completion of work : 04( Four) to 11 (Eleven) Calendar months
7. Date and time of availability of bid Document in the website : From Dt.06.03.2020 to 16.00 hours of Dt.20.03.2020
8. Date of opening of bid : Dt.21.03.2020 at 11.30 hours

The bidders have to participate in ONLINE bidding only further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Dhenkanal(R&B) Circle, Dhenkanal**
OIPR-34132/11/0013/1920

## ସୁସ୍ଥ ହାର୍ଟ ପାଇଁ..

ହୃତ୍‌ପିଣ୍ଡ(ହାର୍ଟ) ସୁସ୍ଥ ରହିଲେ ଆମେ ନୀରୋଗ ରହିବା। କିନ୍ତୁ କେତେକ କାରଣରୁ ହାର୍ଟ ପ୍ରଭାବିତ ହେବା ଦ୍ୱାରା ଆମେ ହୃଦ୍‌ଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେଣୁ ହାର୍ଟକୁ କିପରି ସୁସ୍ଥ ରଖିବା ସେ ନେଇ ଆମେ ସଚେତନ ହେବା ନିହାତି ଦରକାର। ଏ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଲଣ୍ଡନ ୟୁନିଭର୍ସିଟିର ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି ସେମାନଙ୍କ ହାର୍ଟ ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରୁଛି। ତେଣୁ ଜଣେ ବ୍ୟକ୍ତି ଯେତେ ସମ୍ଭବ ନିଜକୁ ଚାପମୁକ୍ତ ରଖିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।



## ସନ୍ତୁଳିତ ଖାଦ୍ୟ ଓ ଖୁସି



ଖୁସିରେ ରହିବାକୁ କିଏ ବା ନ ଚାହେଁ? ହେଲେ ଅନେକ କ୍ଷେତ୍ରରେ ଏହା ସମ୍ଭବ ହୋଇ ନ ଥାଏ। କାରଣ ପାରିପାର୍ଶ୍ୱିକ ପରିସ୍ଥିତି, କାର୍ଯ୍ୟଚାପ ଆମକୁ କେତେକ ସମୟରେ ଖୁସିଠାରୁ ଦୂରେଇ ରଖିଥାଏ। ତେବେ ନିଜକୁ ଅଧିକାଂଶ ସମୟ ଖୁସିର ମାହୋଲ ଭିତରେ ରଖିବାକୁ ଚାହୁଁଛନ୍ତି କି? ତେବେ ଏକ ସରଳ ଉପାୟ ଆପଣ ଆପଣେଇ ପାରନ୍ତି। ବାସ୍, ନିଜର ଖାଦ୍ୟପେୟକୁ ସନ୍ତୁଳିତ ରଖନ୍ତୁ। ଏହାଦ୍ୱାରା ଆପଣ କେତେକାଂଶରେ ଖୁସି ରହିପାରିବେ। ଏପରି ମତବ୍ୟକ୍ତ କରିଛନ୍ତି ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏଭଳି ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିବା ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ ଖୁସି ରହୁଥିବା ସେମାନେ ଏହି ସର୍ଭେରୁ ଜାଣିବାକୁ ପାଇଥିଲେ।

## ସର୍ଭିକାଲ କ୍ୟାନ୍‌ସର ପାଇଁ ଟିକା

ସର୍ଭିକାଲ କ୍ୟାନ୍‌ସର (ଜରାୟୁ ଗ୍ରୀବା କର୍କଟ) ପାଇଁ ଏକ ଟିକା ନିକଟରେ ଉଦ୍ଭାବିତ ହୋଇଛି। ଡେନ୍‌ମାର୍କର କୋପନହେଗେନସ୍ଥିତ ଡ୍ୟାନିଶ୍ କ୍ୟାନସର ସୋସାଇଟିର କ୍ୟାନ୍‌ସର ବିଶେଷଜ୍ଞମାନେ ଦୀର୍ଘ ୫ବର୍ଷ ପରିଶ୍ରମ କରି ଏଥିରେ ସଫଳ ହୋଇଛନ୍ତି। ଉକ୍ତ ନୂତନ ଟିକାକୁ 'ଏଚ୍‌ପିଭି ୧୬-୧୮ ଟିକା' ନାମରେ ନାମିତ କରାଯାଇଛି। ୨୦୦୬ରେ ଉଦ୍ଭାବିତ ଏଚ୍‌ପିଭି ଟିକାଠାରୁ ଏହା ଉନ୍ନତମାନର ବୋଲି ସେମାନେ ପ୍ରକାଶିତ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଉକ୍ତ ସୋସାଇଟିର ଡା. କ୍ରିଗେଲ ସେନଗାର୍‌ଙ୍କ ତତ୍ତ୍ୱାବଧାନରେ ହୋଇଥିବା ଗବେଷଣାରୁ ଏପରି ସଫଳତା ମିଳିଛି। ସେ କହିଛନ୍ତି ଯେ, ଏହି ଟିକା ନେଲେ ସର୍ଭିକାଲ କ୍ୟାନ୍‌ସର ଆଶଙ୍କାକୁ ଅନେକାଂଶରେ ଦୂରେଇ ଦେଇ ହେବ। କେବଳ ସେତିକି ନୁହେଁ, ଏହାଜନିତ ମୃତ୍ୟୁ ହାରକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ବିଶେଷଭାବରେ ମହିଳାମାନଙ୍କ କ୍ଷେତ୍ରରେ ଏହି ଟିକା ଅଧିକ ଫଳପ୍ରଦ ସାବ୍ୟସ୍ତ ହୋଇଥିବାର ଜଣାପଡ଼ିଛି।




# ହ୍ରାସ ପାଉଛି ଆମ ଶରୀରର ସାଧାରଣ ତାପମାତ୍ରା



ଶରୀରର ତାପମାତ୍ରା ମାପିବାକୁ ଆମେ ବ୍ୟବହାର କରୁଥିବା ଡାକ୍ତରୀ ତାପମାନଯନ୍ତ୍ର ବା ଥର୍ମୋମିଟରରେ ୯୮.୬ ଡିଗ୍ରୀ ଫାରେନ୍‌ହିଟ୍ ସୂଚାଉଥିବା ସ୍ଥାନରେ ଅପେକ୍ଷାକୃତ ପ୍ରଶସ୍ତ ଦାଗଟିଏ ଥାଏ। ଏହାକୁ ଆମେ ଏହାର "ସାଧାରଣ ତାପମାତ୍ରା" ବୋଲି କହୁ। ତାହା ତହିଁରୁ ଅଧିକ ହେଲେ ଆମକୁ ଜ୍ୱର ହୋଇଥିବାର ମନେକରାଯାଏ। ତେବେ, ପ୍ରକୃତରେ ସମସ୍ତଙ୍କ ଶରୀରର






"ସାଧାରଣତଃ ଶିଶୁମାନଙ୍କ ଶରୀରର ହାରାହାରି ତାପମାତ୍ରା ଅଧିକ। ଅନ୍ୟପକ୍ଷରେ, ପୁରୁଷମାନଙ୍କର ନାରୀମାନଙ୍କ ତୁଳନାରେ କମ୍ । ପୁନଶ୍ଚ ଏହା କେତେକ ଜୀବରସ ବା ହରମୋନ୍ ପ୍ରତି ସମ୍ବେଦନଶୀଳ। ଉଦାହରଣସ୍ୱରୂପ, ନାରୀମାନଙ୍କ ଋତୁଚକ୍ର କାଳରେ ଡିମ୍ବୋଦୟ ପରେ ଏଷ୍ଟ୍ରୋଜେନ୍ ହ୍ରାସ ଏବଂ ପ୍ରୋଜେଷ୍ଟେରୋନ୍ ବୃଦ୍ଧି ହେଲେ ସେମାନଙ୍କ ଶରୀରର ତାପମାତ୍ରା ହଠାତ୍ ବଢ଼ିଯାଏ । ତେଣୁ ଏ ସମସ୍ତ କଥା ବିଚାରକୁ ନେଇ ବିଭିନ୍ନ ବ୍ୟକ୍ତି ବିଶେଷତଃ ଶରୀରର 'ସାଧାରଣ ତାପମାତ୍ରା' ୯୭.୭ ଏବଂ ୯୯.୫ ଡିଗ୍ରୀ ଫାରେନ୍‌ହିଟ୍ ମଧ୍ୟରେ ବୋଲି ମନେ କରାଯାଏ ।"

ଏହି ତଥାକଥିତ "ସାଧାରଣ ତାପମାତ୍ରା" ସମାନ ନୁହେଁ। ଲିଙ୍ଗଭେଦ, ବୟସ ଏବଂ ସ୍ୱାସ୍ଥ୍ୟାବସ୍ଥା ଅନୁସାରେ ଏହା ଅଲଗା ଅଲଗା ହୋଇଥାଏ। ପୁନଶ୍ଚ ଏହା ମଧ୍ୟ ଦିନର ବିଭିନ୍ନ ସମୟ, ଶରୀରର କେଉଁ ସ୍ଥାନରୁ ତାହା ମପାଯାଉଛି, ସଚେତନତା ଏବଂ ଭାବପ୍ରବଣତା ଉପରେ ନିର୍ଭରଶୀଳ। ସେଥିପାଇଁ ଏହା ସକାଳେ ସବୁଠାରୁ କମ୍, ଦିନରେ କମ୍ ଏବଂ ରାତିରେ ବେଶି ହେଲାବେଳେ ପାଟିରେ, କାଖତଳେ କିମ୍ବା ମଳଦ୍ୱାରରେ ମାପିଲେ ଏହା ଭିନ୍ନ ଭିନ୍ନ ହେବାର ଦେଖାଯାଏ। ସେହିପରି ଚେଇଁଥିବା, ଶୋଇଥିବା କିମ୍ବା ନିଶା ଔଷଧ ଖାଇ ଘୁମାଉଥିବା ଅବସ୍ଥା ଏବଂ ରାଗ ବା ମାନସିକଚାପ ଅବସ୍ଥାରେ ମଧ୍ୟ ଏଥିରେ ବେଶ୍ ତାରତମ୍ୟ ଦେଖାଯାଏ। ଅନ୍ୟପକ୍ଷରେ ଶାରୀରିକଶ୍ରମ, ଖାଦ୍ୟର ପ୍ରକାରଭେଦ, ମଦ୍ୟପାନ, ଧୂମପାନ ଇତ୍ୟାଦିର ଏହା ଉପରେ ପ୍ରଭାବ ରହିଛି। ସାଧାରଣତଃ ଶିଶୁମାନଙ୍କ ଶରୀରର ହାରାହାରି ତାପମାତ୍ରା ଅଧିକ। ଅନ୍ୟପକ୍ଷରେ, ପୁରୁଷମାନଙ୍କର ନାରୀମାନଙ୍କ ତୁଳନାରେ କମ୍। ପୁନଶ୍ଚ ଏହା କେତେକ ଜୀବରସ ବା ହରମୋନ୍ ପ୍ରତି ସମ୍ବେଦନଶୀଳ। ଉଦାହରଣସ୍ୱରୂପ, ନାରୀମାନଙ୍କ ଋତୁଚକ୍ର କାଳରେ ଡିମ୍ବୋଦୟ ପରେ ଏଷ୍ଟ୍ରୋଜେନ୍ ହ୍ରାସ ଏବଂ ପ୍ରୋଜେଷ୍ଟେରୋନ୍ ବୃଦ୍ଧି ହେଲେ ସେମାନଙ୍କ ଶରୀରର ତାପମାତ୍ରା ହଠାତ୍ ବଢ଼ିଯାଏ। ତେଣୁ ଏ ସମସ୍ତ କଥା ବିଚାରକୁ ନେଇ ବିଭିନ୍ନ ବ୍ୟକ୍ତି ବିଶେଷତଃ ଶରୀରର "ସାଧାରଣ ତାପମାତ୍ରା" ୯୭.୭ ଏବଂ ୯୯.୫ ଡିଗ୍ରୀ ଫାରେନ୍‌ହିଟ୍ ମଧ୍ୟରେ ବୋଲି ମନେ କରାଯାଏ। ଏଥିରୁ ଅଧିକ ହେଲେ ତାହା ହେଲା ଜ୍ୱର ଅବସ୍ଥା। କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥା ଦ୍ୱାରା ଶରୀରର ତାପମାତ୍ରା ଏହି ସୀମା ମଧ୍ୟରେ ତାପନିୟମନ ମାଧ୍ୟମରେ ନିୟନ୍ତ୍ରଣ ହୁଏ।

ଊନବିଂଶ ଶତାବ୍ଦୀରେ "ରକ୍ତର ତାପ" ବୋଲି କୁହାଯାଉଥିବା ଶରୀରର ହାରାହାରି "ସାଧାରଣ ତାପମାତ୍ରା" ୯୮ ଡିଗ୍ରୀ ଫାରେନ୍‌ହିଟ୍ ବୋଲି ବିଭିନ୍ନ ପୁସ୍ତକରେ ସୂଚିତ କରାଯାଇଥିଲା। ତା'ପରେ ୧୯୬୮ ମସିହାରେ ଜର୍ମାନ୍ ଡାକ୍ତର କାର୍ଲ ରେଇନ୍‌ହୋଲଡ୍ ଅଗଷ୍ଟ ଓ୍ୱଣ୍ଡରଲିନ୍ ଏହା ୯୮.୬ ଡିଗ୍ରୀ ଫାରେନ୍‌ହିଟ୍ ବୋଲି ନିର୍ଦ୍ଧାରଣ କଲେ ଏବଂ ତାଙ୍କ ପୁସ୍ତକରେ ଏହାକୁ ମାନକ ରୂପେ ସୂଚିତ କଲେ। ସାରା ଦୁନିଆରେ ଚିକିତ୍ସା କ୍ଷେତ୍ରରେ ଏହା ଗୃହୀତ ହେଲା, ଯାହା କି ଏ ପର୍ଯ୍ୟନ୍ତ ଚଳିଆସିଛି। ତେବେ, ସେ ସମୟରୁ ଆଜି ମଧ୍ୟରେ ଶରୀରର ତାପମାତ୍ରା କ୍ରମଶଃ ହ୍ରାସ ପାଇ ଚାଲିଥିବାର ଏବେ ଜଣାପଡ଼ିଛି।

ବିଭିନ୍ନ ସମୟରେ ତିନୋଟି ବଡ଼ ବଡ଼ ସର୍ବେକ୍ଷଣର ଫଳାଫଳ ବିଚାରକୁ ନେଇ ବୈଜ୍ଞାନିକମାନେ ଏ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ତହିଁରୁ ପ୍ରଥମଟି ଏକ ପୁରାତନ ଦସ୍ତାବିଜ୍। ତାହା କରାଯାଇଥିଲା ୧୮୬୨ରୁ ୧୯୩୦ ମସିହା ମଧ୍ୟରେ ଏବଂ ଏଥିରେ ୨୩,୭୧୦ ଜଣଙ୍କର ଶରୀରର ତାପମାତ୍ରା ମପାଯାଇଥିଲା। ତତ୍ପରେ ତାହା ହୋଇଥିଲା ୧୯୭୧ରୁ ୧୯୭୫ ଏବଂ ୨୦୦୭ ରୁ ୨୦୧୭ ମସିହା ମଧ୍ୟରେ। ତହିଁରେ ଯଥାକ୍ରମେ ୧୫,୩୦୧ ଏବଂ ୧,୫୦,୨୦୦ ଲୋକଙ୍କୁ ଅଧ୍ୟୟନ ପରିସରଭୁକ୍ତ କରାଯାଇଥିଲା। ଏହି ପର୍ଯ୍ୟବେକ୍ଷଣ ଅନୁସାରେ ୨୦୦୦ ମସିହା ପରେ ଜନ୍ମ ହୋଇଥିବା ପୁରୁଷମାନଙ୍କ ଶରୀରର ହାରାହାରି ତାପମାତ୍ରା ୧୮୦୦ରୁ ୧୯୦୦ ମସିହା ମଧ୍ୟରେ ଜନ୍ମ ହୋଇଥିବା ପୁରୁଷଙ୍କଠାରୁ ୧.୦୬ ଡିଗ୍ରୀ ଫାରେନ୍‌ହିଟ୍ କମ୍। ନାରୀମାନଙ୍କ କ୍ଷେତ୍ରରେ ଏହା ୦.୫୮ ଡିଗ୍ରୀ ଫାରେନ୍‌ହିଟ୍।

ଏହାର କାରଣ ଏବେସୁଦ୍ଧା ନିର୍ଦ୍ଦିଷ୍ଟ ଭାବେ ସ୍ଥିର ହୋଇପାରି ନାହିଁ। ତେବେ, ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଭେଷଜବିଜ୍ଞାନ ପ୍ରଫେସର ଡାକ୍ତର ଜୁଲି ପାରସୋନେଟ୍‌ଙ୍କ ସମେତ ଅନେକ ବୈଜ୍ଞାନିକଙ୍କ ମତ ଯେ, ଆମ ଆଧୁନିକ ଜୀବନଶୈଳୀ ଚୟାପଚୟ ହାରକୁ ମନ୍ଥର କରିବାର ସମ୍ଭବତଃ ଏହାର ପ୍ରଧାନ କାରଣ। ଆମେରିକୀୟ ଗବେଷଣା ପତ୍ରିକା 'ଓ୍ୱରେଡ୍'ର ଜାନୁୟାରୀ ୨୦୨୦ ସଂଖ୍ୟାରେ ସେମାନଙ୍କ ଦ୍ୱାରା ପ୍ରକାଶିତ ଏକ ନିବନ୍ଧରେ ସୂଚିତ କରାଯାଇଛି ଯେ, ଆମେ ବିଗତ ଶତାବ୍ଦୀଗୁଡ଼ିକରେ ଶାରୀରିକ କ୍ରିୟାକଳାପ ଦୃଷ୍ଟିରୁ ଯାହା ଥିଲୁ ବର୍ତ୍ତମାନ ତହିଁରୁ ବେଶ୍ ଅଲଗା। ଆମେ ବାସ କରୁଥିବା ପରିବେଶ, ବିବିଧ ସୂକ୍ଷ୍ମଜୀବଙ୍କ ସହିତ ଆମର ସଂସ୍ପର୍ଶ, ଆମ ଖାଦ୍ୟାଭ୍ୟାସ ଇତ୍ୟାଦି ସେ ସମୟଠାରୁ ଅନେକ ବଦଳିଯାଇଛି। ଏଣୁ ଆମେ ମଧ୍ୟ ବଦଳିଚାଲିଛୁ। ଅର୍ଥାତ୍ ଯଦିଓ ଆମେ ନିଜକୁ ଅପରିବର୍ତ୍ତନୀୟ ବୋଲି ଭାବୁଛୁ, ତେବେ ପ୍ରକୃତରେ ଆମ ପ୍ରଜାତିର ବିବର୍ତ୍ତନରେ ଅନ୍ତ ଆସିନାହିଁ। ତାହା ଚାଲିଛି ଏବଂ ଆମେ ବଦଳି ଚାଲିଛୁ। ଆମ ଶରୀରର "ସାଧାରଣ ତାପମାତ୍ରାରେ ପରିବର୍ତ୍ତନ ଏହାର ଏକ ସୂଚନା।


ପ୍ର. ରମେଶ ଚନ୍ଦ୍ର ପରିଡ଼ା

-ଉଷା ନିବାସ,
୧୨୪/୨୪୪୫, ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ : ୯୯୩୭୯୮୫୭୬୭

## ଥକ୍କାପଣ ଦୂର କରିବାର ନୂଆ ଉପାୟ



କାର୍ଯ୍ୟଚାପରେ ଅନେକ ଥକି ପଡ଼ିଥାଆନ୍ତି। ଏଥିରୁ ନିଜକୁ ରକ୍ଷା କରିବାର ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ସକାରାତ୍ମକ ରଖନ୍ତି ତେବେ ତାହା ନିଜ ପାଇଁ ଲାଭପ୍ରଦ ହୋଇଥାଏ। 'ଥକ୍କାପଣ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ଆମେରିକାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏଥିରୁ ସେମାନେ ଜାଣିପାରିଥିଲେ ଯେ, ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ନିଜର ମାନସିକତାକୁ ସକାରାତ୍ମକ ରଖୁଛନ୍ତି ତେବେ ସେ ଅନେକାଂଶରେ ଥକ୍କାପଣଠାରୁ ନିଜକୁ ଦୂରେଇ ରଖିପାରିବେ। ତେଣୁ ଯୋଜନାବଦ୍ଧ ଭାବରେ ଏବଂ ନିଜ ସାମର୍ଥ୍ୟ ମଧ୍ୟରେ କାମ କଲେ ଜଣେ ଥକ୍କାପଣ ଅନୁଭବ କରିବ ନାହିଁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଖାଇବା ଲୁଣର ମାତ୍ରା

"ସମୁଦ୍ରରୁ ଲୁଣ ଉତ୍ପାଦନ କରାଯାଇଥାଏ, ଯାହାକୁ ଟେବୁଲ ଲୁଣ ବା ଖାଇବା ଲୁଣ ବୋଲି କୁହାଯାଇଥାଏ। ଏହାର ରାସାୟନିକ ନାମ ସୋଡିୟମ କ୍ଲୋରାଇଡ($NaCl$)। ଗୋଟିଏ ସୋଡିୟମ ଓ କ୍ଲୋରିନ୍ ପରମାଣୁକୁ ନେଇ ଏହି ଅଣୁ ଗଠିତ ହୋଇଥାଏ, ଯାହାକୁ ଖାଇବା ଲୁଣ ଭାବେ ବ୍ୟବହାର କରାଯାଇଥାଏ। ଆମେରିକାନ୍ ହାର୍ଟ ଆସୋସିଏଶନର ତଥ୍ୟ ଅନୁଯାୟୀ ଜଣେ ଦିନକୁ ୧୫୦୦ ମିଲିଗ୍ରାମରୁ ଅଧିକ ଲୁଣ ଖାଇବା ଉଚିତ ନୁହେଁ।"




ଡା. ମାନସ ରଞ୍ଜନ ସେନାପତି

ଲୁଣ ବିନା ଖାଦ୍ୟ ସ୍ୱାଦିଷ୍ଟ ହୋଇ ନ ଥାଏ ବା ଆମ ପାଟିକୁ ଭଲ ଲାଗି ନ ଥାଏ। ଆମ ଶରୀର ପାଇଁ ନିର୍ଦ୍ଦିଷ୍ଟ ମାତ୍ରାରେ ଲୁଣର ଆବଶ୍ୟକତା ରହିଛି। ଏଥିରୁ ଅଧିକ କିମ୍ବା କମ୍ ହେଲେ ଆମ ପାଇଁ କ୍ଷତିକାରକ ହୋଇଥାଏ। ଠିକ୍ ବା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅଳ୍ପ ମାତ୍ରାରେ ଲୁଣର ଆବଶ୍ୟକତା ରହିଛି। ଶରୀରରେ ଆୟୋଡିନ ମାତ୍ରା ବଜାୟ ରଖିବା ପାଇଁ ୧୯୨୪ ମସିହାଠାରୁ ଲୁଣରେ ପୋଟାସିୟମ ଆୟୋଡାଇଡ ମିଶାଯାଇ ଆୟୋଡିନ ଯୁକ୍ତ ଲୁଣ ବଜାରକୁ ଛଡ଼ାଯାଉଛି। ସମୁଦ୍ରରୁ ଲୁଣ ଉତ୍ପାଦନ କରାଯାଇଥାଏ, ଯାହାକୁ ଟେବୁଲ ଲୁଣ ବା ଖାଇବା ଲୁଣ ବୋଲି କୁହାଯାଇଥାଏ। ଏହାର ରାସାୟନିକ ନାମ ସୋଡିୟମ କ୍ଲୋରାଇଡ($NaCl$)। ଗୋଟିଏ ସୋଡିୟମ ଓ କ୍ଲୋରିନ୍ ପରମାଣୁକୁ ନେଇ ଏହି ଅଣୁ ଗଠିତ ହୋଇଥାଏ, ଯାହାକୁ ଖାଇବା ଲୁଣ ଭାବେ ବ୍ୟବହାର କରାଯାଇଥାଏ। ଆମେରିକାନ୍ ହାର୍ଟ ଆସୋସିଏଶନର ତଥ୍ୟ ଅନୁଯାୟୀ ଜଣେ ଦିନକୁ ୧୫୦୦ ମିଲିଗ୍ରାମରୁ ଅଧିକ ଲୁଣ ଖାଇବା ଉଚିତ ନୁହେଁ। ମାତ୍ର ଆମେ ଏହାକୁ ଧ୍ୟାନ ନ ଦେଇ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତର ଶିକାର ହୋଇଥାଉ। ଜଣେ ଆମେରିକୀୟ ପ୍ରତିଦିନ ୩୪୦୦ ମିଲିଗ୍ରାମ ଲୁଣ ଖାଉଥିବା ତଥ୍ୟ ମିଳେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଜଣେ ଦିନକୁ ୫ ଗ୍ରାମ ଲୁଣ ଖାଇବା କଥା ମାତ୍ର ଏଥିରେ ଆମେ ଯଥେଷ୍ଟ ଆଗୁଆ। ଜଣେ ଭାରତୀୟ ଦିନକୁ ୧୧ ଗ୍ରାମ ଲୁଣ ଖାଇଥାନ୍ତି, ଯାହାକି ନିର୍ଦ୍ଧାରିତ ମାତ୍ରାଠାରୁ ୧୧୯% ଅଧିକ। ସାଧାରଣତଃ ଆଚାର, ଚିପ୍‌ସ, ଶୁଖୁଆ ଇତ୍ୟାଦିରେ ଲୁଣ ମାତ୍ରାଧିକ ଭାବରେ ଥାଏ। ଆମ ଦେଶରେ ଏଥିପାଇଁ ପ୍ରତିବର୍ଷ ହୃଦ୍‌ଘାତରେ ୧୫ ଲକ୍ଷ ଲୋକେ ମୃତ୍ୟୁବରଣ କରୁଛନ୍ତି। ଅଧିକ ଲୁଣ ଖାଇବା ଦ୍ୱାରା ଶରୀରରୁ ଜଳର ମାତ୍ରା ହ୍ରାସ ପାଇଥାଏ। ସେହିପରି ଶରୀରରୁ ଲୁଣର ମାତ୍ରା କମିଲେ ମଧ୍ୟ ଆମ ପାଇଁ ହାନିକାରକ ହୋଇଥାଏ। ଥକାପଣ, ଦୁର୍ବଳତା ଏପରିକି ମସ୍ତିଷ୍କଘାତ ମଧ୍ୟ ଶରୀରରେ ଲୁଣ ଅଂଶ କମିଲେ ହୋଇଥାଏ। ତେଣୁ ଏହି ସବୁ ଦିଗ ପ୍ରତି ଧ୍ୟାନ ଦେଇ ଆବଶ୍ୟକ ପରିମାଣର ଲୁଣ ଖାଇବା ଉଚିତ। ଏହାଦ୍ୱାରା ଆମେ ନୀରୋଗ ଜୀବନଯାପନ କରିପାରିବା।

-ଡିନ୍, ବିଜ୍ଞାନ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ମୋ: ୯୪୩୭୨୩୭୭୯୭

## ସ୍ୱାସ୍ଥ୍ୟ ସୂଚନା

- ଯେଉଁ ଋତୁ ହେଉନା କାହିଁକି, ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରହନ୍ତୁ। ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହୋଇପାରୁଥିବ।
- କେତେକ ରୋଗବାହକ ହେଉଛି ପାଣି। ପାଣିକୁ ଫୁଟାଇ ନ ପିଇଲେ ସେଥିରେ ଥିବା ଜୀବାଣୁ ଆମ ଶରୀରରେ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।
- ଶୋଇବା ପୂର୍ବରୁ କଦାପି ଟିଭି ଦେଖନ୍ତୁ ନାହିଁ। ଶୋଇବାର କିଛି ସମୟ ପୂର୍ବରୁ ଟିକେ ଚାଲବୁଲ କଲେ ରାତିରେ ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ।
- ଯଦି ଆପଣ କୌଣସି ରୋଗରେ ପୀଡ଼ିତ ଏବଂ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଯାଉଛନ୍ତି ତେବେ ତାଙ୍କୁ ନିଜ ବିଷୟରେ ଟିକିନିଖି କୁହନ୍ତୁ। ବିଶେଷଭାବରେ ଯଦି କୌଣସି ଔଷଧ ଖାଇଲେ ଆପଣଙ୍କ ଆଲର୍ଜି ସମସ୍ୟା ସୃଷ୍ଟି ହେଉଛି ସେ ନେଇ ତାଙ୍କୁ ଅବଗତ କରାନ୍ତୁ।
- ଯଦି ଆପଣ ଦୃଷ୍ଟିଶକ୍ତିଜନିତ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ବିଳମ୍ବ ନ କରି ତୁରନ୍ତ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ଆପଣଙ୍କ ବୟସ ୪୦ ଟପିଗଲାଣି କି? ଯଦି ହଁ, ତେବେ ବ୍ଲଡପ୍ରେସର, ସୁଗାର ଏପରି କି ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।



ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍)ର ବଜାର ମୂଲ୍ୟ ଅତି ଉଚ୍ଚରେ ରହିଛି। ଚୂଡ଼ାନ୍ତ ବିଡ୍ ଦସ୍ତାବିଜ ଆସିବା ପରେ ବିଡିଂରେ ଭାଗ ନେବା ସମ୍ପର୍କରେ ବିଚାର କରାଯିବା।
**– ଅନୀଲ ଅଗ୍ରୱାଲ, ବେଦାନ୍ତ ଅଧ୍ୟକ୍ଷ**



ପବ୍ଲିକ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମକୁ ସରଳ ଏବଂ ଅଧିକ ଦକ୍ଷ କରିବାକୁ ହେଲେ ଅତ୍ୟାଧୁନିକ ଏବଂ ଗ୍ରହଣଯୋଗ୍ୟ ଟେକ୍ନୋଲୋଜି ଆଣିବାକୁ ହେବ। ସିଭିଲ ଆକାଉଣ୍ଟସ ଅଧିକାରୀମାନେ ଏ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ।
**– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥ ମନ୍ତ୍ରୀ**



# ହିରୋର ନୂଆ ସୁପର ସ୍ପ୍ଲେଣ୍ଡର



**ନୂଆଦିଲ୍ଲୀ, ୧–୩**

ହିରୋ ମୋଟୋକର୍ପ ପକ୍ଷରୁ ଏହାର ପ୍ରମୁଖ ଲୋକପ୍ରିୟ ମଡେଲ ସୁପର ସ୍ପ୍ଲେଣ୍ଡର ବିଏସ–୬ ସଂସ୍କରଣ ଶୁଭାରମ୍ଭ ହୋଇଛି। ନୂଆ ମଡେଲଟିର ବଜାର ଦର ୬୭,୩୦୦ ଟଙ୍କାରୁ ଆରମ୍ଭ ହେଉଛି। ସମସ୍ତ ବିଏସ–୪ ଉତ୍ପାଦର ଉତ୍ପାଦନ କମ୍ପାନୀ ପୂର୍ବରୁ ହିଁ ବନ୍ଦ କରିସାରିଛି ଏବଂ ବର୍ତ୍ତମାନ କେବଳ ବିଏସ–ଭିଆଇ ଉତ୍ପାଦ ନିର୍ମାଣ କରୁଛି। ଗ୍ରାହକମାନଙ୍କୁ ସୁପରିଅର ଏବଂ ସ୍ୱଚ୍ଛତର ପ୍ରାଦ୍ୟୋଗିକ ଥିବା ପ୍ରିମିୟମ, ଶୀର୍ଷ ଗୁଣବତ୍ତାର ଉତ୍ପାଦ ପ୍ରଦାନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି ବୋଲି ହିରୋ ମୋଟୋକର୍ପ ପୁନଃ ଘୋଷଣା କରିଥିବା ସୂଚନା ରହିଛି। ଏହି ଅବସରରେ କମ୍ପାନୀର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମୁଖ୍ୟ, ମେଲୋ ଲି ମେସନ କହିଛନ୍ତି, 'ଭାରତରେ ସୁପର ସ୍ପ୍ଲେଣ୍ଡର ଅନ୍ୟତମ ସର୍ବାଧିକ ଲୋକପ୍ରିୟ ମୋଟରସାଇକେଲ ହୋଇ ରହିଛି। ନୂତନ ସୁପର ସ୍ପ୍ଲେଣ୍ଡର ବିଏସ–ଭିଆଇ ଦ୍ୱାରା ଏହି ଟ୍ରେଣ୍ଡ ଅଧିକ ମଜଭୁତ ହେବ ବୋଲି ଆମେ ସୁନିଶ୍ଚିତ। କମ୍ପାନୀ ନିକଟରେ ନୂତନ ଏକ୍ସଟ୍ରିମ ୧୬୦–ଆର, ପ୍ୟାସନ–ପ୍ରୋ ବିଏସ–୬ ଏବଂ ଗ୍ଲାମର ବିଏସ–୬ ଭଳି ମଡେଲ ହିରୋ ୱାର୍ଲ୍ଡ ୨୦୨୦ରେ ବଜାର ପ୍ରବେଶ ହେବା ପରେ ନୂଆ ସୁପର ସ୍ପ୍ଲେଣ୍ଡର ବିଏସ–୬ ଶୁଭାରମ୍ଭ ହୋଇଛି। ଏହା ପୂର୍ବରୁ ଆଇସ୍ମାର୍ଟ, ସ୍ପ୍ଲେଣ୍ଡର+, ଏଚଏଫ ଡିଲକ୍ସ, ପ୍ଲେଜର+ ୧୧୦, ଡେଷ୍ଟିନି ୧୨୫ ଏବଂ ମାଇଷ୍ଟ୍ରୋ ଏଜ ୧୨୫– ଆଦି ବିଏସ–୬ ଦୁଇ–ଚକିଆର ଏକ ଅନୁକ୍ରମ କମ୍ପାନୀ ପ୍ରବେଶ କରାଇ ସାରିଛି।

# ଜିଏସ୍‌ଟିରେ ଆସିବ ଲଟେରି ବ୍ୟବସ୍ଥା

**ନୂଆଦିଲ୍ଲୀ, ୧–୩**

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ରେ ବିଜନେସ ଟୁ କଷ୍ଟମର ନେଣଦେଣକୁ ପ୍ରୋତ୍ସାହିତ କରିବା ଲାଗି ସରକାର ନୂଆ ବ୍ୟବସ୍ଥା ଗ୍ରହଣ କରିବାକୁ ଯାଉଛନ୍ତି। ଆସନ୍ତା ଏପ୍ରିଲ ପହିଲାରୁ ସରକାର ବିଜନେସ ଟୁ କଷ୍ଟମର (ବି ଟୁ ସି) ଇନଭଏସ୍ ଉପରେ ମାସିକ ଲଟେରୀ ଅଫର ଆରମ୍ଭ କରିବେ ବୋଲି ଜଣା ପଡ଼ିଛି। ମାସିକ ଇନଭଏସ ଉପରେ ମାସିକ ଭାଗ୍ୟଶାଳି ବିଜେତା ଘୋଷଣା କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଏସ୍‌ଟି ବ୍ୟବସ୍ଥାରେ ଲୋକମାନଙ୍କୁ ସାମଗ୍ରୀ କ୍ରୟ ବେଳେ ବିଲ୍ ନେବାକୁ ଉତ୍ସାହିତ କରିବା ଲାଗି ଏଭଳି ଏକ ଯୋଜନା ସରକାର ହାତକୁ ନେଇଛନ୍ତି। ଏହା ଦ୍ୱାରା ଜିଏସ୍‌ଟି ଠକେଇ ଉପରେ ଅଙ୍କୁଶ ଲଗାଇବା ଲାଗି ସରକାର ପଦକ୍ଷେପ ନେଉଥିବା କୁହାଯାଉଛି। ଲକି ଡ୍ରରେ ଗ୍ରାହକଙ୍କ ଲାଗି ବମ୍ପର ପୁରସ୍କାର ସହ ଦ୍ୱିତୀୟ ଏବଂ ପୁରସ୍କାର ରହିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୧୦ ଲକ୍ଷ ଟଙ୍କାରୁ ୧ କୋଟି ମଧ୍ୟରେ ପୁରସ୍କାର ରାଶି ରହିବ ବୋଲି ଅଧିକାରୀ କହିଛନ୍ତି।

ଜିଏସ୍‌ଟି ନେଟୱର୍କ (ଜିଏସ୍‌ଟିଏନ୍) ଦ୍ୱାରା ବିକଶିତ କରାଯାଇଥିବା ମୋବାଇଲ ଆପ୍ଲିକେଶନରେ ଗ୍ରାହକଙ୍କୁ ବିଟୁସି ଇନଭଏସ ସ୍କାନ କରି ଅପ୍‌ଲୋଡ କରିବାକୁ ହେବ। ଏହା ପ୍ରକ୍ରିୟା ଦ୍ୱାରା ଲୋକମାନେ ଲଟେରୀରେ ଭାଗ ନେଇ ପାରିବେ। ଉଭୟ ଆଣ୍ଡ୍ରଏଡ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ମୋବାଇଲ ଆପ୍ ଉପଲବ୍ଧ ହେବ। ଲକି ଡ୍ର ଲାଗି ଇନ୍‌ଭଏସର କୌଣସି ଦେୟ ସୀମା ରଖାଯାଇନାହିଁ। ଅର୍ଥାତ କିଛି ବି ପରିମାଣର ନେଣଦେଣ କରିଥିବା ବ୍ୟକ୍ତି ମଧ୍ୟ ଲକି ଡ୍ରର ଅଂଶ ହୋଇ ପାରିବେ। ୨୦୧୭ ଜୁଲାଇ ପହିଲାରୁ ସରକାର ଜିଏସ୍‌ଟିକୁ କାର୍ଯ୍ୟକାରୀ କରାଇଛନ୍ତି। ହେଲେ ଟିକସ ଚୋରୀ ସମେତ ଅନ୍ୟାନ୍ୟ ସମସ୍ୟା ଯୋଗୁ ବର୍ତ୍ତମାନ ଆଶା ମୁତାବକ ରାଜସ୍ୱ ଏହା ଦ୍ୱାରା ସଂଗ୍ରହ ହୋଇପାରିନାହିଁ। ମାର୍ଚ୍ଚ ୧୪ରେ ଅନୁଷ୍ଠିତ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ଖାଉଟି କଲ୍ୟାଣ ପାଣ୍ଠିରୁ ଲଟେରୀ ସ୍କିମରେ ଲୋକଙ୍କୁ ପୁରସ୍କାର ଦିଆଯିବ ବୋଲି ଜଣାପଡ଼ିଛି।

## ଫେବୃୟାରୀରେ ୧.୦୫ ଲକ୍ଷ କୋଟିର ଜିଏସ୍‌ଟି

ଚଳିତ ବର୍ଷ ଫେବୃୟାରୀ ମାସରେ ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ୧.୦୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। ଏହା ଗତ ବର୍ଷ ଫେବୃୟାରୀ ତୁଳନାରେ ୮% ଅଧିକ ରହିଥିବା ଜଣାପଡିଛି। ଗତ ମାସରେ ଜିଏସ୍‌ଟି ବାବଦକୁ ୧.୧୦ ଲକ୍ଷ କୋଟି ଟଙ୍କା ରାଜକୋଷକୁ ଆସିଥିଲା। ଫେବୃୟାରୀର ମୋଟ ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି)ର ଅଂଶ ୨୦,୫୬୯ କୋଟି, ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ୨୭,୩୪୮ କୋଟି, ସମନ୍ୱିତ ଜିଏସ୍‌ଟି( ଆଇଜିଏସ୍‌ଟି) ବାବଦ ୪୮,୫୦୩ କୋଟି, ଏବଂ ସେସ୍ ବା ଉପକର ବାବଦରେ ୯,୯୪୭ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଫେବୃୟାରୀ ୨୯ ତାରିଖ ମଧ୍ୟରେ ୮୩ ଲକ୍ଷ ଜିଏସ୍‌ଟିଆର୍ ଫାଇଲ କରାଯାଇଛି। ନିୟମିତ ସମାଧାନ ଅନ୍ତର୍ଗତ ଆଇଜିଏସ୍‌ଟିରୁ ସିଜିଏସ୍‌ଟି ବାବଦରେ ୨୨,୫୮୬ କୋଟି ଏବଂ ଏସ୍‌ଜିଏସ୍‌ଟି ବାବଦ ୧୬,୫୫୩ କୋଟି ସମାଧାନ କରାଯାଇଛି।

■ ଜିତି ହେବ ୧ କୋଟି ପର୍ଯ୍ୟନ୍ତ ଅର୍ଥ ରାଶି
■ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ






ପୂର୍ବାଞ୍ଚଳର ମୋଷ୍ଟ ଟ୍ରଷ୍ଟେଡ ଜୁଏଲର୍ସ ଭାବେ 'ଖିମ୍‌ଜି ଜୁଏଲର୍ସ' ଟାଇମ୍ସ ବିଜ୍‌ନେସ ଆୱାର୍ଡ ୨୦୨୦ ଲାଭ କରିଛି। ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ସ୍ୱତ୍ୱାଧିକାରୀ ମିତେଶ ଖିମ୍‌ଜି ବଲିଉଡ ଅଭିନେତା ଅନିଲ କପୁରଙ୍କଠାରୁ ସମ୍ମାନିତ ହେଉଛନ୍ତି। ଖିମ୍‌ଜି ଗୋଲ୍ଡ ଆଣ୍ଡ ଡାଇମଣ୍ଡ ବର୍ଗରେ ବେଷ୍ଟ ଜୁଏଲର୍ସ, ସିଲ୍‌ଭର ଏବଂ ଫ୍ୟାଶନ ଜୁଏଲେରି ବର୍ଗରେ ବେଷ୍ଟ ଜୁଏଲର୍ସ ପୁରସ୍କାର ହାସଲ କରିଛି।

# ଟୟୋଟା ଆଣିଲା ଭେଲ୍ଲଫିରେ




**ଭୁବନେଶ୍ୱର, ୧–୩**

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଏହାର ନୂଆ ବିଳାସପୂର୍ଣ୍ଣ ସେଲଫ୍–ଚାର୍ଜିଂ ହାଇବ୍ରିଡ୍ ଇଲେକ୍‌ଟ୍ରିକ୍ ଯାନ ଭେଲ୍ଲଫିରେର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ନୂଆ ଭେଲ୍ଲଫିରେ ଶକ୍ତିଶାଳୀ ଡ୍ରାଇଭିଂ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହେବ। ଏହା କମ୍ ଇନ୍ଧନରେ କାର୍ଯ୍ୟ କରିବାକୁ ଥିବା କମ୍ କାର୍ବନ୍ ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ୨.୫ ଲିଟର ୪–ସିଲିଣ୍ଡର ଇନ୍, ଗ୍ୟାସୋଲିନ୍ ହାଇବ୍ରିଡ୍ ଇନ୍, ୮୬ କିଲୋୱାଟ୍(୧୧୫ ବିଏଚ୍‌ପି) ପାୱାର, ୧୯୮ ଏନ୍‌ଏମ୍ ଟର୍କ, ୨୮୦୦ରୁ ୪୦୦୦ ଆର୍‌ପିଏମ୍ ଭଳି ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ବାଦ ୨ ଇଲେକ୍‌ଟ୍ରିକ୍ ମୋଟର ଏବଂ ବ୍ୟାଟେରି ସହ ୭ ଏସ୍‌ଆର୍‌ଏସ୍ ଏୟାର ବ୍ୟାଗ, ଭିଡିଆଇଏମ୍, ଏଚ୍‌ଏସି, ଭିଏସ୍‌ସି ଆଦି ସୁରକ୍ଷିତ ଫିଚର ଏଥିରେ ସ୍ଥାନିତ କରାଯାଇଛି। ଏହା ୪ଟି ଆକର୍ଷଣୀୟ ବାହ୍ୟ ରଙ୍ଗରେ ଉପଲବ୍ଧ। ନୂଆ ଯାନଟିର ଏକ୍ସଶୋ'ରୁମ ବଜାର ଦର ୭୯.୫୦ ଲକ୍ଷ ଟଙ୍କା ରହିଛି। ଏହି ଅବସରରେ ଟୟୋଟା କିଲୋସ୍କର ମୋଟରର ଉପାଧ୍ୟକ୍ଷ ବିକ୍ରମ କିର୍ଲୋସ୍କର କହିଛନ୍ତି, ଆମେ ଭାରତରେ ଗ୍ରାହକଙ୍କ ଆବଶ୍ୟକତା ବୁଝି ଉତ୍ପାଦ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଛୁ।

# ସାମ୍‌ସଙ୍ଗର କର୍ଡ ମାଏଷ୍ଟ୍ରୋ ରେଫ୍ରିଜରେଟର



**ଭୁବନେଶ୍ୱର, ୧–୩**

ସାମ୍‌ସଙ୍ଗ ପକ୍ଷରୁ ଓଡ଼ିଶା ବଜାରରେ ଏହାର କର୍ଡ ମାଏଷ୍ଟ୍ରୋ ରେଫ୍ରିଜରେଟରର ଶୁଭାରମ୍ଭ କରାଯାଇଛି। ଏହା ହେଉଛି ବିଶ୍ୱର ପ୍ରଥମ ରେଫ୍ରିଜରେଟର, ଯାହା ଖାଦ୍ୟ ଦ୍ରବ୍ୟଗୁଡ଼ିକୁ କେବଳ ଥଣ୍ଡା ରଖି ନଥାଏ ବଂର ଏହାକୁ ପ୍ରସ୍ତୁତ ମଧ୍ୟ କରିଥାଏ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନୂତନ ୨୦୨୦ ରେଫ୍ରିଜରେଟର ଲାଇନ୍–ଅପ୍‌ର ଅଂଶସ୍ୱରୂପ ସାମସଙ୍ଗ ମଧ୍ୟ ଭାରତର ପ୍ରଥମ ଫ୍ରଷ୍ଟ ଷ୍ଟାଣ୍ଡ ଫ୍ରି ରେଫ୍ରିଜରେଟର୍, ବେସ୍ ଷ୍ଟାଣ୍ଡ ଡ୍ରୟାର ସହିତ ଉପସ୍ଥାପନା କରିଛି। ଏହା ଭାରତର ପ୍ରଥମ ଫାଇଭ୍ ଷ୍ଟାର ଡାଇରେକ୍ଟ କୁଲ୍ ସିଙ୍ଗଲ୍ ଡୋର ରେଫ୍ରିଜରେଟର୍ ଲାଇନ୍–ଅପ୍ ୨୦୨୦ ଷ୍ଟାର ରେଟିଂରେ ପ୍ରସ୍ତୁତ। ଏହାର ମୂଲ୍ୟ ୧୯୮ ଲିଟର ଡାଇରେକ୍ଟ କୁଲ୍ ସିଙ୍ଗିଲ୍ ଡୋର୍ ରେଫ୍ରିଜରେଟର୍ ପାଇଁ ୧୭,୯୦୦ ରହିଥିବାବେଳେ ସ୍ମାର୍ଟ କନ୍‌ଭର୍ଟିବଲ୍ ୫ ଇନ୍ ୧ ରେଫ୍ରିଜରେଟରର ମୂଲ୍ୟ ୪୫,୯୯୦ ଟଙ୍କା ରହିଛି। ସାମସଙ୍ଗ କର୍ଡ ମାଏଷ୍ଟ୍ରୋର ମୂଲ୍ୟ ୩୦,୯୯୦ ରୁ ୪୫,୯୯୦ମଧ୍ୟରେ ରହିଛି। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ସୌରଭ କଟୟାଲ୍ କହିଛନ୍ତି ଯେ, ଆମର ଏହି ନୂତନ ରେଞ୍ଜ୍‌ର ରେଫ୍ରିଜରେଟର୍ ମାର୍କେଟ ଲିଡରସିପ୍‌କୁ ଆହୁରି ସୁଦୃଢ଼ କରିବ।

# କେଟିଏମ୍ ପକ୍ଷରୁ ଷ୍ଟଣ୍ଟ ଶୋ




**କେନ୍ଦୁଝର, ୧–୩**

କେଟିଏମ୍ ପକ୍ଷରୁ କେନ୍ଦୁଝରରେ ଷ୍ଟଣ୍ଟ ଶୋ ଆୟୋଜନ କରାଯାଇଛି। ଏଥିରେ ପେସାଦାର ଷ୍ଟଣ୍ଟ ପ୍ରଦର୍ଶନକାରୀମାନେ ଆଖିଦୃଶିଆ ଷ୍ଟଣ୍ଟ ପ୍ରଦର୍ଶନ କରିଛନ୍ତି। କେନ୍ଦୁଝରର ଓଲ୍ଡ ଟାଉନ୍‌ରେ ଥିବା ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବଡ଼ଦାଣ୍ଡରେ ଏହି ଶୋ ଆୟୋଜନ କରାଯାଇଥିଲା। ଏହି ଅବସରରେ ସୁମିତ ନାରଙ୍ଗ, ଉପ ସଭାପତି–ପ୍ରୋ ବାଇକିଙ୍ଗ, ବଜାଜ ଅଟୋ କହିଛନ୍ତି ଯେ, 'କେଟିଏମ୍ ବ୍ରାଣ୍ଡ ଉଚ୍ଚ ପ୍ରଦର୍ଶନକାରୀ ରେସିଂ ବାଇକ୍ ପାଇଁ ଜଣାଶୁଣା ଏବଂ ଏହା ସବୁ ବେଳେ ଚାହେଁ ଯେ ଗ୍ରାହକମାନେ କେଟିଏମ୍ ବାଇକ୍‌ର ରୋମାଞ୍ଚ ଅନୁଭବ କରନ୍ତୁ। କେଟିଏମ୍ ହେଉଛି ଏକ ସ୍ୱତନ୍ତ୍ର ପ୍ରିମିୟମ୍ ବ୍ରାଣ୍ଡ ଏବଂ ଆମେ କେଟିଏମ୍ ଗ୍ରାହକଙ୍କୁ ସ୍ୱତନ୍ତ୍ର କେଟିଏମ୍ ଅନୁଭୂତି ପ୍ରଦାନ କରିବାକୁ ଚାହୁଁଛୁ। କେଟିଏମ୍ ପ୍ରେମୀମାନେ କେଟିଏମ୍ କେନ୍ଦୁଝର–ଏନଏଚ୍ ୬, ବୃନ୍ଦାବନ୍ଦ ବିହାର, କେନ୍ଦୁଝର, ଆଟୋପୁର, ଓଡ଼ିଶାରୁ କେଟିଏମ୍ ବାଇକ୍‌ଗୁଡ଼ିକୁ କିଣିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୌତଣୀ, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No
9479667248

BUSINESS

Hi TECH TOWER
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ଉପରେ Digital ଟାୱାର ଲଗାନ୍ତୁ । ଅଗ୍ରିମ- 60,00,000/-, ଭଡ଼ା 40,000/- + 25,000/-ର ଅନ୍ୟାନ୍ୟ ସୁବିଧା।
(NOTE- କୌଣସି ଟାୱାର କମ୍ପାନୀରୁ ଠକାମିର ଶିକାର ହୋଇଥିଲେ କିମ୍ବା କାମ ଚାଲିଥିଲେ ତେବେ ଅଭିଯୋଗ କରି ନିଜର ଟଙ୍କା ଫେରିପାଆନ୍ତୁ ଓ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାଇ ଟାୱାର ଲଗାନ୍ତୁ।
HELPLINE No.
07488344055

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :-
9811014559

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

FINANCE

ଶ୍ରୀ ସାଇ ଫାଇନାନ୍ସ
—ଖର୍ଚ୍ଚ ଋଣରୁ କଟିବ—
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଦ୍ୱାରା ଶିକ୍ଷା, ପ୍ରପର୍ଟି, ଗ୍ରୁପ୍ ଋଣ, ପର୍ସନାଲ, ଗୃହ ଋଣ, ମୁଦ୍ରା, ଆଧାର କାର୍ଡ, ଇତ୍ୟାଦି ଋଣ, ସବୁ ବର୍ଗ ପାଇଁ ଘରେ ବସି ପାଆନ୍ତୁ 12 ଘଣ୍ଟାରେ ଋଣ।
2% ସୁଧ 40% ଛାଡ଼
ମହିଳା ଓ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
ସହାୟତା କେନ୍ଦ୍ର: 75992-54565 89012-71684 94506-10896

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
▸ ବିଜିନେସ୍ ଋଣ
▸ ସମ୍ପତ୍ତି ଋଣ
▸ ମାର୍କଶିଟ୍ ଋଣ
▸ ଆଧାର କାର୍ଡ ଋଣ
▸ ବ୍ୟକ୍ତିଗତ ଋଣ
▸ ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

# COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଟେବୁଲ ଟେନିସ୍‌ରେ ମହିଳା ଓ ପୁରୁଷ ବିଭାଗ ଚାମ୍ପିୟନ ଦଳର ପ୍ରତିଯୋଗିମାନେ ଅତିଥିଙ୍କ ଗହଣରେ।

## ଚିତକାରା, ମାଡ୍ରାସ ଚାମ୍ପିୟନ

**କଟକ ଅଫିସ,୧।୩:** ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁନଭର୍ସିଟି ଗେମ୍ସର ଟେବୁଲ ଟେନିସ୍ (ଟିଟି) ଇଭେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ ଚିତ୍‌କାରା ବିଶ୍ୱବିଦ୍ୟାଳୟ ଓ ମହିଳା ବର୍ଗରେ ମାଡ୍ରାସ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ପୁରୁଷ ବର୍ଗର ଫାଇନାଲରେ ଚିତ୍‌କାରା ବିଶ୍ୱବିଦ୍ୟାଳୟ ୩-୧ ସେଟ୍‌ରେ ଓସମାନିଆ ବିଶ୍ୱବିଦ୍ୟାଳୟକୁ ହରାଇଛି। ମହିଳା ବର୍ଗରେ ମାଡ୍ରାସ ବିଶ୍ୱବିଦ୍ୟାଳୟ ଦଳ ୩-୦ ସେଟ୍‌ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲକୁ ପରାସ୍ତ କରିଛି।

# ପଞ୍ଜାବ ଦଳଗତ ଚାମ୍ପିୟନ, ସାବିତ୍ରୀ ଫୁଲେ ରନର୍ସଅପ୍

**ଭୁବନେଶ୍ୱର,୧।୩(ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା(କେଆଇୟୁଜି)ର ପ୍ରଥମ ସଂସ୍କରଣ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ମଲ୍ଟି ପରପୋଜ ଇନ୍‌ଡୋର ହଲ୍‌ରେ ରବିବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ମେଗା ଇଭେଣ୍ଟର ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା। ପଞ୍ଜାବ ବିଶ୍ୱବିଦ୍ୟାଳୟ ୧୭ ସ୍ୱର୍ଣ୍ଣ, ୧୯ ରୌପ୍ୟ ଓ ୧୦ ବ୍ରୋଞ୍ଜ୍ ସହ ମୋଟ୍ ୪୬ ପଦକ ହାସଲ କରି ପଦକ ତାଲିକାର ଶୀର୍ଷରେ ରହିବା ସହ ଦଳଗତ ଚାମ୍ପିୟନ ହୋଇଛି। ଅନ୍ୟପଟେ ସାବିତ୍ରୀ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ ୧୭ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୯ ବ୍ରୋଞ୍ଜ ସହ ମୋଟ ୩୭ ପଦକ ପାଇ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ବିବେଚିତ ହୋଇଛି। ସେହିପରି ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୧୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୪ ବ୍ରୋଞ୍ଜ୍ ସହ ମୋଟ୍ ୩୩ ପଦକ ପାଇ ତୃତୀୟ ସ୍ଥାନରେ ରହିବା ସହ ସେକେଣ୍ଡ ରନର୍ସଅପ୍ ହୋଇଛି। ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ୪ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ମୋଟ ୭ ପଦକ ହାସଲ କରି ୧୭ତମ ସ୍ଥାନ ଅଧିକାର କରିଛି। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ୧ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ସହ ୨ ପଦକ ପାଇ ୪୫ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଉତ୍କଳ କେବଳ ଗୋଟିଏ ବ୍ରୋଞ୍ଜ ପଦକ ପାଇ ୯୭ତମ ସ୍ଥାନରେ ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ଜିତି ମୋଟି ୩ ପଦକ ପାଇ ୪୦ତମ ସ୍ଥାନ ପାଇଛି। ପଞ୍ଜାବ ଗୋଟିଏ କମ୍ ସ୍ୱର୍ଣ୍ଣ ପଦକ ପାଇ ପଛରେ ପଡିଥିଲା। ଶନିବାର ପଞ୍ଜାବ ବକ୍ସିଂରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି ସାବିତ୍ରୀକୁ ପଛରେ ପକାଇଥିଲା। ତେବେ ଅନ୍ତିମ ଦିବସରେ ସାବିତ୍ରୀ ଆଥଲେଟିକ୍ସରେ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲା।

ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କେନ୍ଦ୍ର ଯୁବବ୍ୟାପାର କ୍ରୀଡ଼ାମନ୍ତ୍ରୀ କିରେନ୍ ରିଜିଜୁ, ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଏଓ) ସଭାପତି ଡ. ନରିନ୍ଦର ଧ୍ରୁବ ବାତ୍ରା, ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅଲ ଇଣ୍ଡିଆ ୟୁନିଭର୍ସିଟି (ଏଆଇୟୁ) ସାଧାରଣ ସମ୍ପାଦକ ଡ. ପଙ୍କଜ ମିତ୍ତଲ, ରାଜ୍ୟ ପର୍ଯ୍ୟଟନ ଓ କ୍ରୀଡ଼ା ବିଭାଗ ସଚିବ ବିଶାଲ ଦେବ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଚାମ୍ପିୟନ, ରନର୍ସଅପ୍ ଓ ସେକେଣ୍ଡ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ବେଶ୍ ସଫଳତାର ସହ ଆୟୋଜନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ବେଶ୍ ଖୁସି ଜାହିର କରିଥିଲେ। ଏହା ଦେଶ ତଥା ରାଜ୍ୟର କ୍ରୀଡ଼ାବିତ୍‌ଙ୍କୁ ଭବିଷ୍ୟତରେ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ ବୋଲି ସେ କହିଥିଲେ। ଆଗାମୀ ଦିନରେ ଦେଶର କ୍ରୀଡ଼ା ନୂଆ ସୋପାନରେ ପହଞ୍ଚିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ସେହିପରି କେଆଇୟୁଜି ବେଶ୍ ସଫଳ ହୋଇଛି ବୋଲି ରିଜିଜୁ କହିଥିଲେ। ସବୁ ଖେଳାଳି ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏବେ କେଆଇୟୁଜି ପ୍ରତିବର୍ଷ ନିୟମିତ ଭାବେ ଆୟୋଜନ ହେବ। କଶ୍ମୀରରେ ଖେଲୋ ଇଣ୍ଡଆ ଶୀତକାଳୀନ ଗେମ୍ସ ଆୟୋଜନ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି। ଏହା ଭବିଷ୍ୟତରେ ଦେଶ ପାଇଁ ଅଲିମ୍ପିକ୍ ମେଡାଲିଷ୍ଟ ସୃଷ୍ଟି କରିବ। ୨୦୨୮ ଅଲିମ୍ପିକ୍ସରେ ଭାରତ ପଦକ ତାଲିକାର ଶ୍ରେଷ୍ଠ ୧୦ରେ ସ୍ଥାନ ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। କେଆଇୟୁଜିର ପରବର୍ତ୍ତୀ ସଂସ୍କରଣ କେଉଁ ବିଶ୍ୱବିଦ୍ୟାଳୟ ଆୟୋଜନ କରିବ ତାହା ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ସେ କହିଥିଲେ। କ୍ରୀଡ଼ା ବିକାଶରେ ଓଡ଼ିଶା ସରକାରଙ୍କ ଦୃଷ୍ଟାନ୍ତମୂଳକ ତଥା ନିରବଚ୍ଛିନ୍ନ ପ୍ରୟାସ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

ଆୟୋଜକ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କେଆଇୟୁଜିର ସଫଳ ଆୟୋଜନ ପାଇଁ ମଧ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଦୁଇମାସରୁ କମ୍ ସମୟ ଆମକୁ ମିଳିଥିଲା। ତେବେ ଏହା ସତ୍ତ୍ୱେ ଏହି ମେଗା ଇଭେଣ୍ଟ ସଫଳତାର ସହ ଆୟୋଜନ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି ବୋଲି ସେ କହିଛନ୍ତି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ମଧ୍ୟ କେଆଇୟୁଜିର ସଫଳ ଆୟୋଜନକୁ ବେଶ୍ ପ୍ରଶଂସା କରିଥିଲେ। କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥିଲେ। ସେହିପରି ଦେଶରେ କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ନରିନ୍ଦର ବାତ୍ରା ବେଶ୍ ପ୍ରଶଂସା କରିଥିଲେ। ଓଡ଼ିଶାରେ ଏକାଧିକ ବିଶ୍ୱସ୍ତରୀୟ ଇଭେଣ୍ଟ ସଫଳତାର ସହ ଆୟୋଜିତ ହୋଇଛି। ଏଥିପାଇଁ ସେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ଅନ୍ତିମ ଦିବସ ଫଳାଫଳ

### ଆଥଲେଟିକ୍ସ

**ପୁରୁଷ ୨୦୦ ମିଟର:** ରବିବାର ଅନ୍ତିମ ଦିବସରେ ମାଡ୍ରାସ ବିଶ୍ୱବିଦ୍ୟାଳୟର ରାହୁଲ କୁମାର ୨୧.୪୨ ସେକେଣ୍ଡ ଟାଇମିଂରେ ପୁରୁଷ ୨୦୦ମିଟର ରେସ୍ ଜିତିଛନ୍ତି। ମୁମ୍ବାଇ ବିଶ୍ୱବିଦ୍ୟାଳୟର ଅକ୍ଷୟ ଆନ୍ନାପ୍ପା ଶେଟ୍ଟି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ଏ. ବିଗ୍ନେସ ବ୍ରୋଞ୍ଜ ଜିତିଥିଲେ।

**ହାମର ଥ୍ରୋ:** ପଞ୍ଜାବୀ ବିଶ୍ୱବିଦ୍ୟାଳୟର ଦମନିତ ସିଂ(୬୧.୨୫ ମିଟର) ପୁରୁଷ ହାମର ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମାଡ୍ରାସ ବିଶ୍ୱବିଦ୍ୟାଳୟର ଏସ୍. ନିର୍ମଳ ରାଜ ଦ୍ୱିତୀୟ ଏବଂ ରାଜେନ୍ଦ୍ର ସିଂ ବିଶ୍ୱବିଦ୍ୟାଳୟର ଫାରୁକ ଅହମ୍ମଦ ତୃତୀୟ ହୋଇଥିଲେ। ସେହିପରି ମହିଳା ହାମର ଥ୍ରୋରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ବର୍ଷା(୫୧.୮୦ମିଟ) ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ କୁଲବିନ୍ଦର କୌର (ମହାରାଜ ଗଙ୍ଗା ସିଂ ବିଶ୍ୱବିଦ୍ୟାଳୟ) ରୌପ୍ୟ ଏବଂ ସ୍ନେହ ସୂର୍ଯ୍ୟକାନ୍ତ ଯାଦବ(ଶିବାଜୀ ୟୁନିଭର୍ସିଟି) ବ୍ରୋଞ୍ଜ ପଦକ ଲାଭ କରିଥିଲେ।

## ଷ୍ଟିପଲଚେଜ୍‌ରେ କୋମଲଙ୍କ ରେକର୍ଡ

୩୦୦୦ ମିଟର ଷ୍ଟିପଲଚେଜ୍‌ରେ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର କୋଭଲ ଚନ୍ଦ୍ରକାନ୍ତ ଜଗଦଲେ (୧୦:୨୬.୬୩) ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ନୂଆ ରେକର୍ଡ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ବି. ଜାମାଜୀ (୧୦:୩୪.୫୩)ଙ୍କ ନାମରେ ରହିଥିଲା। ଇଭେଣ୍ଟରେ ଗୋଲା ମାହେଶ୍ୱରୀ(ପାଲାମୁରୁ ବିଶ୍ୱବିଦ୍ୟାଳୟ) ୧୦:୪୧.୯୦ ଦ୍ୱିତୀୟ ଏବଂ ଶୈଳ ଧାମା (ପଞ୍ଜାବୀ ବିଶ୍ୱବିଦ୍ୟାଳୟ) ତୃତୀୟ ହୋଇଥିଲେ।

| ପଦକ ତାଲିକା (ଟପ୍-୧୦) | | | | |
|---|---|---|---|---|
| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
| ପଞ୍ଜାବ | ୧୭ | ୧୯ | ୧୦ | ୪୬ |
| ସାବିତ୍ରୀ ଫୁଲେ ପୁନେ | ୧୭ | ୧୧ | ୯ | ୩୭ |
| ପଞ୍ଜାବୀ | ୧୩ | ୬ | ୧୪ | ୩୩ |
| ଏମ୍‌ଡିୟୁ | ୧୧ | ୧୧ | ୧୧ | ୩୩ |
| ମାଙ୍ଗାଲୋର | ୯ | ୭ | ୯ | ୨୫ |
| ଲଭ୍‌ଲି ପ୍ରଫେଶନାଲ | ୯ | ୬ | ୮ | ୨୩ |
| ଜୈନ୍ | ୮ | ୬ | ୨ | ୧୬ |
| ଗୁରୁ ନାନକ ଦେବ | ୭ | ୬ | ୧୨ | ୨୫ |
| ମାଡ୍ରାସ୍ | ୭ | ୫ | ୩ | ୧୫ |
| ମୁମ୍ବାଇ | ୬ | ୯ | ୧୦ | ୨୫ |
| ଦିଲ୍ଲୀ | ୬ | ୭ | ୧୩ | ୨୬ |
| ମହାତ୍ମା ଗାନ୍ଧୀ | ୬ | ୪ | ୩ | ୧୩ |
| କିଟ୍ | ୪ | ୧ | ୨ | ୭ |
| ବ୍ରହ୍ମପୁର | ୧ | ୧ | ୧ | ୩ |
| ସମ୍ବଲପୁର | ୧ | ୧ | ୦ | ୨ |
| ଉତ୍କଳ | ୦ | ୦ | ୧ | ୧ |

# ଦୂତୀଙ୍କୁ ଡବଲ୍ ଗୋଲ୍ଡ



ସ୍ୱର୍ଣ୍ଣ ପଦକ ଜିତିବା ପରେ ଦୂତୀ ଚାନ୍ଦ ଖୁସି ମନାଉଛନ୍ତି।

**ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଭାରତର ଦ୍ରୁତତମ ମହିଳା ବିବେଚିତ ହେଉଥିବା ତାରକା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୦୦ମିଟର ଦୌଡ଼ରେ ବିଜୟୀ ହେବା ପରେ ରବିବାର ଅନ୍ତିମ ଦିବସରେ ସେ ୨୦୦ମି. ଦୌଡ଼ରେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଆୟୋଜକ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍‌ନୋଲୋଜି (କିଟ୍) ବିଶ୍ୱବିଦ୍ୟାଳୟର ଛାତ୍ରୀ ଦୂତୀ ୨୩.୬୬ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟର କୀର୍ତ୍ତି ବିଜୟ ଭୋଇତେ ୨୪. ୯୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀ ଦୀପାଳି ମହାପାତ୍ର ୨୫.୧୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ଉଭୟ ୧୦୦ ଓ ୨୦୦ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ବେଶ୍ ଖୁସି ଅନୁଭବ କରୁଛି ବୋଲି ଦୂତୀ କହିଛନ୍ତି। ୨୦୦ମି. ରେସ୍ ଅପେକ୍ଷାକୃତ ସହଜ ହୋଇଥାଏ। କାରଣ ୧୦୦ମି.ରେ କେତେବେଳେ ଦ୍ରୁତ ଓ ମନ୍ଥର ଗତିରେ ଦୌଡ଼ିବାକୁ ହେବ ତାହା ବୁଝିବା କଷ୍ଟକର ହୋଇଥାଏ। ତେବେ ୨୦୦ମି.ରେ ଏ ନେଇ ଟିକିଏ ସ୍ୱାଧୀନତା ଥାଏ। ଅପେକ୍ଷାକୃତ ଅଧିକ ଦୂରତା ହୋଇଥିବାରୁ ଆବଶ୍ୟକତା ଅନୁଯାୟୀ ଦ୍ରୁତ ଓ ମନ୍ଥର ଗତିରେ ଦୌଡ଼ିବାକୁ ଓ ଚିନ୍ତା କରିବାକୁ ସମୟ ମିଳିଥାଏ। ତେବେ ୨୦୦ମି.ରେ ଜଣେ ରନରକୁ ଅଧିକ ଜୋର ଦେବାକୁ ହୋଇଥାଏ ବୋଲି ପଦକ ହାସଲ କରିବା ପରେ କହିଛନ୍ତି।

## ସିଦ୍ଧାନ୍ତ, ସାଧବୀ ଶ୍ରେଷ୍ଠ

**ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣ ରବିବାର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁଇମର ସାଧବୀ ଧୁରୀ (ସାବିତ୍ରୀ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ) ଓ ସିଦ୍ଧାନ୍ତ ସେଜୱାଲ (ପଞ୍ଜାବ ବିଶ୍ୱବିଦ୍ୟାଳୟ) ଯଥାକ୍ରମେ ମହିଳା ଓ ପୁରୁଷ ବର୍ଗରେ ଶ୍ରେଷ୍ଠ ଆଥ୍‌ଲେଟ୍ ବିବେଚିତ ହୋଇଛନ୍ତି। ଉଭୟ ସାଧବୀ ଓ ସିଦ୍ଧାନ୍ତ ପ୍ରତିଯୋଗିତାରେ ମୋଟ୍ ୫ଟି ଲେଖାଏ ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ଆଥ୍‌ଲେଟ୍ ହେବାରୁ ଗୌରବ ଲାଭ କରିଛନ୍ତି।

### ୬୪ ବିଶ୍ୱବିଦ୍ୟାଳୟକୁ ସ୍ୱର୍ଣ୍ଣ

ଏହି ୧୦ ଦିବସୀୟ ପ୍ରତିଯୋଗିତାରେ ମୋଟ୍ ୬୪ ବିଶ୍ୱବିଦ୍ୟାଳୟ ଅତିକମ୍‌ରେ ଗୋଟିଏ ଲେଖାଏ ପଦକ ଜିତିଛନ୍ତି। ସେହିଭଳି ୧୧୩ ବିଶ୍ୱବିଦ୍ୟାଳୟ ପଦକ ଖାତା ଖୋଲିବାରେ ସଫଳ ହୋଇଛନ୍ତି।



ମହିଳା ବକ୍ସିଂର କୃତୀ ପ୍ରତିଯୋଗୀମାନେ ଅତିଥି ପୂର୍ବତନ ଭାରତୀୟ ମହିଳା ଫୁଟବଲ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ସହ।

## ଉତ୍କଳର ଦୀପାଳିଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଉଦ୍‌ଯାପନୀ ଦିବସରେ ରବିବାର ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ପଦକ ଖାତା ଖୋଲିବାରେ ସଫଳ ହୋଇଛି। ମହିଳା ୨୦୦ ମିଟର ଦୌଡ଼ରେ ଦୀପାଳି ମହାପାତ୍ର ୩ୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ୨୦୦ ମିଟର ରେସ୍‌ରେ ଷ୍ଟାର୍ ସ୍ପ୍ରିଣ୍ଟର ତଥା କିଟ୍ ଛାତ୍ରୀ ଦୂତୀ ଚାନ୍ଦ (୨୩.୬୬ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତିଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟର କୀର୍ତ୍ତି ବିଜୟ ଭୋଇତି (୨୪.୯୮) ଓ ଦୀପାଳି (୨୫.୧୯) ଯଥାକ୍ରମେ ପୋଡିୟମର ୨ୟ ଓ ୩ୟ ସ୍ଥାନରେ ରହିଥିଲେ। ଉତ୍କଳର ଅନ୍ୟତମ ଧାବିକା ବିନତୀ ବେହେରା (୨୬.୬୯) ୮ମ ସ୍ଥାନରେ ରହିଥିଲେ। ଉଲ୍ଲେଖଯୋଗ୍ୟ, ଦୀପାଳି ନୟାଗଡ଼ କଲେଜର ଯୁକ୍ତ ୩ ସୋସିଓଲୋଜି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ। ନୟାଗଡ଼ ଶାସ୍ତ୍ରୀ ନଗରର ବାସିନ୍ଦା ସୁବାସ ମହାପାତ୍ରଙ୍କ ଝିଅ ହେଉଛନ୍ତି ଦୀପାଳି।



ଧରିତ୍ରୀ DHARITRI
ସୋମବାର, ୨ ମାର୍ଚ୍ଚ, ୨୦୨୦





ଭାରତୀୟ ଅଧିନାୟକ ବିରାଟ କୋହଲି ଚାପରେ ଥାଇ ବ୍ୟାଟିଂ ବେଳେ ଯେପରି ଭାବେ ତ୍ରୁଟି କରି ବସୁଛନ୍ତି ତାହା ଦେଖିବାକୁ ମଜା ଲାଗୁଛି ।

–ଟ୍ରେଣ୍ଟ ବୋଲ୍ଟ, ନ୍ୟୁଜିଲାଣ୍ଡ ପେସ୍ ବୋଲର

ନ୍ୟୁଜିଲାଣ୍ଡରେ ଭଲ ପ୍ରଦର୍ଶନ କରିବାକୁ ହେଲେ ଭାରତକୁ ମ୍ୟାଚର ସ୍ଥିତି ଅନୁସାରେ ସତର୍କତା ଓ ଆକ୍ରମଣାତ୍ମକ ନୀତି ଆପଣାଇବାକୁ ପଡ଼ିବ ।

–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



# ଆଉ ଏକ ପରାଜୟ ଦ୍ୱାରରେ ଭାରତ

ଖ୍ରୀଷ୍ଟଚର୍ଚ୍ଚ, ୧।୩ (ପି.ଟି.)

ଦୁଇ ଦ୍ରୁତ ବୋଲର ମହମ୍ମଦ ଶାମି ଓ ଯଶପ୍ରୀତ୍ ବୁମ୍‌ରାଙ୍କ ଦମ୍‌ଦାର ବୋଲିଂ ବଳରେ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଅନୁଷ୍ଠିତ ୨ୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି । କିନ୍ତୁ ଏହାପରେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ପୁଣିଥରେ ବିଫଳ ହେବାରୁ ବିଜୟ ଲାଗି ମିଳିଥିବା ସୁବର୍ଣ୍ଣ ସୁଯୋଗକୁ ଭାରତ ହରାଇଛି ।

**ଦ୍ୱିତୀୟ ଟେଷ୍ଟ**

**ଶାମି-ବୁମ୍‌ରାଙ୍କ ବୋଲିଂ ବେକାର**



ଟମ୍ ବ୍ଲଣ୍ଡେଲଙ୍କ ଉଇକେଟ୍ ହାସଲ ଅବସରରେ ଉମେଶ ଯାଦବ ।

ଭାରତର ପ୍ରଥମ ଇନିଂସ ସ୍କୋର ୨୪୨ ରନର ଜବାବରେ ନ୍ୟୁଜିଲାଣ୍ଡ ୭୩.୧ ଓଭରରେ ୨୩୫ ରନରେ ସୀମିତ ରହିଥିଲା । ଜବାବରେ ୭ ରନରେ ଅଗ୍ରଣୀ ହାସଲ କରିଥିବା ଭ୍ରମଣକାରୀ ଭାରତୀୟ ଦଳ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ୟ ଇନିଂସରେ ୩୬ ଓଭରରେ ୬ ଉଇକେଟ୍ ହରାଇ ୯୦ ରନ ସଂଗ୍ରହ କରିଛି । ଫଳରେ ୪ ଉଇକେଟ୍ ଥାଇ ଭାରତ ଏବେ ମୋଟ୍ ଉପରେ ୯୭ ରନରେ ଅଗ୍ରଣୀ ହାସଲ କରିଛି । ସୋମବାର ମ୍ୟାଚ୍‌ର ୩ୟ ଦିବସରେ ଫଳାଫଳ ବାହାରିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି ।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୬୩/୦ରୁ ରବିବାର ବ୍ୟାଟିଂ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଶାମି ଓ ବୁମ୍‌ରାଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୩୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଓପନର୍ ଟମ୍ ଲଥାମ୍ (୫୨) ଓ ଦ୍ରୁତ ବୋଲର କାଏଲ ଜେମିନସନ (୪୯)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି କିୱି ବ୍ୟାଟ୍ସମ୍ୟାନ ବେଶି ସମୟ ତିଷ୍ଠି ପାରି ନ ଥିଲେ । ଟମ୍ ବ୍ଲଣ୍ଡେଲ ୩୦, ଅଧିନାୟକ କେନ୍ ୱିଲିୟମସନ ୩, ରସ୍ ଟେଲର ୧୫, ହେନରୀ ନିକୋଲ୍ସ ୧୪, କଲିନ୍ ଡି ଗ୍ରାଣ୍ଡହୋମ୍ ୨୬, ନିଲ୍ ୱାଗ୍ନର ୨୧ ରନ କରିଥିବାବେଳେ ବିଜେ ୱାଟ୍‌ଲିଙ୍ଗ୍ ଓ ଟିମ୍ ସୌଦୀ ଖାତା ଖୋଲିବାରେ ବିଫଳ ହୋଇଥିଲେ । ଶାମି (୪/୮୧) ଓ ବୁମ୍‌ରା (୩/୬୨) ମିଳିତ ଭାବେ ୭ ଉଇକେଟ୍ ନେଇଥିଲେ । ରବୀନ୍ଦ୍ର ଜାଡେଜା ୨ ଓ ଉମେଶ ଯାଦବଙ୍କୁ ଗୋଟିଏ ଉଇକେଟ୍ ମିଳିଥିଲା ।

୭ ରନରେ ଅଗ୍ରଣୀ ରହିଥିବା ବିରାଟ କୋହଲିଙ୍କ ଦଳ ଦ୍ୱିତୀୟ ଇନିଂସ ଆରମ୍ଭ କରି ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ରବିବାର ଖେଳ ଶେଷ ବେଳକୁ ଦଳର ଟପ୍ ଅର୍ଡରର ୬ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଯାଇଥିବାବେଳେ ଦଳ ୯୦ ରନ ସଂଗ୍ରହ କରିଛି । ମୟଙ୍କ ଅଗ୍ରୱାଲ (୩) ଓ ଚେତେଶ୍ୱର ପୂଜାରା (୨୪) ଟ୍ରେଣ୍ଟ ବୋଲ୍ଟଙ୍କ ଇନ୍‌ସୁଇଂ ବୋଲିଂକୁ ସାମ୍ନା କରିବାରେ ବିଫଳ ହୋଇଥିଲେ । ସେହିଭଳି ଯୁବ ଓପନର୍ ପୃଥ୍ୱୀ ଶ' (୧୪) ସୌଦୀଙ୍କ ବାଉନ୍ସ ବଲରେ ଉଇକେଟ୍ ହରାଇଥିବାବେଳେ ଅଧିନାୟକ କୋହଲି ୧୪ ରନ କରିଥିବାବେଳେ ଗ୍ରାଣ୍ଡହୋମ୍‌ଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ । ଉପଅଧିନାୟକ ଅଜିଙ୍କ୍ୟ ରାହାନେ (୯) ଓ ନାଇଟ୍ ୱାଚ୍‌ମ୍ୟାନ ଭାବେ ଆସିଥିବା ଉମେଶ (୧) ମଧ୍ୟ ଶସ୍ତାରେ ଆଉଟ୍ ହୋଇଛନ୍ତି । ଷ୍ଟମ୍ପ ଅପସାରଣ ବେଳକୁ ହନୁମା ବିହାରୀ ୫ ଓ ରିଷଭ ପନ୍ତ ୧ ରନ କରି ଅପରାଜିତ ରହିଛନ୍ତି । ଘରୋଇ ଦଳ ପକ୍ଷରୁ ବୋଲ୍ଟ (୯-୩-୧୨-୩) ସଫଳ ବୋଲର ରହିଛନ୍ତି ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୨୪୨ରେ ଅଲ୍‌ଆଉଟ୍**
**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୨୩୫ରେ ଅଲ୍‌ଆଉଟ୍ (ଲଥାମ ୫୨, ଜେମିସନ ୪୯, ଶାମି ୪/୮୧) ।**
**ଭାରତ ୨ୟ ଇନିଂସ: ୯୦/୬ (ପୂଜାରା ୨୪, କୋହଲି ୧୪, ପୃଥ୍ୱୀ ୧୪, ବୋଲ୍ଟ ୩/୧୨) ।**

## ସଂକ୍ଷେପରେ

## ପୂର୍ବତନ ହକି ଖେଳାଳି ବଲ୍‌ବୀରଙ୍କ ପରଲୋକ



**ନୂଆଦିଲ୍ଲୀ, ୧।୩ (ପି.ଟି.):** ଭାରତର ପୂର୍ବତନ ହକି ଖେଳାଳି ବଲ୍‌ବୀର ସିଂ କୁଲାରଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ୧୯୬୮ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟୀ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ତାଙ୍କର ସ୍ତ୍ରୀ ଏବଂ ଗୋଟିଏ ପୁଅ ଓ ଦୁଇଟି ଝିଅ ଅଛନ୍ତି। ପୁଅ କମଲବୀର ସିଂ କହିଛନ୍ତି ବାପାଙ୍କର ମୋ ସହିତ ଆମେରିକା ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ହଠାତ୍ ତାଙ୍କର ହୃଦ୍‌ଘାତ ହୋଇଥିଲା। ଜଳନ୍ଧର ଜିଲାର ସଂସାରପୁରସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିଲା। ବଲ୍‌ବୀର ୧୯୬୩ରେ ଫ୍ରାନ୍ସର ଲିଅନଠାରେ ଭାରତ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ସେ ଭାରତୀୟ ଦଳ ସହିତ ବେଲଜିୟମ, ଇଂଲଣ୍ଡ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ ଏବଂ ତତ୍କାଳୀନ ପଶ୍ଚିମଜର୍ମାନୀ ଗସ୍ତ କରିଛନ୍ତି। ସେ ୧୯୬୬ (ବ୍ୟାଙ୍କକ୍) ଏସିଆନ ଗେମ୍ସ ସ୍ୱର୍ଣ୍ଣ ଏବଂ ୧୯୬୮ (ମେକ୍ସିକୋ) ଅଲିମ୍ପିକ ବ୍ରୋଞ୍ଜ ଜିତିଥିବା ଭାରତୀୟ ହକି ଦଳର ଅନ୍ୟତମ ସଦସ୍ୟ ଥିଲେ।

## ୪୪ ମ୍ୟାଚ୍ ପରେ ହାରିଲା ଲିଭରପୁଲ

**ଲଣ୍ଡନ,୧।୩:** ଚଳିତ ସିଜନରେ କ୍ରମାଗତ ପ୍ରିମିୟର ଲିଗ୍‌ରେ ୪୪ ମ୍ୟାଚ୍ ପରେ ଲିଭରପୁଲର ଅପରାଜେୟ ଧାରା ଭଙ୍ଗ ହୋଇଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ୱାଟଫର୍ଡ ୩-୦ ଗୋଲରେ ୟୁରୋପିଆନ ଚାମ୍ପିୟନ ଲିଭରପୁଲକୁ ହରାଇ ଦେଇଛି। ଇସମାଇଲ ସାର ବିଜୟୀ ଦଳ ପାଇଁ ଡବଲ ଗୋଲ ଦେଇଥିବାବେଳେ ଅଧିନାୟକ ଟ୍ରୋଇ ଡିନେ ତୃତୀୟ ଗୋଲ ସ୍କୋର କରିଥିଲେ। ଏହି ପରାଜୟ ଯୋଗୁ ଲିଭରପୁଲ ଦଳର ଆଶା ଧୂଳିସାତ ହୋଇଛି। ଦଳ ଆର୍ସେନଲର ୪୯ ମ୍ୟାଚ୍‌ର ଅପରାଜେୟ ଧାରା ଭାଙ୍ଗିବାକୁ ଲକ୍ଷ୍ୟ ରଖିଥିଲା। ଆର୍ସେନଲ ୨୦୦୩ ମେ'ରୁ ୨୦୦୪ ଅକ୍ଟୋବର ପର୍ଯ୍ୟନ୍ତ ଲିଗ୍‌ରେ ଅପରାଜେୟ ହୋଇ ରହିଥିଲା। ପରାଜୟ ସତ୍ତ୍ୱେ ପଏଣ୍ଟ ଟେବଲ ଶୀର୍ଷରେ ଥିବା ଲିଭରପୁଲ ଦ୍ୱିତୀୟ ସ୍ଥାନରେ ଥିବା ମାଞ୍ଚେଷ୍ଟର ସିଟିଠାରୁ ୨୨ ପଏଣ୍ଟ ଆଗରେ ଅଛି। ଏହି ମ୍ୟାଚ୍ ପୂର୍ବରୁ ଲିଭରପୁଲ କେବଳ ଦୁଇ ପଏଣ୍ଟ ହାତଛଡ଼ା କରିଥିଲା। ଦଳ ଆଗକୁ ଆହୁରି ୧୧ ଲିଗ୍ ମ୍ୟାଚ୍ ଖେଳିବ। ଏଥିରୁ ୪ ବିଜୟ ହାସଲ କଲେ ଦଳ ୧୯ଥର ପାଇଁ ଚାମ୍ପିୟନ ହେବ।

## ଡିଆର୍‌ଏସ୍ ନେବାରେ କୋହଲି ଦକ୍ଷ ନୁହନ୍ତି

**ଖ୍ରୀଷ୍ଟଚର୍ଚ୍ଚ,୧।୩:** ଭାରତୀୟ ଅଧିନାୟକ ବିରାଟ କୋହଲି ଏବେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ସେ ଗତ ୨୦ ଇନିଂସରେ ତିନି ସଂଖ୍ୟା ବିଶିଷ୍ଟ ସ୍କୋର ଛୁଇଁ ପାରି ନାହାନ୍ତି, ଯାହାକି ଟିମ ଇଣ୍ଡିଆ ପାଇଁ ଚିନ୍ତାର କାରଣ। ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ କୋହଲି ମାତ୍ର ୩ ରନ କରି ଆଉଟ୍ ହୋଇଥିଲେ ଓ ଭାରତୀୟ ଦଳର ଏକ ଡିଆରଏସ୍ ମଧ୍ୟ ନଷ୍ଟ କରିଥିଲେ। ଏଥିନେଇ ସୋସିଆଲ ମିଡିଆରେ ତାଙ୍କୁ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଖ୍ରୀଷ୍ଟଚର୍ଚ୍ଚ ଟେଷ୍ଟର ଦ୍ୱିତୀୟ ଇନିଂସ ମିଶାଇ କୋହଲି ଟେଷ୍ଟ କ୍ୟାରିୟରରେ ଏପର୍ଯ୍ୟନ୍ତ ୧୫ ଥର ଏଲବିଡବ୍ଲ୍ୟୁ ଆଉଟ୍ ହୋଇଛନ୍ତି। କୌତୂହଳର ବିଷୟ ହେଉଛି, ସେ ୧୪ ଥର ଡିଆରଏସ୍ ନେଇଛନ୍ତି। ମାତ୍ର ନିଜ ପାଇଁ ଡିଆରଏସ୍ ବ୍ୟବହାର କରିବାରେ କୋହଲିଙ୍କ ରେକର୍ଡ ସେତେଟା ଭଲ ନାହିଁ। ସେ ନେଇଥିବା ୧୪ ଡିଆରଏସ୍‌ରୁ ୯ଟି ଭାରତ ହରାଇଛି। ଏହାର ଅର୍ଥ କୋହଲି ନିଜ ପାଇଁ ବ୍ୟବହାର କରୁଥିବା ରିଭ୍ୟୁର ୬୦ ପ୍ରତିଶତ ଭୁଲ। ୩ ଥର ଅମ୍ପାୟରଙ୍କ ନିଷ୍ପତ୍ତି ଯୋଗୁ ତାଙ୍କୁ ଆଉଟ୍ ହେବାକୁ ପଡ଼ିଛି। କେବଳ ଦୁଇ ଥର କୋହଲି ସଫଳ ହୋଇଛନ୍ତି।

## ବିରହାନୁ ଜିତିଲେ ଟୋକିଓ ମାରାଥନ

**ଟୋକିଓ,୧।୩:** ଇଥିଓପିଆର ବିରହାନୁ ଲେଗେସେ ଟୋକିଓ ମାରାଥନରେ ଚାମ୍ପିୟନ ହୋଇଛନ୍ତି। ଏହି ଇଭେଣ୍ଟରେ ୩୮ ହଜାର ରନର ଅଂଶଗ୍ରହଣ କରିବାର ଥିଲା। କିନ୍ତୁ କରୋନା ଭାଇରସ ପ୍ରକୋପ ଯୋଗୁ ମାତ୍ର ୨୦୦ ଆଥ୍‌ଲେଟ୍ ମାରାଥନରେ ଭାଗ ନେଇଥିଲେ। ଲେଗେସେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟୋକିଓ ମାରାଥନ ଜିତିଛନ୍ତି। ସେ ମାରାଥନକୁ ୨ ଘଣ୍ଟା ୪ ମିନିଟ୍ ୧୫ ସେକେଣ୍ଡରେ ଶେଷ କରିଥିଲେ। ମହିଳା ବିଭାଗରେ ଇସ୍ରାଏଲର ଲୋନା ଚେମତାଇ (୨:୧୭.୪୫) ଚାମ୍ପିୟନ ହୋଇଛନ୍ତି। ଟୋକିଓ ମାରାଥନ ଜାପାନର ସବୁଠୁ ବଡ଼ କ୍ରୀଡ଼ା ଭିତ୍ତିକ ଇଭେଣ୍ଟ, ଯାହାକି କରୋନା ଭାଇରସ ଯୋଗୁ ପ୍ରଭାବିତ ହୋଇଛି। ଗତ ସପ୍ତାହରେ ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍) ଜାପାନ ଓ ଇକ୍ୱାଡର ମଧ୍ୟରେ ହେବାକୁ ଥିବା ଡେଭିସ କପ୍ ମ୍ୟାଚ୍‌କୁ ଆବଦ୍ଧ ସ୍ଥାନରେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲା।



ଟ୍ରଫି ସହ ରାଫାଲ ନାଡାଲ ।

## ନାଡାଲଙ୍କୁ ମେକ୍ସିକୋ ଓପନ ଟାଇଟଲ

**ଲସ ଏଞ୍ଜେଲ୍ସ,୧।୩:** ବିଶ୍ୱର ଦ୍ୱିତୀୟ ର୍‍ୟାଙ୍କଧାରୀ ରାଫାଲ ନାଡାଲ ଚଳିତ ଏଟିପି ମେକ୍ସିକୋ ଓପନ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ଅଣ ସିଡ୍ ଟେଲର ଫ୍ରିଜଙ୍କୁ ସିଧାସଳଖ ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି ନାଡାଲ । ଏହା ସ୍ପାନିଶ ଖେଳାଳିଙ୍କ ଚଳିତବର୍ଷର ପ୍ରଥମ ଓ କ୍ୟାରିୟର ୮୫ତମ ଟାଇଟଲ । ୩୩ ବର୍ଷୀୟ ନାଡାଲ ଗତମାସରେ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟର ଫାଇନାଲରେ ପରାସ୍ତ ହେବା ପରେ ସିଧା ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ । ପୂରା ସପ୍ତାହରେ ସେ ଗୋଟିଏ ହେଲେ ସେଟ୍ ହରାଇ ନ ଥିଲେ । ୧୯ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ଅଷ୍ଟ୍ରେଲିଆନ ଓପନ ବେଳେ ବିଶ୍ୱର ଶୀର୍ଷ ର୍‍ୟାଙ୍କ ମାନ୍ୟତା ହରାଇଥିଲେ ।

## ସେମିରେ ଦକ୍ଷିଣ ଆଫ୍ରିକା

**ସିଡ୍‌ନୀ, ୧।୩ (ପି.ଟି.):** ଲୌରା ୱାଲଭାର୍ଡଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ଦକ୍ଷିଣ ଆଫ୍ରିକା ୧୭ ରନ୍‌ରେ ପାକିସ୍ତାନକୁ ହରାଇ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି । ରବିବାର ଖେଳାଯାଇଥିବା ଗ୍ରୁପ୍ ବି'ର ମ୍ୟାଚ୍‌ରେ ଲୌରା (୫୩*)ଙ୍କ ଯୋଗୁ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୩୬ ରନ୍ କରିଥିଲା । ମାରିଜାନ୍ନେ କାପ ୩୧ ରନ୍ କରିଥିଲେ । ଇନିଂସର ଅନ୍ତିମ ୮ ବଲରେ ଲୌରା ୪ ଚୌକା ମାରିଥିଲେ, ଯାହାକି ଶେଷକୁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା । ପାକିସ୍ତାନ ପକ୍ଷରୁ ବୋଲିଂରେ ଡାଇନା ବେଗ ୨ ଉଇକେଟ ନେଇଥିଲେ । ଜବାବରେ ପାକସ୍ତାନ ଦଳ ଶେଷ ପର୍ଯ୍ୟନ୍ତ ଖେଳି ୫ ଉଇକେଟ କ୍ଷତିରେ ୧୧୯ ରନ୍ କରିଥିଲା । ଦଳ ଲାଗି ଜାଭେରିଆ ଖାନ ୩୧, ଆଲିୟା ରିଆଜ ୩୯ ଓ ଇରାମ ଜାଭେଦ ୧୭ ରନ୍ କରିଥିଲେ । ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍‌ରୁ ୩ ବିଜୟ ସହ ୬ ପଏଣ୍ଟ ହାସଲ କରି ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି । ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ଇଂଲଣ୍ଡ ୪୬ ରନ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି । ଇଂଲଣ୍ଡ ୪ ମ୍ୟାଚ୍‌ରୁ ୩ୟ ବିଜୟ ସହ ଗ୍ରୁପ୍‌ର ଶୀର୍ଷରେ ରହିଛି ।

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**



ଅର୍ଦ୍ଧଶତକ ହାସଲକାରୀ ଲୌରା ୱଲଭାର୍ଡ ।

## 'ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ସମୟ ବୃଦ୍ଧି କରାଯିବା ଉଚିତ'

**ଖ୍ରୀଷ୍ଟଚର୍ଚ୍ଚ, ୧।୩ (ପି.ଟି.):** କରୋନା ଭାଇରସ ଯୋଗୁ ବହୁ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ ବାତିଲ କରାଯାଇଛି। ଏଭଳି ପରିସ୍ଥିତିରେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଏବଂ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ସମୟ ବୃଦ୍ଧି କରିବା ଉଚିତ ହେବ ବୋଲି ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ସାଇନା ନେହ୍ୱାଲ ଓ ତାଙ୍କ ସ୍ୱାମୀ ପାରୁପଲ୍ଲୀ କାଶ୍ୟପ କହିଛନ୍ତି। ଏପର୍ଯ୍ୟନ୍ତ କରୋନା ଭାଇରସ ଯୋଗୁ ୪ ଇଭେଣ୍ଟ ଯଥା ଚାଇନା ମାଷ୍ଟର୍ସ (ଫେବୃଆରୀ ୨୫ରୁ ମାର୍ଚ୍ଚ ୧), ଭିଏତନାମ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ (ମାର୍ଚ୍ଚ ୨୪ରୁ ୨୯), ଜର୍ମାନ ଓପନ (ମାର୍ଚ୍ଚ ୩ରୁ ୮) ଓ ପୋଲିସ ଓପନ (ମାର୍ଚ୍ଚ ୨୬ ରୁ ୨୯) ବାତିଲ ହୋଇସାରିଛି। ଅଲିମ୍ପିକ୍ ଯୋଗ୍ୟତା ହାତେଇବା ନିକଟତର ଥିବା ଖେଳାଳିଙ୍କ ପାଇଁ ତାରିଖ ଘୁଞ୍ଚାଇବା ଦରକାର। ନ ହେଲେ ଏହା ଅନୁଚିତ ହେବ ବୋଲି ସାଇନା ବିଡବ୍ଲ୍ୟୁଏଫ୍ ଓ ଆଇଓସିକୁ ଟ୍ୟାଗ କରି ଟୁଇଟ୍ କରିଛନ୍ତି। ସେହିଭଳି କାଶ୍ୟପ ଟୁଇଟ୍ କରିଛନ୍ତି, ଆମ ନିକଟରେ ଏବେ ୭ଟି ଇଭେଣ୍ଟ ଅଛି। ଜର୍ମାନ ଓପନ ବାତିଲ ହୋଇସାରିଥିବାବେଳେ ସିଙ୍ଗାପୁର, ମାଲେସିଆ ଇଭେଣ୍ଟ ନେଇ ଅନିଶ୍ଚିତତା ଲାଗି ରହିଛି। ତାରିଖ ଘୁଞ୍ଚା ନ ହେଲେ ଅଲିମ୍ପିକ୍ସ ଯୋଗ୍ୟତା ନିକଟତର ଥିବା ଆଥ୍‌ଲେଟଙ୍କ ସହ ଉଚିତ ହେବ ନାହିଁ। ଯଦି ଆସନ୍ତା କିଛି ମାସରେ ପରିସ୍ଥିତିରେ ସୁଧାର ଆସେ ତେବେ ଅଲିମ୍ପିକ୍ସ ଧାର୍ଯ୍ୟ ତାରିଖରେ ଅନୁଷ୍ଠିତ। ସେତେବେଳେ ଆଇଓସି ଓ ବିଡବ୍ଲ୍ୟୁଏଫ୍‌କୁ କ୍ୱାଲିଫାଇଂ ତାରିଖ ଘୁଞ୍ଚାଇବାକୁ ପଡ଼ିବ।

## ଅନ୍ନାମଲାଇକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ଫୁଟ୍‌ବଲ ପ୍ରତିଯୋଗିତାରେ ତାମିଲନାଡୁର ଅନ୍ନାମଲାଇ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି । କିଟ୍ କ୍ୟାମ୍ପସ-୧୩ସ୍ଥିତ ଫୁଟ୍‌ବଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲରେ ଅନ୍ନାମଲାଇ ୨-୧ ଗୋଲରେ ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଗୁରୁ ନାନକ ଦେବ ୩-୧ ଗୋଲରେ ଗୋଆକୁ ହରାଇ ୩ୟ ସ୍ଥାନ ହାସଲ କରିଛି ।

## କବାଡ଼ିରେ ଗୁରୁନାନକ ଦେବ, ହିମାଚଳ ପ୍ରଦେଶ ଚାମ୍ପିୟନ

**ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ କ୍ୟାମ୍ପସ-୧୩ ସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ପୁରୁଷବର୍ଗ କବାଡ଼ି ଫାଇନାଲରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଗୁରୁ ନାନକ ଦେବ ୩୩-୩୧ରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛି। ସେହିଭଳି ମହିଳା ବର୍ଗରେ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫାଇନାଲରେ ହିମାଚଳ ପ୍ରଦେଶ ୩୨-୧୯ରେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟକୁ ହରାଇଥିଲା।



ମହିଳା ଫୁଟବଲରେ ଚାମ୍ପିୟନ ତାମିଲନାଡୁର ଅନ୍ନାମଲାଇ ବିଶ୍ୱବିଦ୍ୟାଳୟର ଖେଳାଳି ଓ ସପୋର୍ଟ ଷ୍ଟାଫ୍ ।

## ଓସିଏ ଭିଜନ-୨୦୨୪: କୋବ୍ରାକୁ ହରାଇଲା ଇଗଲ

ଉଲୁଣ୍ଡା, ୧।୩ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା କ୍ରିକେଟ ଆସୋସିଏଶନ ଓ ଓସିଏର ମିଳିତ ଆନୁକୂଲ୍ୟରେ ଆୟୋଜିତ ସିନିୟର ବିଭାଗର ଭିଜନ-୨୦୨୪ର ରବିବାର ଦିନର ଖେଳରେ ଏସଡିସିଏ ଇଗଲ ଦଳ ଏସଡିସିଏ କୋବ୍ରା ଦଳକୁ ୧୫୧ ରନ ବ୍ୟବଧାନରେ ପରାସ୍ତ କରିଛି । ସ୍ଥାନୀୟ ଉଲୁଣ୍ଡା କଲେଜ ପଡିଆରେ ଖେଳା ଯାଇଥିବା ଏହି ମ୍ୟାଚରେ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ଇଗଲ ଦଳ ରଞ୍ଜନ ଗରୁଡଙ୍କ ୯୪ ଓ ଉମାଶଙ୍କର ହୋତାଙ୍କ ୪୬ ରନ ବଳରେ ୪୬.୪ ଓଭରରେ ୨୭୨ ରନ କରି ଅଲଆଉଟ ହୋଇଯାଇଥିଲା । ଜିତେନ୍ଦ୍ର ଥନାପତି ୫ଟି ଉଇକେଟ ହାସଲ କରିଥିଲେ । ଏହାର ଜବାବରେ କୋବ୍ରା ଦଳ ୨୮.୪ ଓଭରରେ ୧୨୧ ରନ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଯଶୋବନ୍ତ ସାହୁ ୨୬ ରନ କରିଥିବା ବେଳେ ଇଗଲ ଦଳର ଉମାଶଙ୍କର ହୋତା ୬ଟି ଉଇକେଟ ଅକ୍ତିଆର କରିଥିଲେ । ଖେଳକୁ ଶ୍ୟାମସୁନ୍ଦର ହୋତା ୬ଟି ଉଇକେଟ ଅକ୍ତିଆର କରିଥିଲେ । ଖେଳକୁ ଶ୍ୟାମସୁନ୍ଦର ପଣ୍ଡା ଓ ରଘୁବୀର ମିଶ୍ର ପରିଚାଳନା କରିଥିବା ବେଳେ ଗତିକୃଷ୍ଣ ସା ସ୍କୋରିଂ କରିଥିଲେ । ବିହାରୀଲାଲ ମିଶ୍ର, ପ୍ରଦୀପ ସେଠୀ ଓ ସୁବ୍ରତ ମହାକୁର ଅତିଥିଭାବେ ଯୋଗଦେଇଥିଲେ । ଇଗଲ ଦଳର ଉମାଶଙ୍କର ହୋତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚର ପୁରସ୍କାର ପ୍ରଦାନ କରାଯାଇଥିଲା ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ ଦେବେନ୍ଦ୍ର କୁମାର ଦାସ (ବୁଲୁ ଦାସ)
ଆବିର୍ଭାବ : ୧୨.୦୬.୧୯୬୧
ତିରୋଧାନ : ୨୧.୦୨.୨୦୨୦
ଗ୍ରାମ : ପାଣ୍ଡିଆସାହି, ପୁରୁଣାଗଡ଼ ଥାନା : ବନ୍ତଲା, ଜି: ଅନୁଗୁଳ
ତୁମର ନିଷ୍କପଟ ସ୍ନେହଶ୍ରଦ୍ଧା ଓ କର୍ତ୍ତବ୍ୟପରାୟଣତା ଆମପାଇଁ ପ୍ରେରଣାର ଉତ୍ସ । ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
- ଶୋକସନ୍ତପ୍ତ -
ପତ୍ନୀ, ପୁଅ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା, ବନ୍ଧୁ ଓ ପରିବାରବର୍ଗ
ଧ-୧୬୯୬୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ତରୁଣ କୁମାର ଦାଶ (ଟିକୁ)
ତିରୋଧାନ: ୦୨।୦୩।୨୦୧୬
ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ପାଇଁ ପଥପ୍ରଦର୍ଶକ ହେଉ । ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
–:ଶୋକସନ୍ତପ୍ତ:–
ବାପା, ନାନୀ, ନନା, ଭଣଜା, ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୦୧୪

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ମାର୍ଚ୍ଚ ୨/୨୦୨୦ Sambalpur, Monday, March 2 / 2020




ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ବାଦଲ



ପ୍ରୟାସ



ଜିତୁ



ଚିନ୍ମୟ



ବିବେକ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଆମ୍ବୁଲାନ୍ସ ପାଖକୁ ଖଟିଆରେ ବୃଦ୍ଧାଙ୍କୁ ବୁହାଗଲା

- ରାସ୍ତା ସଙ୍କୁଚିତ ଯୋଗୁ ଘର ନିକଟକୁ ଯାଇପାରିଲାନି
- ଅଧକିଲୋମିଟର ଦୂରରେ ରହିଲା ଆମ୍ବୁଲାନ୍ସ

**ବଲାଙ୍ଗୀର ଅଫିସ, ୧।୩**

ବଲାଙ୍ଗୀର ସହରରେ ଜବରଦଖଲ ଏବେ ଜୀବନମରଣ ସମସ୍ୟା ପାଲଟିଛି। ସହର ଭିତର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ପଡାର ଗଳି ରାସ୍ତାଗୁଡିକ ଜବରଦଖଲ କାରଣରୁ ସଙ୍କୁଚିତ ହୋଇପଡିଛି । ଏହି ସଙ୍କୁଚିତ ରାସ୍ତା ଯୋଗୁଁ ଅସୁବିଧା ସମୟରେ ଆମ୍ବୁଲାନ୍ସ କି ଅଗ୍ନିଶମ ବିଭାଗ ଗାଡି ମଧ୍ୟ ପହଞ୍ଚିବା ନେଇ ଅସୁବିଧା ହେଉଥିବା ଦେଖାଯାଉଛି । ରବିବାର ୱାର୍ଡ ନମ୍ବର ୭ ଅନ୍ତର୍ଗତ ରାମେଶ୍ୱରନଗରର ଜଣେ ବୃଦ୍ଧା ସୁନାଫୁଲ ମିଶ୍ର (୬୮) ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେବା ପାଇଁ ଆମ୍ବୁଲାନ୍ସ ଡକାଯାଇଥିଲା। ମାତ୍ର ସଙ୍କୁଚିତ ରାସ୍ତା କାରଣରୁ ଆମ୍ବୁଲାନ୍ସ ତାଙ୍କ ଘର ପାଖରେ ପହଞ୍ଚି ପାରି ନ ଥିଲା । ଫଳରେ ଅସୁସ୍ଥ ବୃଦ୍ଧାଙ୍କୁ ପରିବାର ଲୋକେ ଓ ପଡାବାସୀ ପ୍ରାୟ ଅଧ କିଲୋମିଟର ଖଟିଆରେ ବୋହି ଆଣିବାକୁ ପଡିଥିଲା । ଏହାପରେ ବୃଦ୍ଧାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲରେ ପହଞ୍ଚା ଯାଇଥିଲା ।



ରାମେଶ୍ୱରନଗର ପଡାର ଅସୁସ୍ଥ ସୁନାଫୁଲ ମିଶ୍ରଙ୍କୁ ଖଟିଆରେ ବୋହି ନିଆଯାଉଛି ।

ରବିବାର ପୂର୍ବାହ୍ନରେ ଦୀର୍ଘଦିନରୁ ରୋଗଗ୍ରସ୍ତ ସୁନାଫୁଲଙ୍କ ଦେହ ହଠାତ୍ ଉଦ୍‌ବେଗଜନକ ହୋଇପଡିଥିଲା । ତାଙ୍କୁ ହସ୍ପିଟାଲ ନେବା ପାଇଁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ କଲ୍ କରିଥିଲେ । ସଂକୀର୍ଣ୍ଣ ରାସ୍ତା କାରଣରୁ ଆମ୍ବୁଲାନ୍ସଟି ସୁନାଫୁଲଙ୍କ ଘର ପାଖକୁ ଯାଇ ନ ପାରି ପ୍ରାୟ ଅଧ କିଲୋମିଟର ଦୂରରେ ଅଟକି ରହିଥିଲା । ଏହାପରେ ପରିବାର ଲୋକେ ଚିନ୍ତାରେ ପଡିଥିଲେ। କିଭଳି ସୁନାଫୁଲଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇବେ ଭାବି ପାଖପଡୋଶୀ ଯୁବକଙ୍କୁ ଠୁଳ କରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଖଟିଆରେ ବୋହି ଆଣିଥିଲେ । ଏହାପରେ ଅସୁସ୍ଥ ବୃଦ୍ଧାଙ୍କୁ ଭୀମଭୋଇ ମେଡିକାଲ ହସ୍ପିଟାଲକୁ ନିଆଯାଇଥିଲା। ରାମେଶ୍ୱରନଗରର ଏହି ଗଳି ରାସ୍ତାକୁ ଘିକୁଣ୍ଡି ବନ୍ଧ ଆଡିଦେଇ ଜାତୀୟ ରାଜପଥକୁ ଏକ ଓସାରିଆ ରାସ୍ତା ନିର୍ମାଣ କରିବା ପାଇଁ କିଛିଦିନ ପୂର୍ବରୁ ପଡାବାସୀ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଥିଲେ। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟଜନିତ କାରଣ ଏବଂ ଅନ୍ୟାନ୍ୟ କାରଣରୁ ଏହି ଅଞ୍ଚଳକୁ ଗାଡିମୋଟର ଯାଇପାରୁ ନ ଥିବାରୁ ପଡାବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ । ଏହି ପଡାର ରାସ୍ତା ଏତେ ସଙ୍କୁଚିତ ହୋଇପଡିଛି ଯେ, ଅଗ୍ନିଶମ ବିଭାଗର ଗାଡି ମଧ୍ୟ ଏଠାକୁ ଆସିପାରିବ ନାହିଁ। କୌଣସି ସମୟରେ ଦୁର୍ଘଟଣା ଘଟିଲେ ଅସୁବିଧା ସୃଷ୍ଟି ହେବାର ଆଶଙ୍କା ରହିଛି। ଫଳରେ ଜାତୀୟ ରାଜପଥରୁ ଏକ ଓସାରିଆ ରାସ୍ତା ଏଠାକୁ ସଂଯୋଗ କରିବାକୁ ପଡାବାସୀ ଦାବି ଜଣାଇଥିଲେ। ରବିବାର ସୁନାଫୁଲ ମିଶ୍ର ଅସୁସ୍ଥ ହେବା ଓ ତାଙ୍କୁ ପ୍ରାୟ ଅଧ କିଲୋମିଟର ଧରି ଖଟିଆରେ ବୋହି ଆଣିବା ଘଟଣା ପରେ ତୁରନ୍ତ ଏହି ପଡାକୁ ଓସାରିଆ ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି ।

## ଦୁର୍ଘଟଣାରେ ୨ମୃତ, ଜଣେ ଗୁରୁତର

**ପଦ୍ମପୁର, ୧।୩ (ଡି.ଏନ.ଏ.)**

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଦହିଗାଁ ନିକଟରେ ଶନିବାର ରାତି ପ୍ରାୟ ସାଢେ ୯ଟାରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ଦୁଇଜଣ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ ରାଜ୍ୟ ଘୁଚାପାଲିର ଅଖିଳେଶ ଭୋଇ (୨୨) ଓ ଦର୍ଲିଗୁଡାର ସଞ୍ଜୟ ବରିହା (୧୮)। ଏହି ଦୁର୍ଘଟଣାରେ ବାବୁଲାଲ ଜେନା (୨୦) ଆହତ ହୋଇ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବୁଡେନ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବେଚ୍ଛଦ ପାଇଁ ପଦ୍ମପୁର ପଠାଇଛି । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୧୭/୨୦) ରୁଜୁ ହୋଇଛି।

ସୂଚନା ଅନୁସାରେ, ଅଖିଳେଶ, ସଞ୍ଜୟ ଓ ବାବୁଲାଲ ବାଇକ (ନଂ.ଓଆର୧୭ଏସ/୬୩୫୩) ଯୋଗେ ଦହିତାରୁ ଏକ ବିବାହ କାର୍ଯ୍ୟକ୍ରମ ସାରି ନିଜ ଗାଁ ଦର୍ଲିଗୁଡାକୁ ଫେରୁଥିଲେ। ଦହିଗାଁ ନିକଟରେ ବାଇକଟି ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲା। ଏଥିରେ ଅଖିଳେଶ ଓ ସଞ୍ଜୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ବାବୁଲାଲଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଦ୍ମପୁର ଡାକ୍ତରଖାନା ପଠାଇଥିଲେ।

# ବରଗଡ଼ ୟୁନାଇଟେଡ ଏଫସି ଚାମ୍ପିୟନ

**ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

**ସୋନପୁର, ୧।୩(ନି.ପ୍ର.)**

ରାମଧୁନ କ୍ଲବ ପକ୍ଷରୁ ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ଅଲ ଓଡିଶା ରବି ଆଣ୍ଡ ଅନାଦି ମୋମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ଫୁଲବାଣୀ ଏକାଦଶ ଓ ବରଗଡ ୟୁନାଇଟେଡ ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ ୪-୧ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ବରଗଡ ଦଳର ଷ୍ଟାର ଖେଳାଳି ଅନ୍ତର୍ଯ୍ୟାମୀ ଭୋଇଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫେରି ସଞ୍ଜିବ କୁମାର ସାହୁ, ସଲିଳ କୁମାର ବେହେରା, ଦେବାଶିଷ ବାଗ ଓ ଅରୁଣ କୁମାର ଭୋଇ ଖେଳ ପରିଚାଳନା କରିଥିଲେ। ସଞ୍ଜିବ ମିଶ୍ର, ସୁବାସ ବିଶ୍ୱାଳ, ମନୋରଞ୍ଜନ ତ୍ରିପାଠୀ ଓ ରଘୁନାଥ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ବରଗଡ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ବିଶେଷ ଅତିଥିଭାବେ ଯୋଗଦାନ କରି ରନର୍ସ ଅପ ଫୁଲବାଣୀ ଏକାଦଶକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ଜିଲା କ୍ରୀଡା ସଂଘ ଉପସଭାପତି ଚିତ୍ତରଞ୍ଜନ ତରାସିଆ ଓ ଜିଲା ଔଷଧ ବ୍ୟବସାୟୀ ସଂଘର ସମ୍ପାଦକ ସତ୍ୟନାରାୟଣ ଦରୱାନ ସମ୍ମାନିତ ଅତିଥିଭାବେ ମଞ୍ଚାସିନ ଥିଲେ । ଆୟୋଜକ କ୍ଲବର ସଭାପତି ଶିବ ଶଙ୍କର ନାଗ, ସମ୍ପାଦକ ପିୟୁଷ କୁମାର ପଣ୍ଡା, ହୃଷିକେଶ ପଣ୍ଡା, ବିକାଶ ପଣ୍ଡା, ମହମ୍ମଦ କଲିମ, ଚନ୍ଦ୍ରଶେଖର ଦଳେଇ, ବିଶ୍ୱରଞ୍ଜନ ଦଳେଇ, ଅନୁପ ସାହୁ, ଭକ୍ତିରଞ୍ଜନ ଦଳେଇ, ବିକାଶ ପାଢୀ, ରବି ଗୁରୁ, ରଞ୍ଜୁ ସାହୁ ଓ ଜୟନାରାୟଣ ମେଣ୍ଡିଲିଙ୍କ ସମେତ ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

## ଚୋରି ଚାଉଳ ଉଦ୍ଧାର, ୩ ଗିରଫ

**ସମ୍ବଲପୁର, ୧।୩(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ପୋଲିସ ଚାଉଳ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କିଛି । ଅଭିଯୁକ୍ତମାନେ ହେଲେ ବିହାରୀଲାଲ ମାଝୀ (୨୮), ଗୌତମ ତାଣ୍ଡିଆ (୨୭) ଓ ହେମନ୍ତ ରଣଜିତ (୩୧) । ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଫେବୃୟାରୀ ୨୭ ତାରିଖ ଲିପିଣ୍ଡା ପଞ୍ଚାୟତ ଗୋଦାମ ଗୃହରୁ ୧୪ ବସ୍ତା ପିଡିଏସ ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ପଞ୍ଚାୟତ ଇଓ ବନମାଳୀ ସାହୁ ଏ ନେଇ ଅଭିଯୋଗ କରିଥିଲେ।

## ୬୦ ପାଉଚ୍ ଦେଶୀ ମଦ ଜବତ, ୨ ଗିରଫ

**ରେଢାଖୋଲ, ୧।୩(ଡି.ଏନ.ଏ.)**

ରେଢାଖୋଲ ପୋଲିସ ଚଢାଉ କରି ଦେଶୀ ମଦ କାରବାର କରୁଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଖରସାଳି ଗ୍ରାମର ପାଣ୍ଡୁଚରଣ ପ୍ରଧାନ(୬୨) ଓ ବେତଗଡ ଗ୍ରାମର ଟୁନା ପ୍ରଧାନ(୨୭)। ଏସ୍‌ଆଇ ବୈଭବମାଳା ସ୍ୱାଇଁ କହିଛନ୍ତି ଯେ, ପାଣ୍ଡୁଙ୍କଠାରୁ ୩୨ ପାଉଚ ଦେଶୀ ମଦ ଓ ଟୁନାଙ୍କଠାରୁ ୨୮ ପାଉଚ ଜବତ କରାଯାଇଛି। ଏ ନେଇ ରେଢାଖୋଲ ଥାନାରେ ପୃଥକ ଭାବେ ଉଭୟଙ୍କ ନାମରେ ୨ଟି ମାମଲା (୪୪ ଓ ୪୫/୨୦) ରୁଜୁ କରାଯାଇଛି।

# ଫିରବାର ବାଟ୍‌କେ ଚାହିଁଛନ୍ ମା'ବାପ୍

**ଦାଦନ ଯାଇ ନାବାଳକ୍ ପୁଓ ନିଖୋଜ**

**ସିନାପାଲି, ୧।୩ (ଡି.ଏନ୍.ଏ.)**

ପରିବାରକେ ଦାନା ଯୁଗାବାର ଲାଗି ପୁଓ ଦାଦନ୍ ଖଟିଯାଇଛେ। ସେ ଘରୁ ଯିବାର ଆଏଜ୍‌କେ ୬ ମାସ୍ ବିତିଗଲାନ। ଯାଇଛେ ଯେ ଆର ଫିରବାର ନାଇଁ। ତାର କିଛି ଖୋଜ୍‌ଖବର ନାଇଁ, ଫୋନ୍ କଲେ ନାଇଁ ଲାଗ୍‌ବାର। ମୋର ଗୁଟେବଲି ପୁଓ। ଏହେଦେ ମୁଇଁ କାଣା କରମି। ମୋତେ ଚାର୍‌ହିକ୍ତି ଅଁଧାର ଦିଶୁଛେ। ଦାଦନ ଦଲାଲକେ ପଚ୍ରାଲେ ସେ କିଛି ନାଇଁ କହେବାର। ଏନ୍ତା ଗୁଲ୍‌ଗୁଲା ହେଇ କାଁଦି କାଁଦି ନିଜର ଦୁଖ୍ ବଖାନିଛନ୍ ନୂଆପଡ଼ା ଜିଲା ସିନାପାଲି ବ୍ଲକ ଟିମନପୁର ପଁଚେତ୍ ଗୋବିନ୍ଦପୁର ଗାଁର ଅଗସ୍ତି ବନ୍ଦିଛୋର।



ନିରାକାର ବନ୍ଦିଛୋର (ଫାଇଲ ଫଟୋ)

ସୂଚନା ହିସାବେ ଗୋବିନ୍ଦପୁର ଗାଁର ଅଗସ୍ତି ବନ୍ଦିଛୋରଙ୍କର ପୁଓ ନିରାକାର ବନ୍ଦିଛୋର(୧୭)। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ନାଁକେ ଜମିବାଡ଼ି ଟିକେ ଅଛେ। ହେଲେ ପରିବାରଟା ଆଏଜ୍ ବି ଅନେକ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ଗଲା ବଛର ସେପ୍ଟେମ୍ବର ମାସେ ନୂଆପଡ଼ା ଜିଲା କୋଟାମାଲ ଗାଁର ଦାଦନ ଦଲାଲ ବାସୁ ବାଗ ନିରାକାରକୁଁ ଗୁଜୁରାଟର ସୁରେନ୍ଦ୍ରନଗର ରେଲୱେ ପଛିରେ କାମ୍ କରବାର ଲାଗି ଘରୁ ନେଇଥିଲେ। ସେଠାନେ ସେ ନିରାକାରକୁଁ ମାସିକ ୯ ହଜାର ଟଁକା ଦେବାର ସଂଗେ ମାସକିଆ ଖରଚ୍ ୨ଶହ ଟଁକା ଦେବାର ବାବ୍‌ଦେ ତାକର ଘରେ କଥା ଦେଇଥିଲେ। ସେ ଘରୁ ଗଲା ଉତାରୁ ୨ ମାସ ତକ୍ ପରିବାର ସଂଗେ ଫୋନରେ କଥାବାରତା ହେଉଥିଲେ। ହେଲେ ଆଏଜ୍‌କେ ୪ ମାସ୍ ହେଲା ନିରାକାରଙ୍କର ସଂଗେ ପରିବାର ଲୋକ୍ ଫୋନରେ ଯୋଗାଯୋଗ କରି ନାଇଁ ପାରବାର। ଏନ୍ତାକି ଇ ବାବ୍‌ଦେ ନିରାକାରକୁଁ ନେଇଥିବାର ଦଲାଲକେ ପଚ୍ରାଲେ ବି ସେ କିଛି ନାଇଁ କହେବାର। ଯେନ୍‌ଥିରଲାଗି ପରିବାର ଲୋକ ଆଶଁକାରେ ରହିଛନ୍। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ପୁଓ ଘରର ଥିତି ସଲଖାବାକେ ଦାଦନ ଖଟି ଯାଇଥିଲେ। ହେଲେ ଆଏଜ୍‌ତକ ସେ ଘରକେ ନାଇଁ ଫିରି। ଏନ୍ତାଥି ପରିବାର ଲୋକ୍ ଆଏଜ୍ ବି ଆଶ୍ ଆର ଆଶଁକାରେ ପୁଓର ଫିରବାର ବାଟ୍‌କେ ଚାହିଁ ରହିଛନ୍। ଅନେକ ଦିନ୍ ଉତାରୁ ବି ନିରାକାର ନାଇଁ ଫିରଲାରୁ ପରିବାର ଲୋକ୍ ଉପେ ଶୂଇନ୍ ହେଇ ଶ୍ରମ ବିଭାଗରେ ପୁଓକେ ଫିରେଇ ଆନ୍‌ବାକେ ଗୁହାରି କରିଛନ୍। ଇ ବାବ୍‌ଦେ ଜିଲା ଶ୍ରମ ଅଧିକାରୀ ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କୁଁ ପଚ୍ରାଲାରୁ ଅଭିଯୋଗ ପାଏଲା ଉତାରୁ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ନିର୍ଭିକ ଲୋକ ହିଁ ସୁଯୋଗ ପାଇଲେ ଶିଖର ଦେଶରେ ପହଞ୍ଚିପାଏ।
- ସେକ୍ସପିୟର



## ସଂକ୍ଷେପରେ...

### ଗୋମଡକ : ୪ ଦିନରେ ୬ ବାଛୁରୀ ମୃତ

କନ୍ଧମାଳ,୧।୩(ଡି.ଏନ.ଏ)
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସିମିଳିପଦର ଗାଁରେ ଗୋମଡକ ଦେଖା ଦେଇଛି । ଗତ ୪ ଦିନ ଭିତରେ ୬ଟି ବାଛୁରୀଙ୍କ ଅଜଣା ରୋଗରେ ମୃତ୍ୟୁ ଘଟିଛି । ଏହି ବାଛୁରୀଙ୍କ ପେଟ ହଠାତ ଫୁଲି ଯାଇଥିଲା। ଖିଆପିଆ ଛାଡିଦେବା ସହ ବାଛୁରୀଙ୍କ ଦେହରେ ତାପ ଆସିଥିଲା ଓ ପାଟିରୁ ଫେଣ ବାହାରିଥିଲା। ପରେ ଆଖି ନାଲି ଓ ଗୋଡ କଳା ପଡି ଅଚଳ ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସୁଦର୍ଶନ ରଣା କୁହନ୍ତି, ଗାଈ ରଖିବା ଦିନଠାରୁ ଏଭଳି ରୋଗ କାଣା ନାଇଁ ଜାନି। ଷ୍ଟକମେନ ଆସି ଓଷୋ ଲେଖିଦେଲେ, ଘିନିକରି ପିଆଲି ହେଲେ କାମ ନାଇଁ ଦେଲା। ଆଖପାଖ ଗାଁରେ ମଧ୍ୟ ଏଭଳି ଅଜଣା ରୋଗରେ ବାଛୁରୀ ମରୁଥିବା ଦେଖାଯାଉଛି। ମୁଖ୍ୟତଃ ଏହି ରୋଗ ଗାଈ, ବଳଦ ଓ ବାଛୁରୀଙ୍କୁ ହେଉଛି। ଅପରପକ୍ଷରେ କଣ୍ଟାମାଳ ପ୍ରାଣୀଧନ ଅଧିକାରୀ ଡାକ୍ତର ଜନ୍ମେଜୟ ମହାଲିକ କହିଛନ୍ତି, ଏ ନେଇ ଅଭିଯୋଗ ପାଇଛି ଓ ଆମ ବିଭାଗ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରାଯାଉଛି ।

### ବାଲି ଚୋରାଚାଲାଣ: ୨୦ ହଜାର ଟଙ୍କା ଜରିମାନା ଆଦାୟ

ଅତାବିରା, ୧।୩ (ଡି.ଏନ.ଏ)
ଭେଡେନ ତହସିଲ ଅଧୀନ ୫୪ ନମ୍ବର ରାଜ୍ୟ ରାଜପଥର ଦେଶପର୍ଥଲା ନିକଟରେ ରବିବାର ଅତର୍କିତ ଚଢ଼ାଉ କରି ଦୁଇଟି ବାଲି ବୋଝେଇ ଟ୍ରାକ୍ଟରଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ଦୁଇ ଟ୍ରାକ୍ଟର ଯୋଗେ ମହାନଦୀ ବବକା ବାଲିପଠାରୁ ବାଲି ବୋଝେଇ କରି ଅତାବିରା ବ୍ଲକ ଚକୁଲିକୁ ଚାଲାଣ କରାଯାଉଥିଲା । ଦେଶଭଟିଲି ରାଜସ୍ୱ ନିରୀକ୍ଷକ ରଙ୍ଗମଣି ଲୁହା, ଅଶୋକ ପୋଡ଼ ଏହି ଚଢାଉ କରିଥିଲେ ।

### ଖଜୁରିପଡା କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡା ସମ୍ପନ୍ନ

ଜହ୍ନାପଙ୍କ,୧।୩(ଡି.ଏନ.ଏ.)
ବୌଦ୍ଧ ବ୍ଲକ ଖଜୁରୀପଡା କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ବୌଦ୍ଧ ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ପୁଷ୍ପାଞ୍ଜଳି ପୃଷ୍ଟି ସଭାପତିତ୍ୱ କରିଥିଲେ । ବୌଦ୍ଧ ବ୍ଲକର ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ୱାମିତ୍ର ସାହୁ ଏବଂ ସରପଞ୍ଚ ରିଙ୍କି ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସାଧନ କର୍ମୀ ଲବକିଶୋର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା ଓ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ବୌଦ୍ଧ ବ୍ଲକର ସହ ଗେଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ଦଳବେହେରା ସଭାପତିତ୍ୱ କରିଥିଲେ । ସରପଞ୍ଚ ରିଙ୍କି ଗିରି ମୁଖ୍ୟଅତିଥି, ଅବସରପ୍ରାପ୍ତ ବିଇଓ ଦଶରଥ ମେହେର, ଅବସରପ୍ରାପ୍ତ ଏବିଇଓ ଅଚ୍ୟୁତାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସାଧନ କର୍ମୀ ଲବକିଶୋର ପ୍ରଧାନ ବିବରଣୀ ପଠନ କରିଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ସଭିଏଁ ତତ୍ପର, ସବୁଠି ଭାଳେଣି

ସଂଶୋଧିତ ମୋଟର ଯାନ ଆଇନ ଦେଶରେ ଲାଗୁହେବା ପରେ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ୬ ମାସ ରିହାତି ଦେଇଥିଲେ । ଶନିବାର ସେହି ରିହାତି ଅବଧି ସରିଯାଇଛି ଏବଂ ରବିବାରଠାରୁ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି କରାଯାଇଛି । ଏହି କ୍ରମରେ ଉଭୟ ପରିବହନ ଓ ପୋଲିସ ବିଭାଗ ଏଥିପ୍ରତି ତତ୍ପର ହୋଇପଡ଼ିଛନ୍ତି । ଅନ୍ୟପଟେ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ଲାଇସେନ୍ସ, ଫିଟ୍‌ନେସ୍, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ (ପିୟୁସି) ସାର୍ଟିଫିକେଟ୍ ନ ଥିବା ଯୋଗୁ କେତେକ ଗାଡ଼ି ଧରି ବାହାରକୁ ବାହାରି ପାରିନାହାନ୍ତି । ଯିଏ ବି ରାସ୍ତାରେ ଯାଇଥିଲେ, ଅନ୍ୟ ଦିନ ଅପେକ୍ଷା ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଲମେଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା। ସେହିପରି କେତେକ ବିନା ହେଲମେଟ୍‌ଧାରୀ ରାସ୍ତାରେ ଗଲାବେଳେ ଯାଞ୍ଚସ୍ଥଳ ପ୍ରତି ସତର୍କ ଦୃଷ୍ଟି ରଖି ଅଧବାଟରେ ଅଟକି ରହୁଥିବା କିମ୍ବା ସେଠାରୁ ଫେରି ଆସୁଥିବା ପରିଲକ୍ଷିତ ହୋଇଥିଲା ।

**ଯାନବାହନ ଯାଞ୍ଚ କଡ଼ାକଡ଼ି**

### ହେଲମେଟ ରଖୁଛି ଜୀବନ



ସଂଶୋଧିତ ମୋଟର ଯାନ ଆଇନ ଠିକ୍ ଅଟେ । କିନ୍ତୁ ଲାଇସେନ୍ସ ପାଇଁ ଅନେକ ଲୋକ ଦୀର୍ଘଦିନରୁ ଆବେଦନ କରିସାରିଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ତାହା ସେମାନଙ୍କୁ ମିଳିପାରି ନାହିଁ । ଫଳରେ ସେଥିପାଇଁ ଆଉ କିଛି ସମୟ ଦେଲେ ଭଲ ହେବ ବୋଲି ଭାବୁଛି। ସେହିପରି ହେଲମେଟ ଆମର ଜୀବନ ରକ୍ଷା କରୁଛି । ତାହା ପିନ୍ଧିବା ଦରକାର। ମୋ ପାଖରେ ହେଲମେଟ ରହିଛି। ବାଇକ୍‌ରେ ଯିବା ଆସିବା କରିବା ସମୟରେ ସାଧାରଣତଃ ମୁଁ ତାକୁ ବ୍ୟବହାର କରିଥାଏ ।

-ସୁଶୀଲ କୁମାର ସାହୁ, ବରଗଡ଼

### ବାଇକ୍‌ରେ ଯିବାର ଥିଲା, ବସ୍‌ରେ ଯିବି



ଗାଡ଼ି ଚାଳନାବେଳେ ହେଲମେଟ ପିନ୍ଧିବା ଜରୁରୀ। ମୁଁ ସବୁବେଳେ ହେଲମେଟ ଧରିଥାଏ। କିନ୍ତୁ ଏପର୍ଯ୍ୟନ୍ତ ମୋର ଲାଇସେନ୍ସ ହୋଇପାରି ନାହିଁ । ଗତବର୍ଷ ମେ ମାସ ୩ ତାରିଖରୁ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ସ୍ଲଟ୍ ବୁକିଂ କରିସାରିଛି। ହେଲେ ତାହା ଆଉ ଆଗକୁ ବଢ଼ିପାରିନାହିଁ ଏବଂ ସେତିକିରେ ରହି ଯାଇଛି । ସୋମବାର ସମ୍ବଲପୁର ଯିବାର ଅଛି । ବାଇକ୍‌ରେ ଯିବି ବୋଲି ଭାବିଥିଲି। ମାତ୍ର ପାଖରେ ଲର୍ଣ୍ଣିଂ ଲାଇସେନ୍ସ ନ ଥିବାରୁ ବସ୍ ଯୋଗେ ସେଠାକୁ ଯିବି ।

–ଶୋଭନ ରଥ, ବରଗଡ଼

### ପଗଡ଼ି ବାନ୍ଧିବା ଆମ ପରମ୍ପରା



ଆମେ ଶିଖ୍ ସମ୍ପ୍ରଦାୟର। ପଗଡ଼ିବାନ୍ଧିବା ଆମ ପରମ୍ପରା ଅଟେ। ତଦନୁଯାୟୀ ଆମେ ମୁଣ୍ଡରେ ପଗଡ଼ି ବାନ୍ଧି ଆସୁଛୁ। ସେଥିରେ ଆମେ ଆମ ପରମ୍ପରାକୁ ବଜାୟ ରଖୁଛୁ। ଆଉ ତାହା ଆମର ସେଫ୍ଟିରେ ମଧ୍ୟ ସାହାଯ୍ୟ କରି ଆସୁଛି। ପଗଡ଼ି ବାନ୍ଧୁଛୁ, ତା ଉପରେ ହେଲମେଟ କିଭଳି ପିନ୍ଧିବୁ। ଯେଉଁମାନେ ପଗଡ଼ି ବାନ୍ଧୁ ନାହାନ୍ତି, ସେମାନେ ହେଲମେଟ ପିନ୍ଧି ପାରିବେ ।

-ଗୁରପ୍ରୀତ ସିଂ, ବରଗଡ଼

### ଦିନକରେ କଟିଲା ୧୧୩ ଚାଲାଣ



ସଂଶୋଧିତ ମୋଟରଯାନ ଆଇନ ଅନୁସାରେ ଗାଡ଼ି ମୋଟର ଯାଞ୍ଚ ହେଉଛି । ଜିଲାରେ ରବିବାର ଏହି ଆଇନ ଖିଲାପ କରିଥିବାରୁ ନିର୍ଦ୍ଧାରିତ ଜରିମାନା ସହିତ ୧୧୩ଟି ଚାଲାଣ କଟାଯାଇଛି । ଏଥିରେ ମୋ ସହିତ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଏଆରଟିଓ) ସୁଷମା ଦାଶ, ରୋଡ୍ ସେଫ୍ଟି ଅଫିସର ଗୋଲାପ ଚନ୍ଦ୍ର ହାଁସଦା ପ୍ରମୁଖ ଯାଞ୍ଚ କରିଥିଲେ । ଆଗକୁ ମଧ୍ୟ ଏହା ଜାରି ରହିବ।

-କେଶବ ଚନ୍ଦ୍ର ନାୟକ, ଆରଟିଓ, ବରଗଡ଼

(ଉପସ୍ଥାପନା:– ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଏକତା ପ୍ରତିବେଶୀ ମହିଳା ସମିତିର ବାର୍ଷିକୋତ୍ସବ

ବରଗଡ଼ ଅଫିସ୍,୧।୩

ବରଗଡ଼ ସହରର ୱାର୍ଡ଼ ନଂ–୧୨ ହାଟପଦାସ୍ଥିତ କାଳୀ ମଣ୍ଡପ ପ୍ରାଙ୍ଗଣରେ ଶନିବାର ଏକତା ପ୍ରତିବେଶୀ ମହିଳା ସମିତିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ଝରଣା ବାଗ ଓ ସମ୍ପାଦିକା କ୍ଷୀରୋଦ୍ରୀ ଭୋସାଗରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସମାରୋହରେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ମୁଖ୍ୟବକ୍ତା, ଭୁବନେଶ୍ୱରସ୍ଥିତ ପ୍ରୋଟେକ୍ସନ ଅଫ ଚାଇଲ୍ଡ ରାଇଟ୍ ସଂସ୍ଥାର ନିବେଦିତା ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କଲ୍ୟାଣୀ ଦାଶ, ବରଗଡ଼ ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଜାହାରୀ, ରେଜିଷ୍ଟ୍ରାର ଶ୍ରଦ୍ଧାକର କୁମ୍ଭାର, ସୁରେନ୍ଦ୍ର ତାଣ୍ଡି, ମିତ୍ରଭାନୁ ସୁନା, ହାସ୍ୟକବି ଦେବେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ସମିତିର ଉପସଭାନେତ୍ରୀ ସବିତା ଭୋସାଗର, ସହ ସମ୍ପାଦିକା ଚମ୍ପା ଭୋସାଗର, କୋଷାଧ୍ୟକ୍ଷା କ୍ଷୀରେଶ୍ୱରୀ ଦୀପ, ସୁନୀତା ନାଗ, ସବିତା ଦୁରଦସ୍, ମୀରା ଭୋସାଗର, ପୂର୍ଣ୍ଣିମା ଜଗଦଲା, ସୁଜାତା ଭୋସାଗର, ବିନୋଦିନୀ ଦୁରଦସ୍, କୁନୀ ଦୀପ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

ଗାଇସିଲେଟ୍,୧।୩

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଫିରିଙ୍ଗିମାଲ ଗ୍ରାମରେ ସୋମବାରଠାରୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେବ । ଏହି ଅବସରରେ ରବିବାର କଳସ ଯାତ୍ରା ହୋଇଥିଲା। ସ୍ଥାନୀୟ ବହୁ ଶ୍ରଦ୍ଧାଳୁ ଗ୍ରାମର ଏକ ଜଳାଶୟରୁ ପୂର୍ଣ୍ଣକଳସ ସହିତ ଶୋଭାଯାତ୍ରାରେ ଆସି ମଣ୍ଡପରେ ସ୍ଥାପନ କରିଥିଲେ। ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଷ୍ଠା ଉତ୍ସବ ଚାଲିବାର କାର୍ଯ୍ୟକ୍ରମ ରହିଛି ।

## କୃଷି ପାଇଁ ବିଦ୍ୟୁତ୍ ବିଲ୍ ଛାଡ ଦାବି

ପଦ୍ମପୁର, ୧।୩ (ଡି.ଏନ.ଏ)

କୃଷି ପାଇଁ ବିଦ୍ୟୁତ୍ ବିଲ୍ ଛାଡ ଦାବିରେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମୁଖ୍ୟତଃ କୃଷି କାମ ପାଇଁ ବ୍ୟବହୃତ ବିଦ୍ୟୁତ ଉପକରଣ ବର୍ତ୍ତମାନ ଚାଷୀମାନଙ୍କର ମୁଖ୍ୟ ଉପକରଣ ହୋଇଛି । ମଜୁରିଆ ଅଭାବ ଓ ଗୋ–ଚାରଣ ସମସ୍ୟା ପାଇଁ ଚାଷୀ ବୈଦ୍ୟୁତିକ ଯନ୍ତ୍ର, ପାଣି ପାଇଁ ଉଠାଜଳସେଚନର ସାହାରା ନେଉଛନ୍ତି। ତେଣୁ କୃଷକଙ୍କୁ ବିଦ୍ୟୁତ ଦେୟ ବିଶେଷ ଭାବରେ ଦେବାକୁ ହେଉଛି । କୃଷି କ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ଦେୟ ଛାଡ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଜୟ କିଷାନ ଆନ୍ଦୋଳନର ସମ୍ପାଦକ ରମେଶ ମହାପାତ୍ରଙ୍କ ନେତୃତ୍ୱରେ ପାଇକମାଳ, ପଦ୍ମପୁର, ଝାରବନ୍ଧ ଅଞ୍ଚଳର ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ ।

## ଯୁବ ପାର୍ଲାମେଣ୍ଟରେ ଦେଶ ସମସ୍ୟା ଉପସ୍ଥାପନ

ବୌଦ୍ଧ,୧।୩(ସ୍ୱ.ପ୍ର)

ବୌଦ୍ଧ ବଘିଆପଡାସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ପ୍ରଥମଥର ପାଇଁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୁବ ପାର୍ଲିଆମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ମହେନ୍ଦ୍ର ନାଥ ଦେବତା, ସରକାରୀ ଓକିଲ ଯୋଗେଶ ପ୍ରସାଦ ନାୟକ, ଓଡ଼ିଶା ଚେସ୍ ଆସୋସିଏଶନର କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପାର୍ଲିଆମେଣ୍ଟ ପରିଚାଳନା କୌଶଳ ଦେଖିଥିଲେ। ଛାତ୍ରୀଛାତ୍ରୀ ନିଜକୁ ଜଣେ ଜଣେ ନିର୍ବାଚିତ ସାଂସଦ ଭାବେ ଉପସ୍ଥାପିତ କରିବା ସହ ସଦସ୍ୟମାନଙ୍କ ଶପଥପାଠ ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ସମସ୍ୟା ସଂସଦରେ ଉପସ୍ଥାପନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଜୋଲି ଟୋମିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରହିଥିବା ନେତୃତ୍ୱ ନେବା ଦକ୍ଷତାର ପରିପ୍ରକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଶିକ୍ଷକ ସୁଧାଂଶୁ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଯୁବ ପାର୍ଲିଆମେଣ୍ଟ ଚାଲିଛି ।

## କ୍ରିକେଟ: ସିଂହନପୁର ଚାମ୍ପିୟନ

ପାଇକମାଳ, ୧।୩ (ଡି.ଏନ.ଏ)

ପାଇକମାଳ ବ୍ଲକ ଶାଲେପାଲି ବିନ୍ଧ୍ୟବାସିନୀ ମହାବିଦ୍ୟାଳୟ ଖେଳ ପଡିଆରେ ୬ ଦିନ ଧରି ଚାଲିଥିବା ବୀରବଜରଙ୍ଗ କ୍ରିକେଟ କପ୍‌ର ଫାଇନାଲ ମ୍ୟାଚରେ ଶାଲେପାଲିକୁ ହରାଇ ସିଂହନପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶାଲେପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୮୦ ରନ କରିଥିଲା। ଜବାବରେ ସିଂହନପୁର ଦଳ ୨ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଶୀତକଣ୍ଠ ସାହୁ, ଥବୀର ମେହେର ଖେଳ ପରିଚାଳନା କରିଥିବା ବେଳେ ମିତ୍ରଭାନୁ ପ୍ରଧାନ, ଆକାଶ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ତୋଷ ମେହେର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବେହେରା ବୁଢ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ସିଂହନପୁର ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ଉପବିଜୟୀ ଶାଲେପାଲି ଦଳକୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏଥିରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି ।

## ୨୦୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କଣ୍ଟାମାଳ,୧।୩(ଡି.ଏନ.ଏ)

କଣ୍ଟାମାଳ ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ବଡଛପାପାଲି, ଦେଉଳଡୁଙ୍ଗୁରୀ, ବନ୍ଧପାଲି, କଣ୍ଟାମାଳ ଓ କଲରାକୋଠା ଗାଁ କଲ୍ୟାଣ ସମିତିର ମିଳିତ ଆନୁକୂଲ୍ୟରେ ରବିବାର ଦେଉଳଡୁଙ୍ଗୁରି ଅଙ୍ଗନବାଡି କେନ୍ଦ୍ରରେ ସ୍ୱାସ୍ଥ୍ୟମେଳା–୨୦୨୦ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକର୍ମୀ ମାନସୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟର ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ। ଡକ୍ଟର ରୋଜାଲିନ ମିଶ୍ର, ବିପିଏମ୍ ଅଶୋକ ମିଶ୍ର, ସେକ୍ଟର ସୁପରଭାଇଜର ପ୍ରମିଳା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୨୦୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା ।

## ଆକାଶବାଣୀ ଆଞ୍ଚଳିକ ସଂସ୍କୃତି, ପରମ୍ପରାକୁ ଜୀବିତ ରଖିଛି

ବରଗଡ଼ ଅଫିସ୍,୧।୩

ବରଗଡ଼ ଅଗ୍ରଗାମୀ ଯୁବକ ସଂଘରେ ରବିବାର ଆକାଶବାଣୀ ଶ୍ରୋତା ସଂଘର ୨୫ତମ ବାର୍ଷିକ ସମ୍ମିଳନୀ ଅବସରରେ ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆକାଶବାଣୀ ସମ୍ବଲପୁରର କେନ୍ଦ୍ର ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମାଝି ମୁଖ୍ୟଅତିଥି, କଳାପାଣି କଲେଜର ଅଧ୍ୟକ୍ଷ ମୋହନ ସାହୁ ମୁଖ୍ୟବକ୍ତା, ଆକାଶବାଣୀ ସମ୍ବଲପୁରର ପ୍ରସାରଣ ନିଷ୍ପାଦକ କୈବର୍ତ୍ତ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆକାଶବାଣୀ ଲୋପ ପାଇଯାଉଥିବା ଆଞ୍ଚଳିକ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ପ୍ରଚାର, ପ୍ରସାର ମାଧ୍ୟମରେ ଜୀବିତ ରଖିପାରିଛି ବୋଲି ବକ୍ତାମାନେ କହିଥିଲେ। ଗୋପୀନାଥ ତନସନା ସଭା ସଂଯୋଜନା ଏବଂ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ବିବରଣୀ ପାଠ କରିଥିଲେ। ସଂଘର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ବିଷ୍ଣୁ ସାହୁଙ୍କ ସ୍ମୃତିରେ ବିଜେପୁର ବ୍ଲକ ବୁଢ଼ାପାଲି ଗ୍ରାମର ଯଶୋବନ୍ତ ପାଇକଙ୍କୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ, ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ନାଟ୍ୟଗୁରୁ ସ୍ୱର୍ଗତ ହରେକୃଷ୍ଣ ପୂଜାରୀଙ୍କ ସ୍ମୃତିରେ ଅତାବିରା ବ୍ଲକ ସୋର୍ଣ୍ଣା ଗ୍ରାମର କଳାକାର ସୁଶୀଲ କୁମାର ନାୟକଙ୍କୁ କଳାକାର ସମ୍ମାନ, ସାମାଜିକ କର୍ମୀ ବିପିନ ବିହାରୀ ପ୍ରଧାନଙ୍କ ସ୍ମୃତିରେ ଡା. ଶଙ୍କର ରାମଚନ୍ଦାନୀଙ୍କୁ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ବିନୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝାଙ୍କରପାଲିକୁ ହରାଇ ମାଣ୍ଡୋସିଲ ଚାମ୍ପିୟନ

**ମାଣ୍ଡୋସିଲ ଡଷ୍ଟ ଡେଭିଲ୍ସ କ୍ରିକେଟ କପ୍**

ପାଇକମାଳ, ୧।୩ (ଡି.ଏନ.ଏ)

ପାଇକମାଳ ବ୍ଲକ ମାଣ୍ଡୋସିଲ ବଡ ଖେଳପଡିଆରେ ଚାଲିଥିବା ୧୯ତମ ଡଷ୍ଟ ଡେଭିଲ୍ସ କ୍ରିକେଟ କପ୍ ରବିବାର ଉଦଯାପିତ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ମାଲପଡାକୁ ହରାଇ ମାଣ୍ଡୋସିଲ ଡଷ୍ଟ ଡେଭିଲ୍ସ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ଫଲସାଗୁଡା (ନୂଆପଡା) ଓ ଝାଙ୍କରପାଲି (ପଦ୍ମପୁର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫଲସାଗୁଡାକୁ ହରାଇ ଝାଙ୍କରପାଲି ଫାଇନାଲରେ ପ୍ରବେଶ କରିଥିଲା। ମାଣ୍ଡୋସିଲ ଡଷ୍ଟ ଡେଭିଲ୍ସ ଓ ଝାଙ୍କରପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମାଣ୍ଡୋସିଲ ପ୍ରଥମ ବ୍ୟାଟିଂ ନିର୍ଦ୍ଧାରିତ ୧୦ ଓଭରରେ ୧୦୯ ରନ ସଂଗ୍ରହ କରିଥିଲା । ଜବାବରେ ୧୧୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଝାଙ୍କରପାଲି ଦଳ ସମସ୍ତ ଉଇକେଟ ହରାଇ ୫୧ ରନ ସଂଗ୍ରହ କରିଥିଲା। ଫଳରେ ମାଣ୍ଡୋସିଲ ୫୯ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସରୋଜ କୁମାର ପ୍ରଧାନ ଓ ଆଶୁତୋଷ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ବିଜୁ ବରିହା ଓ ମଣ୍ଟୁ ଷଡଙ୍ଗୀ ସ୍କୋରର ଥିବା ବେଳେ ଲଳିତ ଜଗତ, ପିଣ୍ଟୁ ତନସନା ଓ ସନ୍ତୋଷ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଏବଂ କୌସ୍ତୁବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ । ଏଥିରେ ମ୍ୟାନ ଅଫ୍ ଦି ମ୍ୟାଚ ମୁନିଚାନ୍ଦ ମାଝୀ, ମ୍ୟାନ ଅଫ୍ ଦି ସିରିଜ ଡିଲୁ ତାଣ୍ଡିଙ୍କୁ ଶବର ପରାଭୋଇ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ନିର୍ମଳ ନାୟକ, ଶ୍ରେଷ୍ଠ ବୋଲର ରାଧାକାନ୍ତ ରଣା, ଶ୍ରେଷ୍ଠ ଫିଲ୍ଡର ଗୋକୁଳ ବିଶ୍ୱାଳ, ସ୍କୋରର ବିଜୁ ବରିହା, କମେଣ୍ଟେଟର ଲଳିତ ଜଗତଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ମହେଶ ଚନ୍ଦ୍ର ନାୟକ, ମନୋରଞ୍ଜନ ମଲ୍ଲିକ, ହେମାନନ୍ଦ ବିଶ୍ୱାଳ, ରମାକାନ୍ତ ରଣା, ଲିଙ୍ଗରାଜ ପୁଟା, ରୋହିତ ଖୁଣ୍ଟିଆ ସହଯୋଗ କରିଥିବା ବେଳେ ଲଳିତ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରାମବାସୀ ଭୋଗୁଛନ୍ତି ଜଳକଷ୍ଟ

**ସୋଲାର ପାଣିପମ୍ପ ଅଚଳ**

ତଳଗାଁ,୧।୩(ଡି.ଏନ.ଏ)

ଆଗକୁ ଖରାଦିନ ଆସୁଛି । ତେବେ ଏହା ପୂର୍ବରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର କେତେକ ଅଞ୍ଚଳରେ ଏବେଠୁ ଜଳକଷ୍ଟ ଦେଖାଦେଲାଣି । ଫଳରେ ଲୋକେ ପାଣି ପାଇଁ ନାନା ଅସୁବିଧା ଭୋଗୁଥିବା ଦେଖିବାକୁ ମିଳିଛି । ଏଡି କ୍ରମରେ ମାଓବାଦୀ ପ୍ରବଣ ତଳଗାଁ ପଞ୍ଚାୟତର ଗଣ୍ଡାପାଜୁ, ଡାକପଦର ଓ ଆଡେଣୀଗଡ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଗ୍ରାମ କୁଟୁଡା, ଗୋରାସାହି ଓ ଛତରଙ୍ଗ ପଞ୍ଚାୟତର ଗୁଣ୍ଡୁରୁସାହି ଆଦି ଗ୍ରାମରେ ଦୀର୍ଘଦିନ ହେଲା ସୋଲାର ପାଣି ପମ୍ପଗୁଡିକ ଅଚଳ ହୋଇପଡିଛି। ଆଗକୁ ଖରାଦିନ ଆସୁଛି । ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଏହା ଆମର କାମ ନୁହଁ, ଯେଉଁ କମ୍ପାନୀ ଏସବୁ କରିଛି ସେ କମ୍ପାନୀ ଏହାର ମରାମତି କରିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଉତ୍ତର ମିଳୁଛି। ବାଧ୍ୟ ହୋଇ ଏସବୁ ଗ୍ରାମର ଅଧିବାସୀମାନେ ନାଳ, କୁଅ ଓ ଝରଣା ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି । ଖରା ଦିନ ହେଲେ ଏସବୁ ଜଳଉତ୍ସ ଶୁଖିଯିବ । ଫଳରେ ଗାଁଲୋକେ ଚିନ୍ତାରେ ପଡିଛନ୍ତି। ଗଣ୍ଡାପାଜୁ ଗ୍ରାମର ୬୫ ପରିବାର ପାଇଁ ଗୋଟିଏ ନଳକୂପ ଓ ଖୋଲା କୁଅ ଥିବାବେଳେ ଡାକପଦର ଗ୍ରାମ ପାଇଁ ଗୋଟିଏ ଖୋଲା କୂଅ ଓ କୁଟୁଡା ଗ୍ରାମରେ ୨୫ ପରିବାର ପାଇଁ ଏକ ମାତ୍ର ନଳକୂପ ଅଛି । ଏଣୁ ପ୍ରଶାସନ ୧୫ ଦିନ ମଧ୍ୟରେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।



ଗଣ୍ଡାପାଜୁ ଗାଁରେ ଅଚଳ ହୋଇ ପଡିଥିବା ସୋଲାର ପାଣି ପମ୍ପ ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା,
ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।
- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

### ଉଚ୍ଚ ମାଧ୍ୟମିକ ପରୀକ୍ଷା ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୧।୩ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦରସ୍ଥିତ ମାଁ ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଉଚ୍ଚ ମାଧ୍ୟମିକ ପରୀକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ବଲ୍ଲଭ ପୁରୋହିତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । କଲେଜ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଆସନ୍ତା ଉଚ୍ଚ ମାଧ୍ୟମିକ ପରୀକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ପରୀକ୍ଷାର ନୀତି ନିୟମ ତଥା ଶୃଙ୍ଖଳିତ ଓ ନକଲମୁକ୍ତ ପରୀକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ପରୀକ୍ଷା ଶାନ୍ତିଶୃଙ୍ଖଳା ଓ ସ୍ୱଚ୍ଛ ଭାବେ ପରିଚାଳନା କରିବାରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୧୫୩ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଅଧାପକ ନିତ୍ୟାନନ୍ଦ ମିଶ୍ର, ବାଳମୁକୁନ୍ଦ ବାରିକ, ସୁଶାନ୍ତ ଦେହୁରୀ, ରଞ୍ଜିତା ମିଶ୍ର, ସାଧନା ମେଣ୍ଡିଲି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଶେଷରେ ଆଇଟି ବିଭାଗ ଅଧାପକ ଉଦ୍ଧବ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ଯୋଜନାରୁ ବଁଚିତ୍ ଦିବ୍ୟାଙ୍ଗ ସ୍ନେହଲତା

**ବିନିକା, ୧।୩ (ଡି.ଏନ୍.ଏ.)**

- ଜନ୍ମୁ ଆଏଁଖ୍ ନାଇଁ ଦିଶବାର
- ଛୁଆଦିନୁ ମା'ବାପ୍‌କୁଁ ହରେଇଛନ୍
- ମଝିଆଁ ଭାଇ ଘରେ ମୁଡ଼ ଗୁଁଜିଛନ୍

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସାରଙ୍ଗପାଲି ଗାଁ ଗିରିଟିକ୍ରା ପଡ଼ାର ସ୍ୱର୍ଗତ ବିହାରୀ କ୍ଷେତୀ ଆର ରଇବାରୀକଁର ଝିଁ ହେଉଛନ୍ ସ୍ନେହଲତା କ୍ଷେତୀ(୨୮)। ଜନ୍ମୁ ତାକର ଆଏଁଖ୍ ଠିକ୍‌ରେ ନାଇଁ ଦିଶ୍‌ବାର। ସୁଆସ୍ତିଅ ବିଭାଗ ତାହାକୁ ୮୦ ପରତିଶତ ଭିନ୍ନକ୍ଷମ ପରମାନପତର ଦେଇଛେ। ହେଲେ ଭତା ଟଁକାକେ ଛାଡ଼ିଦେଲେ ସବୁ ପରକାର ସରକାରୀ ଯୋଜନାରୁ ବଁଚିତ୍ ଥିବାର ସ୍ନେହଲତା ଅଭିଯୋଗ କରିଛନ୍।

ସୂଚନା ହିସାବେ ଗିରିଟିକ୍ରା ପଡ଼ାର ସ୍ୱର୍ଗତ ବିହାରୀ କ୍ଷେତୀ ଆର ରଇବାରୀକଁର ୪ ପୁଓ ଆର ଗୁଟେ ବଲି ଝିଁ ସ୍ନେହଲତା। ବିହାରୀ ଆଏଜ୍‌କେ ୧୭ ବଛର ତଲେ ଆର ରଇବାରୀ ୧୦ ବଛର ତଲେ ଆରପାରକେ ଚାଲିଯାଇଛନ୍। ପରିବାରଟା ନିହାତି ଗରିବ୍, ୧୦ ଡେସିମିଲ ଘର ଡିହକେ ଛାଡ଼ିଦେଲେ ସଁପତି ବଲି କିଛି ନାଇଁ। ଇଆଡ଼େ ୨୦ ବଛର ହେଲା ସ୍ନେହଲତାକଁର ବଡ଼ଭାଇ



ନିଜର ଘରଆଗେ ମା'ବାପ୍ ଛେଉଁଡ୍ ଦିବ୍ୟାଙ୍ଗ ସ୍ନେହଲତା।

ବିହାଚୁରା ହେଇ ଅଲଗେ ରହୁଛନ୍। ଏନ୍‌ତାଥି ଦିବ୍ୟାଙ୍ଗ ସ୍ନେହଲତା ମଝିଆଁ ଭାଇ ଯଦୁ କ୍ଷେତୀକଁର ଘରେ ମୁଡ଼ ଗଁଜିଛନ୍। ସେନ୍‌ତା ସାନ୍ ଦୁଇ ଭାଇ ବୁଧୁ ଆର ନିଧୁ ମା'ବାପ୍ ମରିଗଲା ଉତାରୁ ଗୁଜୁରାଟକେ ଦାଦନ ଖଟିଯାଇଛନ୍ ଯେ ଆଏଜ୍‌ତକ ନାଇଁ ଫିରି। ଏହେଦେ ଯଦୁକଁର ଉପରେ ମାଏକିନା ଦୁହିତା, ୩ ଝି, ଗୁଟେ ପୁଓ ଆର ଦିବ୍ୟାଙ୍ଗ ବହେନ୍ ସ୍ନେହଲତାର ପାଲ୍‌ପୋଷ ବୋଝ୍ ରହିଛେ। ସ୍ନେହଲତାକଁର ଜନ୍ମୁ ଆଏଁଖ୍ ନାଇଁ ଦିଶବାର ଲାଗି ସେ ବିହାଚୁରା ନାଇଁ ହେଇପାରି କି କେହେନ୍‌ସି କାମ୍‌ବୁତା କରି ନାଇଁ ପାରବାର। ସବୁବେଲେ କେହେନ୍‌ସି କାମ୍‌କାଯ୍ ଲାଗି ସେ ଝନ୍‌କର ଉପରେ ନିରଭର କରୁଛନ୍। ସୁଆସ୍ତିଅ ବିଭାଗ ତାହାକୁ ୮୦ ପରତିଶତ ଭିନ୍ନକ୍ଷମ ପରମାନପତର ଦେଇଛେ। ହେଲେ ସେ ଭତାକେ ଛାଡ଼ିଦେଲେ ବାକି ସବୁ ପରକାର ସରକାରୀ ସୁବିଧାରୁ ବଁଚିତ୍ ଥିବାର କହିଛନ୍। ସେନ୍‌ତା ସ୍ନେହଲତାକେ ରାଶନକାର୍ଡ ଆର ଆବାସ ଯୋଜନାରେ ଘରଖଁଡ଼େ ମିଲବା ବଲି ଦୁଇ ଭାଇ ବହେନ୍ ପଁଚେତ୍‌ରୁ ବ୍ଲକ ତକ୍ ନରଦି ନରଦି ନିହାଲ ହେଇଗଲୁଁନ ବଲି ଯଦୁ କହିଛନ୍। ଇ ଦିଗେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ଦିବ୍ୟାଙ୍ଗ ସ୍ନେହଲତାକୁଁ ସବୁ ପରକାର ସରକାରୀ ଯୋଜନାରେ ସାମିଲ କରବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ବାଙ୍ଗିର୍ଗିଡ଼ି ପଁଚେତ୍ ନିର୍ବାହୀ ଅଧିକାରୀ ନିମାଇଁ ଚରଣ ନାଏକକୁଁ ପଚ୍‌ରାଲାରୁ ମୋର ପାସ୍‌କେ ଏନ୍‌ତା କିଛି ଅଭିଯୋଗ ନାଇଁ ଆସି। ହେଲେ ଘଟନାର ତଦଁତ୍ କରି ଯେତେ ଜଲଦି ହେବା ସ୍ନେହଲତାକୁଁ ସବୁ ପରକାର ସାହାଯ୍ ଯୁଗେଇ ଦିଆଯିବା ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକକୁଁ ପଚ୍‌ରାଲାରୁ ଘଟନାର ତଦଁତ୍ କରି ସ୍ନେହଲତାକୁଁ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ହରିଶଙ୍କର ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ ସହ ବରକନ୍ୟା ଚାରାରୋପଣ କରୁଛନ୍ତି।

# ବିବାହ ଭୋଜିରେ ବରକନ୍ୟାଙ୍କୁ ଚାରା ଉପହାର

**ଖପ୍ରାଖୋଲ, ୧।୩(ଡି.ଏନ.ଏ.)**

### ଯୁବ ରେଡକ୍ରସର ପରିବେଶ ସୁରକ୍ଷା ଅଭିଯାନ

ବଲାଙ୍ଗୀର ଜିଲା ଖପ୍ରାଖୋଲ ହରିଶଙ୍କର ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ତରଫରୁ ପରିବେଶ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ଯୁବ ରେଡକ୍ରସ ସଦସ୍ୟମାନେ ବିବାହ ବ୍ରତ ସମୟରେ ଲୋକଙ୍କୁ ବୃକ୍ଷ ଉପହାର ଦେଇ ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟୁଛନ୍ତି। ଏହିକ୍ରମରେ ଶନିବାର ଖପ୍ରାଖୋଲ ଗାଁରେ ହେଉଥିବା ଏକ ବିବାହ ଭୋଜିରେ ବରକନ୍ୟାଙ୍କୁ ଚାରା ଉପହାର ଦେଇ ବୃକ୍ଷରୋପଣ ପାଇଁ ସଚେତନ କରିଛନ୍ତି। ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ବଳଭଦ୍ର ଦାଶ ଓ ଯୁବରେଡକ୍ରସ୍‌ର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ନବ ବିବାହିତ ସୁନୀଲ ସାହୁ ଏବଂ ତାଙ୍କ ସ୍ତ୍ରୀ ଭାଗ୍ୟବତୀ ଘରର ବାଡିରେ ଚାରାରୋପଣ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବରପିତା ଭଗବାନ ସାହ, ସୁଶାନ୍ତ ଦାଶ, ଭୋଜରାଜ ମଲ୍ଲିକ, ସୁରଜ ସାହୁ, ପ୍ରସନ୍ନ ବାରିକ, ପାର୍ବତୀ ଦଣ୍ଡସେନା, ସେଫାଳୀ ବାରିକ, ଜ୍ୟୋତିର୍ମୟୀ ପଧାନ, ଶ୍ରୀମାମୟୀ ଦାସ, ଭାରତୀ ରାଉତ, ଅନା ପଧାନ, ସନ୍ତୋଷିନୀ ସୁନା, ମଉନାବତୀ ବିଶ୍ୱାଳ, ରୀତା ଭୋଇ, ନନ୍ଦିନୀ ବାଗ ପ୍ରମୁଖ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ଟଙ୍କା ଦେଇ ଭିଆଇପି

**ହେମନ୍ତ ନାୟକ**
**ପୁରୀ ଅଫିସ,୧।୩**

### ଶ୍ରୀମନ୍ଦିରରେ ସହଜ ଦର୍ଶନର ନୂଆ ଉପାୟ

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରତ୍ୟହ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଛନ୍ତି। ଏମାନଙ୍କ ମଧ୍ୟରେ ଅନେକ ଭିଆଇପି ଏବଂ ଭିଭିଆଇପି ବି ରହୁଛନ୍ତି। ସେମାନଙ୍କୁ ସହଜରେ ଦର୍ଶନ ସୁବିଧା ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। କୌଣସି ଭିଆଇପି ଆସିଲେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ପୋଲିସ କର୍ମଚାରୀ ସେମାନଙ୍କୁ ନେଇ ମନ୍ଦିର ଭିତରେ ଦର୍ଶନ କରାଇଥାନ୍ତି। ଏଭଳି ବ୍ୟବସ୍ଥା କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ଥିବାବେଳେ ଏବେ ଶ୍ରୀମନ୍ଦିରରେ ଏହାର ଫାଇଦା ନେଉଛନ୍ତି କେତେଜଣ ସୁରକ୍ଷା କର୍ମୀ। ବ୍ୟକ୍ତିଗତ ଫାଇଦା ପାଇଁ ସାଧାରଣ ଦର୍ଶନାର୍ଥୀଙ୍କୁ ବି ସଜାଇ ଦେଉଛନ୍ତି ଭିଆଇପି। ସେମାନଙ୍କୁ ସାଙ୍ଗରେ ନେଇ ଭିତରେ ଦର୍ଶନ କରାଇ ହାତଚିକ୍କଣ କରୁଥିବା ଅଭିଯୋଗ ହେଉଛି। ଏପରି କି ଛୁଟି ଏବଂ ସ୍ୱତନ୍ତ୍ର ପର୍ବପର୍ବାଣି ଦିନରେ ଏହି ତଥାକଥିତ ଭିଆଇପିଙ୍କ ପାଇଁ ମନ୍ଦିରର ଭିତର କାଠ ନିକଟରେ ଗହଳି ହେଉଛି। ଫଳରେ ସାଧାରଣ ଭକ୍ତ ଭଲ ଭାବେ ଦର୍ଶନ କରିପାରୁ ନାହାନ୍ତି।

ଶ୍ରୀମନ୍ଦିରକୁ ସାଧାରଣ ଦିନରେ ପ୍ରାୟ ୫୦ରୁ ୬୦ ହଜାର ଭକ୍ତ ଆସୁଛନ୍ତି। ପର୍ବପର୍ବାଣିଗୁଡ଼ିକରେ ଏହା ଲକ୍ଷେ ଟପିଯାଉଛି। ତେଣୁ ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରି ଫେରିବେ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ଦିର ଭିତରେ ଗହଳି କମାଇବା ପାଇଁ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଦର୍ଶନ ପରେ ଯେଉଁମାନେ ଅଧିକ ସମୟ ଠିଆ ହେଉଛନ୍ତି ସେମାନଙ୍କୁ ଖାଲି କରୁଛନ୍ତି। କିନ୍ତୁ ଏମିତି କେତେଜଣ ସୁରକ୍ଷା କର୍ମୀ ଅଛନ୍ତି, ଯେଉଁମାନେ ଭିଆଇପି ଭକ୍ତ କହି ଭଲ ଦି ପଇସା ପାଇବା ସହ ଦର୍ଶନରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏହି ସୁରକ୍ଷା କର୍ମୀମାନଙ୍କୁ ପୂର୍ବରୁ ଫୋନରେ ଯୋଗାଯୋଗ କରୁଛନ୍ତି କେତେଜଣ ଭକ୍ତ ଓ ମଧ୍ୟସ୍ଥ। ଏପରି କି ସିଂହଦ୍ୱାର ବାହାରୁ ମଧ ସହଜ ଦର୍ଶନ କରିବାକୁ ଚାହୁଁଥିବା ଭକ୍ତଙ୍କ ସହିତ କଥା ହୋଇ ସେମାନଙ୍କୁ ସାଙ୍ଗରେ ଧରି ଆସୁଛନ୍ତି। ସୁରକ୍ଷା କର୍ମୀଙ୍କ ସାଙ୍ଗରେ ଯାଉଥିବାରୁ କେହି ଭିଆଇପି ହୋଇଥିବେ ବୋଲି ସେବାୟତ, କର୍ମଚାରୀ ବି ଭାବୁଛନ୍ତି। ତେଣୁ ସମ୍ପୃକ୍ତ ଶ୍ରଦ୍ଧାଳୁମାନେ ସହଜରେ ଭିତର କାଠକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ବାହାରିବା ପରେ ପୂର୍ବ ମୂଲଚାଲ ମୁତାବକ ହାତଗୁଞ୍ଜା ଦେଇ ଫେରିଯାଉଛନ୍ତି। ଏପରି ହାତଗୁଞ୍ଜା ଦେଇ ସହଜରେ ଦର୍ଶନ ସୁବିଧା ପାଉଥିବା ଭକ୍ତ ସମ୍ପୃକ୍ତ ସୁରକ୍ଷା କର୍ମୀଙ୍କ ଯୋଗାଯୋଗ ନମ୍ବର ନେଉଛନ୍ତି। ଏଭଳି କାର୍ଯ୍ୟ ଦ୍ୱାରା କେତେଜଣ ମାଲାମାଲ ହେଉଥିବାବେଳେ ସମ୍ପୂର୍ଣ୍ଣ ଦର୍ଶନ ବ୍ୟବସ୍ଥା ବିଶୃଙ୍ଖଳିତ ହୋଇପଡୁଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୌଶିକ ନାୟକଙ୍କୁ ପଚାରିବାରେ କିଏ ଏମିତି କରୁଛନ୍ତି ସେ ନେଇ ଆମ ପାଖରେ କୌଣସି ଅଭିଯୋଗ ନାହିଁ। ଯଦି ବି କେହି ଏମିତି କରୁଥିବେ ତେବେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନାୟକ କହିଛନ୍ତି।

# ରାସ୍ତାଘାଟ ପାଲଟିଛି ପାଇଖାନା

**ବିନିକା, ୧।୩ (ଡି.ଏନ୍.ଏ.)**

### ସ୍ୱଚ୍ଛ ଭାରତ ମିଶନ ବାଟ୍‌ବଣା

- ୧୭ ହଜାର ପରିବାରକେ ପାଇଖାନା ଦିଆଯାଇଛେ
- ଅଂଚଲରେ ୧ ଲାଖ୍ ୫ ହଜାର ଲୋକ୍ ବାସ କରୁଛନ୍
- ସଁଧେରେ ଗାଁ କଲ୍ୟାଣ ସମିତିମାନକର କାମ୍‌କାଯ୍

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ଅନେକ ଗାଁଗଁଡ଼ାର ରାସ୍ତାଘାଟର ପରିମଲ ବେବସ୍ତା ସଚେତନତା ଅଭାବୁ ଦିନୁଦିନ୍‌କେ ବିଗ୍‌ଡ଼ି ଯାଉଛେ। ଅନେକ ଗାଁଗଁଡ଼ାର ଲୋକ୍ ରାସ୍ତା ତରେ ଖୁଲାରେ ଝାଡ଼ାଝପଟ କରୁଛନ୍। ଏନ୍‌ତାଥି ଇ ରାସ୍ତାମାନକେ ଯାଆସ କରୁଥିବାର ଲୋକ୍‌ମାନେ ନାନା ପରକାର ହଇରାନ ହରକତ୍ ହେଉଥିବାର ଅଭିଯୋଗ ହେଉଛେ।

ସୂଚନା ହିସାବେ ଅରିଗାଁ-ରାମପୁର କେନାଲ ରାସ୍ତା, ବାଉଁଶୁଣୀ-ନାଗପାଲି କେନାଲ ରାସ୍ତା, କଉଡ଼ିଆମୁଣ୍ଡା-ତେଲିପାଲି କେନାଲ ରାସ୍ତା, ସିଂଘିଯୁବା-ଦେଣ୍ଟୁପଦର ପ୍ରଧାନମନ୍ତ୍ରୀ ରାସ୍ତା, କଏଁତରା-କଣ୍ଟାପାଲି ରାସ୍ତା, ସିଲାଟି-ମେଘଲା ରାସ୍ତା, କଣ୍ଟାପାଲି-ଘଣ୍ଟପାଲି ପ୍ରଧାନମନ୍ତ୍ରୀ ରାସ୍ତାରେ ଆସର ପାସର ଲୋକ୍‌ମାନେ ସଚେତନତା ଅଭାବୁ ଫିଦିନ୍ ଝାଡ଼ାଝପଟ୍ କରୁଛନ୍। ଏନ୍‌ତାଥି ପରିବେଶ ପରଦୁଷିତ ହେବାର ସଂଗେ ଆସର ପାସର ଗାଁମାନକେ ନାନା ରୋଗ୍ ବହପିବାର ଆଶଁକା ରହୁଛେ। ସେନ୍‌ତା ଇ ରାସ୍ତାମାନକେ ଲୋକ୍‌ମାନେ ଗଲାଆଏଲା ବେଲେ ଦୁରଗଁଧ୍ ଲାଗି ନାକ୍‌କାନ୍ ଛାପି କରି ଯିବାର ଆଏବାର କରୁଛନ୍। ବିନିକା ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗ ତରଫୁ ମିଳିଥିବାର ସୂଚନା ହିସାବେ ୨୦୧୮-୧୯ ତକ୍ ବିନିକା ବ୍ଲକ ଅଂଚଲରେ ୨୦ ହଜାର ପରିବାରର ପାଖାପାଖି ୧ ଲାଖ୍ ୫ ହଜାର ଲୋକ୍ ବାସ କରୁଛନ୍। ସେନ୍‌ତା ୨୦୧୮-୧୯ ବଛର ତକ୍ ବିଭାଗ ତରଫୁ ବ୍ଲକ ଅଂଚଲରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୧୭ ହଜାର ପରିବାରକେ ପାଇଖାନା ଯୁଗେଇ ଦିଆଯାଇଛେ। ଏହେଦେ ଅଂଚଲରେ ୮୫ ଭାଗ ପରିବାର ପାସେ ପାଇଖାନା ରହିଛେ। ହେଲେ ଆଏଜ୍ ବି ଅନେକ ପରିବାର ସଚେତନତା ଅଭାବୁ ପାଇଖାନା ବେଭାର କରବାର ଜାଗାରେ ଖୁଲାରେ ରାସ୍ତାଘାଟ ତରେ ଝାଡ଼ାଝପଟ ଯାଉଛନ୍। ଯେନ୍‌ତା କି ବିନିକା ଅଂଚଲରେ ସ୍ୱଚ୍ଛ ଭାରତ ମିଶନ ପୁରାପୁରି ଫେଲ ମାରିଛେ ବଲି ବୁଦ୍ଧିଜୀବୀ ମହଲରେ ଚରଚା ହେଉଛେ। ଇଆଡ଼େ ପରିବେଶକେ ସାଫ୍‌ସୁତର ରଖିବାର ଲାଗି ଲୁକ୍‌କୁ ସରକାରକଁର ତରଫୁ ସଚେତନ କରାଯାଉଛେ। ଇଥିରଲାଗି ଗାଁମାନକେ ଗାଁ କଲ୍ୟାଣ ସମିତି ରହିଛେ। ସରକାର ଲୁକ୍‌କୁ ସଚେତନ କରବାର ଲାଗି କମିଟିମାନକେ ଫିବଛର ଅନୁଦାନ ଯୁଗେଇ ଦେଉଛନ୍। ହେଲେ ଅଂଚଲରେ ପରିମଲ ବେବସ୍ତା ସୁଧିରବାର ଜାଗାରେ ଦିନୁଦିନ୍‌କେ ବେଶି ବିଗିଡ଼ିଗଲ ଯାଉଛେ। ଗାଁ କଲ୍ୟାଣ ସମିତିମାନକର କାମ୍‌କାଯ୍‌କେ ନେଇ ବି ବୁଦ୍ଧିଜୀବୀ ମହଲ ସଁଧେ କରିଛନ୍। ଇ ଦିଗେ ବିଭାଗୀୟ ଉଚ କତୁରପକ୍ଷ, ବିନିକା ବିଡିଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଅଂଚଲର ବୁଦ୍ଧିଜୀବୀମାନେ ଦାବି କରିଛନ୍।

# ଶ୍ରମିକ ସାଜିଲେ ଚନ୍ଦାହାଣ୍ଡି ବିଡିଓ

**ଚନ୍ଦାହାଣ୍ଡି,୧।୩(ଡି.ଏନ.ଏ)**

ଶ୍ରମିକ ସାଜିଲେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିଜେ ବାଲି, ସିମେଣ୍ଟ ବୋହି ଶ୍ରମିକଙ୍କ ସହ କାମ କରୁଥିବାର ଶନିବାର ଦେଖିବାକୁ ମିଳିଥିଲା। ଏହା ଦେଖି ଶ୍ରମିକମାନେ ମଧ ଉତ୍ସାହିତ ହୋଇ କାମ କରିଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଚନ୍ଦାହାଣ୍ଡି ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଧିମେଇ ଯାଇଛି। ସେଥିପାଇଁ ବିଡିଓ ଧର୍ମରାଜ



ଶ୍ରମିକଙ୍କ ସହ ମିଶି ବିଡିଓ କାମ କରୁଛନ୍ତି।

ବିଭିନ୍ନ ପଞ୍ଚାୟତ ଶନିବାର ପରିଦର୍ଶନରେ ଯାଇଥିଲେ। ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତର ପୂଜାରିଗୁଡାଠାରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଥିବାର ଦେଖିଥିଲେ। ସେଠାରେ ପହଞ୍ଚି ରାସ୍ତା କାମ ଯାଞ୍ଚ କରିଥିଲେ। ଏଥିସହ ଶ୍ରମିକମାନଙ୍କ ସହ ମିଶି ବାଲି, ସିମେଣ୍ଟ , କଂକ୍ରିଟ ବୋହି କାମ କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତ ଗ୍ରାମବାସୀ ଆଗେଇ ଆସି ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ ଜମାଦରାପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଘର ନିର୍ମାଣ ଦେଖିଥିଲେ। ଜଣେ ହିତାଧିକାରୀଙ୍କ ଆବାସ ଗୃହ ନିର୍ମାଣ ବେଳେ ଶ୍ରମିକଙ୍କ ସହ ମିଶି ବିଡିଓ କାମ କରିଥିଲେ। ହିତାଧିକାରୀଙ୍କୁ ଘର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ବିଡିଓଙ୍କ ସହ ମିଶି ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଛମନ ନିଆଲ, ଯୋଗାଣ ସହାୟକ ପୂର୍ଣ୍ଣ ସୁନା ପ୍ରମୁଖ କାମ କରୁଥିବା ମଧ ଦେଖିବାକୁ ମିଳିଥିଲା।

# ସ୍ୱଚ୍ଛତା ଶ୍ରମଦାନ, ପାଣି ସଂଗ୍ରହ

**କୋମନା,୧।୩ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ମାନିଗୁଡା ଗାଁରେ ନେହେରୁ ଯୁବକେନ୍ଦ୍ର କୋମନା ପକ୍ଷରୁ ସମାଜ ଦର୍ପଣ ଯୁବକ ସଂଘ ମାନିଗୁଡା ଆନୁକୁଲ୍ୟରେ ସ୍ୱଚ୍ଛତା ଶ୍ରମଦାନ ଓ ପାଣି ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗାଁରେ ଥିବା ନଳକୂପର ପାଣିକୁ ଖରା ଦିନରେ ଗଛିତ ରଖି ଗାଇଗୋରୁଙ୍କ ପିଇବା ଉଦ୍ଦେଶ୍ୟରେ ନଳକୂପ ଥିବା ସ୍ଥାନରେ ଗାତ ଖନନ କରାଯାଇଥିଲା। ଏହା ସହିତ ଖରାଦିନରେ ଲୋକମାନଙ୍କ ପିଇବା ନିମନ୍ତେ ପାଣି ଓ ଗାଧୋଇବାର ପ୍ରବଳ ଅସୁବିଧା ଦେଖାଦେଉଥିବାରୁ ସ୍ଥାନୀୟ ପୋଖରୀରେ ପଡି ରହିଥିବା ଆବର୍ଜନା ସଫା କରାଯାଇଥିଲା। ଫଳରେ ଲୋକେ ଠିକ ଭାବେ ଗାଧୋଇ ପାରିବେ। ଏହାପରେ ଆର୍ଥିକ ଅଭାବରେ ରହିଥିବା ଚାଷୀମାନଙ୍କ ବିଭିନ୍ନ ଫସଲକୁ କୋଡା ଦେବାରେ ଯୁବକ ସଂଘ ସହଯୋଗ କରିଥିଲା। ଏଥିରେ ନେହେରୁ ଯୁବକେନ୍ଦ୍ର ଟିକେଶ୍ୱର ହଂସ, ସଂଯୁକ୍ତା ଶବର ସହଯୋଗ କରିଥିବା ବେଳେ ସମାଜ ଦର୍ପଣ ଯୁବକ ସଂଘ ସଭାପତି ସଦସ୍ୟ କଉଶିକ ବାଗ, କୋଷାଧ୍ୟକ୍ଷ ସନ୍ୟାସି ମିର୍ଦ୍ଧା, ଘନଶ୍ୟାମ ବେମାଲ, ନିତେଶ ବାଗ, ବସୁଦେବ ବେମାଲ, ନିର୍ମଳ ବାଗ, ଭୋଲେନାଥ ମାଝି, ରାଜକୁମାର ମିର୍ଦ୍ଧା, ସୋମନାଥ ବେମାଲ, ନେତ୍ର ମାଝି, ରମାକାନ୍ତ ନିଆଁଲ, ଲିଙ୍ଗରାଜ ସୁନାନୀ, କୋଶଲେଶ୍ୱର ମାଝି, କାର୍ତ୍ତିକ ସୁନାନୀ, ଜିତାମିତ୍ର ବେମାଲ, ଲିଲେଶ ବାଗ, ମିଲନ ସୁନାନୀ, ପିଣ୍ଟୁ ବାଗ ପ୍ରମୁଖ ସାମିଲ ଥିଲେ।

# କିଡ଼ନୀ ରୋଗାକ୍ରାନ୍ତ ସୁଦାମଙ୍କ ଚିକିତ୍ସା ଲାଗି ଅର୍ଥନାହିଁ

**ଟିକ୍ରାପଡା, ୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାନ୍ଧୁପଲା ପଞ୍ଚାୟତ ଅଧିନ ସନ୍ଧିବାହାଲି ଗ୍ରାମର ସୁଦାମ ମାଝି (୨୦) । ପାଞ୍ଚ ବର୍ଷ ହେବ କିଡ଼ନୀ ରୋଗରେ ଆକ୍ରାନ୍ତ । ଟିଟିଲାଗଡ, ବଲାଙ୍ଗୀର, ବୁର୍ଲା ସରକାରୀ ଡାକ୍ତରଖାନା ଓ ବ୍ରହ୍ମପୁର, ଚେନ୍ନାଇ, ବିଶାଖାପାଟଣାର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଏଯାବତ୍ ତିନିଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି । ଗରିବ, ଆଦିବାସୀ ସମ୍ପ୍ରଦାୟର ଦନାର ମାଝିଙ୍କ ଦୁଇ ପୁଅଙ୍କ ମଧ୍ୟରେ ସୁଦାମ ବଡ। ୨୦୧୫ରେ ମାଟ୍ରିକ ପରୀକ୍ଷା ପାସ୍ କଲା ପରେ କିଡ଼ନି ରୋଗରେ ସେ ରୋଗାକ୍ରାନ୍ତ ହୋଇଥିବା ଜଣା ପଡିଥିଲା। ଯୁକ୍ତଦୁଇରେ ନାମ ଲେଖାଇବା ସହ ପୁଅ ରୋଜଗାରକ୍ଷମ ହୋଇ ପରିବାରକୁ ସାହାଯ୍ୟ କରିବ ବୋଲି ମା'ବାପାଙ୍କର ଆଶାରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ସମ୍ପର୍କୀୟଙ୍କଠାରୁ ଧାରକରଜ କରି ସେ ସୁଦାମଙ୍କୁ ଗୋଟିଏ ଡାକ୍ତରଖାନାରୁ ଅନ୍ୟାନ୍ୟ ଡାକ୍ତରଖାନାକୁ



ମୁରିବାହାଲ ବ୍ଲକ ସନ୍ଧିବାହାଲି ଗ୍ରାମର କିଡ଼ନୀ ରୋଗାକ୍ରାନ୍ତ ସୁଦାମ ।

ଚିକିତ୍ସା ପାଇଁ ନେଇ ଚାଲିଲେ। ହେଲେ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସିଲା ନାହିଁ। ସୁନା ଗହଣା, ଜମି ବନ୍ଧା ପକାଇ ସୁଦାମଙ୍କ ଚିକିତ୍ସା କଲେ। ଏଯାବତ୍ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି, ଆରୋଗ୍ୟ ହେବାର ସମ୍ଭାବନା ଦେଖା ଯାଉନି। ଏପଟେ ଉଧାର ଟଙ୍କା କିଭଳି ଶୁଝିବେ ଓ ଚାରି ପ୍ରାଣୀଙ୍କ ମୁହଁରେ ଦାନା ଦେବେ ସେହି ଚନ୍ତାରେ ଏବେ ସୁଦାମଙ୍କ ବାପା ଦିନ ରାତି ଘାରି ହେଉଛନ୍ତି। ସାନ ପୁଅ ସୁବଳ ନବମ ଯାଏ ପଢିବା ପରେ ଘରର ଅବସ୍ଥା ଦେଖି ପାଠ ପଢାରେ ଡୋରି ବାନ୍ଧିଲେ। ଏବେ ସେ ମୂଲ ମଜୁରି କରୁଛନ୍ତି। ବିପିଏଲ କାର୍ଡରେ ମିଳୁଥିବା ୨୦କିଗ୍ରା ଚାଉଳ ହିଁ ଘରର ସାହା ଭରସା ପାଲଟିଛି। ଏପରିକି ବାହା ହୋଇ ସାରିଥିବା ଝିଅର ସୁନା ଗହଣାକୁ ମଧ ବନ୍ଧା ପକାଇ ଦେଇଛୁ ବୋଲି କୋହଭରା କଣ୍ଠରେ କହିଛନ୍ତି ସୁଦାମଙ୍କ ମା' ବିଶାଖା। ଘରେ ଖାଇବାକୁ ଦାନା ନାହିଁ, ସେଥିରେ ପୁଣି ପୁଅର ଚିକିତ୍ସା ପାଇଁ ଅର୍ଥ ଯୋଗାଡ କିଭଳି କରିବୁ। ଗତ ୧୭ତାରିଖରେ ବିଶାଖାପାଟଣାସ୍ଥିତ ସେଭେନହିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲୁ। ଟଙ୍କା ପଇସା ଅଭାବରୁ ଅଧିକ ଦିନ ଚିକିତ୍ସା କରାଇ ନ ପାରି ସାତଦିନ ପରେ ଫେରି ଆସିବାକୁ ବାଧ ହେଲୁ ବୋଲି ବିଶାଖା କହିଛନ୍ତି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଚିକିତ୍ସା ବ୍ୟବସ୍ଥା କରିବା ସହ ଆର୍ଥିକ ସହଯୋଗ କରିବାକୁ ସେ ଆକୁଳ ନିବେଦନ କରିଛନ୍ତି।

# ଅବିନାଶଙ୍କୁ ଜିତାଇଲା 'ଛେନାପୋଡ଼'

**ଭୁବନେଶ୍ୱର,୧।୩(ବ୍ୟୁରୋ)**

### ଫିନାଲେରେ ଓଡ଼ିଶା-ବଙ୍ଗଳା ଟକ୍କର



ଶେଷରେ ପ୍ରତିକ୍ଷାର ଅନ୍ତ ଘଟିଛି। ଦୀର୍ଘ ୩ମାସ ଧରି ଚାଲିବା ପରେ ଶେଷ ହୋଇଛି ଭାରତର ସର୍ବବୃହତ୍ କୁକିଂ ରିୟାଲିଟି ଶୋ' 'ମାଷ୍ଟର୍‌ସେଫ୍ ଇଣ୍ଡିଆ'। ତେବେ ସବୁଠାରୁ ଖୁସିର କଥା ହେଲା ପ୍ରଥମଥର ପାଇଁ ଜଣେ ଓଡ଼ିଆ ଏହି ଗ୍ରାଣ୍ଡ୍ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ଗଞ୍ଜାମ ଜିଲା ଜନ୍ମିତ ଅବିନାଶ ନାୟକ ଓଡ଼ିଶାକୁ ଦେଇଛନ୍ତି ପ୍ରଥମ ମାଷ୍ଟରସେଫ୍ ଟାଇଟଲ୍। ପୂର୍ବରୁ ଏହା ପ୍ରଘଟ ହୋଇସାରିଥିଲେ ମଧ ରବିବାର ଅନୁଷ୍ଠିତ ଗ୍ରାଣ୍ଡ୍ ଫିନାଲେ ପରେ ଅବିନାଶଙ୍କ ହାତକୁ ଆସିଛି ମାଷ୍ଟରସେଫ୍ ଟ୍ରଫି। ସମଗ୍ର ରାଜ୍ୟବାସୀଙ୍କୁ ଗୌରବାନ୍ୱିତ କରିଥିବା ଅବିନାଶ ଏହି ଟ୍ରଫି ସହ ଓଡ଼ିଶା ଏବଂ ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ଏକ ନୂଆ ପ୍ଲାଟଫର୍ମରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଗତ ଡିସେମ୍ବର ୭ରୁ ଆରମ୍ଭ ହୋଇଥିବା 'ମାଷ୍ଟର୍‌ସେଫ୍ ଇଣ୍ଡିଆ'ର ସିଜନ-୬'ର ଗ୍ରାଣ୍ଡ୍ ଫିନାଲେ ରବିବାର ପ୍ରସାରିତ ହୋଇଥିବା ବେଳେ ଏଥିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଓଡ଼ିଶା ଓ ବଙ୍ଗଳାର ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। ଖାଦ୍ୟକୁ ନେଇ ସର୍ବଦା ମୁହାଁମୁହିଁ ହେଉଥିବା ଦୁଇ ପଡ଼ୋଶୀ ରାଜ୍ୟ ମାଷ୍ଟରସେଫ୍ ପ୍ଲାଟଫର୍ମରେ ସାମ୍ନାସାମ୍ନି ହୋଇଥିଲେ। ରସଗୋଲାକୁ ନିଜର କହି ଚର୍ଚ୍ଚାକୁ ଆସିଥିବା ପଶ୍ଚିମବଙ୍ଗ ଓଡ଼ିଶାର 'ଛେନାପୋଡ଼' ଆଗରେ କିନ୍ତୁ ହାର୍ ମାନିଯାଇଥିଲା। ବ୍ରହ୍ମପୁରର ୨୭ବର୍ଷୀୟ ଅବିନାଶଙ୍କ ସହ କଲିକତାର ୩୫ ବର୍ଷୀୟ ଓନ୍ଦ୍ରିଲା ବାଲାଙ୍କ ମଧ୍ୟରେ ହୋଇଥିବା ଏହି କଡ଼ା ଟକ୍କରରେ ଉଭୟ ପ୍ରତିଯୋଗୀଙ୍କୁ ବିଚାରକଙ୍କ ୩ଟି ରାଉଣ୍ଡର ସମ୍ମୁଖିନ ହେବାକୁ ପଡ଼ିଥିଲା। ୪ ଘଣ୍ଟାରେ ଉଭୟ ପ୍ରତିଯୋଗୀ ୧୮ଜଣ ଲୋକଙ୍କ ପାଇଁ ଷ୍ଟାର୍ଟର, ମେନ୍‌କୋର୍ସ ଏବଂ ଡିଜର୍ଟ ପ୍ରସ୍ତୁତ କରିଥିଲେ। ଷ୍ଟାର୍ଟରେ ଅବିନାଶ 'ଚିଙ୍ଗୁଡ଼ି ସମାହାର' ନାମରେ ଏକ ଭିନ୍ନସ୍ୱାଦର ଖାଦ୍ୟ ପ୍ରସ୍ତୁତ କରିଥିବା ବେଳେ ଓନ୍ଦ୍ରିଲା ଏହି ରାଉଣ୍ଡ୍‌ରେ ପଫ୍ ପ୍ୟାଷ୍ଟ୍ରୀ ପ୍ରସ୍ତୁତ କରି ୦.୫ ସ୍କୋର୍‌ରେ ଆଗୁଆ ରହିଥିଲେ। ହେଲେ ମେନ୍‌କୋର୍ସରେ ବାଜି ମାରିଥିଲେ ଅବିନାଶ। ଏହି ରାଉଣ୍ଡରେ ଅବିନାଶ ଓଡ଼ିଶାର ଏକ ହଜିଯାଉଥିବା ପାରମ୍ପରିକ ଖାଦ୍ୟ 'ଅଦା ମାଂସ'କୁ ନୂଆ ରୂପରେ ଉପସ୍ଥାପନ କରିଥିଲେ। ବିଚାରକ ତଥା ସେଫ୍ ବୀନିତ ନିଜ ଆଙ୍ଗଠି ଚାଟି ଏହାକୁ ଖାଇଥିବା ବେଳେ ଏହା ମାଷ୍ଟରସେଫ୍‌ର ସବୁଠାରୁ ଭଲ ଡିସ୍ ବୋଲି କହିଥିଲେ। ଏହି ରାଉଣ୍ଡରେ ଓନ୍ଦ୍ରିଲାଙ୍କୁ ଅବିନାଶ ୨ ପଏଣ୍ଟରେ ପଛରେ ପକାଇଥିଲେ। ତେବେ ଡିଜର୍ଟ ରାଉଣ୍ଡରେ 'ଶୁଦ୍ଧତା' ନାମରେ ଛେନାପୋଡ଼ ଏବଂ ଚାଉଳ ଖିରୀ ତିଆରି କରି ସିକ୍ସର ମାରିଥିଲେ ଅବିନାଶ। ଏକ ସାଧାରଣ ଖାଦ୍ୟକୁ ନୂଆ ରୂପଦେଇ ଅବିନାଶ ଡିଜର୍ଟ କୁଇନ୍‌ଭାବେ ପରିଚିତ ଓନ୍ଦ୍ରିଲାଙ୍କୁ ମାତ୍ ଦେଇଥିଲେ। ସେଫ୍ ବିକାଶଙ୍କଠାରୁ ୧୦ରୁ ୧୦ ଏବଂ ସେଫ୍ ରଣବୀର ଓ ସେଫ୍ ବିନୀତଙ୍କଠାରୁ ୯ ଓ ୯.୫ ସ୍କୋର୍ ପାଇ ମାଷ୍ଟର୍‌ସେଫ୍ ସିଜିନ-୬ର ବିଜେତା ହୋଇଥିଲେ। ଏଥିପାଇଁ ତାଙ୍କୁ ମାଷ୍ଟରସେଫ୍ ତରଫରୁ ୨୫ଲକ୍ଷ ଟଙ୍କାର ଚେକ୍ ମିଳିଥିଲା। ସେହିଭଳି ଟପ୍-୪ରେ ଥିବା ଆଉଜଣେ ଓଡ଼ିଆ ପ୍ରତିଯୋଗୀ ଅନୁଗୋଳ ଜିଲାର ସ୍ମୃତିଶ୍ରୀ ସିଂ ବିଜେତା ହୋଇପାରି ନଥିଲେ ମଧ କାକରା ପିଠା ଓ ପଣସ ତରକାରୀ ଭଳି ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ବିଚାରକଙ୍କ ସହ ସମଗ୍ର ଓଡ଼ିଶାବାସୀଙ୍କ ହୃଦୟ ଜିତିଥିଲେ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି। - ବ୍ୟାସଦେବ



## ସଂକ୍ଷେପରେ

### ଆପତ୍ତି, ଅଭିଯୋଗ ଶୁଣିଲେ ଏମ୍‌ପି, ବିଧାୟକ

**ଲୋଇସିଂହା, ୧।୩(ଡି.ଏନ.ଏ):** ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ରବିବାର ଆଗଲପୁର ବ୍ଲକ ଗସ୍ତ କରିଥିଲେ। ଗସ୍ତକାଳରେ ଉଭୟେ ନଅଗାଁ(କ), ବାବୁଫାସଡ, ଆଗଲପୁର, ବୁଦଲା ଝରଣିପାଲି,ବଡଟିକା ନଅଗାଁ(କ) ଗ୍ରାମକୁ ଯାଇ ଲୋକଙ୍କ ଆପତ୍ତି, ଅଭିଯୋଗ ଶୁଣିଥିଲେ। ଏଥିରେ ବ୍ୟକ୍ତିଗତ ଓ ଲୋକଙ୍କ ସାମୂହିକ ସମସ୍ୟା ଉଲ୍ଲେଖ ଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଏମ୍‌ପି ବ୍ଲକ ପ୍ରତିନିଧି ମନୋଜ ପଟେଲ, ଗୌରାଙ୍ଗ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଭରସୁଜାରେ ବଢୁଛି ନିଶା କାରବାର

**ଲୋଇସିଂହା, ୧।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭରସୁଜା ଅଞ୍ଚଳରେ ଦିନକୁ ଦିନ ବଢି ଚାଲିଛି ନିଶା କାରବାର। ଦେଶୀବିଦେଶୀ ମଦ ସାଙ୍ଗକୁ କଫ ସିରପ ବ୍ୟାପକ ମାତ୍ରାରେ ବିକ୍ରି ହେଉଛି। ଏଥିଯୋଗୁ ଯୁବଗୋଷ୍ଠୀ ନିଶା କବଳରେ ପଡି ପଥଭ୍ରଷ୍ଟ ହେଉଥିବା ଅଭିଯୋଗ ହୋଇଛି। ପ୍ରତ୍ୟହ ଏହାକୁ ନେଇ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେଉଛି। ଏତଦ୍‌ବ୍ୟତୀତ ହାଇସ୍କୁଲ ନାଳ ରାସ୍ତାରେ ଗତ କିଛିଦିନ ହେଲା ଘୁଡଘୁଡୁ ପଟି ଖେଳ ଚାଲିଛି। ଏହିସବୁ କାରବାରକୁ ନେଇ ସ୍ଥାନୀୟ ସଚେତନ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାଟ୍ରୋଲିଂ କରାଯାଉଛି, ନିଶା କାରବାର ରୋକିବା ଦିଗରେ ପୋଲିସ ପଦକ୍ଷେପ ନେଉଛି ବୋଲି କହିଛନ୍ତି ଆଇଆଇସି ଲଳିତା ଲାକ୍ରା।

### ବୁର୍ଡାରେ ପାଗଳ କୁକୁର ଆତଙ୍କ

**ଲୋଇସିଂହା, ୧।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମର ଗତ ଦୁଇଦିନ ହେଲା ପାଗଳ କୁକୁର ଆତଙ୍କ ଦେଖାଦେଇଛି। ପାଗଳ କୁକୁର କାମୁଡାରେ ୩ ଜଣ ଆହତ ହୋଇଛନ୍ତି। ଶନିବାର ଗ୍ରାମର ହରିଜନପଡା ଅଞ୍ଚଳରେ ଜଣେ ବାଳିକା କୁକୁର କାମୁଡାରେ ଆହତ ହୋଇଥିଲେ। ରବିବାର ସକାଳେ ବସ୍ତିର କେତେକ ବ୍ୟକ୍ତି ମଧ ଆହତ ହୋଇଥିବା ଜଣାଯାଇଛି। ପାଗଳ କୁକୁର ଉପଦ୍ରବରେ ଲୋକେ ଭୟଭୀତ ହୋଇ ପଡିଛନ୍ତି। ଗତ କିଛିଦିନ ହେଲା ବାହାର ଅଞ୍ଚଳରୁ ଏକାଧିକ ପାଗଳ କୁକୁର ବୁର୍ଡାକୁ ଆସି ଉପଦ୍ରବ ଚଳାଇଛନ୍ତି।

### ଲକ୍ଷେଘର ଗଣ୍ଡା ସମାଜର ବୈଠକ

**ଖପ୍ରାଖୋଲ, ୧।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାଠାରେ ଲକ୍ଷେଘର ଗଣ୍ଡା ସମାଜର ପଞ୍ଚାୟତସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବନବିହାରୀ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବ୍ଲକ ସଭାପତି ଛିନୁ ଟାକରୀ, ସମ୍ମାନିତ ଅତିଥି ସମ୍ପାଦକ ମୋହନ ସୁନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ନିଜ ଜାତିର ବିକାଶ ପାଇଁ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ।ଧଣ୍ଡାମୁଣ୍ଡା ପଞ୍ଚାୟତ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଲିଙ୍ଗରାଜ ତାଣ୍ଡି, ସମ୍ପାଦକ ରାମେଶ୍ୱର କୁମ୍ଭାରଙ୍କୁ ମନୋନୀତ କରାଯାଇଥିଲା। ତପିନ୍ଦ୍ର ସୁନା, ସୁମନ୍ତ ତାଣ୍ଡି, ରାଜ କୁମ୍ଭାର, ଗଙ୍ଗାଧର ଦୀପଙ୍କ ସମେତ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବସନ୍ତରେ ବିମୋହିତ କଲା ପ୍ରେମ କବିତାର ସ୍ୱର

**ବଲାଙ୍ଗୀର ଅଫିସ, ୧।୩:** ବଲାଙ୍ଗୀର ସହର ଉପକଣ୍ଠ ପଥରଚେପା ସ୍ଥିତ ପଞ୍ଚବଟି ଉଦ୍ୟାନରେ ରଚନା ପକ୍ଷରୁ ରବିବାର ବସନ୍ତ କବିତାୟନ ପ୍ରେମ କବିତା ଆସର ଅନୁଷ୍ଠିତ ହୋଇଛି। ସଂଯୋଜକ ରତ୍ନମୟ ତ୍ରିପାଠୀ ଏବଂ ସସ୍ମିତା ମହାପାତ୍ର କବିତା ଆସରକୁ ପରିଚାଳନା କରିଥିଲେ। ବସନ୍ତ ଆଗମନରେ ପ୍ରେମ କବିତା ନେଇ ଅନୁଷ୍ଠିତ ଏହି କବିତା ଆସରରେ କବି, କବୟିତ୍ରୀମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ଭାଗିରଥି ମିଶ୍ର, ଲିଲି ପଟେଲ, ଆଶିଷ ମିଶ୍ର, ବିଭୁକଲ୍ୟାଣ ଗଡତ୍ୟା, ରାମଭକ୍ତ ଫଂରିକାର, ସସ୍ମିତା ନେପାକ, ବିଜୟଶ୍ରୀ ନାଗ, ନିଲେଶ କୁମାର ଭୋଇ, ଓମ୍ ପ୍ରଣବ ନାଏକ, ଦୁଃଖିଶ୍ୟାମ ତ୍ରିପାଠୀ, ହଳାୟୁଦ୍ଧ ପଣ୍ଡା, ରସରାଜ ଅଚ୍ୟୁତ ପୁରୋହିତ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ପଞ୍ଚବଟି ଉଦ୍ୟାନର ସତ୍ତ୍ୱାଧିକାରୀ ତଥା ସାମାଜିକ କର୍ମୀ ଅରୁଣ କୁମାର ମିଶ୍ର ଧନ୍ୟବାଦ ଜଣାଥିଲେ।

# କୁଲିମଜୁରି କରି କୁଟୁମ୍ ପୁଷୁଛନ୍ ଦୁଇ ପାଠୁଆ ଝି’

**ଲାଠୋର, ୧।୩ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବୁରୋମାଲ ପଁଚେତ୍ ଅଧୀନ ଡଙ୍ଗାମରା ଗାଁର ବନ ଦୀପ। କୁଟୁମବସିଆ ସେ ଅନେକ ବଛର ହେଲା ନିଜର ଶଶୁରବାଡ଼ିରେ ଆଶ୍ରେ ନେଇଛନ୍। ସେ ଝନେ ନିହାତି ଗରିବ୍ ଲୋକ୍ ହେଇଥିଲାବେଳେ ଆଏଜ୍ ବି ଅନେକ ପରକାର ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛନ୍।

ସୂଚନା ଅନ୍‌ସାରେ ଡଙ୍ଗାମରା ଗାଁର ବନ ଦୀପକଁର ପରିବାର କହେଲେ

**ସରକାରୀ ସାହାଯ୍ ଯୁଗେଇ ଦେବାକେ ଦାବି**

ମାଏକିନା ସୁମିତ୍ରା, ଦୁଇ ଝି’ ପୁଷ୍ପାଞ୍ଜଳି, ତିଲୋତ୍ତମା ଆର ଗୁଟେବଲି ପୁଓ ଗୋବିନ୍ଦକୁଁ ନେଇ ସଁସାର। ବନକଁର ଗାଁରେ ୨୫ ଡେସିମିଲ ଜମି ଆର ଗୁଟେ ଛୁଟିଆ ଘର ରହିଛେ। ଇତାର ବାହାରେ



ନିଜର ଦଦ୍‌ରା କୁରିଆ ଆଗେ ପରିବାର ସଂଗେ ବିନ ଦୀପ।

ତାକର ସଁପତି ବଲି କିଛି ନାଇଁ। ଦୁଇ ମାଏଝି ମୁନୁଷ ଦୁଖ୍‌ସୁଖ କରି ପରିବାର ଚଲଉଥିଲେ। ହେଲେ ଗୁଟେବଲି ପୁଓ ଗୋବିନ୍ଦର ଦିହିପା ବାରବାର ଖରାପ ହେଲା। ଏନ୍‌ତାଥି ବନ ଆଏଜ୍‌କେ ୫ ବଛର ତଲେ ଗାଁ ଛାଡ଼ି କୁଟୁମ୍‌ବସିଆ କୁଇବାହାଲ ପଁଚେତ୍ ଅଧୀନ ବାଞ୍ଜିପାଲି ନିଜର ଶଶୁରବାଡ଼ିରେ ଯାଇ ରହୁଛନ୍। ବାଞ୍ଜିପାଲି ଗାଁରେ ଇ ପରିବାରଟା ଭୋଟ ବି ଦେଉଛନ୍। ସରକାରୀ ସାହାଯ୍ ହିସାବେ ଇ ପରିବାର ବୁରୋମାଲ ପଁଚେତ୍‌ରୁ ମାସିକ ୨୫ କେ.ଜି. ଚାଉଲ ପାଉଛନ୍। ଦୁଇମାସେ ଥରେ ବନ ପଁଚେତ୍‌କେ ଯାଇ ଚାଉଲ ଆନୁଛନ୍। ଇଆଡ଼େ ବନର ଶଶୁର ଘର ଲୋକ୍ ବି ନିହାତି ଗରିବ୍। ବନକେ ସେମାନେ ରହିବାର ଲାଗି ମାଏଟ୍ ଖପର ଘର ବଖରେ ଦେଇଛନ୍। ହେଲେ ବନ ଟଁକା ପଏସା ଅଭାବୁ ସେ ଘରଟା ବି ମରାମତି କରି ନାଇଁପାରବାର। ଭଂଗା ଦଦ୍‌ରା ଛାତ୍ ଉପରେ ଗୁଟେ ପଲିଥିନ୍ ଡାପି କୁଟୁମ୍‌ବସିଆ ମୁଡ଼ ଗୁଁଜିଛନ୍। ଘରର ଏନ୍‌ତା ପରିସ୍ଥିତି ଲାଗି ବନର ୩ ଝି’ପୁଓ ମାଟ୍ରିକ ପାସ୍ କରି ପାଠ୍‌ପଢ଼ାରେ ଗଏଁଠ୍ ପକେଇଛନ୍। ଇଆଡ଼େ ବନ ଆର ତାକର ମାଏକିନା ସୁମିତ୍ରା ଆଘର ଲେଖେଁ କୁଲିମଜୁରି କରି ନାଇଁପାରବାର। ଏନ୍‌ତାଥି ଦୁଇ ପାଠୁଆ ଝି’ କୁଲିମଜୁରି କରି କୁଟୁମ୍ ପୁଷୁଛନ୍। ହେଲେ ସେମାନେ ବି ଯାହା କମଉଛନ୍ ସେଟା ପରିବାରର ଦିହିକେ ଅଁଟ୍‌ଲେ ପେଟ୍‌କେ ନାଇଁ। ଏନ୍‌ତା ପରିସ୍ଥିତିରେ ପରଶାସନ ଆମକୁ କୁଇବାହାଲ ପଁଚେତ୍‌ରୁ ଚାଉଲ ଆର ଆବାସ ଯୋଜନାରେ ଘରଖଁଡ଼େ ଦେଲେ ପରିବାରଟା ଦୁଖ୍‌ସୁଖ କରି ଚଲିଯାଏତ୍ତୁଁ ବଲି ବନ କହିଛନ୍। ଇ ଦିଗେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ପରିବାର ଲୋକ୍ ଦାବି କରିଛନ୍।



ହରିଶଙ୍କର ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ ସହ ବରକନ୍ୟା ଚାରାରୋପଣ କରୁଛନ୍ତି।

# ବିବାହ ଭୋଜିରେ ବରକନ୍ୟାଙ୍କୁ ଚାରା ଉପହାର

**ଖପ୍ରାଖୋଲ, ୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ହରିଶଙ୍କର ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ତରଫରୁ ପରିବେଶ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ଯୁବ ରେଡକ୍ରସ ସଦସ୍ୟମାନେ ବିବାହ ବ୍ରତ ସମୟରେ ଲୋକଙ୍କୁ ବୃକ୍ଷ ଉପହାର ଦେଇ ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟୁଛନ୍ତି। ଏହିକ୍ରମରେ ଶନିବାର ଖପ୍ରାଖୋଲ ଗାଁରେ ହେଉଥିବା ଏକ ବିବାହ ଭୋଜିରେ ବରକନ୍ୟାଙ୍କୁ ଚାରା ଉପହାର ଦେଇ ବୃକ୍ଷରୋପଣ ପାଇଁ ସଚେତନ କରିଛନ୍ତି। ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ବଳଭଦ୍ର ଦାଶ ଓ ଯୁବରେଡକ୍ରସ୍‌ର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ନବ ବିବାହିତ ସୁନୀଲ ସାହୁ ଏବଂ ତାଙ୍କ ସ୍ତ୍ରୀ ଭାଗ୍ୟବତୀ

**ଯୁବ ରେଡକ୍ରସର ପରିବେଶ ସୁରକ୍ଷା ଅଭିଯାନ**

ଘରର ବାଡିରେ ଚାରାରୋପଣ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବରପିତା ଭଗବାନ ସାହୁ, ସୁଶାନ୍ତ ଦାଶ, ଭୋଜରାଜ ମଲ୍ଲିକ, ସୁରଜ ସାହୁ, ପ୍ରସନ୍ନ ବାରିକ, ପାର୍ବତୀ ଦଣ୍ଡସେନା, ସେଫାଳୀ ବାରିକ, ଜ୍ୟୋତିର୍ମୟୀ ପଧାନ, ଶ୍ରୀମାମୟୀ ଦାସ, ଭାରତୀ ରାଉତ, ଅନା ପଧାନ, ସନ୍ତୋଷିନୀ ସୁନା, ମଉନାବତୀ ବିଶ୍ୱାଳ, ରୀତା ଭୋଇ, ନନ୍ଦିନୀ ବାଗ ପ୍ରମୁଖ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ରାସ୍‌ତାଘାଟ ପାଲଟିଛେ ପାଇଖାନା

**ବିନିକା, ୧।୩ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ଅନେକ ଗାଁଗଁଡ଼ାର ରାସ୍‌ତାଘାଟରେ ପରିମଲ ବେବସ୍‌ତା ସଚେତନତା ଅଭାବୁ ଦିନୁଦିନ୍‌କେ ବିଗ୍‌ଡ଼ି ଯାଉଛେ। ଅନେକ ଗାଁଗଁଡ଼ାର ଲୋକ୍ ରାସ୍‌ତା ତରେ ଖୁଲାରେ ଝାଡ଼ାଝପଟ କରୁଛନ୍। ଏନ୍‌ତାଥି ଇ ରାସ୍‌ତାମାନକେ ଯାଆସ କରୁଥିବାର ଲୋକ୍‌ମାନେ ନାନା ପରକାର ହଇରାନ ହରକତ୍ ହେଉଥିବାର ଅଭିଯୋଗ ହେଉଛେ। ସୂଚନା ହିସାବେ

**ସ୍ୱଛ ଭାରତ ମିଶନ ବାଟ୍‌ବନା**

- ୧୭ ହଜାର ପରିବାରକେ ପାଇଖାନା ଦିଆଯାଇଛେ
- ଅଂଚଲରେ ୧ ଲାଖ୍ ୫ ହଜାର ଲୋକ୍ ବାସ କରୁଛନ୍
- ସଁଧେରେ ଗାଁ କଲ୍ୟାଣ ସମିତିମାନକର କାମ୍‌କାଯ୍

ଅରିଗାଁ-ରାମପୁର କେନାଲ ରାସ୍‌ତା, ବାଉଁଶୁଣୀ-ନାଗପାଲି କେନାଲ ରାସ୍‌ତା, କଉଡ଼ିଆମୁଣ୍ଡା-ତେଲିପାଲି କେନାଲ ରାସ୍‌ତା, ସିଂଘିଯୁବା-ଦେଣ୍ଟୁପଦର ପ୍ରଧାନମନ୍ତ୍ରୀ ରାସ୍‌ତା, କଏଁତରା-କଣ୍ଟାପାଲି ରାସ୍‌ତା, ସିଲାଟି-ମେଘଲା ରାସ୍‌ତା, କଣ୍ଟାପାଲି-ଘଣ୍ଟପାଲି ପ୍ରଧାନମନ୍ତ୍ରୀ ରାସ୍‌ତାରେ ଆସର ପାସର ଲୋକ୍‌ମାନେ ସଚେତନତା ଅଭାବୁ ଫିଦିନ୍ ଝାଡ଼ାଝପଟ୍ କରୁଛନ୍। ଏନ୍‌ତାଥି ପରିବେଶ ପରଦୁଷିତ ହେବାର ସଂଗେ ଆସର ପାସର ଗାଁମାନକେ ନାନା ରୋଗ୍ ବହପିବାର ଆଶଁକା ରହୁଛେ। ସେନ୍‌ତା ଇ ରାସ୍‌ତାମାନକେ ଲୋକ୍‌ମାନେ ଗଲାଆଏଲା ବେଲେ ଦୁରଗଁଧ୍ ଲାଗି ନାକ୍‌କାନ୍ ଛାପି କରି ଯିବାର ଆଏବାର କରୁଛନ୍। ବିନିକା ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ତରଫୁ ମିଳିଥିବାର ସୂଚନା ହିସାବେ ୨୦୧୮-୧୯ ତକ୍ ବିନିକା ବ୍ଲକ ଅଂଚଲରେ ୨୦ ହଜାର ପରିବାରର ପାଖାପାଖି ୧ ଲାଖ୍ ୫ ହଜାର ଲୋକ୍ ବାସ କରୁଛନ୍। ସେନ୍‌ତା ୨୦୧୮-୧୯ ବଛର ତକ୍ ବିଭାଗ ତରଫୁ ବ୍ଲକ ଅଂଚଲରେ ସ୍ୱଛ ଭାରତ ମିଶନ ଯୋଜନାରେ ୧୭ ହଜାର ପରିବାରକେ ପାଇଖାନା ଯୁଗେଇ ଦିଆଯାଇଛେ। ଏହେଦେ ଅଂଚଲରେ ୮୫ ଭାଗ ପରିବାର ପାସେ ପାଇଖାନା ରହିଛେ। ହେଲେ ଆଏଜ୍ ବି ଅନେକ ପରିବାର ସଚେତନତା ଅଭାବୁ ପାଇଖାନା ବେଭାର କରବାର ଜାଗାରେ ଖୁଲାରେ ରାସ୍‌ତାଘାଟ ତରେ ଝାଡ଼ାଝପଟ ଯାଉଛନ୍। ଯେନ୍‌ତା କି ବିନିକା ଅଂଚଲରେ ସ୍ୱଛ ଭାରତ ମିଶନ ପୂରାପୂରି ଫେଲ ମାରିଛେ ବଲି ବୁଧିଜୀବୀ ମହଲରେ ଚରଚା ହେଉଛେ। ଇଆଡ଼େ ପରିବେଶକେ ସାଫ୍‌ସୁତର ରଖିବାର ଲାଗି ଲୁକ୍‌କୁ ସରକାରକଁର ତରଫୁ ସଚେତନ କରାଯାଉଛେ। ଇଥିରଲାଗି ଗାଁମାନକେ ଗାଁ କଲ୍ୟାଣ ସମିତି ରହିଛେ। ସରକାର ଲୁକ୍‌କୁ ସଚେତନ କରବାର ଲାଗି କମିଟିମାନକେ ଫିବଛର ଅନୁଦାନ ଯୁଗେଇ ଦେଉଛନ୍। ହେଲେ ଅଂଚଲରେ ପରିମଲ ବେବସ୍‌ତା ସୁଧିରବାର ଜାଗାରେ ଦିନୁଦିନ୍‌କେ ବେଶି ବିଗିଡ଼୍‌ତେଲ ଯାଉଛେ। ଗାଁ କଲ୍ୟାଣ ସମିତିମାନକର କାମ୍‌କାଯ୍‌କେ ନେଇ ବି ବୁଧିଜୀବୀ ମହଲ ସଁଧେ କରିଛନ୍। ଇ ଦିଗେ ବିଭାଗୀୟ ଉଚ କତୃରପକ୍ଷ, ବିନିକା ବିଡିଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଅଂଚଲର ବୁଧିଜୀବୀମାନେ ଦାବି କରିଛନ୍।

# ଧାର୍ମିକ ପୀଠସ୍ଥଳୀର ବିକାଶ ପାଇଁ ଆର୍ଥିକ ସହାୟତାକୁ ସ୍ୱାଗତ

**ବଲାଙ୍ଗୀର ଅଫିସ, ୧।୩**

ଧାର୍ମିକ ପୀଠସ୍ଥଳୀଗୁଡିକର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥିକ ସହାୟତା ଘୋଷଣା କରିଥିଲେ। ଏହି କ୍ରମରେ ବଲାଙ୍ଗୀର ସହରରେ ଥିବା ସିଏନ୍‌ଆଇ ଚର୍ଚ୍ଚର ବିକାଶ ପାଇଁ ୧

**ସିଏନ୍‌ଆଇ ଚର୍ଚ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା**

କୋଟି ଟଙ୍କାର ଅନୁଦାନ ଦିଆଯିବ ବୋଲି ଘୋଷଣା କରାଯାଇଛି। ଏଭଳି ଘୋଷଣା ପରେ ବଲାଙ୍ଗୀର ସହର ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପକ୍ଷରୁ ସ୍ୱାଗତ କରାଯାଇ ସିଏନ୍‌ଆଇ ଚର୍ଚ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଯାଇ ତାଙ୍କ ଦୀର୍ଘଜୀବନ କାମନା କରାଯାଇଛି। ପ୍ରାୟ ଗୋଟିଏ ବର୍ଷ ପୂର୍ବରୁ ବଲାଙ୍ଗୀରର ଉପାସନାଳୟ ପୁନଃନିର୍ମାଣ ପାଇଁ ଏକ ନିର୍ମାଣ କମିଟି ଗଠନ କରାଯାଇଥିଲା। ଏହି କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯିବା ସହ ଏହା ଏକ ଐଶ୍ୱରୀୟ କାର୍ଯ୍ୟ ବୋଲି କୁହାଯାଇଛି।

# କିଡ଼ନୀ ରୋଗାକ୍ରାନ୍ତ ସୁଦାମଙ୍କ ଚିକିତ୍ସା ଲାଗି ଅର୍ଥନାହିଁ

**ଟିକ୍ରାପଡା, ୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାନ୍ଧୁପଲା ପଞ୍ଚାୟତ ଅଧିନ ସନ୍ଧିବାହାଲି ଗ୍ରାମର ସୁଦାମ ମାଝି (୨୦)। ପାଞ୍ଚ ବର୍ଷ ହେବ କିଡ଼ନୀ ରୋଗରେ ଆକ୍ରାନ୍ତ। ଟିଟିଲାଗଡ, ବଲାଙ୍ଗୀର, ବୁର୍ଲା ସରକାରୀ ଡାକ୍ତରଖାନା ଓ ବ୍ରହ୍ମପୁର, ଚେନ୍ନାଇ, ବିଶାଖାପାଟଣାର ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଏଯାବତ୍ ତିନିଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ଗରିବ, ଆଦିବାସୀ ସମ୍ପ୍ରଦାୟର ଦନାର ମାଝିଙ୍କ ଦୁଇ ପୁଅଙ୍କ ମଧ୍ୟରେ ସୁଦାମ ବଡ। ୨୦୧୫ରେ ମାଟ୍ରିକ ପରୀକ୍ଷା ପାସ୍ କଲା ପରେ କିଡ୍‌ନି ରୋଗରେ ସେ ରୋଗାକ୍ରାନ୍ତ ହୋଇଥିବା ଜଣା ପଡିଥିଲା। ଯୁକ୍ତଦୁଇରେ ନାମ ଲେଖାଇବା ସହ ପୁଅ ରୋଜଗାରକ୍ଷମ ହୋଇ ପରିବାରକୁ ସାହାଯ୍ୟ କରିବ ବୋଲି ମା’ବାପାଙ୍କର ଆଶାରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ସମ୍ପର୍କୀୟଙ୍କଠାରୁ ଧାରକରଜ କରି ସେ ସୁଦାମଙ୍କୁ ଗୋଟିଏ ଡାକ୍ତରଖାନାରୁ ଅନ୍ୟାନ୍ୟ



ମୁରିବାହାଲ ବ୍ଲକ ସନ୍ଧିବାହାଲି ଗ୍ରାମର କିଡ଼ନୀ ରୋଗାକ୍ରାନ୍ତ ସୁଦାମ।

ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ ଚାଲିଲେ। ହେଲେ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସିଲା ନାହିଁ। ସୁନା ଗହଣା, ଜମି ବନ୍ଧା ପକାଇ ସୁଦାମଙ୍କ ଚିକିତ୍ସା କଲେ। ଏଯାବତ୍ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି, ଆରୋଗ୍ୟ ହେବାର ସମ୍ଭାବନା ଦେଖା ଯାଉନି। ଏପଟେ ଉଧାର ଟଙ୍କା କିଭଳି ଶୁଝିବେ ଓ ଚାରି ପ୍ରାଣୀଙ୍କ ମୁହଁରେ ଦାନା ଦେବେ ସେହି ଚନ୍ତାରେ ଏବେ ସୁଦାମଙ୍କ ବାପା ଦିନ ରାତି ଘାରି ହେଉଛନ୍ତି। ସାନ ପୁଅ ସୁବଳ ନବମ ଯାଏ ପଢିବା ପରେ ଘରର ଅବସ୍ଥା ଦେଖି ପାଠ ପଢାରେ ଡୋରି ବାନ୍ଧିଲେ। ଏବେ ସେ ମୂଲ ମଜୁରି କରୁଛନ୍ତି। ବିପିଏଲ କାର୍ଡରେ ମିଳୁଥିବା ୨୦କିଗ୍ରା ଚାଉଳ ହିଁ ଘରର ସାହା ଭରସା ପାଲଟିଛି। ଏପରିକି ବାହା ହୋଇ ସାରିଥିବା ଝିଅର ସୁନା ଗହଣାକୁ ମଧ ବନ୍ଧା ପକାଇ ଦେଇଛୁ ବୋଲି କୋହଭରା କଣ୍ଠରେ କହିଛନ୍ତି ସୁଦାମଙ୍କ ମା’ ବିଶାଖା। ଘରେ ଖାଇବାକୁ ଦାନା ନାହିଁ, ସେଥିରେ ପୁଣି ପୁଅର ଚିକିତ୍ସା ପାଇଁ ଅର୍ଥ ଯୋଗାଡ କିଭଳି କରିବୁ। ଗତ ୧୭ତାରିଖରେ ବିଶାଖାପାଟଣାସ୍ଥିତ ସେଭେନହିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲୁ। ଟଙ୍କା ପଇସା ଅଭାବରୁ ଅଧିକ ଦିନ ଚିକିତ୍ସା କରାଇ ନ ପାରି ସାତଦିନ ପରେ ଫେରି ଆସିବାକୁ ବାଧ ହେଲୁ ବୋଲି ବିଶାଖା କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଚିକିତ୍ସା ବ୍ୟବସ୍ଥା କରିବା ସହ ଆର୍ଥିକ ସହଯୋଗ କରିବାକୁ ସେ ଆକୁଳ ନିବେଦନ କରିଛନ୍ତି।

# ଡିଗ୍ରୀ କଲେଜରେ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ

**ଦେଓଗାଁ, ୧।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଡିଗ୍ରୀ କଲେଜରେ ରବିବାର ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପରିଚାଳନା ସଭାପତି ବିଜୟ




ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ପୂରାତନ ଛାତ୍ରୀଛାତ୍ର, ଅତିଥି ଓ ଅଧ୍ୟାପକ।

କୁମାର ସାହୁ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବୀରେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କଲେଜର ଇତିହାସ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଉପସ୍ଥିତ କଲେଜର ପୁରାତନ ଛାତ୍ରୀଛାତ୍ରମାନେ କଲେଜ ପ୍ରତି ନିଜର ପ୍ରତିବଦ୍ଧତାର ସହ ଆଗାମୀ ଦିନରେ ଉନ୍ନତି ପଥରେ ନିଜକୁ ସାମିଲ କରିବା ପ୍ରତିଶୃତିବଦ୍ଧ ହୋଇଥିଲେ। ଶେଷରେ ଇତିହାସ ଅଧ୍ୟାପିକା ମଞ୍ଜରୀ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କଲେଜର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ଷ୍ଟ୍ରିଟ ଲାଇଟ ଲଗାଇବାକୁ ଦାବି

**ଲାଠୋର, ୧।୩(ଡି.ଏନ.ଏ.)**

ସରକାରୀ ନିୟମ ଅନୁଯାୟୀ ପଞ୍ଚାୟତ ପକ୍ଷରୁ ପ୍ରତିଗ୍ରାମର ମୁଖ୍ୟ ରାସ୍ତା ଏବଂ ଛକମାନଙ୍କରେ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା କରିବା କଥା। ହେଲେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବାଞ୍ଜିପାଲି ଦଳିତ ପଡାରେ ଷ୍ଟ୍ରିଟଲାଇଟ ଲାଗିନି। ଉକ୍ତ ପଡାରେ ୨୦ପରିବାର ବସବାସ କରୁଛନ୍ତି। ପଡାର ଉଭୟ ପାର୍ଶ୍ୱ ପ୍ରାୟ ୫ ଶହ ମିଟର ମଧରେ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା ନାହିଁ। ଫଳରେ ରାତିରେ ଲୋକ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଠାରେ ଷ୍ଟ୍ରିଟଲାଇଟ ଲଗାଇବା ପାଇଁ ଅନେକଥର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କର୍ଣ୍ଣପାତ କରାଯାଉନାହିଁ। ଉପରୁ ଆଦେଶ ଆସିଲେ ଷ୍ଟ୍ରିଟ ଲାଇଟ ଲଗାଯିବ ବୋଲି ସେମାନେ କହୁଥିବା ପଡାର ସୁରେନ୍ଦ୍ର ତାଣ୍ଡି, ରାଜେନ୍ଦ୍ର ତାଣ୍ଡି, ରାଜକୁମାର ତାଣ୍ଡି, ହେମନ୍ତ କୁମ୍ଭାର, ଟଙ୍କଧର କୁମ୍ଭାରଙ୍କ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ କୁଇବାହାଲ ପଞ୍ଚାୟତ ସରପଞ୍ଚ ଖୀରମତୀ ପୁଟେଲଙ୍କୁ ପଚାରିବାରୁ ଆମେ ଯଥାଶୀଘ୍ର ସେଠାରେ ଷ୍ଟ୍ରିଟ ଲାଇଟ ଲଗାଇବାର ବ୍ୟବସ୍ଥା କରିବୁ ବୋଲି କହିଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବି କଲେ ଅଭିଭାବକ

**ଦେଓଗାଁ, ୧।୩(ଡି.ଏନ.ଏ.):** ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଏକା ସାଙ୍ଗରେ ୨ଜଣ ବରିଷ୍ଠ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ଫଳରେ ୨ଟି ପଦବୀ ଖାଲି ପଡିଲା। ଉକ୍ତ ସ୍ଥାନରେ ତୁରନ୍ତ ଶିକ୍ଷକ ନିଯୁକ୍ତି କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ଶନିବାର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ କୁମାର ଷାଣ୍ଢେ ଓ କ୍ରୀଡା ଶିକ୍ଷକ ମଥାମଣି ପଣ୍ଡା ଅବସର ଗ୍ରହଣ କରିଛନ୍ତି। ଉକ୍ତ ହାଇସ୍କୁଲ ବ୍ଲକର ନୋଡାଲ ହାଇସ୍କୁଲ ହୋଇଥିବାରୁ ଏଠାରେ ସମସ୍ତ ବିଭାଗୀୟ କାର୍ଯ୍ୟକ୍ରମ ହୋଇଥାଏ। ଅବସର ନେଇଥିବା ପ୍ରଧାନଶିକ୍ଷକ ଷାଣ୍ଢେ ନୋଡାଲ ଦାୟିତ୍ୱ ସହ ବ୍ଲକ ବିଜ୍ଞାନ ଆବାହକ ଦାୟିତ୍ୱ ନିର୍ବାହ କରିଆସୁଥିଲେ। ସେହିପରି କ୍ରୀଡା ଶିକ୍ଷକ ପଣ୍ଡା ବ୍ଲକ କ୍ରୀଡା ସଂଯୋଜକ ଦାୟିତ୍ୱ ନିର୍ବାହ କରିଆସୁଥିଲେ। ଏବେ ଉକ୍ତ ପଦବୀ ଖାଲି ପଡିଥିବା ବେଳେ ତୁରନ୍ତ ଶିକ୍ଷକ ନିଯୁକ୍ତି କରା ନ ଗଲେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସୁନିଶ୍ଚିତ ବୋଲି ମତପ୍ରକାଶ ପାଇଛି।

# ନରସିଂହ ବନ୍ଧ, ସ୍ନାନଘାଟରେ ଗଣସଫେଇ

**ବଲାଙ୍ଗୀର ଅଫିସ, ୧।୩**

ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ତଥା ବଲାଙ୍ଗୀର କରଣ ସମାଜ ପକ୍ଷରୁ ରବିବାର ସ୍ଥାନୀୟ ନରସିଂହ ବନ୍ଧର ମୁଖ୍ୟ ସ୍ନାନଘାଟରେ ଗଣସଫେଇ ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପ୍ରତ୍ୟୁଷରୁ କରଣ ସମାଜ ସହ ବିଭିନ୍ନ ସଂଗଠନର ଶତାଧିକ ସଦସ୍ୟ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର ଯୋଗଦାନ କରି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ନରସିଂହ ବନ୍ଧର ପୁନରୁଦ୍ଧାର ନିମନ୍ତେ ସେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କରଣ ସମାଜ ପକ୍ଷରୁ ଜନସାଧାରଣଙ୍କ ସୁବିଧା ନିମନ୍ତେ ଜଳାଶୟର ଏକ ନିର୍ଦ୍ଦିଷ୍ଟ ସ୍ନାନଘାଟର ସମ୍ପୂର୍ଣ୍ଣ ପୁନରୁଦ୍ଧାର ସହିତ ଏହାର ରକ୍ଷଣାବେକ୍ଷଣ ଅନୁମତି ପାଇଁ ପୌର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କର୍ମକର୍ତ୍ତାମାନେ ବିଧାୟକଙ୍କୁ ଅବଗତ କରିଥିଲେ। ବିଧାୟକ ମିଶ୍ର କରଣ ସମାଜର



କରଣ ସମାଜ ଓ ଅନ୍ୟ ସଙ୍ଗଠନ ପକ୍ଷରୁ ନରସିଂହ ବନ୍ଧରେ ଅନୁଷ୍ଠିତ ଗଣସଫେଇ।

ଏଭଳି ଏକ ଜନହିତକର ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ଏହି ଗଣ ସଫେଇ କାର୍ଯ୍ୟକ୍ରମରେ ଆତ୍ମା ଭଗବାନ ସେବା ସମିତି, ସଚେତନ ମହିଳା ମଞ୍ଚ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ, ମାହେଶ୍ୱରୀ ସଙ୍ଗଠନ, ନାଗରିକ କମିଟି, ଓସ୍ମୁ, ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ, ଜିଲା ଟ୍ୟାକ୍ସ ବାର ଆସୋସିଏଶନ, ଜିଲା ଆଇନଜୀବୀ ସଂଘ, ୱିକେୟାର, ପୂର୍ବତନ ସୈନିକ ସଂଘ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଂଘ, ଅବସର ବିନୋଦନ ସାହିତ୍ୟ ସମିତି, ପୂଜ୍ୟପୂଜା ସଙ୍ଗଠନ, ବ୍ରାହ୍ମଣ ମହାସଭା, ରାଧାରାଣୀପଡା ଦୁର୍ଗାପୂଜା କମିଟି, ଯୁବ ଆକ୍ସନ କମିଟି, ଜିଲା ଯାଦବ ସମାଜ, ଗୋପାଳଜୀ କ୍ଲବ, ଭୂମିକା, ରୋଟାରୀ ଇଲାଇଟ, ସାର୍ବଜନୀନ ଦୁର୍ଗା ମନ୍ଦିର କମିଟି, ଜିଲା କ୍ରୀଡା ସଂସଦ, ଜିଲା ସାମ୍ବାଦିକ ସଂଘ, ଡୁମାଲ ସମାଜ, ଜୈନ ଶ୍ୱେତାମ୍ବର ତେରାପନ୍ଥ ସଭା, ସିନ୍ଧି ଯୁବ ସମାଜ, ରୋଟାରୀ କ୍ଲବ, ବିଡିଜିଏ, ଗାନ୍ଧୀ ପାଠାଗାର, ଜେଆଇଟିଏମ୍ ଅନୁଷ୍ଠାନ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। କରଣ ସମାଜ ପକ୍ଷରୁ ସଭାପତି ଅସୀମ ପଟ୍ଟନାୟକ, ଉପସଭାପତି ଗୌରଚନ୍ଦ୍ର ପୃଷ୍ଟେଠ, ଅଶ୍ୱିନୀ ପଟ୍ଟନାୟକ, ମୀନାକ୍ଷୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଜୟରାମ ପଟ୍ଟନାୟକ, ଦିଲୀପ କୁମାର ପୃଷ୍ଟେଠ, ସୁଷମା ଚୌଧୁରୀ, କୋଷାଧ୍ୟକ୍ଷ ମାନସ ରଞ୍ଜନ ବହିଦାର, ଅଖିଳ ଭାରତ କାୟସ୍ଥ ମହାସଭା ସଦସ୍ୟ ବିକ୍ରମାନନ୍ଦ ବହିଦାର, ବରିଷ୍ଠ ଉପଦେଷ୍ଟା ରାଜାରାମ ପଟ୍ଟନାୟକ, ପ୍ରୀତମ ବକ୍ସି, ପ୍ରଶାନ୍ତ ପଟ୍ଟନାୟକ, ନମିତା ବକ୍ସି ଗଣସଫେଇରେ ସାମିଲ ହୋଇଥିଲେ। ପ୍ରାୟ ୧୦୦ ବର୍ଷ ପୁରାତନ ନରସିଂହ ବନ୍ଧ ଉପରେ ସହରର ଶତାଧିକ ଜନସାଧାରଣ ବିଭିନ୍ନ ପୂଜା ପାର୍ବଣ ଓ ମାଙ୍ଗଳିକ କାର୍ଯ୍ୟ ପାଇଁ ଜଳ ସଂଗ୍ରହ କରିଥାନ୍ତି। ମାତ୍ର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏହି ଜଳାଶୟ ସ୍ୱଚ୍ଛତା ଓ ଅସ୍ତିତ୍ୱ ହରାଇବା ସ୍ଥିତିରେ ରହିଛି। ତୁରନ୍ତ ଏହି ବନ୍ଧର ପୁନରୁଦ୍ଧାର କରିବାକୁ ଦାବି ହେଉଛି।

## ସଂକ୍ଷେପରେ



### ପ୍ରାଥମିକ ଶିକ୍ଷକ ସଂଘ ଭବନ, ପାଠାଗାର ଉଦ୍‌ଘାଟିତ

**ଖଡିଆଳ,୧।୩ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳଠାରେ ନବନିର୍ମିତ ପ୍ରାଥମିକ ଶିକ୍ଷକ ସଂଘ ଓ ପାଠାଗାରକୁ ସ୍ଥାନୀୟ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ରବିବାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟିତ ସମାରୋହରେ ନୂଆପଡା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଜିଲା ସମ୍ପାଦକ ସୁରେଶ କୁମାର ସାହୁ, ବ୍ଲକ ସଭାପତି ମକରଧ୍ୱଜ ବାଗ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହସମ୍ପାଦକ ଦେବରାଜ ମହାନ୍ତି, ଉପସଭାପତି ଯଜ୍ଞେଶ ଚନ୍ଦ୍ର ମହାଉଡି, କୋର କମିଟି ସମସ୍ତ ସଭ୍ୟାସଭ୍ୟ ଓ ବ୍ଲକ ସଂଘ କର୍ମକର୍ତ୍ତା ତଥା ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହିଥିଲେ ।

# ବୃଦ୍ଧାବୃଦ୍ଧଙ୍କ ନାଁରେ ଲକ୍ଷାଧିକ ଟଙ୍କା ଭତ୍ତା ହଡ଼ପ

**ନୂଆପଡା ଅଫିସ,୧।୩**

ସରକାର ସାମାଜିକ ସୁରକ୍ଷା ଯୋଜନାରେ ଲୋକଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦେବାନାଁରେ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ତୃଣମୂଳସ୍ତରେ କେତେକ ଲାଭଖୋର ଅଧିକାରୀ ଏବଂ ପଞ୍ଚାୟତିରାଜ ପ୍ରତିନିଧି ମଧୁଚନ୍ଦ୍ରିକା କରି ହଡପ କରି ଚାଲିଛନ୍ତି। ଏଥିପାଇଁ ବୃଦ୍ଧାବୃଦ୍ଧ ବାର ଦୁଆର ହେଉଛନ୍ତି । ଏଭଳି ଘଟଣା ପଦାକୁ ଆସିଛି ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଖୁଦପେଜ ଗ୍ରାମପଞ୍ଚାୟତରେ। ଏହି ପଞ୍ଚାୟତ ଲୋକଙ୍କ ଆର୍ଥିକ ସ୍ଥିତି ସେତେଟା ସ୍ୱଚ୍ଛଳ ନ ଥିବାବେଳେ ସରକାର ଏହାକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନାରେ ଅଗ୍ରାଧିକାର ଦେଉଛନ୍ତି। ଏହିକ୍ରମରେ ଏହି ଗ୍ରାମପଞ୍ଚାୟତ ପ୍ରତି ମାସରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ହିତାଧିକାରୀଙ୍କ ପାଇଁ ଟଙ୍କା ଉଠାଣ ହେଉଛି । ହେଲେ ଏହାକୁ ପରବର୍ତ୍ତି ସମୟରେ କାର୍ଯ୍ୟନିର୍ବାହୀ



ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ହିତାଧିକାରୀମାନେ।

**ଖୁଦପେଜ ଗ୍ରାମପଞ୍ଚାୟତ**

- ହିତାଧିକାରୀ ଜିଲା ପ୍ରଶାସନର ଦ୍ୱାରସ୍ଥ

ଅଧିକାରୀ ଏବଂ ସରପଞ୍ଚ ମିଶି ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏମିତି ପଞ୍ଚାୟତରେ ଶହେରୁ ଊର୍ଦ୍ଧ୍ୱ ହିତାଧିକାରୀ ଦୁଇ ତିନି ମାସର ଭତ୍ତା ଟଙ୍କା ପାଇ ନ ଥିବାରୁ ବହୁ ଦୁଃଖକଷ୍ଟରେ କାଳାତିପାତ କରୁଥିବା ଦେଖାଯାଇଛି । ଏହାକୁ ନେଇ ହିତାଧିକାରୀମାନେ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହେବା ପରେ ଶେଷରେ ଜିଲା କାର୍ଯ୍ୟାଳୟକୁ ଆସି ଉପଜିଲାପାଳଙ୍କୁ ଜଣାଇଛନ୍ତି । ଉପଜିଲାପାଳ ତରଣୀସେନ ନାଏକ ପଞ୍ଚାୟତକର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହ ହିତାଧିକାରୀମାନଙ୍କୁ ଭତ୍ତା ଟଙ୍କା ଦେବା ପାଇଁ ନିଶ୍ଚିତ ପ୍ରତିଶ୍ରୁତି ଦେଇଛନ୍ତି । ଏହା ଉପରେ ପଞ୍ଚାୟତ ସରପଞ୍ଚ ଗିରିଶ ଚନ୍ଦ୍ର ବାରିକଙ୍କୁ ପଚାରିବାରୁ ବ୍ଲକ ପକ୍ଷରୁ କମ ଟଙ୍କା ଦିଆଯାଇଥିବାରୁ ଦିଆଯାଇପାରି ନାହିଁ ବୋଲି କହିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ସବୁ ତକ ଟଙ୍କା ନିଜ ଦାୟିତ୍ୱରେ ଉଠାଣ କରି ନେଇଥିବା ବ୍ଲକ ପକ୍ଷରୁ କୁହାଯାଇଛି। ତେବେ ଆଗକୁ କ'ଣ ହେଉଛି ଦେଖିବାକୁ ବାକି ରହିଲା।

# ବିଜୁ ବାବୁଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ଖଡିଆଳ,୧।୩ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ କୌଶଲ୍ୟା ମଣ୍ଡପଠାରେ ବିଜୁ ବାବୁଙ୍କ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ତଥା ଅନ୍ୟ ଜନସଚେତନ କାର୍ଯ୍ୟକ୍ରମ ପାଇଁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଧର ନିଆଲ ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୁବ ସଭାପତି ରାଜେଶ ନିଗମ, ଉପସଭାପତି ୟାସିନ ମହମ୍ମଦ, ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ସଭାନେତ୍ରୀ ମମତା ମଞ୍ଜରୀ ଥପା, ସମ୍ପାଦକ ସାହିଦ ମହମ୍ମଦ, ନିଖିଳ ମେହେର, ସୁବୀର ସିଂଦେଓ, ବୀରେନ୍ଦ୍ର ଖମାରୀ, ଦୈତାରୀ ମେହେର, ଲୋକନାଥ ଛତ୍ରିଆ, ଗୌତମ ନିଆଲ ପ୍ରମୁଖ ଯୋଗଦାନ କରିଥିଲେ ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି ।



ବୈଠକରେ ସମସ୍ତେ ଆଲୋଚନା କରୁଛନ୍ତି ।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ବୈଠକ

**କୋମନା,୧।୩ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଟିକ୍ରାପଡା ଗ୍ରାମରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ ନିମନ୍ତେ ଲଛମନସିଂ ଦଣ୍ଡସେନାଙ୍କ ସଭାପତିତ୍ୱରେ ଜଗନ୍ନାଥ ହାଇସ୍କୁଲ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାଜଜ୍ଞ ପରିଚାଳନା ନିମନ୍ତେ ସଭାପତି ଭାବେ ବଲ୍ଲଭ ନାୟକ ଓ ଉମାଶଙ୍କର ରଣାଙ୍କୁ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଆସନ୍ତା ୬ରୁ ୯ ତାରିଖ ପର୍ଯ୍ୟନ୍ତ ଏହି ଗାୟତ୍ରୀ ମହାଜଜ୍ଞ ମହାସମାରୋହରେ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି । ଏଥିରେ ବିଶ୍ୱନାଥ ରାଉତ, ଦିଗାମ୍ବର ରଣା, ଅକୃର ନିଆଁଲ, ଜୟରାମ ଶବର (ଏସିଏଫ), ଗୋପବନ୍ଧୁ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲି ଚୋରାଚାଲାଣ: ଜରିମାନା ଆଦାୟ

**ଅତାବିରା, ୧।୩ (ଡି.ଏନ.ଏ)**

ଭେଡେନ ତହସିଲ ଅଧୀନ ୫୪ ନମ୍ବର ରାଜ୍ୟ ରାଜପଥର ଦେଶପର୍ଥଲା ନିକଟରେ ରବିବାର ଅତର୍କିତ ଚଢ଼ାଉ କରି ଦୁଇଟି ବାଲି ବୋଝେଇ ଟ୍ରାକ୍ଟରଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ଦୁଇ ଟ୍ରାକ୍ଟର ଯୋଗେ ମହାନଦୀ ବବକା ବାଲିପଠାରୁ ବାଲି ବୋଝେଇ କରି ଅତାବିରା ବ୍ଲକ ଚକୁଲିକୁ ଚାଲାଣ କରାଯାଉଥିଲା । ଦେଶଭଟିଲି ରାଜସ୍ୱ ନିରୀକ୍ଷକ ରଙ୍ଗମଣି ଲୁହା, ଅଶୋକ ପୋଢ଼ ଏହି ଚଢାଉ କରିଥିଲେ ।

# ଝାଙ୍କରପାଲିକୁ ହରାଇ ମାଣ୍ଡୋସିଲ ଚାମ୍ପିୟନ

**ପାଇକମାଳ, ୧।୩ (ଡି.ଏନ.ଏ)**

**ମାଣ୍ଡୋସିଲ ଡଷ୍ଟ ଡେଭିଲ୍ସ କ୍ରିକେଟ କପ୍**

ପାଇକମାଳ ବ୍ଲକ ମାଣ୍ଡୋସିଲ ବଡ ଖେଳପଡିଆରେ ଚାଲିଥିବା ୧୯ତମ ଡଷ୍ଟ ଡେଭିଲ୍ସ କ୍ରିକେଟ କପ୍ ରବିବାର ଉଦଯାପିତ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ମାଲପଡାକୁ ହରାଇ ମାଣ୍ଡୋସିଲ ଡଷ୍ଟ ଡେଭିଲ୍ସ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ଫଲସାଗୁଡା (ନୂଆପଡା) ଓ ଝାଙ୍କରପାଲି (ପଦ୍ମପୁର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫଲସାଗୁଡାକୁ ହରାଇ ଝାଙ୍କରପାଲି ଫାଇନାଲରେ ପ୍ରବେଶ କରିଥିଲା। ମାଣ୍ଡୋସିଲ ଡଷ୍ଟ ଡେଭିଲ୍ସ ଓ ଝାଙ୍କରପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମାଣ୍ଡୋସିଲ ପ୍ରଥମ ବ୍ୟାଟିଂ ନିର୍ଦ୍ଧାରିତ ୧୦ ଓଭରରେ ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ୧୧୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଝାଙ୍କରପାଲି ଦଳ ସମସ୍ତ ଉଇକେଟ ହରାଇ ୫୧ ରନ ସଂଗ୍ରହ କରିଥିଲା। ଫଳରେ ମାଣ୍ଡୋସିଲ ୫୯ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସରୋଜ କୁମାର ପ୍ରଧାନ ଓ ଆଶୁତୋଷ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ବିଜୁ ବରିହା ଓ ମଣ୍ଟୁ ଷଡଙ୍ଗୀ ସ୍କୋରର ଥିବା ବେଳେ ଲଳିତ ଜଗତ, ପିଣ୍ଟୁ ଡନସନା ଓ ସନ୍ତୋଷ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଏବଂ କୌସ୍ତୁବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ । ଏଥିରେ ମ୍ୟାନ ଅଫ୍ ଦି ମ୍ୟାଚ ମୁନିଚାନ୍ଦ ମାଝୀ, ମ୍ୟାନ ଅଫ୍ ଦି ସିରିଜ ଡିଲୁ ତାଣ୍ଡିଙ୍କୁ ଶବର ପରାଭୋଇ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ନିର୍ମଳ ନାୟକ, ଶ୍ରେଷ୍ଠ ବୋଲର ରାଧାକାନ୍ତ ରଣା, ଶ୍ରେଷ୍ଠ ଫିଲ୍ଡର ଗୋକୁଳ ବିଶ୍ୱାଳ, ସ୍କୋରର ବିଜୁ ବରିହା, କମେଣ୍ଟେଟର ଲଳିତ ଜଗତଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ମହେଶ ଚନ୍ଦ୍ର ନାୟକ, ମନୋରଞ୍ଜନ ମଲ୍ଲିକ, ହେମାନନ୍ଦ ବିଶ୍ୱାଳ, ରମାକାନ୍ତ ରଣା, ଲିଙ୍ଗରାଜ ପୁଟା, ରୋହିତ ଖୁଣ୍ଟିଆ ସହଯୋଗ କରିଥିବା ବେଳେ ଲଳିତ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୋକେ ଭୋଗୁଛନ୍ତି ଜଳକଷ୍ଟ

**ତଳଗାଁ,୧।୩ (ଡି.ଏନ.ଏ)**

**ସୋଲାର ପାଣିପମ୍ପ ଅଚଳ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମାଓବାଦୀ ପ୍ରବଣ ତଳଗାଁ ପଞ୍ଚାୟତର ଗଣ୍ଡାପାଜୁ, ଡାକପଦର ଓ ଆଡେଣୀଗଡ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଗ୍ରାମ କୁଟୁଡା, ଗୋରାସାହି ଓ ଛତରଙ୍ଗ ପଞ୍ଚାୟତର ଗୁଣ୍ଡୁରୁସାହି ଆଦି ଗ୍ରାମରେ ଦୀର୍ଘଦିନ ହେଲା ସୋଲାର ପାଣି ପମ୍ପଗୁଡିକ ଅଚଳ ହୋଇପଡିଛି । ଆଗକୁ ଖରାଦିନ ଆସୁଛି । ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଏହା ଆମର କାମ ନୁହଁ, ଯେଉଁ କମ୍ପାନୀ ଏସବୁ କରିଛି ସେ କମ୍ପାନୀ ଏହାର ମରାମତି କରିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଉତ୍ତର ମିଳୁଛି। ବାଧ୍ୟ ହୋଇ ଏସବୁ ଗ୍ରାମର ଅଧିବାସୀମାନେ ନାଳ, କୁଅ ଓ ଝରଣା ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି । ଖରା ଦିନ ହେଲେ ଏସବୁ ଜଳଉତ୍ସ ଶୁଖିଯିବ । ଫଳରେ ଗାଁଲୋକେ ଚିନ୍ତାରେ ପଡିଛନ୍ତି। ଗଣ୍ଡାପାଜୁ ଗ୍ରାମର ୬୫ ପରିବାର ପାଇଁ ଗୋଟିଏ ନଳକୂପ ଓ ଖୋଲା କୁଅ ଥିବାବେଳେ ଡାକପଦର ଗ୍ରାମ ପାଇଁ ଗୋଟିଏ ଖୋଲା କୁଅ ଓ କୁଟୁଡା ଗ୍ରାମରେ ୨୫ ପରିବାର ପାଇଁ ଏକ ମାତ୍ର ନଳକୂପ ଅଛି । ଏଣୁ ପ୍ରଶାସନ ୧୫ ଦିନ ମଧ୍ୟରେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।



ଗଣ୍ଡାପାଜୁ ଗାଁରେ ଅଚଳ ହୋଇ ପଡିଥିବା ସୋଲାର ପାଣି ପମ୍ପ ।

# ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ

**ବୌଦ୍ଧ,୧।୩ (ସ୍ୱ.ପ୍ର)**

ବୌଦ୍ଧ ବଘିଆପଡାସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ପ୍ରଥମଥର ପାଇଁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୁବ ପାର୍ଲାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ମହେନ୍ଦ୍ର ନାଥ ଦେବତା, ସରକାରୀ ଓକିଲ ଯୋଗେଶ ପ୍ରସାଦ ନାୟକ, ଓଡ଼ିଶା ଚେସ୍ ଆସୋସିଏଶନର କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପାର୍ଲିଆମେଣ୍ଟ ପରିଚାଳନା କୌଶଳ ଦେଖିଥିଲେ। ଛାତ୍ରୀଛାତ୍ରୀ ନିଜକୁ ଜଣେ ଜଣେ ନିର୍ବାଚିତ ସାଂସଦ ଭାବେ ଉପସ୍ଥାପିତ କରିବା ସହ ସଦସ୍ୟମାନଙ୍କ ଶପଥପାଠ ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ସମସ୍ୟା ସଂସଦରେ ଉପସ୍ଥାପନ କରିଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଜୋଲି ଟୋମିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରହିଥିବା ନେତୃତ୍ୱ ନେବା ଦକ୍ଷତାର ପରିପ୍ରକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଶିକ୍ଷକ ସୁଧାଂଶୁ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିକେଟ: ସିଂହନପୁର ଚାମ୍ପିୟନ

**ପାଇକମାଳ, ୧।୩ (ଡି.ଏନ.ଏ)**

ପାଇକମାଳ ବ୍ଲକ ଶାଲେପାଲି ବିନ୍ଧ୍ୟବାସିନୀ ମହାବିଦ୍ୟାଳୟ ଖେଳ ପଡିଆରେ ୬ ଦିନ ଧରି ଚାଲିଥିବା ବୀରବଜରଙ୍ଗ କ୍ରିକେଟ କପ୍‌ର ଫାଇନାଲ ମ୍ୟାଚରେ ଶାଲେପାଲିକୁ ହରାଇ ସିଂହନପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶାଲେପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୮୦ ରନ କରିଥିଲା। ଜବାବରେ ସିଂହନପୁର ଦଳ ୨ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଶୀତକଣ୍ଠ ସାହୁ, ଥବୀର ମେହେର ଖେଳ ପରିଚାଳନା କରିଥିବା ବେଳେ ମିତ୍ରଭାନୁ ପ୍ରଧାନ, ଆକାଶ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ସନ୍ତୋଷ ମେହେର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବେହେରା ବୁଢ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ସିଂହନପୁର ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ଉପବିଜୟୀ ଶାଲେପାଲି ଦଳକୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏଥିରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ।

# ସ୍ୱଚ୍ଛତା ଶ୍ରମଦାନ, ପାଣ୍ଠି ସଂଗ୍ରହ

**କୋମନା,୧।୩ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ମାନିଗୁଡା ଗାଁରେ ନେହେରୁ ଯୁବକେନ୍ଦ୍ର କୋମନା ପକ୍ଷରୁ ସମାଜ ଦର୍ପଣ ଯୁବକ ସଂଘ ମାନିଗୁଡା ଆନୁକୂଲ୍ୟରେ ସ୍ୱଚ୍ଛତା ଶ୍ରମଦାନ ଓ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗାଁରେ ଥିବା ନଳକୂପର ପାଣିକୁ ଖରା ଦିନରେ ଗଛିତ ରଖି ଗାଇଗୋରୁଙ୍କ ପିଇବା ଉଦ୍ଦେଶ୍ୟରେ ନଳକୂପ ଥିବା ସ୍ଥାନରେ ଗାତ ଖନନ କରାଯାଇଥିଲା । ଏହା ସହିତ ଖରାଦିନରେ ଲୋକମାନଙ୍କ ପିଇବା ନିମନ୍ତେ ପାଣି ଓ ଗାଧୋଇବାର ପ୍ରବଳ ଅସୁବିଧା ଦେଖାଦେଉଥିବାରୁ ସ୍ଥାନୀୟ ପୋଖରୀରେ ପଡି ରହିଥିବା ଆବର୍ଜନା ସଫା କରାଯାଇଥିଲା । ଫଳରେ ଲୋକେ ଠିକ ଭାବେ ଗାଧୋଇ ପାରିବେ। ଏହାପରେ ଆର୍ଥିକ ଅଭାବରେ ରହିଥିବା ଚାଷୀମାନଙ୍କ ବିଭିନ୍ନ ଫସଲକୁ କୋଡା ଦେବାରେ ଯୁବକ ସଂଘ ସହଯୋଗ କରିଥିଲା । ଏଥିରେ ନେହେରୁ ଯୁବକେନ୍ଦ୍ର ଟିକେଶ୍ୱର ହଂସ, ସଂଯୁକ୍ତା ଶବର ସହଯୋଗ କରିଥିବା ବେଳେ ସମାଜ ଦର୍ପଣ ଯୁବକ ସଂଘ ସଭାପତି ସଦସ୍ୟ କଉଶିକ ବାଗ, କୋଷାଧ୍ୟକ୍ଷ ସନ୍ୟାସି ମିର୍ଦ୍ଧା, ଘନଶ୍ୟାମ ବେମାଲ, ନିତେଶ ବାଗ, ବସୁଦେବ ବେମାଲ, ନିର୍ମଳ ବାଗ, ଭୋଲେନାଥ ମାଝି, ରାଜକୁମାର ମିର୍ଦ୍ଧା, ସୋମନାଥ ବେମାଲ, ନେତ୍ର ମାଝି, ରମାକାନ୍ତ ନିଆଁଲ, ଲିଙ୍ଗରାଜ ସୁନାନୀ, କୋଶଲେଶ୍ୱର ମାଝି, କାର୍ତ୍ତିକ ସୁନାନୀ, ଜିତାମିତ୍ର ବେମାଲ, ଲିଲେଶ ବାଗ, ମିଲନ ସୁନାନୀ, ପିଣ୍ଟୁ ବାଗ ପ୍ରମୁଖ ସାମିଲ ଥିଲେ।



ଯୁବକ ସଂଘ ସଦସ୍ୟମାନେ ପୋଖରୀ ସଫା କରୁଛନ୍ତି ।

# ଲୋକଙ୍କ ସମସ୍ୟା ବୁଝିଲେ

**ସିନାପାଲି,୧।୩ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଉପାନ୍ତ ତଥା ମାଓବାଦୀପ୍ରବଣ ଘାଟମାଳ ଗ୍ରାମପଞ୍ଚାୟତକୁ ନୂଆପଡା ଜିଲାପାଳ ମଧୁସ୍ମିତା ସାହୁ ଶନିବାର ଗସ୍ତ କରିଛନ୍ତି। ଜିଲାପାଳ ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିବା ସହିତ ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝିଛନ୍ତି । ଏହି ଅଞ୍ଚଳ ସମସ୍ୟା ଅନେକ ଥିବା ବେଳେ ଏହାର ସମାଧାନ ପାଇଁ ଏବେ ଅଞ୍ଚଳବାସୀ ଅପେକ୍ଷା କରି ରହିଛନ୍ତି ।

ଜିଲା ସଦର ମହକୁମାଠାରୁ ୧୨୦ କି.ମି. ଦୂର ବଣପାହାଡ ଘେରା ଏହି ଅଞ୍ଚଳରେ ଅନେକ ସମସ୍ୟା ରହିଛି । ସମ୍ପୂର୍ଣ୍ଣ ଆଦିବାସୀ ବହୁଳ ଅଞ୍ଚଳ ଥିବାବେଳେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ। ଘାଟମାଳ ଗ୍ରାମପଞ୍ଚାୟତ ଅନେକ ଗ୍ରାମକୁ ଆଜି ବି ସବୁ ଦିନିଆ ରାସ୍ତା ନାହିଁ । ଛତିଶଗଡ ସୀମାନ୍ତବର୍ତ୍ତିରେ ଅବସ୍ଥିତ କନ୍ଦେନ ଝରିଆ ଗାଁକୁ ଆଜି ପର୍ଯ୍ୟନ୍ତ ରାସ୍ତା ହୋଇନାହିଁ । ଗ୍ରାମବାସୀ ଅନେକ ଥର ପ୍ରଶାସନରେ ଗୁହାରୀ କରି ବିଫଳ ହୋଇଛନ୍ତି । ଗ୍ରାମକୁ ଅନେକ ରାଜନେତା ପାହାଡ ଚଢ଼ି ରାସ୍ତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି, ହେଲେ ତାହା ପ୍ରତିଶ୍ରୁତିରେ ହିଁ ରହିଯାଇଛି। ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଝରଣା ପାଣି ବ୍ୟବହାର କରୁଛନ୍ତି । ଘାଟମାଳ ଗ୍ରାମପଞ୍ଚାୟତ ସହିତ ନଙ୍ଗଲବୋଡ ଗ୍ରାମପଞ୍ଚାୟତ ସିଧାସଳଖ ସିନାପାଲି ଓ ବୋଡେନ ସହରକୁ ସଂଯୋଗୀକରଣ ପାଇଁ ଉଦନ୍ତି ନଦୀରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ପରେ ମଧ ତାହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଅନେକ ସମୟରେ ଗର୍ଭବତୀ ଓ ରୋଗୀଙ୍କୁ ଖଟିଆରେ ନଦୀ ପାରକରି ଆଣିବା ଅନେକ ନଜିର ରହିଛି। ସେହିପରି ସୁନାବେଡା ଅଭୟାରଣ୍ୟ ଏଜେନ୍ସି ଜରିଆରେ ସରକାର କାର୍ଯ୍ୟ ହାତକୁ ନେଇ ଆଦିବାସୀମାନଙ୍କୁ ୨୦୧୪-୧୫ରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାରୀ ଉଦାସିନତା ଯୋଗୁ ଗୃହ ସମ୍ପୂର୍ଣ୍ଣକରଣ ହୋଇପାରି ନାହିଁ । ଆଦିବାସୀମାନେ ଭଙ୍ଗାଦଦରା ଘରେ ଜୀବନଯାପନ କରୁଛନ୍ତି। ଅଞ୍ଚଳର ଅନେକ ସରକାରୀ ସ୍କୁଲରେ ଆବଶ୍ୟକ ଶିକ୍ଷକ, କୋଠା ସହ ଅନେକ ଆନୁସାଙ୍ଗିକ ଅବ୍ୟବସ୍ଥା ମଧ୍ୟରେ ଗତିକରୁଛି । ଘାଟମାଳ ଗ୍ରାମପଞ୍ଚାୟତ ଲୋକେ ଆଜିବି କାମଧନ୍ଦା ଅଭାବରୁ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି । ଏପରିକି କୌଣସି ଜଳସେଚନ ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ମରୁଡିର ଶୀକାର ହେବା ସହିତ ସମସ୍ୟା ଘେରରେ ରହିଛନ୍ତି । ଲଘୁବନଯାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ଏହି ଅଞ୍ଚଳରେ କୌଣସି ବଜାରର ବ୍ୟବସ୍ଥା ନ ଥିବାରୁ ପଡୋଶୀ ଛତିଶଗଡ ତଥା ଦଲାଲମାନଙ୍କ ହାତରେ କମ୍ ଦର ଦାମରେ ବିକ୍ରି କରି ଶୋଷଣର ଶୀକାର ହେଉଛନ୍ତି । ଏପରି ଅନେକ ସମସ୍ୟା ଲାଗି ରହିଥିବା ବେଳେ ନୂଆପଡା ଜିଲାପାଳଙ୍କ ଗସ୍ତ ଅଞ୍ଚଳବାସୀଙ୍କୁ ଖୁସି ଆଣି ଦେଇଛି। ହେଲେ ଏହି ସମସ୍ୟାର ସମାଧାନ କେବେ ହେବ ତାହା ଅଞ୍ଚଳବାସୀ ଅପେକ୍ଷାରେ ରହିଛନ୍ତି । ଜିଲାପାଳ ବେଶ ସମୟ ଧରି ଆଲୋଚନା କରିଥିବା ବେଳେ ଏହି ସମସ୍ୟାର ସମାଧାନ ହେବ ବୋଲି ଆଶ୍ୱାସନା ଦେଇଛନ୍ତି । ଏହି ଆଶ୍ୱାସନ କେବେ ଫଳପ୍ରଦ ହେବ ତାହା ଅଞ୍ଚଳବାସୀ ଚାହିଁ ବସିଛନ୍ତି । ଏହି ଗସ୍ତରେ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ ଥିବା ବେଳେ ସିନାପାଲି ବିଡିଓ ସଦାଶିବ ନାଏକ, କନିଷ୍ଠଯନ୍ତ୍ରୀ ମିନାକ୍ଷୀ ମିଶ୍ର, ଦୀନବନ୍ଧୁ ଶବର ପ୍ରମୁଖ ସାମିଲ ଥିଲେ ।



ନୂଆପଡ଼ା ଜିଲାପାଳ ଘାଟମାଳ ଗ୍ରାମପଞ୍ଚାୟତ ଗସ୍ତବେଳେ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

- ସମସ୍ୟା ଅନେକ, ସମାଧାନକୁ ଅପେକ୍ଷା ଅଞ୍ଚଳବାସୀ
- ଉପାନ୍ତ ଅଞ୍ଚଳ ଗସ୍ତ କଲେ ଜିଲାପାଳ



ନିର୍ଭିକ ଲୋକ ହିଁ ସୁଯୋଗ ପାଇଲେ
ଶିଖର ଦେଶରେ ପହଞ୍ଚିଯାଏ।
- ସେକ୍ସପିୟର



## ସଂକ୍ଷେପରେ...

### ଗୋମଡକ : ୪ ଦିନରେ ୬ ବାଛୁରୀ ମୃତ

କନ୍ଧମାଳ,୧।୩(ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ସିମିଳିପଦର ଗାଁରେ ଗୋମଡକ ଦେଖା ଦେଇଛି । ଗତ ୪ ଦିନ ଭିତରେ ୬ଟି ବାଛୁରୀଙ୍କ ଅଜଣା ରୋଗରେ ମୃତ୍ୟୁ ଘଟିଛି । ଏହି ବାଛୁରୀଙ୍କ ପେଟ ହଠାତ ଫୁଲି ଯାଇଥିଲା। ଖିଆପିଆ ଛାଡିଦେବା ସହ ବାଛୁରୀଙ୍କ ଦେହରେ ତାପ ଆସିଥିଲା ଓ ପାଟିରୁ ଫେଣ ବାହାରିଥିଲା। ପରେ ଆଖି ନାଲି ଓ ଗୋଡ କଳା ପଡି ଅଚଳ ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସୁଦର୍ଶନ ରଣା କୁହନ୍ତି, ଗାଈ ରଖିବା ଦିନଠାରୁ ଏଭଳି ରୋଗ ଜାଣା ନାଇଁ ଜାନି। ଷ୍ଟକମେନ ଆସି ଓଷୋ ଲେଖିଦେଲେ, ଘିନିକରି ପିଆଲି ହେଲେ କାମ ନାଇଁ ଦେଲା। ଆଖପାଖ ଗାଁରେ ମଧ୍ୟ ଏଭଳି ଅଜଣା ରୋଗରେ ବାଛୁରୀ ମରୁଥିବା ଦେଖାଯାଉଛି। ମୁଖ୍ୟତଃ ଏହି ରୋଗ ଗାଈ, ବଳଦ ଓ ବାଛୁରୀଙ୍କୁ ହେଉଛି। ଅପରପକ୍ଷରେ କନ୍ଧମାଳ ପ୍ରାଣୀଧନ ଅଧିକାରୀ ଡାକ୍ତର ଜନ୍ମେଜୟ ମହାଲିକ କହିଛନ୍ତି, ଏ ନେଇ ଅଭିଯୋଗ ପାଇଛି ଓ ଆମ ବିଭାଗ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରାଯାଉଛି ।

### ବାଲି ଚୋରାଚାଲାଣ: ୨୦ ହଜାର ଟଙ୍କା ଜରିମାନା ଆଦାୟ

ଅତାବିରା, ୧।୩ (ଡି.ଏନ.ଏ)

ଭେଡେନ ତହସିଲ ଅଧୀନ ୫୪ ନମ୍ବର ରାଜ୍ୟ ରାଜପଥର ଦେଶପର୍ଥଲା ନିକଟରେ ରବିବାର ଅତର୍କିତ ଚଢ଼ାଉ କରି ଦୁଇଟି ବାଲି ବୋଝେଇ ଟ୍ରାକ୍ଟରଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ଦୁଇ ଟ୍ରାକ୍ଟର ଯୋଗେ ମହାନଦୀ ବବକା ବାଲିପଠାରୁ ବାଲି ବୋଝେଇ କରି ଅତାବିରା ବ୍ଲକ ଚକୁଲିକୁ ଚାଲାଣ କରାଯାଉଥିଲା । ଦେଶଭଟିଲି ରାଜସ୍ୱ ନିରୀକ୍ଷକ ରଙ୍ଗମଣି ଲୁହା, ଅଶୋକ ପୋଡ଼ ଏହି ଚଢ଼ାଉ କରିଥିଲେ ।

### ଖଜୁରିପଡା କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡା ସମ୍ପନ୍ନ

ଜମ୍ବାପଙ୍କ,୧।୩(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଖଜୁରୀପଡା କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ବୌଦ୍ଧ ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ପୁଷ୍ପାଞ୍ଜଳି ପୃଷ୍ଟି ସଭାପତିତ୍ୱ କରିଥିଲେ । ବୌଦ୍ଧ ବ୍ଲକର ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ୱାମିତ୍ର ସାହୁ ଏବଂ ସରପଞ୍ଚ ରିଙ୍କି ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସାଧନ କର୍ମୀ ଲବକିଶୋର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା ଓ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ବୌଦ୍ଧ ବ୍ଲକର ସହ ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ଦଳବେହେରା ସଭାପତିତ୍ୱ କରିଥିଲେ । ସରପଞ୍ଚ ରିଙ୍କି ଗିରି ମୁଖ୍ୟଅତିଥି, ଅବସରପ୍ରାପ୍ତ ବିଇଓ ଦଶରଥ ମେହେର, ଅବସରପ୍ରାପ୍ତ ଏବିଇଓ ଅଚ୍ୟୁତାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସାଧନ କର୍ମୀ ଲବକିଶୋର ପ୍ରଧାନ ବିବରଣୀ ପଠନ କରିଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ସଭିଏଁ ତତ୍ପର, ସବୁଠି ଭାଳେଣି

ସଂଶୋଧିତ ମୋଟର ଯାନ ଆଇନ ଦେଶରେ ଲାଗୁହେବା ପରେ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ୬ ମାସ ରିହାତି ଦେଇଥିଲେ । ଶନିବାର ସେହି ରିହାତି ଅବଧି ସରିଯାଇଛି ଏବଂ ରବିବାରଠାରୁ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି କରାଯାଇଛି । ଏହି କ୍ରମରେ ଉଭୟ ପରିବହନ ଓ ପୋଲିସ ବିଭାଗ ଏଥିପ୍ରତି ତତ୍ପର ହୋଇପଡ଼ିଛନ୍ତି । ଅନ୍ୟପଟେ ଲୋକଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ଲାଇସେନ୍ସ, ଫିଟ୍‌ନେସ୍, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ (ପିୟୁସି) ସାର୍ଟିଫିକେଟ୍ ନ ଥିବା ଯୋଗୁ କେତେକ ଗାଡ଼ି ଧରି ବାହାରକୁ ବାହାରି ପାରିନାହାନ୍ତି । ଯିଏ ବି ରାସ୍ତାରେ ଯାଇଥିଲେ, ଅନ୍ୟ ଦିନ ଅପେକ୍ଷା ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଲମେଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା । ସେହିପରି କେତେକ ବିନା ହେଲମେଟ୍‌ଧାରୀ ରାସ୍ତାରେ ଗଲାବେଳେ ଯାଞ୍ଚସ୍ଥଳ ପ୍ରତି ସତର୍କ ଦୃଷ୍ଟି ରଖି ଅଧବାଟରେ ଅଟକି ରହୁଥିବା କିମ୍ବା ସେଠାରୁ ଫେରି ଆସୁଥିବା ପରିଲକ୍ଷିତ ହୋଇଥିଲା ।

### ପଗଡ଼ି ବାନ୍ଧିବା ଆମ ପରମ୍ପରା



ଆମେ ଶିଖ୍ ସମ୍ପ୍ରଦାୟର। ପଗଡ଼ି ବାନ୍ଧିବା ଆମ ପରମ୍ପରା ଅଟେ। ତଦନୁଯାୟୀ ଆମେ ମୁଣ୍ଡରେ ପଗଡ଼ି ବାନ୍ଧି ଆସୁଛୁ। ସେଥିରେ ଆମେ ଆମ ପରମ୍ପରାକୁ ବଜାୟ ରଖୁଛୁ। ଆଉ ତାହା ଆମର ସେଫ୍ଟିରେ ମଧ୍ୟ ସାହାଯ୍ୟ କରି ଆସୁଛି। ପଗଡ଼ି ବାନ୍ଧୁଛୁ, ତା ଉପରେ ହେଲମେଟ କିଭଳି ପିନ୍ଧିବୁ। ଯେଉଁମାନେ ପଗଡ଼ି ବାନ୍ଧୁ ନାହାନ୍ତି, ସେମାନେ ହେଲମେଟ ପିନ୍ଧି ପାରିବେ ।

-ଗୁରପ୍ରୀତ ସିଂ, ବରଗଡ଼

### ହେଲମେଟ ରଖୁଛି ଜୀବନ



ସଂଶୋଧିତ ମୋଟର ଯାନ ଆଇନ ଠିକ୍ ଅଟେ । କିନ୍ତୁ ଲାଇସେନ୍ସ ପାଇଁ ଅନେକ ଲୋକ ଦୀର୍ଘଦିନରୁ ଆବେଦନ କରିସାରିଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ତାହା ସେମାନଙ୍କୁ ମିଳିପାରି ନାହିଁ । ଫଳରେ ସେଥିପାଇଁ ଆଉ କିଛି ସମୟ ଦେଲେ ଭଲ ହେବ ବୋଲି ଭାବୁଛି। ସେହିପରି ହେଲମେଟ ଆମର ଜୀବନ ରକ୍ଷା କରୁଛି । ତାହା ପିନ୍ଧିବା ଦରକାର। ମୋ ପାଖରେ ହେଲମେଟ ରହିଛି। ବାଇକ୍‌ରେ ଯିବା ଆସିବା କରିବା ସମୟରେ ସାଧାରଣତଃ ମୁଁ ତାକୁ ବ୍ୟବହାର କରିଥାଏ ।

-ସୁଶୀଲ କୁମାର ସାହୁ, ବରଗଡ଼

**ଯାନବାହନ ଯାଞ୍ଚ କଡ଼ାକଡ଼ି**

### ବାଇକ୍‌ରେ ଯିବାର ଥିଲା, ବସ୍‌ରେ ଯିବି



ଗାଡ଼ି ଚାଳନାବେଳେ ହେଲମେଟ ପିନ୍ଧିବା ଜରୁରୀ। ମୁଁ ସବୁବେଳେ ହେଲମେଟ ଧରିଥାଏ। କିନ୍ତୁ ଏପର୍ଯ୍ୟନ୍ତ ମୋର ଲାଇସେନ୍ସ ହୋଇପାରି ନାହିଁ । ଗତବର୍ଷ ମେ ମାସ ୩ ତାରିଖରୁ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ସ୍ଲଟ୍ ବୁକିଂ କରିସାରିଛି। ହେଲେ ତାହା ଆଉ ଆଗକୁ ବଢ଼ିପାରିନାହିଁ ଏବଂ ସେତିକିରେ ରହି ଯାଇଛି । ସୋମବାର ସମ୍ବଲପୁର ଯିବାର ଅଛି । ବାଇକ୍‌ରେ ଯିବି ବୋଲି ଭାବିଥିଲି। ମାତ୍ର ପାଖରେ ଲର୍ଣ୍ଣିଂ ଲାଇସେନ୍ସ ନ ଥିବାରୁ ବସ୍ ଯୋଗେ ସେଠାକୁ ଯିବି ।

–ଶୋଭନ ରଥ, ବରଗଡ଼

### ଦିନକରେ କଟିଲା ୧୧୩ ଚାଲାଣ



ସଂଶୋଧିତ ମୋଟରଯାନ ଆଇନ ଅନୁସାରେ ଗାଡ଼ି ମୋଟର ଯାଞ୍ଚ ହେଉଛି । ଜିଲାରେ ରବିବାର ଏହି ଆଇନ ଖିଲାପ କରିଥିବାରୁ ନିର୍ଦ୍ଧାରିତ ଜରିମାନା ସହିତ ୧୧୩ଟି ଚାଲାଣ କଟାଯାଇଛି । ଏଥିରେ ମୋ ସହିତ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଏଆରଟିଓ) ସୁଷମା ଦାଶ, ରୋଡ୍ ସେଫ୍ଟି ଅଫିସର ଗୋଲାପ ଚନ୍ଦ୍ର ହାଁସଦା ପ୍ରମୁଖ ଯାଞ୍ଚ କରିଥିଲେ । ଆଗକୁ ମଧ୍ୟ ଏହା ଜାରି ରହିବ।

-କେଶବ ଚନ୍ଦ୍ର ନାୟକ, ଆରଟିଓ, ବରଗଡ଼

(ଉପସ୍ଥାପନା:– ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଏକତା ପ୍ରତିବେଶୀ ମହିଳା ସମିତିର ବାର୍ଷିକୋତ୍ସବ

ବରଗଡ଼ ଅଫିସ୍,୧।୩

ବରଗଡ଼ ସହରର ୱାର୍ଡ଼ ନଂ–୧୨ ହାଟପଦାସ୍ଥିତ କାଳୀ ମଣ୍ଡପ ପ୍ରାଙ୍ଗଣରେ ଶନିବାର ଏକତା ପ୍ରତିବେଶୀ ମହିଳା ସମିତିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ଝରଣା ବାଗ ଓ ସମ୍ପାଦିକା କ୍ଷୀରୋଦ୍ରୀ ଭୋସାଗରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସମାରୋହରେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ମୁଖ୍ୟବକ୍ତା, ଭୁବନେଶ୍ୱରସ୍ଥିତ ପ୍ରୋଟେକ୍ସନ ଅଫ ଚାଇଲ୍ଡ ରାଇଟ୍ ସଂସ୍ଥାର ନିବେଦିତା ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କଲ୍ୟାଣୀ ଦାଶ, ବରଗଡ଼ ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଜାହାରୀ, ରେଜିଷ୍ଟ୍ରାର ଶ୍ରଦ୍ଧାକର କୁମ୍ଭାର, ସୁରେନ୍ଦ୍ର ତାଣ୍ଡି, ମିତ୍ରଭାନୁ ସୁନା, ହାସ୍ୟକବି ଦେବେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ସମିତିର ଉପସଭାନେତ୍ରୀ ସବିତା ଭୋସାଗର, ସହ ସମ୍ପାଦିକା ଚମ୍ପା ଭୋସାଗର, କୋଷାଧ୍ୟକ୍ଷା କ୍ଷୀରେଶ୍ୱରୀ ଦୀପ, ସୁନୀତା ନାଗ, ସବିତା ଦୁରଦସ୍, ମୀରା ଭୋସାଗର, ପୂର୍ଣ୍ଣିମା ଜଗଦଲା, ସୁଜାତା ଭୋସାଗର, ବିନୋଦିନୀ ଦୁରଦସ୍, କୁନୀ ଦୀପ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

ଗାଇସିଲେଟ୍,୧।୩

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଫିରିଙ୍ଗିମାଲ ଗ୍ରାମରେ ସୋମବାରଠାରୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେବ । ଏହି ଅବସରରେ ରବିବାର କଳସ ଯାତ୍ରା ହୋଇଥିଲା। ସ୍ଥାନୀୟ ବହୁ ଶ୍ରଦ୍ଧାଳୁ ଗ୍ରାମର ଏକ ଜଳାଶୟରୁ ପୂର୍ଣ୍ଣକଳସ ସହିତ ଶୋଭାଯାତ୍ରାରେ ଆସି ମଣ୍ଡପରେ ସ୍ଥାପନ କରିଥିଲେ। ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଷ୍ଠା ଉତ୍ସବ ଚାଲିବାର କାର୍ଯ୍ୟକ୍ରମ ରହିଛି ।

## କୃଷି ପାଇଁ ବିଦ୍ୟୁତ୍ ବିଲ୍ ଛାଡ ଦାବି

ପଦ୍ମପୁର, ୧।୩ (ଡି.ଏନ.ଏ)

କୃଷି ପାଇଁ ବିଦ୍ୟୁତ୍ ବିଲ୍ ଛାଡ ଦାବିରେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମୁଖ୍ୟତଃ କୃଷି କାମ ପାଇଁ ବ୍ୟବହୃତ ବିଦ୍ୟୁତ ଉପକରଣ ବର୍ତ୍ତମାନ ଚାଷୀମାନଙ୍କର ମୁଖ୍ୟ ଉପକରଣ ହୋଇଛି । ମଜୁରିଆ ଅଭାବ ଓ ଗୋ–ଚାରଣ ସମସ୍ୟା ପାଇଁ ଚାଷୀ ବୈଦ୍ୟୁତିକ ଯନ୍ତ୍ର, ପାଣି ପାଇଁ ଉଠାଜଳସେଚନର ସାହାରା ନେଉଛନ୍ତି। ତେଣୁ କୃଷକଙ୍କୁ ବିଦ୍ୟୁତ ଦେୟ ବିଶେଷ ଭାବରେ ଦେବାକୁ ହେଉଛି । କୃଷି କ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ଦେୟ ଛାଡ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଜୟ କିଷାନ ଆନ୍ଦୋଳନର ସମ୍ପାଦକ ରମେଶ ମହାପାତ୍ରଙ୍କ ନେତୃତ୍ୱରେ ପାଇକମାଳ, ପଦ୍ମପୁର, ଝାରବନ୍ଧ ଅଞ୍ଚଳର ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ ।

## ଯୁବ ପାର୍ଲାମେଣ୍ଟରେ ଦେଶ ସମସ୍ୟା ଉପସ୍ଥାପନ

ବୌଦ୍ଧ,୧।୩(ସ୍ୱ.ପ୍ର)

ବୌଦ୍ଧ ବଘିଆପଡାସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ପ୍ରଥମଥର ପାଇଁ ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୁବ ପାର୍ଲିଆମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ମହେନ୍ଦ୍ର ନାଥ ଦେବତା, ସରକାରୀ ଓକିଲ ଯୋଗେଶ ପ୍ରସାଦ ନାୟକ, ଓଡ଼ିଶା ଚେସ୍ ଆସୋସିଏଶନର କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପାର୍ଲିଆମେଣ୍ଟ ପରିଚାଳନା କୌଶଳ ଦେଖିଥିଲେ। ଛାତ୍ରୀଛାତ୍ରୀ ନିଜକୁ ଜଣେ ଜଣେ ନିର୍ବାଚିତ ସାଂସଦ ଭାବେ ଉପସ୍ଥାପିତ କରିବା ସହ ସଦସ୍ୟମାନଙ୍କ ଶପଥପାଠ ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ସମସ୍ୟା ସଂସଦରେ ଉପସ୍ଥାପନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଜୋଲି ଟୋମିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ରହିଥିବା ନେତୃତ୍ୱ ନେବା ଦକ୍ଷତାର ପରିପ୍ରକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଶିକ୍ଷକ ସୁଧାଂଶୁ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।





ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଯୁବ ପାର୍ଲିଆମେଣ୍ଟ ଚାଲିଛି ।

## କ୍ରିକେଟ: ସିଂହନପୁର ଚାମ୍ପିୟନ

ପାଇକମାଳ, ୧।୩ (ଡି.ଏନ.ଏ)

ପାଇକମାଳ ବ୍ଲକ ଶାଲେପାଲି ବିନ୍ଧ୍ୟବାସିନୀ ମହାବିଦ୍ୟାଳୟ ଖେଳ ପଡିଆରେ ୬ ଦିନ ଧରି ଚାଲିଥିବା ବୀରବଜରଙ୍ଗ କ୍ରିକେଟ କପ୍‌ର ଫାଇନାଲ ମ୍ୟାଚରେ ଶାଲେପାଲିକୁ ହରାଇ ସିଂହନପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶାଲେପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୮୦ ରନ କରିଥିଲା। ଜବାବରେ ସିଂହନପୁର ଦଳ ୨ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଶୀତକଣ୍ଠ ସାହୁ, ଥବୀର ମେହେର ଖେଳ ପରିଚାଳନା କରିଥିବା ବେଳେ ମିତ୍ରଭାନୁ ପ୍ରଧାନ, ଆକାଶ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ତୋଷ ମେହେର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବେହେରା ବୁଢ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ସିଂହନପୁର ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ଉପବିଜୟୀ ଶାଲେପାଲି ଦଳକୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏଥିରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି ।

## ୨୦୨ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କନ୍ଧମାଳ,୧।୩(ଡି.ଏନ.ଏ)

କନ୍ଧମାଳ ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ବଡଛପାପାଲି, ଦେଉଳଡୁଙ୍ଗୁରୀ, ବନ୍ଧପାଲି, କନ୍ଧମାଳ ଓ କଲରାକୋଠା ଗାଁ କଲ୍ୟାଣ ସମିତିର ମିଳିତ ଆନୁକୂଲ୍ୟରେ ରବିବାର ଦେଉଳଡୁଙ୍ଗୁରି ଅଙ୍ଗନବାଡି କେନ୍ଦ୍ରରେ ସ୍ୱାସ୍ଥ୍ୟମେଳା–୨୦୨୦ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକର୍ମୀ ମାନସୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟର ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ। ଡକ୍ଟର ରୋଜାଲିନ ମିଶ୍ର, ବିପିଏମ୍ ଅଶୋକ ମିଶ୍ର, ସେକ୍ଟର ସୁପରଭାଇଜର ପ୍ରମିଳା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୨୦୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା ।

## ଆକାଶବାଣୀ ଆଞ୍ଚଳିକ ସଂସ୍କୃତି, ପରମ୍ପରାକୁ ଜୀବିତ ରଖିଛି

ବରଗଡ଼ ଅଫିସ୍,୧।୩

ବରଗଡ଼ ଅଗ୍ରଗାମୀ ଯୁବକ ସଂଘରେ ରବିବାର ଆକାଶବାଣୀ ଶ୍ରୋତା ସଂଘର ୨୫ତମ ବାର୍ଷିକ ସମ୍ମିଳନୀ ଅବସରରେ ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆକାଶବାଣୀ ସମ୍ବଲପୁରର କେନ୍ଦ୍ର ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମାଝି ମୁଖ୍ୟଅତିଥି, କଳାପାଣି କଲେଜର ଅଧ୍ୟକ୍ଷ ମୋହନ ସାହୁ ମୁଖ୍ୟବକ୍ତା, ଆକାଶବାଣୀ ସମ୍ବଲପୁରର ପ୍ରସାରଣ ନିଷ୍ପାଦକ କୈବର୍ତ୍ତ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆକାଶବାଣୀ ଲୋପ ପାଇଯାଉଥିବା ଆଞ୍ଚଳିକ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ପ୍ରଚାର, ପ୍ରସାର ମାଧ୍ୟମରେ ଜୀବିତ ରଖିପାରିଛି ବୋଲି ବକ୍ତାମାନେ କହିଥିଲେ। ଗୋପୀନାଥ ଡନସନା ସଭା ସଂଯୋଜନା ଏବଂ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ବିବରଣୀ ପାଠ କରିଥିଲେ। ସଂଘର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ବିଷ୍ଣୁ ସାହୁଙ୍କ ସ୍ମୃତିରେ ବିଜେପୁର ବ୍ଲକ ବୁଢ଼ାପାଲି ଗ୍ରାମର ଯଶୋବନ୍ତ ପାଇକଙ୍କୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ, ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ନାଟ୍ୟଗୁରୁ ସ୍ୱର୍ଗତ ହରେକୃଷ୍ଣ ପୂଜାରୀଙ୍କ ସ୍ମୃତିରେ ଅତାବିରା ବ୍ଲକ ସୋର୍ଣ୍ଣା ଗ୍ରାମର କଳାକାର ସୁଶୀଲ କୁମାର ନାୟକଙ୍କୁ କଳାକାର ସମ୍ମାନ, ସାମାଜିକ କର୍ମୀ ବିପିନ ବିହାରୀ ପ୍ରଧାନଙ୍କ ସ୍ମୃତିରେ ଡା. ଶଙ୍କର ରାମଚନ୍ଦାନୀଙ୍କୁ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ବିନୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଣ୍ଡୋସିଲ ଚାମ୍ପିୟନ

ପାଇକମାଳ, ୧।୩ (ଡି.ଏନ.ଏ)

ପାଇକମାଳ ବ୍ଲକ ମାଣ୍ଡୋସିଲ ବଡ ଖେଳପଡିଆରେ ଚାଲିଥିବା ୧୯ତମ ଡଷ୍ଟ ଡେଭିଲ୍ସ କ୍ରିକେଟ କପ୍ ରବିବାର ଉଦଯାପିତ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ମାଲପଡାକୁ ହରାଇ ମାଣ୍ଡୋସିଲ ଡଷ୍ଟ ଡେଭିଲ୍ସ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ଫଲସାଗୁଡା (ନୂଆପଡା) ଓ ଝାଙ୍କରପାଲି (ପଦ୍ମପୁର) ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫଳସାଗୁଡାକୁ ହରାଇ ଝାଙ୍କରପାଲି ଫାଇନାଲରେ ପ୍ରବେଶ କରିଥିଲା। ମାଣ୍ଡୋସିଲ ଡଷ୍ଟ ଡେଭିଲ୍ସ ଓ ଝାଙ୍କରପାଲି ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମାଣ୍ଡୋସିଲ ପ୍ରଥମ ବ୍ୟାଟିଂ ନିର୍ଦ୍ଧାରିତ ୧୦ ଓଭରରେ ୧୦୯ ରନ ସଂଗ୍ରହ କରିଥିଲା । ଜବାବରେ ୧୧୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଝାଙ୍କରପାଲି ଦଳ ସମସ୍ତ ଉଇକେଟ ହରାଇ ୫୧ ରନ ସଂଗ୍ରହ କରିଥିଲା। ଫଳରେ ମାଣ୍ଡୋସିଲ ୫୯ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସରୋଜ କୁମାର ପ୍ରଧାନ ଓ ଆଶୁତୋଷ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ବିଜୁ ବରିହା ଓ ମଣ୍ଟୁ ଷଡଙ୍ଗୀ ସ୍କୋରର ଥିବା ବେଳେ ଲଳିତ ଜଗତ, ପିଣ୍ଟୁ ଡନସନା ଓ ସନ୍ତୋଷ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଏବଂ କୌସ୍ତୁବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ । ଏଥିରେ ମ୍ୟାନ ଅଫ୍ ଦି ମ୍ୟାଚ ମୁନିଚାନ୍ଦ ମାଝୀ, ମ୍ୟାନ ଅଫ୍ ଦି ସିରିଜ ଡିଲୁ ତାଣ୍ଡିଙ୍କୁ ଶବର ପରାଭୋଇ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

# ଅବିନାଶଙ୍କୁ ଜିତାଇଲା 'ଛେନାପୋଡ଼'

ଭୁବନେଶ୍ୱର,୧।୩(ବ୍ୟୁରୋ)

ଶେଷରେ ପ୍ରତିକ୍ଷାର ଅନ୍ତ ଘଟିଛି। ଦୀର୍ଘ ୩ମାସ ଧରି ଚାଲିବା ପରେ ଶେଷ ହୋଇଛି ଭାରତର ସର୍ବବୃହତ୍ କୁକିଂ ରିୟାଲିଟି ଶୋ' 'ମାଷ୍ଟରସେଫ୍ ଇଣ୍ଡିଆ'। ତେବେ ସବୁଠାରୁ ଖୁସିର କଥା ହେଲା ପ୍ରଥମଥର ପାଇଁ ଜଣେ ଓଡ଼ିଆ ଏହି ଗ୍ରାଣ୍ଡ୍ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ଗଞ୍ଜାମ ଜିଲା ଜନ୍ମିତ ଅବିନାଶ ନାୟକ ଓଡ଼ିଶାକୁ ଦେଇଛନ୍ତି ପ୍ରଥମ ମାଷ୍ଟରସେଫ୍ ଟାଇଟଲ୍। ପୂର୍ବରୁ ଏହା ପ୍ରଘଟ ହୋଇସାରିଥିଲେ ମଧ ରବିବାର ଅନୁଷ୍ଠିତ ଗ୍ରାଣ୍ଡ୍ ଫିନାଲେ ପରେ ଅବିନାଶଙ୍କ ହାତକୁ ଆସିଛି ମାଷ୍ଟରସେଫ୍ ଟ୍ରଫି। ସମଗ୍ର ରାଜ୍ୟବାସୀକୁ ଗୌରବାନ୍ୱିତ କରିଥିବା ଅବିନାଶ ଏହି ଟ୍ରଫି ସହ ଓଡ଼ିଶା ଏବଂ ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ଏକ ନୂଆ ପ୍ଲାଟଫର୍ମରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଗତ ଡିସେମ୍ବର ୭ରୁ ଆରମ୍ଭ ହୋଇଥିବା 'ମାଷ୍ଟର୍‌ସେଫ୍ ଇଣ୍ଡିଆ'ର ସିଜିନ–୬'ର ଗ୍ରାଣ୍ଡ୍ ଫିନାଲେ ରବିବାର ପ୍ରସାରିତ ହୋଇଥିବା ବେଳେ ଏଥିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଓଡ଼ିଶା ଓ ବଙ୍ଗଳାର ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। ଖାଦ୍ୟକୁ ନେଇ ସର୍ବଦା ମୁହାଁମୁହିଁ ହେଉଥିବା ଦୁଇ ପଡ଼ୋଶୀ ରାଜ୍ୟ ମାଷ୍ଟରସେଫ୍ ପ୍ଲାଟଫର୍ମରେ ସାମ୍ନାସାମ୍ନି ହୋଇଥିଲେ। ରସଗୋଲାକୁ ନିଜର କହି ଚର୍ଚ୍ଚାକୁ ଆସିଥିବା ପଶ୍ଚିମବଙ୍ଗ ଓଡ଼ିଶାର 'ଛେନାପୋଡ଼' ଆଗରେ କିନ୍ତୁ ହାର୍ ମାନିଯାଇଥିଲା। ବ୍ରହ୍ମପୁରର ୨୭ବର୍ଷୀୟ ଅବିନାଶଙ୍କ ସହ କଲିକତାର ୩୫ ବର୍ଷୀୟ ଓନ୍ଦ୍ରିଲା ବାଲାଙ୍କ ମଧ୍ୟରେ ହୋଇଥିବା ଏହି କଡ଼ା ଟକ୍କରରେ ଉଭୟ ପ୍ରତିଯୋଗୀଙ୍କୁ ବିଚାରକଙ୍କ ୩ଟି ରାଉଣ୍ଡର ସମ୍ମୁଖିନ ହେବାକୁ ପଡ଼ିଥିଲା। ୪ ଘଣ୍ଟାରେ ଉଭୟ ପ୍ରତିଯୋଗୀ ୧୮ଜଣ ଲୋକଙ୍କ ପାଇଁ ଷ୍ଟାର୍ଟର, ମେନ୍‌କୋର୍ସ ଏବଂ ଡିଜର୍ଟ ପ୍ରସ୍ତୁତ କରିଥିଲେ। ଷ୍ଟାର୍ଟରେ ଅବିନାଶ 'ଚିଙ୍ଗୁଡ଼ି ସମାହାର' ନାମରେ ଏକ ଭିନ୍ନସ୍ୱାଦର ଖାଦ୍ୟ ପ୍ରସ୍ତୁତ କରିଥିବା ବେଳେ ଓନ୍ଦ୍ରିଲା ଏହି ରାଉଣ୍ଡ୍‌ରେ ପଫ୍ ପ୍ୟାଷ୍ଟ୍ରୀ ପ୍ରସ୍ତୁତ କରି ୦.୫ ସ୍କୋର୍‌ରେ ଆଗୁଆ ରହିଥିଲେ। ହେଲେ ମେନ୍‌କୋର୍ସରେ ବାଜି ମାରିଥିଲେ ଅବିନାଶ। ଏହି ରାଉଣ୍ଡରେ ଅବିନାଶ ଓଡ଼ିଶାର ଏକ ହଜିଯାଉଥିବା ପାରମ୍ପରିକ ଖାଦ୍ୟ 'ଅଦା ମାଂସ'କୁ ନୂଆ ରୂପରେ ଉପସ୍ଥାପନ କରିଥିଲେ। ବିଚାରକ ତଥା ସେଫ୍ ବୀନିତ ନିଜ ଆଙ୍ଗଠି ଚାଟି ଏହାକୁ ଖାଇଥିବା ବେଳେ ଏହା ମାଷ୍ଟରସେଫ୍‌ର ସବୁଠାରୁ ଭଲ ଡିସ୍ ବୋଲି କହିଥିଲେ। ଏହି ରାଉଣ୍ଡରେ ଓନ୍ଦ୍ରିଲାଙ୍କୁ ଅବିନାଶ ୨ ପଏଣ୍ଟରେ ପଛରେ ପକାଇଥିଲେ। ତେବେ ଡିଜର୍ଟ ରାଉଣ୍ଡରେ 'ଶୁଦ୍ଧତା' ନାମରେ ଛେନାପୋଡ଼ ଏବଂ ଚାଉଳ ଖିରୀ ତିଆରି କରି ସିକ୍ସର ମାରିଥିଲେ ଅବିନାଶ। ଏକ ସାଧାରଣ ଖାଦ୍ୟକୁ ନୂଆ ରୂପଦେଇ ଅବିନାଶ ଡିଜର୍ଟ କୁଇନ୍‌ଭାବେ ପରିଚିତ ଓନ୍ଦ୍ରିଲାଙ୍କୁ ମାତ୍ ଦେଇଥିଲେ। ସେଫ୍ ବିକାଶଙ୍କଠାରୁ ୧୦ରୁ ୧୦ ଏବଂ ସେଫ୍ ରଣବୀର ଓ ସେଫ୍ ବିନୀତଙ୍କଠାରୁ ୯ ଓ ୯.୫ ସ୍କୋର୍ ପାଇ ମାଷ୍ଟର୍‌ସେଫ୍ ସିଜିନ–୬ର ବିଜେତା ହୋଇଥିଲେ। ଏଥିପାଇଁ ତାଙ୍କୁ ମାଷ୍ଟରସେଫ୍ ତରଫରୁ ୨୫ଲକ୍ଷ ଟଙ୍କାର ଚେକ୍ ମିଳିଥିଲା। ସେହିଭଳି ଟପ୍–୪ରେ ଥିବା ଆଉଜଣେ ଓଡ଼ିଆ ପ୍ରତିଯୋଗୀ ଅନୁଗୋଳ ଜିଲାର ସ୍ମୃତିଶ୍ରୀ ସିଂ ବିଜେତା ହୋଇପାରି ନଥିଲେ ମଧ କାକରା ପିଠା ଓ ପଣସ ତରକାରୀ ଭଳି ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ବିଚାରକଙ୍କ ସହ ସମଗ୍ର ଓଡ଼ିଶାବାସୀଙ୍କ ହୃଦୟ ଜିତିଥିଲେ।

**ଫିନାଲେରେ ଓଡ଼ିଶା-ବଙ୍ଗଳା ଟକ୍କର**





ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟରେ ଦ୍ୱିତୀୟ କାୟାକଳ୍ପ ପୁରସ୍କାର

**ଭବାନୀପାଟଣା,୧।୩ (ଡି.ଏନ.ଏ.):** ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା କାୟକଳ୍ପ ପୁରସ୍କାରରେ ଜିଲାର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରାଜ୍ୟରେ ଦ୍ୱିତୀୟ ରନର୍ସ ଅଫ୍ ଭାବେ ବିବେଚିତ ହୋଇଛି । ରାଜ୍ୟରେ ୬୬ଟି ସହରାଞ୍ଚଳ ପ୍ରାଥମିକ ପୁରସ୍କାର ପାଇଥିବା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଶ୍ରେଷ୍ଠ ଦ୍ୱିତୀୟ ହୋଇଛି । ନିକଟରେ ଏମ କ୍ୱାସ ଚୟନ ପାଇଁ କେନ୍ଦ୍ରରୁ ଦୁଇ ଜଣିଆ ସମୀକ୍ଷାକାରୀ ଦଳ ପରିଦର୍ଶନରେ ଆସି କେନ୍ଦ୍ରକୁ ଏକ ମଡେଲ କେନ୍ଦ୍ର ବୋଲି ପ୍ରଶଂସା କରିଥିଲେ। କମ୍ ଦିନରେଏହି ସଂସ୍ଥା ତାର କାର୍ଯ୍ୟଶୈଳୀ, ହସ୍ପିଟାଲ ପରିବେଶ ଓ ନୂତନ କୌଶଳ ଶହ ଉତ୍ତମ ରୋଗୀ ବ୍ୟବସ୍ଥା ପାଇଁ ବେଶ ପ୍ରଶଂସିତ ହୋଇଛି ।

# ଅସହାୟ ଜୀବନ ବିତାଉଛନ୍ତି ଚନ୍ଦ୍ରଧ୍ୱଜ

### ଦୁର୍ଘଟଣା ପରେ ଗୋଡ଼ ଅକାମୀ

- ଅସହାୟ ଭାବେ ବିତୁଛି ଜୀବନ, ସ୍ତ୍ରୀ ପାଲଟିଛନ୍ତି ସାହାରା
- ୩ ବର୍ଷର ଛୁଆକୁ ଛାଡ଼ି ମା' କାମ ପାଇଁ ଯାଉଛନ୍ତି

**ଜୁନାଗଡ଼,୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମେରିଆବନ୍ଦଲି ପଞ୍ଚାୟତ ମେନକାପଦର ଗ୍ରାମର ଚନ୍ଦ୍ରଧ୍ୱଜ ଗୁରୁ (୨୫)ଙ୍କ ଦୁର୍ଘଟଣା ପରେ ଗୋଡ ଅକାମୀ ହୋଇଯାଇଛି। ଫଳରେ ଏବେ ଅସହାୟ ଭାବେ ଜୀବନ ବିତାଉଛନ୍ତି। ଏପରିସ୍ଥଳେ ଅର୍ଥାଭାବରୁ ସେ ଗୋଡର ଚିକିତ୍ସା କରାଇ ପାରୁନାହାନ୍ତି। ଚିକିତ୍ସା ଅଭାବରୁ ତାଙ୍କ ପାଦର ହାଡଗୁଡିକ ଜଳଜଳ ହୋଇ ଦେଖାଯିବା ସହ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ସ୍ତ୍ରୀ ସୁନିତା (୨୨) ଏବେ ତାଙ୍କ ପାଇଁ ସାହାରା ପାଲଟିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଚନ୍ଦ୍ରଧ୍ୱଜ ମିସ୍ତ୍ରୀ କାମ କରି ପରିବାର ଚଳାଇଥିଲେ। ପରିବାର କହିଲେ ତାଙ୍କ ସ୍ତ୍ରୀ ଓ ୩ ବର୍ଷର ଝିଅ ସକିନା। ଗତ ନଭେମ୍ବରରେ ଚନ୍ଦ୍ରଧ୍ୱଜ ଭବାନୀପାଟଣା ଯାଇ ବାଇକ୍‌ରେ ଫେରୁଥିବାବେଳେ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ଗୋଟିଏ ଗୋଡରେ ଗଭୀର ଆଘାତ ଲାଗିଥିଲା। ଡାକ୍ତର ଗୋଡରେ କିଛି ଚିକିତ୍ସା କରି ଘରକୁ ଫେରାଇ ଦେଇଥିଲେ। କିଛିଦିନ ପରେ ଆଘାତ ଲାଗିଥିବା ଗୋଡର ପାଦ ଆସ୍ତେ ଆସ୍ତେ ଶୁଖିଯିବା ସହ ପଚିଯାଇ ହାଡଗୁଡିକ ଦେଖାଯାଇଥିଲା। ସେହିଦିନଠୁ ଯନ୍ତ୍ରଣା ଯୋଗୁ ଆଉ ସେ ଠିକ ଭାବେ ଚଲାବୁଲା କରିପାରି ନ ଥିଲେ। ଏବେ କୌଣସି ଜରୁରୀ କାମ ହେଲେ ଆଶାବାଡି ସାହାଯ୍ୟରେ କିଛି ଦୂର ଚାଲିଯାଇପାରୁଥିବା ବେଳେ ଅନ୍ୟ ସମୟରେ ସେ ଖଟରେ ପଡିରହୁଛନ୍ତି। ପରିବାର ଚଳିବା କଷ୍ଟକର ହୋଇପଡୁଥିବାରୁ ସ୍ତ୍ରୀ ସୁନୀତା ୩ ବର୍ଷର ଝିଅକୁ ଘରେ ଛାଡି ଏବେ କାମ କରିବାକୁ ବାହାରକୁ ଯାଉଛନ୍ତି। ସ୍ତ୍ରୀ କାମ କରିବାକୁ ଯାଉଥିବା ସମୟରେ ଚନ୍ଦ୍ରଧ୍ୱଜ ଘରେ ପଡିରହି ଛୋଟ ଝିଅର ଯତ୍ନ ନେଇଥାନ୍ତି। ସୁନିତା କୁଲିମଜୁରୀ କରି ଯାହାକିଛି ଆଣିଲେ ସେଥିରେ ତାଙ୍କ ପରିବାର ଏବେ କଷ୍ଟରେ ଚଳୁଛି। ଯେଉଦିନ ସେ କିଛି ପାରିଶ୍ରମିକ ନ ଆଣିଲେ ସେଦିନ ତାଙ୍କ ପରିବାର ଭୋକ ଉପାସରେ ରହୁଛି। ଯେଉଁଠି ପେଟକୁ ଖଣ୍ଡେ ଦାନା ଯୋଗାଡ କରିବାକୁ ଜୀବନକୁ ସଂଘର୍ଷ କରିବାକୁ ପଡୁଥିବାବେଳେ ଏପରିସ୍ଥଳେ ଚନ୍ଦ୍ରଧ୍ୱଜଙ୍କ ଚିକିତ୍ସା କଥାକୁ କିଏ ପଚାରେ। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟିଦେଇ ଚନ୍ଦ୍ରଧ୍ୱଜଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ପ୍ରଶାସନ ତଥା କୌଣସି ସହୃଦୟ ବ୍ୟକ୍ତି ଏହି ଅସହାୟ ପରିବାରକୁ ସହାୟତା କରିବା ପାଇଁ ସାଧାରଣରେ ଦାବି ହୋଇଛି।



ଚନ୍ଦ୍ରଧ୍ୱଜ ଆଶାବାଡ଼ି ଧରି ଘର ଆଗରେ ଛିଡ଼ା ହୋଇଛନ୍ତି।

# ଡୋକରୀ ଚଞ୍ଚରାଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**କୋକସରା,୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା କଳାହାଣ୍ଡିର ଅନ୍ୟତମ ପର୍ଯ୍ୟଟନସ୍ଥଳି ଗୁଡହାଣ୍ଡି ଡୋକରୀ ଚଞ୍ଚରାଠାରେ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ପର୍ଯ୍ୟଟନ ସ୍ଥଳିରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନେତାଜୀ ସେବା ସଙ୍ଗଠନ ବ୍ରାହ୍ମଣ କେନ୍ଦୁଗୁଡା, ନେହେରୁ ଯୁବକ ସଂଘ ବଙ୍ଗୋମୁଣ୍ଡା, ବୈଭବ ଲକ୍ଷ୍ମୀ ମହିଳା ମଣ୍ଡଳ ନକଟିଗୁଡା, ୟୁଥ୍ ରେଡ କ୍ରସ୍ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୟୁଥ୍ ରେଡକ୍ରସ୍ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ କୋକସରା ଏବଂ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ମିଳିତ ଉଦ୍ୟମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଯାଇଛି। ସାମାଜିକ କର୍ମୀ ଚିନ୍ମୟ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଏକ ବୈଠକର ହୋଇଥିଲା। ଏଥିରେ ଆଗାମୀ ଦିନରେ ମଧ୍ୟ ଡୋକରୀ ଚଞ୍ଚରା ସମେତ କଳାହାଣ୍ଡି ଜିଲାରେ ଥିବା ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳି ଓ ଦର୍ଶନୀୟ ସ୍ଥାନଗୁଡିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଛି। ପରେ ପି.ପି.ବି.ଏମ୍.ଓ.ଇ.ଓ ସମ୍ପାଦକ ଅବିନାଶ ମୁଣ୍ଡଙ୍କ ସଂଯୋଜନାରେ ମୁଖ୍ୟଅତିଥି ଗୁଡହାଣ୍ଡି ଡୋକରୀ ଚଞ୍ଚରା ଉନ୍ନୟନ କମିଟି ସଭାପତି ଭଦ୍ରେଶ୍ୱର ପାତ୍ର, ମୁଖ୍ୟବକ୍ତା ଭାବେ ୟୁଥ୍ ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ, ସମ୍ମାନିତ ଅତିଥି ବାନେର ସମବାୟ ସମିତି ସଭାପତି ଭାରତେନ୍ଦୁ ବେହେରା, ପି.ପି.ବି.ଏମ୍.ଓ.ଇ.ଓ ପୂର୍ବତନ ସମ୍ପାଦକ ସଞ୍ଜୀବ ଠାକୁର, ସଭାପତି ବୀରଜା ପ୍ରସାଦ ପଣ୍ଡା, ବିରଞ୍ଚି ନାରାୟଣ ପଣ୍ଡା, ଅଧ୍ୟାପକ ଅଇରୀ ନାସନ ଚିନ୍ଦା, ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ ପଦ୍ମାବତୀ ପଟେଲ, କୋକସରା ବ୍ଲକ ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ କୋପନେଶ୍ୱର ବେମାଲ, ବୈଭବ ଲକ୍ଷ୍ମୀ ମହିଳା ମଣ୍ଡଳ ସଭାପତି ରିତା ସରାଫ ପ୍ରମୁଖ ଯୋଗଦେଇଥିଲେ।



ଗୁଡହାଣ୍ଡି ଡୋକରୀ ଚଞ୍ଚରାଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସଫେଇ କରାଯାଉଛି।



କଲେଜର ବାର୍ଷିକ ଉତ୍ସବରେ ଅତିଥିଙ୍କୁ ସମ୍ମାନିତ କରାଯାଉଛି।

# ଭବାନୀପାଟଣା ସ୍ୱୟଂଶାସିତ କଲେଜର ବାର୍ଷିକୋତ୍ସବ

**ଭବାନୀପାଟଣା,୧।୩ (ଡି.ଏନ.ଏ.)**

ଭବାନୀପାଟଣା ସ୍ୱୟଂଶାସିତ କଲେଜର ୫୯ତମ ବାର୍ଷିକ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଦ୍ମଲୋଚନ ଭୁଏଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଉପଦେଷ୍ଟା ହିମାଂଶୁ ଚରଣ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦର ଉପଦେଷ୍ଟା ସୁଜିତ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଥୁ.ରାମପୁର କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା ଓ ଧର୍ମଗଡ ବିଧାୟକ ମୌଷଧି ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କଲେଜ ଚଳିତ ଶିକ୍ଷା ବର୍ଷଠାରୁ ବିଶ୍ୱବିଦ୍ୟାଳୟରେ ପରିଣତ ହେବା ସହ ଏହା କଳାହାଣ୍ଡି ଓ ନୂଆପଡା ଜିଲାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ କ୍ୟାପଟେନ ଜୟଦେବ ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲାରେ ଖୋଲୁନି ଶିଶୁ ଶ୍ରମିକ ବିଦ୍ୟାଳୟ

- ଚଳିତ ଶିକ୍ଷାବର୍ଷରୁ ଖୋଲିବା ଦାବି
- ସର୍ଭେର ୨ ବର୍ଷ ବିତିଲା

**ଭବାନୀପାଟଣା,୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଶିଶୁ ଶ୍ରମିକ ଏବଂ ଦାଦନ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟତଃ ଭବାନୀପାଟଣା, କେସିଙ୍ଗା, ଧର୍ମଗଡ, ଜୁନାଗଡ, ଗୋଲାମୁଣ୍ଡା, କୋକସରା ଆଦି ଆଦିବାସୀ ଅଧ୍ୟୁଷିତ ବ୍ଲକ ଥୁଆମୂଳ ରାମପୁର, ଲାଞ୍ଜିଗଡ, ମଦନପୁର ରାମପୁର ବ୍ଲକ ସମେତ କଲମପୁରରେ ଶିଶୁଶ୍ରମିକ ଅଧିକ ରହିଥିବା ଗତ ୨୦୧୮ ରେ ହୋଇଥିବା ଏକ ସରକାରୀ ସର୍ଭେରୁ ଜଣା ପଡିଥିଲା। ଏଥିରେ ୬ ରୁ ୧୬ ବର୍ଷର ଶିଶୁଶ୍ରମିକ ରହିଥିବା ଜଣାପଡିଥିଲା। ସାରା ଜିଲାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଜରିଆରେ ଏହି ସର୍ଭେ ହୋଇଥିଲା। ଏହାପରେ ଶିଶୁ ଶ୍ରମିକ ବିଦ୍ୟାଳୟ ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ଥାନ ନିରୂପଣ ହୋଇଥିଲା। ଏପରିକି ସ୍କୁଲ ଚଲାଇବା ପାଇଁ ସଂସ୍ଥା ମାନଙ୍କ ଟେଣ୍ଡର କାର୍ଯ୍ୟ ମଧ୍ୟ ଚୂଡାନ୍ତ ହୋଇଥିଲା। କଳାହଣ୍ଡି ଜିଲାରେ ମୋଟ ୪୭ ସ୍କୁଲ ହେବା ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତି ହୋଇ ଜିଲାପାଳଙ୍କଠାରୁ ଅନୁମୋଦନ ହୋଇଥିଲା। ହେଲେ ସରକାରୀ ଅନୁଦାନ ଆସୁ ନ ଥିବାରୁ ସ୍କୁଲ ଆରମ୍ଭ କରାଯାଉ ନ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସ୍କୁଲ ହେବାକୁ ଚୂଡାନ୍ତ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ସ୍କୁଲ ଖୋଲି ପାରିନାହିଁ। ଫଳରେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ପରିବାରର ପିଲାମାନେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ସର୍ଭେର ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଚଳିତବର୍ଷ ମଧ୍ୟ ଶିଶୁ ଶ୍ରମିକ ସ୍କୁଲ ଖୋଲିବା ନେଇ କୌଣସି ନିର୍ଦ୍ଦେଶ ଆସି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷେ ଦାଦନ ଖଟିବାକୁ ଯାଇଥିବା ପରିବାରର ପିଲାମାନେ ଏଠାରେ ବିଭିନ୍ନ କାମ କରୁଥିବା ଦେଖାଯାଉଛି।

ଏ ବାବଦରେ ବିଭାଗ ପକ୍ଷରୁ ମଧ୍ୟ ଠିକ ଉତ୍ତର ମଧ୍ୟ ମିଳୁନାହିଁ। ଏ ନେଇ ଆସିଷ୍ଟେଣ୍ଟ ଲେବର କମିଶନର୍ ପ୍ରଦୀପ ମହାନ୍ତିଙ୍କୁ ପଚାରିବାରୁ ଆମେ ଅନୁଦାନ ପାଇଁ କେନ୍ଦ୍ରକୁ ବାରମ୍ବାର ଜଣାଉଛୁ, ସରକାରଙ୍କୁ ଆବଶ୍ୟକ ତଥ୍ୟ ତଥା ପ୍ରମାଣ ସବୁ ଦାଖଲ କରିଛୁ। ହେଲେ ଏଯାଏ କେନ୍ଦ୍ରରୁ ଅନୁଦାନ ଆସୁ ନ ଥିବାରୁ ଏଭଳି ପରିସ୍ଥିତି ହେଉଛି ବୋଲି କହିଛନ୍ତି। ଚଳିତ ଶିକ୍ଷାବର୍ଷରୁ କଳାହାଣ୍ଡି ଜିଲାରେ ଶିଶୁ ଶ୍ରମିକ ବିଦ୍ୟାଳୟ ଖୋଲାଯିବା ଉପରେ ସରକାର ଗୁରୁତ୍ୱ ଦେବାକୁ ଜିଲାବାସୀ ଦାବି କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, କଳାହାଣ୍ଡି ଜିଲାରେ ଏଥି ପୂର୍ବରୁ ୫୦ଟି ଶିଶୁ ଶ୍ରମିକ ବିଦ୍ୟାଳୟ ଚାଲିଥିଲା । ଏହା ସମଗ୍ର ଦେଶରେ ସୁନାମ ଅର୍ଜନ ମଧ୍ୟ କରିଥିଲା। ଏହି ଶିଶୁ ଶ୍ରମିକ ବିଦ୍ୟାଳୟରେ ୫ ଜଣ ଲେଖାଏଁ କର୍ମଚାରୀ କାର୍ଯ୍ୟରତ ଥିବା ବେଳେ ଗୋଟିଏ ବିଦ୍ୟାଳୟରେ ୫୦ ଜଣ ଛାତ୍ରୀଛାତ୍ର ପାଠ ପଢୁଥିଲେ। ଉକ୍ତ ବିଦ୍ୟାଳୟ ବନ୍ଦ ହୋଇଯିବା ଯୋଗୁ ଦୀର୍ଘ ବର୍ଷ ହେବ ୨୫୦ ଜଣ ଯୁବତୀ ଯୁବକ ଜୀବିକାହରା ହୋଇ ବହୁ କଷ୍ଟରେ ଚଳୁଛନ୍ତି । ପୁର୍ନବାର ଜିଲାରେ ଶିଶୁ ଶ୍ରମିକ ବିଦ୍ୟାଳୟ ଖୋଲି ଶିଶୁ ଶ୍ରମିକମାନଙ୍କୁ ବିଦ୍ୟାଳୟ ମୁହାଁ କରିବା ସହ ଜିଲାର ଏହି ବେକାର ଯୁବତୀଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବାକୁ ଦାବି ହେଉଛି।

# ପରୀକ୍ଷା ଦେଲେ ୭୧୩ ପରୀକ୍ଷାର୍ଥୀ

**ପାଇକମାଳ, ୧।୩ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକର ଫେଙ୍ଗରପୁରେ ଥିବା ଆଦର୍ଶ ବିଦ୍ୟାଳୟରେ ଆଡମିଶନ ପାଇଁ ରବିବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ୭୧୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬ଜଣ ଅନୁପସ୍ଥିତ ରହିଥିବା ବେଳେ ୭୧୩ଜଣ ପରୀକ୍ଷା ଦେଇଛନ୍ତି । ସ୍ଥାନୀୟ ଫେଙ୍ଗରପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ଦୀପ୍ତିମୟୀ ମହାରଣାଙ୍କ ତତ୍ତ୍ୱାବଧାନରେ ଦୀପକ ପ୍ରଧାନ, ତରୁଣ କୁମାର ଦାସ, ସଚ୍ଚିଦାନନ୍ଦ ସ୍ୱାଇଁ, ଦେବେନ୍ଦ୍ର ନାଥ ସାହୁ, ସୋନାଲି ମହାଲିକ ପ୍ରମୁଖ ୨୫ଜଣ ଶିକ୍ଷକ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ । ୬ଷ୍ଠ ଶ୍ରେଣୀରେ ୮୦ଜଣ ଓ ୭ମ ପାଇଁ ୨ଜଣ, ୮ମ ପାଇଁ ୧୧, ୯ମ ପାଇଁ ୩୦ ଜଣଙ୍କୁ ଆଡମିଶନ କରାଯିବା ପାଇଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

# ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାକୁ କାୟାକଳ୍ପ ପୁରସ୍କାର

**ଭବାନୀପାଟଣା,୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନା ୨୦୧୯-୨୦ର କାୟାକଳ୍ପ ଦ୍ୱିତୀୟ ସ୍ଥାନ ଅଧରକାର କରି ରନର୍ସଅପ୍ ହୋଇଛି। ସେହିଭଳି କଳାହାଣ୍ଡି ଜିଲାର ଧର୍ମଗଡ ଉପଖଣ୍ଡ ଡାକ୍ତରଖାନା, ଚପ୍ରିଆ, ନର୍ଲା, ମଦନପୁର ରାମପୁର, କର୍ଲାମୁଣ୍ଡା, ପର୍ଲା, ଜୁନାଗଡ, କେସିଙ୍ଗା, ପାଷ୍ଟିକୁଡି, କୋକସରା, ରେଗଡା, ଦାଦପୁର, ଦେପୁର, ଅର୍ତଲ, ଚାରବାହାଲ, ମହିଚଲା, ଲାଞ୍ଜିଗଡରୋଡ, ବାରବନ୍ଧା, କାଙ୍କେରୀ, ଟିପିଗୁଡା, ଫରଙ୍ଗ, ବନ୍ଦକୋନା, କାଣ୍ଡେଲ, ଉକ୍ଲେଲା, ରୁପ୍ରାରୋଡ ଆଦି ଡାକ୍ତରଖାନାକୁ ବିଭିନ୍ନ ବର୍ଗରେ କାୟାକଳ୍ପ ପୁରସ୍କାର ମିଳିଛି। ଭବାନୀପାଟଣା ସହରାଞ୍ଚଳ ପିଏଚ୍‌ସି ଦ୍ୱିତୀୟ ସ୍ଥାନରେ ରହି ରାଜ୍ୟରେ ରନର୍ସ ଅପ୍ ହୋଇଛି।

କୁତୁଖମାର ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟରେ ପ୍ରଥମ ହୋଇ କାୟାକଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଛି। ସେହିଭଳି ଏହି ବର୍ଗରେ ସେରଗଡ ପ୍ରଥମ ରନର୍ସଅପ୍, ମୁସ୍କୁଟି ଦ୍ୱିତୀୟ ରନର୍ସଅପ୍ ହୋଇଥିବା ବେଳେ ମେଦିନିପୁର, କିକିଆ, ଗିଗିନା, ସାପଲହରା, ଗୁଡିଆଲିପଦର, ଥୁଆପଦର, ସୁଜାନପୁର ପ୍ରଭୃତି ସବ୍‌ସେଣ୍ଟର କାୟାକଳ୍ପ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଡାକ୍ତରଖାନାରେ ବିଭିନ୍ନ ଅସୁବିଧା ଥିବା ସତ୍ତ୍ୱେ କାୟାକଳ୍ପ ପୁରସ୍କାର ପାଇବା ନେଇ ଜିଲାବାସୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।



ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକରେ ତହସିଲଦାର ଉଦ୍‌ବୋଧନ ଦେଉଛନ୍ତି ।

# ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

**ଜୁନାଗଡ଼,୧।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ବିଜୁପଟ୍ଟନାୟକ ଷ୍ଟାଡିୟମରେ ଆସନ୍ତା ମାର୍ଚ୍ଚ ୨୧ରୁ ୨୭ ଯାଏଁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଦିବାରାତ୍ରି ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଜୁନାଗଡ ମର୍ନିଂ କ୍ରିକେଟ କ୍ଲବ ଓ ନିଉରେଡ ଷ୍ଟାର ସ୍ପୋର୍ଟ୍ସ କ୍ଲବ (ଏନ୍‌ଆରଏସଏସସି)ର ମିଳିତ ଉଦ୍ୟମରେ ଏହାକୁ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ରାତିରେ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ମର୍ନିଂ କ୍ରିକେଟ କ୍ଲବ ସଭାପତି ମହେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଉପେନ୍ଦ୍ର ଲୁହା, ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ତଥା ଆଇନଜୀବୀ ସଂଘ ସଭାପତି ସୁଧାଂଶୁ ଶେଖର ବରାଡ, ବରିଷ୍ଠ ବ୍ୟବସାୟୀ ଲଳିତ ଅଗ୍ରୱାଲ, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ସମୀର କୁମାର ସାହୁ, ସନ୍ଦୀପ କୁମାର ସାହୁ, ଉଦ୍ଧବ ସାହୁ, କାଳିନ୍ଦ୍ରୀ ପାଣିଗ୍ରାହୀ, ମାରୱାଡି ଯୁବା ମଞ୍ଚର ସଭାପତି ଅମିତ ଗୁପ୍ତା, ବସନ୍ତ କୁମାର ସେଠି, ସୁରେନ ଗୋୟଲ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଦିବାରାତ୍ରି କ୍ରିକେଟ ଟୁର୍ନାମେଣ୍ଟ କିପରି ଶାନ୍ତି ଶୃଙ୍ଖଳାର ସହ ହେବ ସେ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଟୁର୍ନାମେଣ୍ଟ ସଫଳତା କରିବା ପାଇଁ ସମସ୍ତଙ୍କ ସହଯୋଗ ଆହ୍ୱାନ କରାଯାଇଥିଲା। ବୈଠକକୁ ବରିଷ୍ଠ ଶିକ୍ଷକ ସରୋଜ କୁମାର ପଣ୍ଡା ପରିଚାଳନା କରିଥିଲେ। ବୈଠକରେ ରମଣୀ ରଞ୍ଜନ ପଣ୍ଡା, ସତିଶ ପ୍ରଧାନ, ଦିଲୀପ ପଣ୍ଡା, କାଳିଆ କନ୍ଦପାନ, ମିନୁ କନ୍ଦପାନ, କାଶୀ ବିଶ୍ୱନାଥ ପୁରୋହିତ, ସୁଜିତ ପଣ୍ଡା, ତାପସ ବେହେରା, ସୁମିତ ସିଂଘାନିଆ, ଦିପୁନ ଦାଶ, ସୁରେଶ ବାଗ, ବବଲୁ ଖେମକା, ପ୍ରଦୀପ ଧଙ୍ଗଡାମାଝି, ସୁବ୍ରତ ପୋଢ, ପ୍ରଭୁଦତ୍ତପଣ୍ଡା, ଶରତ ଶବର, ଦିଳୀପ ଭଣ୍ଡାରଘରିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଜୁନାଗଡ ସହରର ସମସ୍ତବର୍ଗର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ସମସ୍ତଙ୍କୁ ନ୍ୟାୟ ପ୍ରଦାନ ପାଇଁ ଯତ୍ନବାନ ହେବା ଜରୁରି

### ମେଗା ଆଇନ ସେବା ଶିବିର, ଆଇନ ସଚେତନତା ସଶକ୍ତୀକରଣ

**ଭବାନୀପାଟଣା,୧।୩ (ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ରବିବାର ଦାରିଦ୍ର୍ୟ ଦୂରୀକରଣ ଓ ଆଦିବାସୀ ସୁରକ୍ଷା ସମ୍ବନ୍ଧିତ ମେଗା ଆଇନ ସେବା ଶିବିର ଓ ଆଇନ ସଚେତନତା ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣ ଯେପରି ସୁବିଧାରେ ଓ ମାଗଣାରେ ଆଇନ ସେବା ପାଇପାରିବେ ସେଥିପାଇଁ ସମସ୍ତ ସରକାରୀ ବିଭାଗ ଓ ବେସରକାରୀ ସଂସ୍ଥାମାନେ ଗୁରୁତ୍ୱ ଦେବା ପାଇଁ ମୁଖ୍ୟଅତିଥି ଆହ୍ୱାନ ଦେଇଛନ୍ତି । ଜାତୀୟ ଆଇନସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ କଟକ, ଜିଲା ଆଇନସେବା ପ୍ରାଧିକରଣ, ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମେମ୍ବର ସେକ୍ରେଟାରୀ ରାଜ୍ୟ ଆଇନ ସେବା ପ୍ରାଧିକରଣ ମୀନାକ୍ଷି ଦାଶ ଏହା ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ମେମ୍ବର ସେକ୍ରେଟାରୀ ରାଜ୍ୟ ଆଇନ ସେବା ପ୍ରାଧିକରଣ ମୀନାକ୍ଷି ଦାଶ ଶିବିର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେପୁଟି ସେକ୍ରେଟାରୀ ରାଜ୍ୟ ଆଇନ ସେବା ପ୍ରାଧିକରଣ ଦୀପକ ରଞ୍ଜନ ସାହୁ, କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ, ଜିଲା ଓ ଦୌରାଜଜ୍ ତଥା ଚେୟାରମ୍ୟାନ ଜିଲା ଆଇନସେବା ପ୍ରାଧିକରଣ ପ୍ରଦୀପ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଗ ଦେହୁରୀ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଓ ଅନ୍ୟ ସମ୍ମାନିତ ଅତିଥିମାନେ ପ୍ରକାଶ କରିଥିଲେ ଯେ, ଜିଲାର ସମସ୍ତ ଜନସାଧାରଣ ଉଚିତ୍ ନ୍ୟାୟ ପାଇପାରିବେ ସେଥି ପାଇଁ ସମସ୍ତେ ଯତ୍ନବାନ ହେବା ଜରୁରି। ଜନସାଧାରଣଙ୍କ ପାଖରେ ଆଇନର ସମସ୍ତ ସୁବିଧା ପହଞ୍ଚି ପାରିବ ଓ ସେମାନେ ତାହାର ସୁବିଧା ସୁଯୋଗ ମାଗଣାରେ ପାଇବେ ସେଥିପାଇଁ ସମସ୍ତ ସରକାରୀ ବିଭାଗ ଗୁରୁତ୍ୱ ଦେଇ କାର୍ଯ୍ୟକେଲେ ଜନସାଧାରଣ ଆଇନର ସବୁ ସୁବିଧା ପାଇପାରିବେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେସାଲ ଜଜ୍ ଭିଜିଲାନ୍ସ ପ୍ରଶନ୍ନ କୁମାର କର୍ଣ୍ଣ, ଫେମିଲି ଜଜ୍ ସୁଶାନ୍ତ ପଟେଲ, ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ପେସାଲ କୋର୍ଟ ପୋକ୍ସୋ ରଶ୍ମିତା ଦଳେଇ, ଚେୟାରପରସନ୍ ପିଏଲ୍ଏ (ପିୟୁଏସ୍) ବିଜୟ କୁମାର ମିଶ୍ର, ଜିଲା ଆଇନସେବା ପ୍ରାଧିକରଣ ସେକ୍ରେଟାରୀ ସୀତାକାନ୍ତ ପ୍ରଧାନ, ରେଜିଷ୍ଟ୍ରାରିୟର ସିଭିଲକୋର୍ଟ ସନ୍ତୋଷ କୁମାର ମହାପାତ୍ର, ସିନିୟର ସିଭିଲ ଜଜ୍ ଚିନ୍ମୟୀ ପଣ୍ଡା, ଏସ୍‌ଡିଜେଏମ୍ ଶ୍ରଦ୍ଧାଞ୍ଜଳି ରାୟ, ସିଜେ (ଜେଡି) ଜେଏମ୍‌ଏଫ୍‌ସି ଅନୁଶିଳା ରାୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଗ ଦେହୁରୀ ଓ ନିତ୍ୟାନନ୍ଦ ଚୌବେ, କୋର୍ଟ ମ୍ୟାନେଜର ଦେବାନନ୍ଦ କୁମାର ପଣ୍ଡା ଏବଂ ଓକିଲ ସଂଘ ସଭାପତି ଭବେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ବିଚାର ବିଭାଗ ସମସ୍ତ କର୍ମଚାରୀ ଏବଂ ବିଭିନ୍ନ ସରକାରୀ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ତିଳଡେଗା ଭୋଇପଡ଼ାରେ ନାମସଂକୀର୍ତ୍ତନ ସମାପନ

**ବାଲିଶଙ୍କରା, ୧।୩ (ଡି.ଏନ.ଏ):** ବାଲିଶଙ୍କରା ବ୍ଲକର ତିଳଡେଗା ଭୋଇପଡାଠାରେ ଷୋହଳ ପ୍ରହରୀ ନାମସଂକୀର୍ତ୍ତନ୍ୟ ସମାପନ ହୋଇଯାଇଛି। ୨୭ ତାରିଖ ଗ୍ରାମର ନିକଟତମ ପୋଖରୀରୁ ଗ୍ରାମର ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଧାରଣ କରି ମଣ୍ଡପରେ ସ୍ଥାପନ କରିଥିଲେ । ୨୮ ତାରିଖ ନାମ ଆରମ୍ଭ କରି ଦିବାରାତ୍ର ନାମ ସଂକୀର୍ତ୍ତନ୍ୟ କରିଥିଲେ। ରବିବାର ଗ୍ରାମ ପରିକ୍ରମା କରି ଦଧିଭାଣ୍ଡ ଭଞ୍ଜନ କରାଯାଇଛି । ଉକ୍ତ ଉତ୍ସବରେ କର୍ତ୍ତାରୂପେ ତରଣୀ ଭୋଇ ସହଧର୍ମିଣୀ ଧନେଶ୍ୱରୀ ଭୋଇ, ପୂଜକ ଭାବେ ଶେଷଦେବ ତ୍ରିପାଠୀ ତୁଲାଇଥିଲେ। ସମାରୋହରେ ଭଣ୍ଡାରୀଶଙ୍କରା ମହିଳା ସଂକିର୍ତ୍ତନ୍ୟ ମଣ୍ଡଳୀ, ତିଳଡେଗା ମହିଳା, ତିଳଡେଗା ଜୟଜଗନ୍ନାଥ ବନ୍ଦବାହାଲ, ଗାଇଡେଗା, ଜବଲାଡିହ, କିନିକିବନ୍ଦ, କିଞ୍ଜିରକେଲା ଏପରି ୨୦ଟି ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇଥିଲେ।

# ଉପଖଣ୍ଡ ଚିକିତ୍ସାଳୟରେ ହେଉନାହିଁ ରକ୍ତପରୀକ୍ଷା

**ବଣାଇ, ୧।୩(ସ୍ୱ.ପ୍ର)**




- ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ହନ୍ତସନ୍ତ
- ସ୍ପଞ୍ଜ କାରଖାନା ଯୋଗୁ ଅଞ୍ଚଳରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି
- କିଡ୍‌ନୀ ରୋଗୀ ରକ୍ତ, ମଳ ଓ ମୂତ୍ର ପରୀକ୍ଷା କରିବାକୁ ବଞ୍ଚିତ
- ପରୀକ୍ଷା ଲାଗି ଟେକ୍‌ନିସିଆନ ନାହାନ୍ତି କି କେମିକାଲ ନାହିଁ

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ହୋଇପାରୁ ନାହିଁ ରକ୍ତ ପରୀକ୍ଷା। ଆବଶ୍ୟକ ଟେକନିସିଆନ ନ ଥିବାରୁ ରକ୍ତ, ମଳ ଓ ମୂତ୍ର ପରୀକ୍ଷା ହୋଇପାରୁ ନ ଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି। ବିଶେଷକରି କିଡ୍‌ନୀ ରୋଗୀ ରକ୍ତ ପରୀକ୍ଷା କରି ନ ପାରି ହଇରାଣ ହେଉଥିବା ଦେଖିବାକୁ ମିଳିଛି। ବଣାଇ ଅଞ୍ଚଳରେ ବର୍ତ୍ତମାନ ସ୍ପଞ୍ଜ କାରଖାନା ଯୋଗୁ ପାରିପାର୍ଶ୍ୱିକ ଅଞ୍ଚଳରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ପବନରେ କଳାଗୁଣ୍ଡ ଉଡ଼ି ପାନୀୟଜଳରେ ପଡୁଛି। କଳାଗୁଣ୍ଡର ଆସ୍ତରଣ ରହୁଥିବା ଜଳକୁ ପାନୀୟ ଭାବେ ବ୍ୟବହାର କରି ସ୍ଥାନୀୟ ବାସିନ୍ଦା ରୋଗରେ ପୀଡ଼ିତ ହେଉଛନ୍ତି। ଚିକିତ୍ସା ପାଇଁ ବଣାଇସ୍ଥିତ ଚିକିତ୍ସାଳୟକୁ ଆସୁଛନ୍ତି। ଏହା ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ପାଇଥିବାବେଳେ ଏଠାରେ ଆବଶ୍ୟକ ସଂଖ୍ୟକ ଟେକନିସିଆନ ନ ଥିବା ଓ ବିଭିନ୍ନ କେମିକାଲ ନ ଥିବାରୁ ରୋଗୀ ରକ୍ତ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି। ସରକାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ୫-ଟିରେ ସାମିଲ କରିବା ପରେ ରୋଗୀଙ୍କ ସମସ୍ତ ପରୀକ୍ଷା ମାଗଣାରେ ଚିକିତ୍ସାଳୟରେ ଥିବା ପରୀକ୍ଷାଗାରରେ କରାଯାଉଛି। ଏଥିପାଇଁ ଡାକ୍ତରମାନେ ରୋଗୀଙ୍କୁ ସମସ୍ତ ରକ୍ତ ପରୀକ୍ଷା କରିବା ପାଇଁ ଚିଠାରେ ଲେଖି ଦେଉଛନ୍ତି। ମାତ୍ର ରୋଗୀଙ୍କୁ ସମସ୍ତ ପରୀକ୍ଷାରୁ ବଞ୍ଚିତ ହେବାକୁ ପଡୁଛି। ଏପଟେ ବାହାରୁ ରୋଗୀ ରକ୍ତ ପରୀକ୍ଷା କରି ଆଣିଲେ ଡାକ୍ତରମାନେ ଦେଖୁ ନାହାନ୍ତି। ଫଳରେ ରୋଗୀ ସରକାରଙ୍କ କଟକଣା ସହିତ ଚିକିତ୍ସାଳୟରେ ଉପଯୁକ୍ତ ରକ୍ତ ପରୀକ୍ଷା ହେଉ ନ ଥିବାରୁ କେଉଁ ପଟେ ହେବ ସ୍ଥିର କରି ପାରୁନାହିଁ। ସେହିପରି ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ ମଧ୍ୟ ଟେକନିସିଆନ ଅଭାବରୁ ସଂଗ୍ରହ କରାଯାଉଥିବା ରକ୍ତକୁ ମଧ୍ୟ ପରୀକ୍ଷା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଚିକିତ୍ସାଳୟରେ ଥିବା ଜଣେ ମାତ୍ର ଟେକନିସିଆନ ରକ୍ତଭଣ୍ଡାର ଏବଂ ଲାବ୍ରୋଟୋରୀକୁ ଧାଇଁ ଦୌଡକରି ପରୀକ୍ଷା କରିବା ଏକ ପ୍ରକାର ଅସମ୍ଭବ ହୋଇ ପଡୁଛି। ଏଣୁ ଜିଲା ତଥା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଠାରେ ଅତିଶୀଘ୍ର ଟେକନିସିଆନ ନିଯୁକ୍ତି ଦେବାପାଇଁ ଦାବି ହେଉଛି।



ଟେନ୍‌ସା ବ୍ୟାଡମିଣ୍ଟନ ପ୍ରତିଯୋଗିତା ଚାଲିଛି।

# ଟେନ୍‌ସାରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା

**ଟେନ୍‌ସା, ୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଟେନ୍‌ସା ସୋସିୟଲ ସେଣ୍ଟରଠାରେ ୪ଠମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ରବିବାର ୧୫ଟି ମ୍ୟାଚ ଖେଳା ଯାଇଥିଲା। ଟେନ୍‌ସା ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ଏହି ଖେଳରେ ମୁଖ୍ୟଅତିଥି ଭାବେ ବରସୁଆଁ ଲୋହଖଣିର ମହାପ୍ରବନ୍ଧକ ଅଜୟ କୁମାର ସିହ୍ନା ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟଅତିଥି ଭାବେ ରୁଙ୍ଗୁଟା ସାନ ଇନ୍ଦୁପୁର ଲୋହଖଣି ପରିଚାଳକ ଏସ.କେ ଗଡନାୟକ, ଖବରଦାତା ସମୀର ପାଢ଼ୀ, ବ୍ୟାଡମିଣ୍ଟନ ସଂଘର ସଭାପତି ତିଳକ ପଟ୍ଟନାୟକ, ସମ୍ପାଦକ ଡ. ଏ.ପି ପଣ୍ଡା, ଅରୁଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତଃରୁ ୩୦ଟି ଟିମ ଏହି ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତି। ଏହି ଖେଳ ଦୁଇଦିନ ଧରି ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟ ସଂଘର ଟିଣ୍ଟୁ ଜେନା, ଭବାନୀଶଙ୍କର ମିଶ୍ର, ରାକେଶ ଯାଦବ, କପିଳ ସା, ଉମେଶ ମୂଳି, ଅଜୁ ମୁଣ୍ଡା ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ।




ବିଜେଡିର ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

# ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ, ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

**ସୁନ୍ଦରଗଡ,୧।୩ (ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ତାରିଖ ମଙ୍ଗଳବାର ସୁନ୍ଦରଗଡ ଗସ୍ତରେ ଆସି ୧୫କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହା ସହ ଭବାନୀଭବନ ପଡିଆରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ସମବେତ ଜନତା ଓ ଦଳୀୟ କର୍ମୀଙ୍କୁ ଉଦବୋଧନ ଦେବେ। ଏହି ପରିପ୍ରେକ୍ଷୀରେ ରବିବାର ବିଜେଡି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମ୍ପର୍କୀତ ବିସ୍ତୃତ ସୂଚନା ଦଳୀୟ ନେତୃବୃନ୍ଦ ଦେଇଥିଲେ। ପୂର୍ବତନ ବିଧାୟକ ତଥା ବିଜେଡି ନେତା ଯୋଗେଶ କୁମାର ସିଂ କହିଥିଲେ ଯେ, ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ଓ ବିଜେଡିର ଅଷ୍ଟମ ଥର ସଭାପତି ହେବା ପରେ ନବୀନ ପଟ୍ଟନାୟକଙ୍କର ପ୍ରଥମ କରି ସୁନ୍ଦରଗଡ ଜିଲା ଗସ୍ତରେ ଆସୁଥିବାରୁ ଜିଲାବାସୀଙ୍କ ମଧ୍ୟରେ ବେଶ ଉତ୍ସୁକତା ରହିଛି । ରାଜ୍ୟର ବିକାଶର ତାଳରେ ସୁନ୍ଦରଗଡର ବିକାଶକୁ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ପଦକ୍ଷେପ ଓ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଥିବା କହିଥିଲେ। ସୁନ୍ଦରଗଡ ସାଙ୍ଗଠନିକ ଜିଲା ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ, ପଶ୍ଚିମ ଓଡିଶା ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ସୁନ୍ଦରଗଡର ରାଜମାତା ପଦ୍ମିନୀ ଶେଖର ଦେଓ ଏହି ଖବରଦାତା ସମ୍ମିଳନୀରେ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରଜେନ୍ଦ୍ର ସିଂ, ସୁନ୍ଦରଗଡର ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳର ଉନ୍ନତିକରଣ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଥିବା କହିଥିଲେ। ବିଜୁ ଛାତ୍ର ଜନତା ଦଳର ପଶ୍ଚିମାଞ୍ଚଳ ଜୋନ୍ ସଭାପତି ବୈକୁଣ୍ଠ ନାଏକ, ଓଡିଶା ମୋ ପରିବାରର ସଦସ୍ୟା ସୁନୀତା ବିଶ୍ୱାଳ, ଜିଲା ଆଇନଜୀବୀ ସାମୁଖ୍ୟର ଆବାହକ ଅଶୋକ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# କଠୋରତା ଅପେକ୍ଷା ନମ୍ରତା ଅଧିକ ସଫଳ ଆଣିଥାଏ

**ହେମଗିର, ୧।୩ (ଡି.ଏନ.ଏ)**

ସ୍ଥାନୀୟ ଭେଷଜ ପଟେଲ ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଏମସିଏଲ ଜିଏମ ସଞ୍ଜୟ କୁମାର ଝା ଯୋଗଦେଇ ଜୀବନରେ କଠୋରତା ଅପେକ୍ଷା ନମତ୍ରା ହିଁ ଅଧିକ ସଫଳତା ଆଣିଥାଏ ବୋଲି କହିଥିଲେ। ଏହି ଉତ୍ସବରେ ସୁନ୍ଦରଗଡ ଉପଜିଲାପାଳ ଅଭିମନ୍ୟୁ ବେହେରା ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବରେ ଏନ୍‌ଟିପିସିର ସିନିୟର ମ୍ୟାନେଜର ଅଚ୍ୟୁତାନନ୍ଦ ସାହୁ, ଅମରେଶ ରାଉଳ, ଓସିପିଏଲର ଡିଜିଏମ ଭି. ଜଗନ୍ନାଥ, ଅଧ୍ୟାପକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ସୁଶିଲ କୁମାର ଚୌଧୁରୀ ଉଦ୍‌ବୋଧନ ଦେଇଥିଲେ। ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮୮୩ ରହିଥିବା ବେଳେ ୩୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ ସାରି ଚାଲିଗଲେଣି। ଏଥିସହ ବହୁ ଛାତ୍ରୀଛାତ୍ର ରାଜ୍ୟ, ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କଥା ଅଧକ୍ଷ ଚୌଧୁରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ମୀନତି ମିଶ୍ର ପରିଚାଳନା କରିଥିଲେ। ଶେଷରେ ମହାବିଦ୍ୟାଳୟର ବିଭିନ୍ନ ବିଷୟରେ କୃତୀତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ ହୋଇଥିଲା। ଉତ୍ସବରେ ଅଧ୍ୟାପକ ବିଭୂତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଧ୍ୟାପକ ଅଶ୍ୱିନୀ ମିଶ୍ର, ଅଧ୍ୟାପିକା ସୌଦାମିନୀ ତ୍ରିପାଠୀ, ସୁଶାନ୍ତ କୁମାର ପଟେଲ, ଡ. ଏ.କେ ନାୟକ ପ୍ରମୁଖ ସହଯୋଗ କରିଥିଲେ ।



ଭେଷଜ ପଟେଲ ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ।

# ରାଜ୍ୟସ୍ତରୀୟ ଏସଡିସି କପ୍ ସେମିଫାଇନାଲ ମ୍ୟାଚ୍

**ସୁନ୍ଦରଗଡ,୧।୩ (ଡି.ଏନ୍.ଏ)**

ଓଡିଶା ସରକାରଙ୍କ ନିଷ୍ପତ୍ତି କ୍ରମେ ଅନୁସୂଚିତ ଜନଜାତି ବର୍ଗର ମହିଳା ଓ ପୁରୁଷ ଖେଳାଳିଙ୍କ ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଏବଂ ଫାଓର ମିଳିତ ସହଭାଗୀତାରେ ୯ଗୋଟି ସ୍ୱତନ୍ତ୍ର ଉନ୍ନୟନ ଜିଲାର ୧୦ ମହିଳା ଏବଂ ୧୦ ପୁରୁଷ ଫୁଟବଲ ଟିମ୍‌କୁ ନେଇ ଏସଡିସି କପ୍- ୨୦୨୦ ଫୁଟବଲ ଚାମ୍ପିୟନଶିପ୍ ଆୟୋଜିତ ହୋଇଛି। ମାର୍ଚ୍ଚ ୨ରେ ସୁନ୍ଦରଗଡ ଭବାନୀପୁର ସ୍ପୋର୍ଟସ ହଷ୍ଟେଲ ଷ୍ଟାଡିୟମ ଠାରେ ଉଭୟ ମହିଳା ଓ ପୁରୁଷ ଦଳର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ରବିବାର ସ୍ଥାନୀୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ସୂଚନା ଦେଇଛନ୍ତି। ଅଧ୍ୟକ୍ଷ ଟପ୍ପୋ କହିଛନ୍ତି ଯେ ୯ ଗୋଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲାରେ ଖେଳାଳି ଚୟନ ପ୍ରକ୍ରିୟା ଶେଷ ହେଲା ପରେ ୫ଗୋଟି ମହିଳା ଟିମ୍ ଏବଂ ୫ ଗୋଟି ପୁରୁଷ ଟିମ୍‌କୁ ନେଇ ୨ଗୋଟି ଲିଗ ମ୍ୟାଚ୍ ମୟୂରଭଞ୍ଜ ଜିଲାର ବାରିପଦା ଏବଂ କନ୍ଧମାଳ ଜିଲାର ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇଛି ।ଏହି ୨ଗୋଟି ଲିଗ ମ୍ୟାଚରେ ସୁନ୍ଦରଗଡ, ବାରିପଦା ଏବଂ ରାଇରଙ୍ଗପୁରର ଉଭୟ ମହିଳା ଓ ପୁରୁଷ ଟିମ୍, କୋରାପୁଟର ପୁରୁଷ ଟିମ୍ ଓ କେନ୍ଦୁଝରର ମହିଳା ଟିମ୍ ସେମିଫାଇନାଲ ମ୍ୟାଚ ଖେଳିବାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମିଫାଇନାଲ ମ୍ୟାଚଗୁଡିକ ସୁନ୍ଦରଗଡ ଏବଂ କେନ୍ଦୁଝର ଜିଲାରେ ଅନୁଷ୍ଠିତ ହେବ। ଏହି କ୍ରମରେ ସୁନ୍ଦରଗଡ ଭବାନୀପୁର ସ୍ପୋର୍ଟସ ହଷ୍ଟେଲ ଷ୍ଟାଡିୟମରେ ସୋମବାର ସକାଳ ୯ଟାରେ ମହିଳା ଖେଳାଳି ଏବଂ ଅପରାହ୍ନ ୩ଟାରେ ପୁରୁଷ ଖେଳାଳିଙ୍କ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ମହିଳା ବର୍ଗରେ ରାଇରଙ୍ଗପୁର ଏବଂ ବାରିପଦା ଟିମ୍, ପୁରୁଷ ବର୍ଗରେ ସୁନ୍ଦରଗଡ ଏବଂ ରାଇରଙ୍ଗପୁର ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ଲୋକଙ୍କ ନିକଟତର ହେବାକୁ ପୋଲିସର ପ୍ରୟାସ

**ଲହୁଣୀପଡା, ୧।୩ (ଡି.ଏନ.ଏ)**

ସାଧାରଣ ଲୋକଙ୍କ ନିକଟତର ହେବାକୁ ରାଉରକେଲା ପୋଲିସ ପ୍ରୟାସ ଆରମ୍ଭ କରିଛି। ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜିଂ ପଞ୍ଚାୟତ ଦେଓଧର ପ୍ରାଥମିକ ବିଦ୍ୟାଳୟର ଖେଳ ପଡିଆଠାରେ ରାଉରକେଲା ପୋଲିସ ଜିଲା ଓ ଚାନ୍ଦିପୋଷ ଥାନାର ମିଳିତ ଆନୁକୂଲ୍ୟରେ ରବିବାର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନସମ୍ପର୍କ ଶିବିରକୁ ରାଉରକେଲା ପୋଲିସ ଜିଲା ଅଧୀକ୍ଷକ (ଏସ୍‌ପି) କେ. ଶିବା ସୁବ୍ରମଣି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରବୋସନର ଆଇପିଏସ ଏସ.ସୁଶ୍ରୀ ଆଞ୍ଚଳ, କମାଣ୍ଡାଣ୍ଟ ଦୈତାରୀ ନାୟକ, ବଣାଇ ଅତିରିକ୍ତ ଏସ୍‌ପି ସାଇଦ ମୁଜୁବିର ରେହେମାନ, ଚାନ୍ଦିପୋଷ ଥାନା ଅଧିକାରୀ ସତିଶ କୁମାର ନାୟକ, ଦର୍ଜିଂ ସରପଞ୍ଚ ଦୌପଦୀ ମୁଣ୍ଡାରୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଆଦିବାସୀ ନୃତ୍ୟଗୀତର ତାଳେ ତାଳେ ଅତିଥିମାନଙ୍କୁ ସଭାସ୍ଥଳକୁ କଳାକାରଙ୍କ ଦ୍ୱାରା ପାଛୋଟି ଆଣିଥିଲେ । ଏହି କାର୍ଯ୍ୟକ୍ରମରେ ରାଉରକେଲା ଡାକ୍ତରୀ ଦଳ ଯୋଗଦେଇ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ଶିବିରରେ ତିନୋଟି ନୃତ୍ୟ ଦଳ ଭାଗନେଇ ନିଜ କଳା ପ୍ରଦର୍ଶିତ କରିଥିଲା ବେଳେ ନୃତ୍ୟ ଦଳକୁ ବାଦ୍ୟଯନ୍ତ୍ର ପ୍ରଦାନ କରିଥିଲେ। ୮ଟି ଫୁଟବଲ ଦଳ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ଖେଳ ସାମଗ୍ରୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବହି, ଖାତା, ପେନ, ପେନସିଲ, ବ୍ୟାଗ ଇତ୍ୟାଦି ବଣ୍ଟନ କରାଯାଇଥିଲା । ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ଛତା ଟର୍ଚ୍ଚ ବଣ୍ଟନ କରାଯାଇଥିଲା।




ଜନସମ୍ପର୍କ ଶିବିରରେ ଜଣେ ଲୋକଙ୍କୁ ସହାୟତା ପ୍ରଦାନ କରାଯାଉଛି।



ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ୨କି.ମି. ଶୋଭାଯାତ୍ରାରେ ଚାଲିଲେ ହଜାରେ ମହିଳା

**ବଡ଼ଗାଁ, ୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଶନିବାର ଜିଲା ବିଜୁ ଜନତା ଦଳ (ବିଜେଡି)ର ନବ ନିଯୁକ୍ତ ଜିଲା ସଭାପତି ବିନୟ ଟପ୍ପୋଙ୍କୁ ଭବ୍ୟ ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମଧ୍ୟାହ୍ନରେ ହଜାରେରୁ ଉର୍ଦ୍ଧ୍ୱ ମହିଳା ୨କିମି ଶୋଭାଯାତ୍ରାରେ ଚାଲିଥିଲେ। ମହିଳା ପୁରୁଷ ମହାବୀର ଛକଠାରୁ ମିନିଷ୍ଟାଡିୟମ ପାର୍ଶ୍ୱ ଆମ୍ବ ବଗିଚା ନିକଟକୁ ଆସିଲା ପରେ ସଭା ହୋଇଥିଲା । ଜିଲା ସଭାପତି ଟପ୍ପୋଙ୍କ ସହିତ ଓକିଲ ଦେବାଶିଷ ମିଶ୍ର, ଭୋଳାନାଥ ଦାସ, ଧରଣୀଧର ସା, ବିମ୍ବାଧର ନାଏକ, ରାଜୁ ଦାସ, ଅରୁଣ ଦିକ୍ଷୀତ, ପ୍ରଭାସିନୀ ସେଠ, ଶିବ ସେଠ ମଞ୍ଚାସୀନ ହୋଇଥିଲେ। ରାଜ୍ୟ ସରକାର ଭାଷା, ସଂସ୍କୃତି, ଖେଳକୁଦ, କଳାର ବିକାଶ ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ କରିଛନ୍ତି । ଏଥିପାଇଁ ଗାଁର ସାଂସ୍କୃତିକ ଦଳ, କ୍ଲବ, ଖେଳାଳୀଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ସମସ୍ତ ଜାତି, ଧର୍ମ, ସମ୍ପ୍ରଦାୟର ଲୋକଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି । ଏହା କିପରି ଠିକ ସ୍ଥାନରେ ପହଞ୍ଚିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଭାରେ ଭୋଇପାଲି ଗ୍ରାମର ବୃଷଭ ମାଝୀ, ତପନ ଡନସନା, ବଡଗାଁର ପୁରନ୍ଦର ମାଝୀ (ପେଟୁ), ସୁରେନ୍ଦ୍ର କାଲୋ (ମିଲୁ), ସାଲେପାଲି ଗ୍ରାମର କ୍ଷମାନିଧି ସାହୁ ବିଜେଡିରେ ଯୋଗଦେଇଥିଲେ । ତାଙ୍କୁ ଜିଲା ସଭାପତି ଟପ୍ପୋ ଫୁଲତୋଡା ଦେଇ ସ୍ୱାଗତ ଜଣାଇଥିଲେ । କାର୍ଯ୍ୟକ୍ରମରେ ଉତ୍କଳ ମହାପାତ୍ର, ଆଲୋକ ପଟ୍ଟନାୟକ, ଏମଡି ହଫିଜ, ଧନେଶ୍ୱର ମାଝୀ, ହୀରାଧର ବେହେରା, ସରାଜ ଦେଓ, ସରୋଜ ସାହୁ, ଅଜୁ ବେହେରା, ସୁରେନ୍ଦ୍ର କିସାନ, ଇନ୍ଦ୍ରମଣୀ କିସାନ, ଭେଷଜ ସୁନ୍ୟାନୀ ପ୍ରମୁଖ କର୍ମୀମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।

# ଜିଲାପାଳଙ୍କ ବହି ବଗିଚାରେ ଛାତ୍ରୀଛାତ୍ରଙ୍କ ଭିଡ଼

**ସୁନ୍ଦରଗଡ,୧।୩ (ଡି.ଏନ୍.ଏ)**

ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ଅଭିନବ ଉଦ୍ୟମ ସୁନ୍ଦରଗଡ ବହିପଢ ଅଭିଯାନ କ୍ରମରେ ତାଙ୍କ ବାସଭବନ ପରିସରରେ ହୋଇଥିବା ସ୍ୱତନ୍ତ୍ର ବହିବଗିଚାରେ ପ୍ରତି ରବିବାରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ପୁସ୍ତକ ପ୍ରେମୀଙ୍କ ଭିଡ ପରିଲକ୍ଷିତ ହୋଇଛି । ଏହି ବହି ବଗିଚା ମଧ୍ୟରେ ଛାତ୍ରୀ ଛାତ୍ରମାନେ ବିଭିନ୍ନ ପ୍ରକାର ପୁସ୍ତକ ଅଧ୍ୟୟନକରି ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ସହ ଜିଲାପାଳଙ୍କ ସହ ଭାବ ବିନିମୟର ସୁଯୋଗ ପାଇଛନ୍ତି। ରବିବାର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ଲେଫ୍ରିପଡା ବ୍ଲକର ସିପିଜିପି ଉଚ୍ଚ ବିଦ୍ୟାଳୟ ସୁର୍ଗୁଡା ଓ ସ୍ଥାନୀୟ ଭବାନୀଶଙ୍କର ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ସେମାନଙ୍କ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହ ଆସି ଜିଲାପାଳଙ୍କ ବାସଭବନ ପରିସରରେ ଥିବା ବହି ବଗିଚାରେ ପହଞ୍ଚି ବିଭିନ୍ନ ପୁସ୍ତକ ଅଧ୍ୟୟନ କରିଥିଲେ। ଏହା ସହ ଆୟୋଜିତ ଚିତ୍ରକର୍ମଶାଳାରେ ବିଭିନ୍ନ ବ୍ୟକ୍ତିଙ୍କ ଚିତ୍ର ନିଜ ତୂଳୀରେ ଆଙ୍କିଥିଲେ। ଲେଫ୍ରିପଡା ବିଡିଓ ରମେଶ ଚନ୍ଦ୍ର ହାଁସଦା ଛାତ୍ରୀଛାତ୍ର ଆଗରେ ବସି ତାଙ୍କର ପ୍ରତିଛବି ଆଙ୍କିବାର ସୁଯୋଗ ଦେଇଥିଲେ।



ଜିଲାପାଳଙ୍କ ବହିବଗିଚାରେ ଛାତ୍ରୀଛାତ୍ରଙ୍କ ଭିଡ଼ ଲାଗିଛି।



ନିର୍ଭୀକ ଲୋକ ହିଁ ସୁଯୋଗ ପାଇଲେ
ଶିଖର ଦେଶରେ ପହଞ୍ଚିଯାଏ।
- ସେକ୍ସପିୟର

## ସଂକ୍ଷେପରେ...

### ଦମ୍ପତିଙ୍କୁ ବୋତଲରେ ଆକ୍ରମଣ

**ଝାରସୁଗୁଡା ଅଫିସ/ବ୍ରଜରାଜନଗର, ୧।୩ (ଡି.ଏନ.ଏ.)** ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଅଧୀନ ରାମପୁର ଫାଣ୍ଡି ଅଞ୍ଚଳରେ ଏକ ଦମ୍ପତିଙ୍କୁ ଆକ୍ରମଣ ହୋଇଛି। ବନହରପାଲି ଥାନା ଅଧୀନ ବନ୍ଧବାହାଲ ଗ୍ରାମର ରମେଶ ପ୍ରଧାନ ତାଙ୍କ ସ୍ତ୍ରୀ ନିରୁପମା ଆକ୍ରମଣର ଶିକାର ହୋଇଛନ୍ତି। ରବିବାର ଏହି ଦମ୍ପତି ବୁନ୍ଦିଆ ଅଞ୍ଚଳକୁ ନାମଯଜ୍ଞ ଦେଖିବାକୁ ଆସିଥିଲେ। ସେଠାରେ ବେଦବ୍ୟସ ପ୍ରଧାନ, ସୁଶୀଲ ପ୍ରଧାନଙ୍କ ଅନ୍ୟ କେତେଜଣ ଯୁବକ ସେମାନଙ୍କୁ ଏକ କାଚ ବୋତଲରେ ଆକ୍ରମଣ କରିଥିଲେ। ଫଳରେ ରମେଶଙ୍କୁ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ବେଳେ ନିରୁପମାଙ୍କ ହାତରେ ମଧ୍ୟ କ୍ଷତ ହୋଇଛି। ଏହି ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ନାରୀ ନିର୍ଯାତନା ବିରୋଧରେ ଲଢ଼ିବ ନାରୀ କି ଆବାଜ

**ଝାରସୁଗୁଡା ଅଫିସ,୧।୩**

ସାମ୍ପ୍ରତିକ ସମାଜରେ ନାରୀ ସୁରକ୍ଷିତ ନୁହେଁ। ତେବେ ନାରୀଙ୍କ ସୁରକ୍ଷା ପାଇଁ ବହୁ ଆଇନ ପ୍ରଣୟନ ହୋଇଥିଲେ ସୁଦ୍ଧା ଏ ନେଇ ସେମାନେ ଅବଗତ ନୁହନ୍ତି। ଏଣୁ ସେମାନଙ୍କୁ ସଚେତନ କରିବା ଓ ନିର୍ଯାତନାରୁ ରକ୍ଷା କରିବା ନେଇ ଗଠନ ହୋଇଛି ସାମାଜିକ ସଂଗଠନ ନାରୀ କି ଆବାଜ। ଝାରସୁଗୁଡା ସହର ଗଙ୍ଗାଧର ମେହେର କଲ୍ୟାଣ ମଣ୍ଡପଠାରେ ରବିବାର ସଂଗଠନର ଶୁଭାରମ୍ଭ ହୋଇଛି। ସଙ୍ଗଠନର ଏକ ଟୋଲ ଫ୍ରି ନମ୍ବର ମଧ୍ୟ ଜାରି କରାଯାଇଛି। ଏହି ସଙ୍ଗଠନରେ ସହରର ବିଭିନ୍ନ ମହିଳା ସଙ୍ଗଗଠନମାନେ ସାମିଲ ହୋଇ



ସଙ୍ଗଠନ ଶୁଭାରମ୍ଭ ଅବସରରେ ଆୟୋଜିତ ସଭାରେ ଅତିଥିମାନେ।

ନାରୀ ନିର୍ଯାତନ ରୋକିବା ଦିଗରେ କାର୍ଯ୍ୟ କରିବା ନେଇ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଅତିଥି ଭାବେ ଭାବେ ଝାରସୁଗୁଡା ଉପଜିଲାପାଳ ଶିବ ଟପ୍ପୋ, ପୂର୍ବତନ ବାର ସଭାପତି ରଘୁମଣି ପଟେଲ, ହିରାଲାଲ ଲୋକଚନ୍ଦାନି, ଝାରସୁଗୁଡା ମହିଳା ମହାବିଦ୍ୟାଳୟର ଅଧକ୍ଷା ବଲବିନ୍ଦର କୌର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆନନ୍ଦିନି ପାଢ଼ୀ ପରିଚାଳନା କରିଥିଲେ। ଏହି ସଂଗଠନ ସମଗ୍ର ଜିଲାରେ କାର୍ଯ୍ୟ କରିବ। ସଂଗଠନ ସହିତ ଅନୁବନ୍ଧିତ ମହିଳା ସଂଗଠନମାନେ ପ୍ରତି ବ୍ଲକ ଓ ମୁନିସିପାଲିଟି ଦାୟିତ୍ୱରେ କାର୍ଯ୍ୟ କରିବେ। ୨୪ ଘଣ୍ଟିଆ ଟୋଲ ଫ୍ରି ନମ୍ବର ଉପଲବ୍ଧ ରହିବ। ଯେକୌଣସି ମହିଳା ନିର୍ଯାତନାର ଶିକାର ହେଉଥିବା ନେଇ ଖବର ଆସିଲେ ତାଙ୍କୁ ଆଇନଗତ ସହଯୋଗ କରାଯିବ ବୋଲି ସଂଗଠନର ଉଦ୍ୟୋକ୍ତା ଦିପାଳୀ ଦାସ କହିଛନ୍ତି। ଅନ୍ୟପକ୍ଷରେ ଏହି ସଂଗଠନ ରାଜନୈତିକ ଉଦ୍ଦେଶ୍ୟ ନେଇ ଗଠନ ହୋଇଥିବା ନେଇ ଆଲୋଚନା ହେଉଛି। ଦୀପାଳୀ ଦାସ ମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ। ସେ ଦୀର୍ଘ ଦିନ ହେବ ବିଭିନ୍ନ ସଭା ସମିତିରେ ଯୋଗ ଦେଉଛନ୍ତି। ଆଗକୁ ମୁନିସିପାଲଟି ନିର୍ବାଚନ। ଏଣୁ ଦୀପାଳିଙ୍କୁ ଥଇଥାନ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଚର୍ଚ୍ଚା ହେଉଛି। ହେଲେ ଏ ନେଇ ଦୀପାଳି କୌଣସି ମତାମତ ଦେଇ ନାହାନ୍ତି।

### ନିୟମ ନ ମାନି ଜରିମାନା ଦେଲେ ଗାଡି ଚାଳକ

**ଝାରସୁଗୁଡା ଅଫିସ,୧।୩**

ଝାରସୁଗୁଡାରେ ରବିବାର ପୋଲିସ୍ ଯାନବାହାନ ଧରପଗଡ କରିଛି। ଦ୍ରୁତ ଗତିରେ ଗଡିଚାଳନା, ମଦ୍ୟପାନ କରିଗାଡି ଚାଳନା, ହେଲମେଟ ନ ପିନ୍ଧି ଗାଡ ଚାଳନା, ସିଟ ବେଲ୍ଟ ନ ପିନ୍ଧି ଗାଡି ଚାଳନା ଆଦି ବିଭିନ୍ନ ଦିଗକୁ ଗୁରୁତ୍ୱ ଦିଆଯାଇ ସହରର ବିଭିନ୍ନ ଛକରେ ଯାଞ୍ଚ କରାଯାଇଛି। ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି ଯେ, ନିୟମ ଖିଲାପି ଗାଡି ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

### ସଫେଇ କାର୍ଯ୍ୟକ୍ରମ

**ଲଇକେରା, ୧।୩ (ଡି.ଏନ.ଏ.)**

ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀଙ୍କ ନେତୃତ୍ୱରେ ରବିବାର ଥାନା ଏବଂ ଥାନା ପରିସରରେ ସଫେଇ କରାଯାଇଛି। ଏଏସଆଇ ରୋହିତ ନାୟକ, ଉଦୟ ଭାନୁ ଦେବ ପ୍ରମୁଖ ଏଥିରେ ସାମିଲ୍ ହୋଇଥିଲେ।

# ସହରରେ ଆରମ୍ଭ ହେଲା କଡାକଡି ଗାଡି ଯାଞ୍ଚ

## ଉଲ୍ଲଂଘନକାରୀ ଛାନିଆ

**ରାଉରକେଲା ଅଫିସ,୧।୩**

ପୂର୍ବ ସୂଚନା ମୁତାବକ ମାର୍ଚ୍ଚ ଆରମ୍ଭ ରବିବାର ଠାରୁ ଷ୍ଟିଲ ସିଟିରେ ଗାଡି ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯିବା ଦେଖାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ ହନୁମାନ ବାଟିକା ଛକ ସମେତ ଅନ୍ୟ କେତେକ ସ୍ଥାନରେ ପୋଲିସ, ଜିଲା ପରିବହନ କର୍ମଚାରୀ ଓ ଟ୍ରାଫିକ ଅଧିକାରୀ ଉପସ୍ଥିତ ରହି ଏହି ଯାଂଚ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ମୂଳତଃ ହେଲମେଟ ପରିଧାନ କରି ନ ଥିବା କିମ୍ବା ୨ରୁ ଅଧିକଙ୍କୁ ବସାଇ ବାଇକରେ ଯାତ୍ରା କରୁଥିବା ଲୋକଙ୍କ ଉପରେ କଡା ନଜର ଦିଆଯାଇ ଥିଲା। ଭାରିଯାନ ଚଳାଉଥିବା ଗାଡି ଚାଳକ ସିଟ ବେଲ୍ଟ ବାନ୍ଧିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା। ମଦ୍ୟପାନ କରି ଗାଡି ଚଳାଉଥିବା ଡ୍ରାଇଭରଙ୍କୁ ଯାଂଚ କରାଯାଇ ଅଟକ ରଖାଯିବା ପରେ ଜରିମାନା ଆଦାୟ କରାଯାଇ ଥିଲା। ଏନେଇ ଆଗୁଆ ସତର୍କ ଗାଡି ଚାଳକ ହେଲମେଟ ପରିଧାନ କରି ସାଙ୍ଗରେ ଆବଶ୍ୟକୀୟ କାଗଜ ପତ୍ର ଧରି ଆସିଥିଲେ। ଅପରପକ୍ଷେ କିଛି ଅମାନିଆ ଗାଡି ଚାଳକ ବାଟ ଭାଙ୍ଗି ଚାଲିଯିବା ନଜରକୁ


ପୋଲିସ ଯାଞ୍ଚ କରୁଛନ୍ତି।

ଆସିଥିଲା। ରବିବାର ଠାରୁ ଆରମ୍ଭ କରାଯାଇଥିବା ଯାଂଚ ବ୍ୟବସ୍ଥାରୁ ଜଣା ପଡିଛି ଯେ ଆଜି ପର୍ଯ୍ୟନ୍ତ ଏନେଇ ଅବେଦନକାରୀ ଡ୍ରାଇଭିଂ ଲାଇସେନ୍ସ ପାଇ ପାରି ନାହାଁନ୍ତି। କେବଳ ଆବେଦନ ପତ୍ର ରସିଦ ଧରି ବୁଲୁଛନ୍ତି। କେବେ ସୁଦ୍ଧା ଏମାନଙ୍କୁ ଡିଏଲ ମିଳିବ ସେନେଇ କିଛି ସ୍ପଷ୍ଟ ହୋଇ ପାରିନି। ଏହି ସଂଖ୍ୟା ପାଖାପାଖି ୪ ହଜାର ହେବ ବୋଲି କୁହାଯାଉଛି। ଏମିତି ଅବସ୍ଥାରେ ଯାଞ୍ଚକାରୀ ପୋଲିସ ଅଡୁଆରେ ପଡୁଛି। ତେବେ ସାଧାରଣ ଭାବେ ହେଲମେଟ ପରିଧାନ ସହ ସାଙ୍ଗରେ ରେଜିଷ୍ଟ୍ରେସନ, ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁସନ କ୍ଲିଅରାନ୍ସ ଆଦି ସାଙ୍ଗରେ ରଖିବାକୁ ପୋଲିସ ପକ୍ଷରୁ ପରାମର୍ଶ ପ୍ରଦାନ କରାଯାଇଛି। ଏଥିରେ ନାବାଳକଙ୍କ ହାତରେ ଗାଡି ନ ଦେବାକୁ ପରାମର୍ଶ ଦିଆଯାଇଛି। ଦ୍ରୁତ ଗାଡି ଚାଳନା, ନୋ ଏଂଟ୍ରିରେ ପ୍ରବେଶ, ପାର୍କିଂ ଆଦି ବେଆଇନ କାର୍ଯ୍ୟ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଟ୍ରାଫିକ ଡିଏସପି ଶାନ୍ତାନୂତନ ସାମନ୍ତଙ୍କ ସୂଚନାନୁଷାରେ ପ୍ରଥମ ଦିନରେ ୩୦ ହଜାରରୁ ଉର୍ଦ୍ଧ ଜରିମାନା ଆଦାୟ କରାଯାଇଥିବା ବେଳେ ୪ ଜଣ ମଦ୍ୟପ ଚାଳକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ



ମଞ୍ଚାସୀନ ବଜରଙ୍ଗ ଦଳର କର୍ମକର୍ତ୍ତା।

**ଝାରସୁଗୁଡା ଅଫିସ,୧।୩**

ଝାରସୁଗୁଡା ସହର ମଙ୍ଗଳବଜାରସ୍ଥିତ ଟାଉନ ହଲ୍‌ଠାରେ ରବିବାର ବଜରଙ୍ଗ ଦଳର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶ୍ୱ ହିନ୍ଦୁ ପରିଷଦର ଅଧକ୍ଷ ପ୍ରଭୁଦୟାଲ କେଡିଆ, ପଶ୍ଚିମ ପ୍ରାନ୍ତ ଅଧକ୍ଷ ସୁଧୀର ରଞ୍ଜନ ବହିଦାର, ଅନିଲ ସାହୁକ, ସନାତନ ପଟେଲ ଓ ଅରବିନ୍ଦ ପାଠକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଜିଲାସ୍ତରରେ ବିଦ୍ୟାର୍ଥୀ ପ୍ରମୁଖ ଭାବେ ବିଷ୍ଣୁ ପ୍ରସାଦ ମେହେର, ଗୋରଖା ପ୍ରମୁଖ ଭାବେ ଜିତେନ୍ଦ୍ର ମହାନନ୍ଦ, ମିଳନ କେନ୍ଦ୍ରର ଦାୟିତ୍ୱ ବିନୟ ରଜକ, ସୁରକ୍ଷା ପ୍ରମୁଖ ଭାବେ ରାଜା ସେନ୍ଦ୍ରିୟା, ସୁରକ୍ଷା ସହ ପ୍ରମୁଖ ଭାବେ ଧୀରଜ କୁମାର ଯାଦବ ଓ ଅଖଣ୍ଡ ପ୍ରମୁଖ ଭାବେ ବିଜୟ ପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ବ୍ଲକ ସ୍ତରରେ ପ୍ରଖଣ୍ଡ ସଂଯୋଜକ ଭାବେ ଜୟ ମହାନନ୍ଦିଆ, ପ୍ରଖଣ୍ଡ ସହ–ସହଯୋଜକ ଭାବେ ଅଜୟ କୁମାର ମିସ୍ତ୍ରୀ, ପ୍ରଖଣ୍ଡ ସୁରକ୍ଷା ପ୍ରମୁଖ ଭାବେ କିଶୋର ସା, ପ୍ରଖଣ୍ଡ ଓ ସୁରକ୍ଷା ସହ ପ୍ରମୁଖ ଭାବେ ମାନୁ ସିଂ ଓ ପ୍ରଖଣ୍ଡ ମିଳନ କେନ୍ଦ୍ର ପ୍ରମୁଖ ଭାବେ କେଦାର କାହଲିଙ୍କୁ ଦାୟିତ୍ୱ ଦିଆଯାଇଛି। ନଗର ସ୍ତରରେ ନଗର ସଂଯୋଜକ ଭାବେ ବିବେକ ଶ୍ରିୱାସ, ନଗର ସହ ସଂଯୋଜକ ଭାବେ ରମେଶ କରତା, ନଗର ସୁରକ୍ଷା ପ୍ରମୁଖ ଭାବେ ଅରୁଣ ପ୍ରଧାନ, ନଗର ସୁରକ୍ଷା ସହ ପ୍ରମୁଖ ଭାବେ କାର୍ତ୍ତିକ ସିଂ, ନଗର ମିଳନ କେନ୍ଦ୍ର ପ୍ରମୁଖ ଭାବେ ଆକାଶ ସାହୁ, ନଗର ମିଳନ କେନ୍ଦ୍ର ପସହ ପ୍ରମୁଖ ଭାବେ ଉମେଶ ବାସେନ ଓ ନଗର ଗୋରକ୍ଷା ପ୍ରମୁଖ ଭାବେ ପିଣ୍ଟୁ ସୋନକାରଙ୍କୁ ଦାୟିତ୍ୱ ଦିଆଯାଇଛି।

# ଶିକ୍ଷକତା କେବେ ଅବସର ନିଏନି

**କିର୍ମିରା, ୧।୩ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କିର୍ମିରା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପଟେଲଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ତେବେ ଶିକ୍ଷକ ଅବସର ନିଅନ୍ତି, ହେଲେ ଶିକ୍ଷକତା କେବେ ଅବସର ନିଏ ନାହିଁ । ତେଣୁ ଶିକ୍ଷକ ହେବା ଗର୍ବର ବିଷୟ ବୋଲି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଥିଲେ। ଏଥିରେ ଲଇକେରା ବିଇଓ ହିମସାଗର ବାଗ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଉମ୍ବରୁଧର ପଟେଲ, ତାଲମୁଣ୍ଡା ମହିଳା କଲେଜ ଅଧ୍ୟାପିକା ରଜନୀ ପଟେଲ, ପୂର୍ବତନ ଏବିଇଓ କ୍ଷୀରୋଦ୍ର ପ୍ରଧାନ, ଏବିଇଓ ନର୍ମଳା ଶତପଥୀ, କରୁଣା ସାଗର ପଟେଲ, ରବିନ୍ଦ୍ର ସିଂ, ସରବାହାଲ ବିଦ୍ୟାଳୟ ଶିକ୍ଷକ ସଚିନ୍ଦ୍ର


ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପଟେଲଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା।

ପଟେଲ, ନିତ୍ୟାନନ୍ଦ ଜଗତ, ଅଜୟ ଶର୍ମା, ଡିଲେଶ୍ୱର ବାଗ, କୁଞ୍ଜବିହାରୀ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷକ ସଂଘ ସଭାପତି ଶଶିକାନ୍ତ ନାୟକ ଅଧକ୍ଷତା କରିଥିବାବେଳେ ସୁନିଲ ପଟେଲ ମଞ୍ଚ ପରିଚାଳନା କରିଥିଲେ ।

# ଶିକ୍ଷାର ପ୍ରଦୀପ ମଣିଷକୁ ଅନ୍ଧାରରେ ଆଲୁଅ ଦେଖାଏ

**ଲଖନପୁର,୧।୩(ଡି.ଏନ୍.ଏ.)**

ସୃଷ୍ଟିର ଅନ୍ୟ ପ୍ରାଣୀଙ୍କ ମଧ୍ୟରେ ମଣିଷ ହେଉଛି ଶ୍ରେଷ୍ଠପ୍ରାଣୀ। ଅନ୍ୟପ୍ରାଣୀଙ୍କ ମସ୍ତିଷ୍କ ଅପେକ୍ଷା ମଣିଷର ମସ୍ତିଷ୍କ ବହୁ ଉନ୍ନତ। ମଣିଷ ବହୁ କିଛି ଭାବିଥାଏ। ସେସବୁକୁ ପରେ କାର୍ଯ୍ୟରେ ବ୍ୟବହାର କରିଥାଏ। ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ମଣିଷ ଅନେକ ସମୟରେ ଅନ୍ଧାରରେ ଗତି କରିଥାଏ। ଶିକ୍ଷାର ପ୍ରଦୀପ ଏହି ଅନ୍ଧକାରକୁ ଆଲୋକିତ କରିଥାଏ। ଫଳରେ ମଣିଷ ତାହାର କାର୍ଯ୍ୟରେ କୃତକାର୍ଯ୍ୟ ହୋଇଥାଏ। ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ବିଆଇଟି ପ୍ରଶିକ୍ଷଣ କେନ୍ଦ୍ରରେ ରବିବାର ଓଡିଶା ସ୍କୁଲ୍ ଅଫ୍ ମାଇନିଂ ଇଞ୍ଜିନିୟରିଂ(ଓଏସ୍ଏମ୍ଇ)କେନ୍ଦୁଝରର ପୁରାତନ ଛାତ୍ର ଆସୋସିଏଶନ୍ ତରଫରୁ ଏକ ସାଧାରଣ ପରିଷଦ ବୈଠକରେ ଯୋଗ ଦେଇଥିବା ଅତିଥିମାନେ ଏହା କହିଛନ୍ତି। ଏଥିରେ ଅତିଥି ଭାବେ



ଓଏସ୍ଏମ୍ଇ ପୁରାତନ ଛାତ୍ର ଆସୋସିଏଶନ୍ ସାଧାରଣ ପରିଷଦ ବୈଠକର ମଞ୍ଚାସୀନ ଅତିଥିବୃନ୍ଦ।

ଆଇଡିସିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଇଞ୍ଜିନିୟର ଅଶୋକ କୁମାର ମିଶ୍ର, ଓଡିଶା କୋଲ୍ ଆଣ୍ଡ୍ ପାୱାର୍ ଲିମିଟେଡ୍‌ର ସିଇଓ ଡ. କେ.ସି. ବ୍ରହ୍ମା, କେନ୍ଦୁଝର ଓଏସ୍ଏମ୍ଇ ସ୍କୁଲ୍‌ର ଅଧ୍ୟକ୍ଷ ଆର.କେ. ପରମାଣିକ, ଓଏସ୍ଏମ୍ଇ ଆସୋସିଏଶନ୍ ସଭାପତି ଡ. ଉମେଶ ଜେନା, ଉପସଭାପତି ଅଶୋକ କୁମାର ଦାଶ, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଜେ.କେ. ହୋତା, କୋଷାଧ୍ୟକ୍ଷବୀରେନ୍ଦ୍ର ପାତ୍ର, ଗନ୍ଧର୍ବ ଦେହୁରୀ, ଏନ.ସି. ସାହୁ, ବିମ୍ବାଧର ସେଠି, ଡ. ଦେବବ୍ରତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ପଦ୍ମଲୋଚନ ବେହେରା ଓ ସ୍ୱର୍ଗତ ତପନ କୁମାର ଓଟାଙ୍କ ପାଇଁ ପ୍ରାର୍ଥନା କରାଯାଇଥିଲା। ବିଜୟ କୁମାର ଦାସ, ବି.ଡି. ମହାନ୍ତି, ଚନ୍ଦ୍ର ମୋହନ ମହାନ୍ତ, ଧୀରେନ୍ଦ୍ର ନାଥ ଦେ, ସତ୍ୟଭୂଷଣ ବାରିକ, ଚନ୍ଦ୍ର କିଶୋର ସାହୁ, ଶ୍ରୀପତି ପ୍ରଧାନ, ମହେଶ୍ୱର ମହାନ୍ତି, ଅର୍ଜୁନ ବେହେରା, କୈଳାସ ଚନ୍ଦ୍ର ମହାନ୍ତ, ବିଭୁ ଭୁକ୍ତା, ଶଙ୍କର ରାୟ, ଜୟରାମ ରୋହିଦାସ ପ୍ରମୁଖ ସହଯୋଗ କରିଥିଲେ। ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରମୁଖ ଅଞ୍ଚଳକୁ ହୋଇ ପାରିନି ଯୋଗାଯୋଗ

## ଓଡିଶାରେ ରେଳ ବିକାଶର କଚ୍ଛପ ଗତି

**ରାଉରକେଲା ଅଫିସ,୧।୩**

ରାଜ୍ୟର ସର୍ବାଙ୍ଗୀନ ବିକାଶର ଚିତ୍ର ଦେଖିବାକୁ ହେଲେ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡିବ। ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରକୁ ରେଳ ସଂଯୋଗ କରିବାକୁ ପଡିବ। ବିକାଶର ମାପ କାଠି କୁହାଯାଉଥିବା ରେଳ ସଂଯୋଗୀକରଣକୁ ରାଜ୍ୟ ସରକାର ପ୍ରାଥମିକତା ଦେବା ଆବଶ୍ୟକ। ଖଣି ଓ ଶିଳ୍ପାଂଚଳ ସହିତ ପାରଦ୍ୱୀପ ବନ୍ଦରକୁ ସଂଯୋଗ କରିବାକୁ ସ୍ୱର୍ଗତ ବିଜୁ ବାବୁ କଳ୍ପନା କରିଥିଲେ। ଏଣୁ ତାଳଚେର ବିମଳାଗଡ ରେଳପଥ ନିର୍ମାଣ କାମ ଆରମ୍ଭ କରାଯାଇ ଥିଲା। ଯାହା ଆଜି ପର୍ଯ୍ୟନ୍ତ ଝୁଲି ରହିଛି। ଏହା ଶିଘ୍ର ଶେଷ ହେବା ଆବଶ୍ୟକ। ଏନେଇ ରାଜ୍ୟ ସରକାରଙ୍କ ଆନ୍ତରିକତା ରହିବା ଦରକାର। ଏଥିସହ କଳିଙ୍ଗ ନଗର ଶିଳ୍ପ ହବ ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ପର୍ଯ୍ୟଟନ କ୍ଷେତ୍ର ନାଭିଗୟା, ଆରଡି ଶୈବ କ୍ଷେତ୍ର, ଚାନ୍ଦବାଲି ଓ ଭିତର କନିକା ଅଭୟାରଣ୍ୟକୁ ରେଳ ସଂଯୋଗ ହେଲେ ପର୍ଯ୍ୟଟନ ଶିଳ୍ପ ଅଗ୍ରଗତି କରିବ। ସମାନ ଭାବେ ଧାମରା ବନ୍ଦର ପ୍ରତି ମଧ୍ୟ ଗୁରୁତ୍ୱାରୋପ କରିବାକୁ ହେବ। ଯେମିତି କି ଗୋପାଳପୁର ବନ୍ଦର ସହ ଗୁଣୁପୁର ଥେରୁବାଲି ସଂଯୋଗ କରାଗଲେ ଦକ୍ଷିଣ ଓଡିଶାର ପର୍ଯ୍ୟଟନ ସ୍ଥଳ ପ୍ରତି ଆଗ୍ରହ ବୃଦ୍ଧି ହେବ। ଏନେଇ ରାଜ୍ୟ ସରକାର ଆଗକୁ ଆସିବାକୁ ରେଳ ଉପେଯାଗକାରୀ ସଂଗଠନ ପକ୍ଷରୁ ସଂଗ୍ରାମ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି।

# ପାଉଁଶ ପକାଇ ଲୋକଙ୍କୁ ମରଣ ମୁହଁକୁ ଠେଲି ଦିଆଯାଉଛି

**ଝାରସୁଗୁଡା ଅଫିସ,୧।୩**

ଝାରସୁଗୁଡା ସହରରେ ସହରାଞ୍ଚଳ ବିକାଶ ନାଁରେ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କମ୍ପାନୀ ବର୍ଯ୍ୟବସ୍ତୁ (ପାଉଁଶ) ପରିଚାଳନା ଆଇନର ଖୋଲାଖୋଲି ଉଲଂଘନ କରାଯାଉଛି। ସ୍ଥାନିୟ ଲୋକଙ୍କ ବିରୋଧ ସତ୍ତ୍ୱେ ରାଜନୈତିକ ଓ ପ୍ରଶାସନିକ ଷଡଯନ୍ତ୍ର କରି ଜିଲାପାଳଙ୍କ କାର୍ଯ୍ୟାଳୟ ପଛପଟ ଖାଲୁଆ ଅଞ୍ଚଳ ପୋତିବା ନାଁରେ ୧୪ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ପାଉଁଶ ଉଦ୍ୟାନ ନିର୍ମାଣ ଚାଲାଛି। ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ଏହି ଅଭିଯୋଗ କରିଛି। ଏହାକୁ ବିରୋଧ କରିବା ସହିତ ସଂଘର ସତ୍ୟନାରାୟଣ ରାଓଙ୍କ ନେତୃତ୍ୱରେ ସଙ୍ଗଠନର କର୍ମକର୍ତ୍ତା ସହରର ସ୍ୱାମୀ ବିବେକାନନ୍ଦ ଛକ ଠାରୁ ବସଷ୍ଟାଣ୍ଡ ଗାନ୍ଧୀ ଛକ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ପ୍ରଚାର ପତ୍ର ପ୍ରଦାନ କରି ସଚେତନ କରିବା ସହ ସମର୍ଥନ ଲୋଡିଛନ୍ତି। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନାହିଁ। ଓଲଟା କମ୍ପାନୀମୁ ସହଯୋଗ କରାଯାଉଛି। ଏପରିକି ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରାଯାଉଥିବା ସଂଘ ଅଭିଯୋଗ କରିଛି। ତେବେ ଏହି ଆନ୍ଦୋଳନକୁ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡ ସମର୍ଥନ କରିଛନ୍ତି। ଶାସକ ଦଳର ନିର୍ବାଚିତ ପ୍ରତିନିଧିଙ୍କ ନିର୍ଦ୍ଦେଶ ଓ ପରିଚାଳନାରେ ଏହି ସମସ୍ତ କାର୍ଯ୍ୟ ହେଉଥିବା ସେ ଅଭିଯୋଗ କରିଛନ୍ତି। ସହରବାସୀଙ୍କୁ ମରଣମୁହଁକୁ ଠେଲି ଦେବା ଭଳି ଏହି କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି।


ଜନବସତିରେ ପାଉଁଶ ଉଦ୍ୟାନ ନିର୍ମାଣକୁ ବିରୋଧ କରି ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ କର୍ମକର୍ତ୍ତା ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।